ନଗରର ନାମକ ସ୍ଥାନରେ ସେ ଗୃହ ନିର୍ମାଣ କରିବାକୁ ଇଚ୍ଛା କରନ୍ତି । ମାତ୍ର ବିଦେଶୀୟ ଅର୍ଥାତ୍ ଅସ୍ଥାୟୀ ବାସିନ୍ଦାମାନେ ନଗରର ଏହି ପ୍ରାନ୍ତରେ ଲେଫେଲ ଫଣ୍ଡ ବଗିଚାରେ ତାହା କେବଳ ଚେଷ୍ଟା କରୁଅଛନ୍ତି । ଲେଫ୍ଟନାଣ୍ଟ ଗଭର୍ଣ୍ଣର ଏବଂ ବଙ୍ଗୀୟ କମିଶନରଙ୍କଠାରେ ଏଥିର ଗୁହାରି ହୋଇଅଛି । ମାତ୍ର ନିଷ୍ପତ୍ତି ହୋଇ ନାହିଁ । ମଧ୍ୟସ୍ଥଳରେ ହେଲେ ନଗରବାସୀ ସର୍ବସାଧାରଣଙ୍କର ସୁବିଧା ଓ ଅନ୍ତରରେ ହେଲେ କେବଳ ବଗିଚାର ସ୍ଥଳରେ ଭ୍ରମଣକାରୀ ବଡ ଲୋକଙ୍କର ସୁବିଧା; ଅଳ୍ପ ବଡ଼ଲୋକଙ୍କ ସକାଶେ ଅଧିକାଂଶ ଲୋକଙ୍କୁ ଅସୁବିଧାରେ ପକାଇବା ଉଚିତ ନୁହେ । ହାକିମମାନେ ଏହା ଅବଶ୍ୟ ବିଚାର କରିବେ । ଟାଉନହଲ ନିର୍ମାଣାର୍ଥେ ସାଧାରଣ ଲୋକଙ୍କଠାରୁ ଅର୍ଥ ସଂଗୃହୀତ ହୋଇଅଛି ଏବଂ ତହିଁର ମୋଟ ପ୍ରାୟ ଟ ୧୫୦୦୦ ଟଙ୍କା ହେବ ବୋଲି ଜଣାଯାଏ । ବଡ଼ଲୋକମାନେ ଅଧିକ ଚାନ୍ଦା ଦେଇଥିଲେହେଁ ସେମାନେ ସାଧାରଣ ହିତାର୍ଥେ ତାହା ଦେଇଅଛନ୍ତି ନିଜର ସୁବିଧା ନିମନ୍ତେ ନୁହେ । ସୁତରାଂ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରେ ସ୍ଥାନ ନିର୍ଣ୍ଣୟ କରିବାହିଁ ଯୁକ୍ତିସଙ୍ଗତ । ଏହା ବିଚକ୍ଷଣ ହାକିମମାନଙ୍କୁ ଜଣାଇବା ଅଧିକ । କଥାଟା ଶୀଘ୍ର ନିଷ୍ପତ୍ତି ହେବା ଆବଶ୍ୟକ । ବିଳମ୍ବରେ ଦ୍ୱନ୍ଦ୍ୱ ବଢ଼ିବା ବିନା ଅନ୍ୟ କିଛି ଫଳ ନାହିଁ ।

---

ମହାମାନ୍ୟ ଗଭର୍ଣ୍ଣର ଜେନେରଲ ଓ ଭାଇସରୟ ମହୋଦୟ ଗତମାସ ତା ୨୮ ରିଖରେ ଝାଁନ୍ସିବାସିଙ୍କର ଅଭିନନ୍ଦନ ପତ୍ରର ଉତ୍ତରରେ ଯାହା କହିଥିଲେ ତହିଁରୁ ସେ ଅଞ୍ଚଳ ବିଶେଷତଃ ବୁନ୍ଦେଲଖଣ୍ଡର ଅବସ୍ଥା ବଡ଼ ଶୋଚନୀୟ ଥିବାର ଜଣାଯାଏ । ସେଠାର ଫସଲର ଅବସ୍ଥା ଅତ୍ୟନ୍ତ ଅନିଶ୍ଚିତ । ବୃଷ୍ଟି ଊଣା ହେଉ ବା ଅଧିକ ହେଉ ଉଭୟ ଷତିକର; ଏବଂ ମୃତ୍ତିକାର ଗୁଣ ଏପରି ଯେ ଋତୁ ଉତ୍ତମ ନହେବା ଅତି ମନ୍ଦ ଫସଲ ହେବ । କାଁଶ ନାମକ ଏକପ୍ରକାର ଘାସ ବଢ଼ିଲେ ଫସଲ ଭଲ ପାଏ ନାହିଁ ଗତ ବ ୧୦ ବର୍ଷର ଫସଲ ହାନି ଉପରେ ସନ ୧୮୯୭ ସାଲଠାରୁ ଏବଂ ତହୁଁବଳ ସନ ୧୯୦୦ ସାଲର ଦୁର୍ଭିକ୍ଷ ଲୋକଙ୍କୁ ଏତେ ଦୁର୍ବଳରେ ପକାଇଅଛି ଯେ ସେମାନଙ୍କର ମୁଣ୍ଡ ଟେକିବାର ଉପାୟ ନାହିଁ । ସରକାର ସନ ୧୮୯୭ ସାଲ ଏବଂ ସନ ୧୯୦୦ ସାଲ ମଧ୍ୟରେ ୫୩୨ ଲକ୍ଷ ଟଙ୍କା ଖଜଣା ବୁନ୍ଦେଲଖଣ୍ଡରେ ଛାଡ଼ ଦେଇଅଛନ୍ତି । ଏ ବର୍ଷ ବୁନ୍ଦେଲଖଣ୍ଡ ସକାଶେ ୨୫ ଲକ୍ଷ ଟଙ୍କା ଛାଡ଼ ମଞ୍ଜୁର ହୋଇଅଛି ଏବଂ ତହିଁର ଅର୍ଦ୍ଧେ ଏହା ଝାଁନ୍ସି ଜିଲ୍ଲା ସକାଶେ ଅଟେ । ମୋଟରେ ଝାଁନ୍ସି ଜିଲ୍ଲାରେ ୨୫ ଲକ୍ଷ ଟଙ୍କା ଖଜଣା ଛାଡ଼ ଦିଆଯାଇଅଛି ଏବଂ ୧୦ ଲକ୍ଷ ଟଙ୍କା ତଗାବି ଦାଦନ ଦିଆଯାଇଅଛି । ଏସମସ୍ତ କେବଳ ଲୋକଙ୍କର କଷ୍ଟ ଊଣା କରିବାର ଉପାୟ ବୋଲି ମହାମାନ୍ୟ ମହୋଦୟ ସ୍ୱୀକାର କରି କହିଅଛନ୍ତି ନ ଏହାଦ୍ୱାରା ସେମାନଙ୍କର ଦୁଃଖର ମୂଳ କାଟାଯାଇ ନାହିଁ । ସେଥିପାଇଁ ସେ ବହୁତ ପ୍ରତିକାରର ବିଶେଷ ଚେଷ୍ଟା କରୁଅଛନ୍ତି ଏବଂ ସମୟରେ ତାହା ପ୍ରକାଶ ହେବ । ବଡ଼ଲାଟ ଲର୍ଡ଼ ମିଣ୍ଟୋ ବାହାଦୁରଙ୍କର ଏହି ଆଶାପ୍ରଦ ଏବଂ ସହାନୁଭୂତି-ପୂର୍ଣ୍ଣ-ବାକ୍ୟ ବଡ଼ ମୂଲ୍ୟବାନ୍ ଅଟେ ଏବଂ ତହିଁର ଫଳ ଅଚିରମେ ଜଣାଯିବ ସନ୍ଦେହ ନାହିଁ ।

---

ଉତ୍କଳର ବିଖ୍ୟାତ ଜ୍ୟୋତିଷ ମହାମହୋପାଧ୍ୟାୟ ଶ୍ରୀ ଚନ୍ଦ୍ରଶେଖର ସିଂହ ସାମନ୍ତ ଭ୍ରମର ନାମ ପଠାଣି ସାମନ୍ତଙ୍କର ସାହାଯ୍ୟ ନିମନ୍ତେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଚାନ୍ଦା ସଂଗ୍ରହ କରୁଥିବା ଏବଂ ପ୍ରଜାବନ୍ଧୁରେ ସେ ବିଷୟର ଚର୍ଚ୍ଚା ଏବଂ ଚାନ୍ଦାଦାତାଙ୍କ ନାମ ପ୍ରକାଶ ହେଉଥିବାର ସମସ୍ତେ ଜାଣିଅଛନ୍ତି । ବିଦ୍ୟାରତ୍ନଙ୍କର ଚେଷ୍ଟା ଆଂଶିକ ସଫଳ ହୋଇଅଛି । କାରଣ ଏ ପର୍ଯ୍ୟନ୍ତ ଟ ୩୦୦ ଟଙ୍କା ଚାନ୍ଦା ସ୍ୱାକ୍ଷରିତ ହୋଇଅଛି । ଏ ସମ୍ବନ୍ଧରେ ଖଣ୍ଡିଏ ପ୍ରେରିତପତ୍ର ଆମ୍ଭେମାନେ ପ୍ରାପ୍ତ ହେବାରୁ ଯଥା ସ୍ଥାନରେ ପ୍ରକାଶ କଲୁଁ । ପତ୍ରପ୍ରେରକ ସ୍ଥୂଳରେ ଯାହା ଜାଣିବାକୁ ଇଚ୍ଛା କରୁଅଛନ୍ତି ଗତ ସମ୍ବଲପୁର ହିତୈଷିଣୀରେ ତହିଁର ବିସ୍ତାରିତ ପ୍ରଶ୍ନାବଳୀ ମୁଦ୍ରିତ ହୋଇଅଛି । ତହିଁର ସଂକ୍ଷେପ ମର୍ମ ଏହି ଯେ ସାମନ୍ତ ମହୋଦୟଙ୍କ ଖୋରାକ ପୋଷାକ ନିମନ୍ତେ ଯେ ଜମି ଖଞ୍ଜା ହୋଇଅଛି ତହିଁର ଆୟ-ଉତ୍ପନ୍ନ ଓ ଆୟ କେତେ ? ସେ ଜମିର ଦଖଲ ବା ଆୟ ପ୍ରତି ବର୍ତ୍ତମାନ୍ କି ବାଧା ଘଟିଅଛି ଅଥବା କି କାରଣରୁ ଏଣିକି ତାହା ନଷ୍ଟ ହୋଇଅଛି ? ଏବଂ ବର୍ତ୍ତମାନ ଲୋକଙ୍କ ସାହାଯ୍ୟ କୌଣସି ବିଶେଷ ଦାୟ ରକ୍ଷା ବା ଜୀବଦ୍ଦଶା ପର୍ଯ୍ୟନ୍ତ ଭରଣପୋଷଣ ନିମନ୍ତେ ପ୍ରାର୍ଥନା ହୋଇଅଛି ? ଏ ପ୍ରଶ୍ନମାନ ଯୁକ୍ତିସଙ୍ଗତ ଏବଂ ଏ ପର୍ଯ୍ୟନ୍ତ ସେ କଥାମାନ ପ୍ରକାଶ ହେଲେ ଚାନ୍ଦାଦାତାମାନଙ୍କର ମନ ଅଧିକତର ଆକୃଷ୍ଟ ହେବ ସନ୍ଦେହ ନାହିଁ । ଆମ୍ଭେମାନେ ଆଶା କରୁଁ ବିଦ୍ୟାରତ୍ନ ମହାଶୟ ଶୀଘ୍ର ସେହି ପ୍ରଶ୍ନମାନଙ୍କର ସଦୁତ୍ତର ପ୍ରକାଶ କରି ତାହାଙ୍କର ପ୍ରତିଷ୍ଠିତ ସାଧୁ ସଙ୍କଳ୍ପ ଯଥା ସାଧ୍ୟ ଅଗ୍ରସର କରିବେ । ସମ୍ବାଦପତ୍ରରେ ଚର୍ଚ୍ଚା ଆରମ୍ଭ ହୋଇଥିବା ସ୍ଥଳେ ସେ କଥାମାନ ତହିଁରେ ପ୍ରକାଶ କରିବା ବିନା ଉପାୟ ନାହିଁ । ମାତ୍ର ଏପରି ଆମ୍ଭମାନଙ୍କୁ ଭଲ ଲାଗୁ ନାହିଁ । ସମ୍ମାନ୍ତ ବ୍ୟକ୍ତିର ଦୁରବସ୍ଥାର ପରିଚୟ ହାଟ ବଜାରରେ ଗାଇବା ଉଚିତ ନୁହେ । ସେପରି ବ୍ୟକ୍ତିବିଶେଷର ଦୁଃଖ ଗୋପନରେ ପତ୍ରଦ୍ୱାରା ଭଦ୍ରଲୋକଙ୍କୁ ଜଣାଇବା ଯଥେଷ୍ଟ ଅଟେ । ସଧାରଣ କାର୍ଯ୍ୟ ନିମନ୍ତେ ସାଧାରଣଙ୍କର ସାହାଯ୍ୟ ସମ୍ବାଦପତ୍ର-ଯୋଗେ ଲୋଡ଼ିବା ସିନା ଉଚିତ ।

---

କଲିକତାରେ ପିଲନିୟର ନାମକ ଏକ ସମ୍ବାଦ-ପତ୍ର ଛପା ହୋଇ ସପ୍ତାହରେ ଦୁଇଥର ବାହାରେ । ତହିଁରେ ମହାମାନ୍ୟ ଶେଖ ସମ୍ପ୍ରଦାୟ ଜଣେ ମୁସଲମାନ ସୁପରିଣ୍ଟେଣ୍ଡେଣ୍ଟଙ୍କ ନାମରେ ଏହି ମର୍ମରେ ଅଭିଯୋଗ ବାହାରିଥିଲା ଯେ ସେ ଏକ ଗର୍ଭିଣୀ ମୁସଲମାନ ରମଣୀକୁ ବେଆଇନ ଏବଂ ନିଷ୍ଠୁରଭାବେ ଘରୁ ବାହାର କରି ଦେଇଥିଲେ ଯେ ସ୍ତ୍ରୀଟି ସନ୍ତାନ ସହିତରେ ଅଳ୍ପକାଳ ମଧ୍ୟରେ ମରିଗଲା । ସୁପରିଣ୍ଟେଣ୍ଡେଣ୍ଟ ଉକ୍ତ ପ୍ରସ୍ତାବଟି ଅସତ୍ୟ ଥିବା ଓ ତହିଁ ନିମିତ୍ତ କ୍ଷମା ପ୍ରାର୍ଥନା କରିବା କାରଣ ସମ୍ପାଦକଙ୍କୁ ଲେଖିଲେ । ସମ୍ପାଦକ ଉପଯୁକ୍ତ ତଦନ୍ତ କରି ସରଳଭାବେ ପ୍ରସ୍ତାବ ଲେଖିଥିବାରୁ କହି କ୍ଷମା ପ୍ରାର୍ଥନା ରଦ କରିବା କାରଣ ଅସ୍ୱୀକୃତ ହେବାରୁ ମୋକଦ୍ଦମା ଆରମ୍ଭ ହେଲା । ବିଚାରକ ମେଜେଷ୍ଟ୍ରର ସାହେବ ସମ୍ପାଦକଙ୍କୁ ଏକ ମାସର କାରାବାସ ଓ ହଜାରେ ଟଙ୍କା ଅର୍ଥଦଣ୍ଡ କଲେ । ଅପିଲରେ ସେସନ ଜଜ ଅଭିଯୋଗ ବାହାଲ ରଖି କାରାଦଣ୍ଡ କାଟି ଦେଲେ ଓ ଅର୍ଥଦଣ୍ଡକୁ ଟ ୫୦୦ ଟଙ୍କାକୁ ଖସାଇ ଆଣିଲେ । ସମ୍ପାଦକ ତହିଁରୁ ହିନ୍ଦୁଲ ପ୍ରଧାନ ବିଚାରପତିଙ୍କ ନିକଟରେ ଅପିଲ କଲେ ମାତ୍ର ବିଚାରପତିମାନେ ଏ ଦଣ୍ଡ ବାହାଲ ରଖି ରାୟ ଦେଲେ ଯେ ସମ୍ବାଦପତ୍ରର ସମ୍ପାଦକ କୌଣସି ସମ୍ବାଦ ପ୍ରଚାର କଲେ ତାହା ସତ୍ୟ ଥିବାର ପ୍ରମାଣ କରିବ ଏବଂ ଅଭିପ୍ରାୟ ନିକାର ଭଲ ଥିଲେ ସୁଦ୍ଧା ସରଳଭାବର ଆପତ୍ତି ଶୁଣାଯିବ ନାହିଁ । ସମ୍ପାଦକ ତହିଁ ଉତ୍ତାରୁ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ସମୀପରେ ଆବେଦନ କଲେ ଏବଂ ସାଧାରଣ ଷଡ଼ଷ୍ଟୈଲକ ଦେହୁବାଦରେ ଏ ଭଲ କାର୍ଯ୍ୟ ହେତୁ ସମ୍ପାଦକଙ୍କ ଦଣ୍ଡ ହେବା ଅନ୍ୟାୟ ଥିବାର କହି ଗବର୍ଣ୍ଣମେଣ୍ଟ ସମ୍ପାଦକଙ୍କୁ ମୁକ୍ତି ପ୍ରଦାନ କରିଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କ ଏ ବିଚାର ଯେ ଅତୀବ ଯଥାର୍ଥ ହୋଇଅଛି ଏଥିରେ ସନ୍ଦେହ ନାହିଁ ଏବଂ ପିଲନିୟର ପତ୍ରିକାର ସମ୍ପାଦକ ଜାତିର ନ ହୋଇ ଗବର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ ଯାଇ ଶେଷରେ ସମ୍ବାଦପତ୍ରମାନଙ୍କର ମୁଣ୍ଡ ଟେକି ରଖିବାରୁ ସେ ଆମ୍ଭମାନଙ୍କର ଅଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ହିନ୍ଦୁର ପ୍ରଧାନ

ବସ୍ତୁସ୍ଥଳୀୟ ଯେ ଏହା ବୃଦ୍ଧି ନ ପାଇଲେ ବଡ଼ ଦୁଃଖର ବିଷୟ ।

---

ସନ ୧୯୦୧ ସାଲରେ ଭାରତରେ ୩ କୋଟି ମହଣ ଲୁଣ ଉତ୍ପନ୍ନ ହୋଇଥିଲା ଏବଂ ୧ କୋଟି ୪୦ ଲକ୍ଷ ମହଣ ବିଦେଶରୁ ଆମଦାନି ହୋଇଥିଲା । ଅତଏବ ସର୍ବମୋଟ ୪ କୋଟି ୪୦ ଲକ୍ଷ ମହଣ ଖରଚ ହୋଇଥିଲା । ବାର୍ଷିକ ଯେତେ ଲୁଣ ଭାରତରେ ଖରଚ ହୁଏ ତହିଁର ୧୨/୧୬ ଭାଗ ନିଜ ଦେଶରେ ଉତ୍ପନ୍ନ ହୁଏ । ବିଦେଶୀ ଲୁଣ ଇଂଲଣ୍ଡ, ଜର୍ମାନି, ଏଡେନ, ମସ୍କାଟ ଏବଂ ଅନ୍ୟ ଦେଶର କେତେକ ସ୍ଥାନରୁ ଆମଦାନି ହୁଏ ଏବଂ ଏହି ଲୁଣ ବଙ୍ଗ ଓ ବ୍ରହ୍ମଦେଶମାନଙ୍କରେ ବିଶେଷ ଖରଚ ହୁଏ । ଅନ୍ୟାନ୍ୟ ପ୍ରଦେଶରେ ଅତି ସାମାନ୍ୟ ବିଦେଶୀ ଲୁଣ ଖରଚ ହୁଏ । ସନ ୧୯୦୧ ସାଲରେ ଭାରତରେ ଯେତେ ଲୁଣ ଉତ୍ପନ୍ନ ହୋଇଥିଲା ତହିଁର ଅର୍ଦ୍ଧେ ସରକାରଙ୍କଦ୍ୱାରା ଏବଂ ବାକି ଅର୍ଦ୍ଧେ ଅନୁମତିପ୍ରାପ୍ତ ବ୍ୟବସାୟୀଙ୍କଦ୍ୱାରା ପ୍ରସ୍ତୁତ ହୋଇଥିଲା । ସାଧାରଣତଃ ଲୁଣ ଚୁଲ୍ଲୀରେ ଅଗ୍ନି ଉତ୍ତାପ ଏବଂ ବମ୍ବେ, ସିନ୍ଧ ଓ ମାନ୍ଦ୍ରାଜରେ ସୂର୍ଯ୍ୟକିରଣରେ ପ୍ରସ୍ତୁତ ହୁଏ । ରାଜପୁତନା ଓ ମଧ୍ୟଭାରତରେ ସମ୍ଭର ପ୍ରଭୃତି ବୃହତ୍ ଜଳାଶୟ ଖର ତେଜରେ ଶୁଖିଲାରୁ ଲୁଣ ଉତ୍ପନ୍ନ ହୁଏ ଏବଂ ପଞ୍ଜାବରେ ପାହାଡ଼ କାଟି ଲୁଣ ଅଣିବାକୁ ହୁଏ । ସନ ୧୮୭୨।୭୩ ସାଲରେ ଭାରତରେ ୩୨,୨୯,୭୩ ୪୩୨ ମଣ ଲୁଣ ଖରଚ ଏବଂ ତହିଁରେ ୫୫,୭୫,-୧୯,୬୭୧ ଟଙ୍କା ସରକାରଙ୍କର ଆୟ ହୋଇଥିଲା । ସନ ୧୯୦୧।୦୨ ରେ ୩୩,୬୦ ୪୫,୧୫୭ ମଣ ଖରଚ ଏବଂ ତହିଁରେ ଟ ୮,୭୮,୬୨,୧୯୪୯ ଟଙ୍କା ସରକାରଙ୍କ ଆୟ ହୋଇଥିଲା । ଏଥିରୁ ଦେଖାଯାଏ ୩୦ ବର୍ଷରେ ଲୁଣର ଖରଚ ପୂର୍ବଠାରୁ ବହୁତ ଅଧିକ ଏବଂ ସରକାରଙ୍କ ୩ କୋଟି ଟଙ୍କା ବଢ଼ିଅଛି । ଦେଶୀ ଲୁଣର ଉନ୍ନତି ବିଷୟରେ ସନ୍ଦେହ ନ ଥିବା ଏବଂ ଓଡ଼ିଶାରେ ଲୁଣ ପ୍ରସ୍ତୁତ କରିବାର ବିଶେଷ ସୁବିଧା ଥିବା ସ୍ଥଳେ ଏଠାରେ ଲୁଣ ଯେଉଁପରି ଉନ୍ନତ ହେଉ ଅନେକ ଗରିବଲୋକଙ୍କର ଜୀବନୋପାୟର ଗୋଟାଏ ପ୍ରଶସ୍ତ ଉପାୟ ହେବ ବୋଲି ସରକାରଙ୍କର ଉଚିତ ହୋଇ ନାହିଁ । ମାନ୍ୟବର ବଙ୍କେଶ୍ୱର ଓଡ଼ିଶାରେ ଲୁଣ ପ୍ରସ୍ତୁତ କରିବା କାରଣ ଅନୁମତି ଦେବା ବିଷୟ ବିବେଚନାଧୀନ ଥିବାର ଗତବର୍ଷର ବାର୍ଷିକ ରିପୋର୍ଟରେ ପ୍ରକାଶ କରିଥିଲେ । ମାତ୍ର ଏବର୍ଷର ବାର୍ଷିକ ରିପୋର୍ଟରେ ତହିଁର ଉଲ୍ଲେଖ ଅଛି ନାହିଁ ଦେଖି ଦୁଃଖିତ ହେଉଅଛୁ ।

---

## କାଙ୍ଗ୍ରେସ ମହାସମିତି ।

ପ୍ରତିବର୍ଷ କାଙ୍ଗ୍ରେସ ମହାସମିତିର ଅଧିବେଶନ ଡିସେମ୍ବର ମାସ ତା ୨୫ ରିଖ ବଡ଼ଦିନ ଦିନରୁ ହେଉଥିଲା । ଆସନ୍ତା ଡିସେମ୍ବର ତା ୨୭ ରିଖରେ ଦିଲ୍ଲୀ ଦରବାରର ଅନୁଷ୍ଠାନ ଆରମ୍ଭ ହେବ । ଅତଏବ ନିମନ୍ତ୍ରିତ ବ୍ୟକ୍ତିମାନଙ୍କର ସେ ଦିନ ଦିଲ୍ଲୀରେ ଉପସ୍ଥିତ ହେବା ଆବଶ୍ୟକ ବୋଲି ଗଭର୍ଣ୍ଣମେଣ୍ଟ ବିଜ୍ଞାପନ ଦେଇଅଛନ୍ତି । ଅନେକ ଲୋକ ଉଭୟ ଅନୁଷ୍ଠାନରେ ଯୋଗ ଦେବାକୁ ମନସ୍ଥ କଲେ ସୁଦ୍ଧା ଏକ ସମୟରେ ତାହା କରି ପାରିବେ ନାହିଁ । ଏଥିପାଇଁ ମହାସମିତିର କମିଟି ସୁବିଧାକୁ ଚାହିଁ ଆସନ୍ତା ମାସ ତା ୨୩।୨୪ ଓ ୨୫ ରିଖ ମାନଙ୍କରେ ଅଧିବେଶନ ହେବାର ସ୍ଥିର ଧାର୍ଯ୍ୟ କରିଅଛନ୍ତି । ଏଥିରେ ପ୍ରତିନିଧି ଓ ଦର୍ଶକବର୍ଗ କାହାର କିଛି ଅସୁବିଧା ହେବ ନାହିଁ । ତା ୨୫ ରିଖରେ ଅହମଦାବାଦଠାରେ ସମିତିର ଅଧିବେଶନ ଶେଷକରି ଅନାୟାସରେ ତା ୨୭ ରିଖରେ ଦିଲ୍ଲୀରେ ଉପସ୍ଥିତ ହୋଇ ପାରିବେ କେବଳ ବଙ୍ଗଳା ପ୍ରଭୃତିର ପୂର୍ବାଞ୍ଚଳୀୟ ଲୋକଙ୍କର କିଛି ଅଧିକା ରେଲ ଭଡ଼ା ପଡ଼ିବ । ଏହି ଅଧିବେଶନର ସଭାପତି ପଦରେ କଲିକତାର ବିଖ୍ୟାତ ବାବୁ ସୁରେନ୍ଦ୍ରନାଥ ବାନର୍ଜ୍ଜୀ ନିର୍ବାଚିତ ହୋଇଅଛନ୍ତି ଏବଂ ସେ ତହିଁରେ ସମ୍ମତ ହୋଇଅଛନ୍ତି । ଅଭ୍ୟର୍ଥନା କମିଟିର ସଭାପତି ହୋଇ ଅଛନ୍ତି । ଦେବାନ ବାହାଦୁର ଅମ୍ବାଲାଲ ସାକରଲାଲ ଦେଶିଆଲ ଏମ୍, ଏ, ଏଲ, ଏଲ, ବି । ଏ ମହାଶୟ ଜଣେ ପେନସନ ଜଜ ଏବଂ ବିଖ୍ୟାତ ଦେଶହିତୈଷୀ ଅଟନ୍ତି । ଏମାନଙ୍କ ବକ୍ତୃତା ଏବଂ ସାରଗର୍ଭିତ ଉପଦେଶ ଶୁଣିବାକୁ ଶିକ୍ଷିତ ଲୋକମାନେ ବ୍ୟସ୍ତ ହୋଇ ଆସିବେ ଆଶା କରୁଅଛୁ । ଏଥର ଏହି ଅଧିବେଶନ ସଂଯୋଗରେ ଯେଉଁ ଶିଳ୍ପ ପ୍ରଦର୍ଶନୀ ହେବ ତହିଁର ସଭାପତି ସ୍ୱୟଂ ବରୋଦାର ମହାରାଜା ହୋଇଅଛନ୍ତି । ବର୍ତ୍ତମାନର ରାଜନ୍ୟବର୍ଗଙ୍କ ମଧ୍ୟରେ ସେ ବିଦ୍ୟା, ବୁଦ୍ଧି, ଦେଶୋନ୍ନତି ଓ ସାଧାରଣ ମଙ୍ଗଳ ଅନୁଷ୍ଠାନରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଅଟନ୍ତି । ତାଙ୍କର ଅନୁକୂଲ୍ୟରେ ପ୍ରଦର୍ଶନୀଟି ସର୍ବାଙ୍ଗସୁନ୍ଦର ହେବାର ଆଶା ହେଉଅଛୁ ଏବଂ ତହିଁର ନିମନ୍ତେ ଉଦ୍ଯୋଗ ମଧ୍ୟ ହେଉଅଛି । ସୁତରାଂ ଏହା କୌଣସି ମତେ ଉପେକ୍ଷାର ବିଷୟ ନୁହେ । ଯେଉଁମାନେ ଦର୍ଶକ ଓ ପ୍ରତିନିଧି ହୋଇ ଯିବାକୁ ଇଚ୍ଛା କରନ୍ତି ସେମାନଙ୍କର ପ୍ରସ୍ତୁତ ହେବା ଏକାନ୍ତ ଆବଶ୍ୟକ । ବିଶେଷତଃ ଯେଉଁମାନେ ପ୍ରତିନିଧି ସ୍ୱରୂପ ସମିତିରେ ଉପସ୍ଥିତ ହେବାର କୌଣସି ନିର୍ବାଚନ ହେବେ ସେମାନଙ୍କର ପଶ୍ଚାତ୍‌ପଦ ହେବାର କୌଣସି ମତେ ଉଚିତ ନୁହେ ପାରିଲେ ଉଭୟ ଅନୁଷ୍ଠାନରେ ଯୋଗ ଦିଅ । କାରଣ ଉଭୟ ଗୁରୁତର ବ୍ୟାପାର । ଅନ୍ୟଥା ଯାହାର କିଛି ବାଧା ହେବ ନାହିଁ ତାହାର ଗୋଟିଏ ରାଜକାର୍ଯ୍ୟର ଅନୁରୋଧରେ ସ୍ୱଦେଶର ସେବାରୁ ବିମୁଖ ହେବା ନିତାନ୍ତ କର୍ତ୍ତବ୍ୟର ତ୍ରୁଟି ହେବ । ଭରସା କରୁଁ ମହାସମିତିକୁ ସଫଳ କରିବା ପ୍ରତି ସମସ୍ତେ ଯତ୍ନବାନ୍ ହେବେ ।

---

## ସାଧାରଣ ଉତ୍ସବ ଓ ପୁଲିସ ।

ଏ ନଗରର ହିନ୍ଦୁମାନଙ୍କର ପୂଜା ଉତ୍ସବରେ ପୁଲିସର ହସ୍ତକ୍ଷେପର ମାତ୍ରା କ୍ରମଶଃ ବୃଦ୍ଧି ହୋଇ ଚାଲିଅଛି । ଦଶହରା ବେଳେ କେବଳ ଅତସବାଜି ମନା ହୋଇଥିଲା । ମାତ୍ର ପ୍ରତିମାମାନ ବାହା ହେଉଥିବାର ଇତ୍ୟାଦି ସମାରୋହ ସହିତ ଭସା ନଦୀକୁ ନିଆ ହୋଇଥିଲେ । କାଲି ରାସପର୍ବରେ ପ୍ରତିମାମାନଙ୍କ ସଙ୍ଗେ ବାଜା ବାଜିବାର ମଧ୍ୟ ବନ୍ଦ ହୋଇଗଲା । ପୁଲିସ ବାଜା ବନ୍ଦ କରିବାର କାରଣ ଏହି କି ପୂର୍ବେ ରାତ୍ରି ୧୦ ଘଣ୍ଟା ପର୍ଯ୍ୟନ୍ତ ପାସ ଦିଆ ଯାଇଥିଲା । ମାତ୍ର କର୍ତ୍ତାମାନେ ଏଥେ ବିଲମ୍ବରେ ପ୍ରତିମା ବାହାର କଲେ ଯେ ଅଳ୍ପ ବାଟରେ ହେବା ସହିତ ୧୦ ଘଣ୍ଟା ବାଜିଗଲା । ସୁତରାଂ ପୁଲିସ ବାଜା ବନ୍ଦ କରିଦେଲେ, ନିରୂପିତ ସମୟ ସକାଶେ ପାସ ଦେଇ ତହିଁରୁ ଅଧିକ ସମୟ ଲେଡିବା ଉଚିତ ନୁହେ । ପାସ ଦେବା ବେଳେ ଦୁଃଖ ଜଣାଇବାର ସୁବିଧା ଥିଲା । ଯେବେ ହାକିମମାନେ ନ ମାନିଲେ ତେବେ ତହିଁକି ଆଉ ଯୁକ୍ତି ନାହିଁ । ତଥାପି ଆମ୍ଭେମାନେ ପୁଲିସକୁ ନିର୍ଦ୍ଦୋଷୀ କହିପାରୁ ନାହୁଁ । ପୁଲିସକର୍ତ୍ତା ଯେବେ ଏଠା ଲୋକଙ୍କର ସ୍ୱଭାବ ଓ ଉତ୍ସବାଦିର ପ୍ରଥା ଭଲରୂପେ ବିବେଚନା କରିଥାନ୍ତେ ତେବେ ଏତେ ଅଳ୍ପ ସମୟ ସକାଶେ ପାସ ନ ଦେଇ ଅନ୍ତତଃ ଅର୍ଦ୍ଧ ରାତ୍ରି ପର୍ଯ୍ୟନ୍ତ ପାସ ଦେଇଥାନ୍ତେ । ସ ୨୩ ଘଣ୍ଟା ବିଲମ୍ବ ପର୍ଯ୍ୟନ୍ତ ବାଜା ବାଜିବାରେ କାହାର ଗଣ୍ଡ ହୁଅନ୍ତା ନାହିଁ । ସାଧାରଣତଃ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଲୋକଙ୍କ କ୍ରିୟାପ୍ରିୟା ଲାଗିଥାଏ ଓ ବାଜାରେ କାହାରିକୁ ବିରକ୍ତ ହେବା ଦେଖିନ ଥାଉ ବରଂ ସମସ୍ତେ ଆନନ୍ଦିତ ହୁଅନ୍ତି । ସାଧାରଣ ଉପରେ କଡ଼ା ଏପରି ହସ୍ତକ୍ଷେପ ନିତାନ୍ତ ଅନ୍ୟାୟ ଏବଂ ଏଥିରେ ଲୋକେ ବଡ଼ ଦୁଃଖିତ ଅଛନ୍ତି । କେତେକାଳର ଅତସବାଜି ତାଲା ଦଶହରାର ପ୍ରଧାନ ବ୍ୟାପାର । ତାହାର ଅଗରୁ ବନ୍ଦ ହୋଇଥିଲା । ତହିଁ ଉପରେ ବାଜା ବନ୍ଦ ହେବା ଅଦ୍ଭୁତ ଦୁଃଖର କଥା ହେଲା । ଅକାରଣ ଲୋକଙ୍କର ଉତ୍ସବରେ ବାଧା ଦେବା ଭଲ ନୁହେ । ଏଣେ ଜନାକୀର୍ଣ୍ଣ ସହର କଲିକତାରେ ଦୟାଳ ସହରରେ ପ୍ରଚୁର ପରିମାଣରେ ଅତସବାଜି

Digitized by srujanika@gmail.com

ହୋଇଥିଲେ ଏମନ୍ତ କ୍ଷେତ୍ରରେ କଟକୀ ଏବଂ ଉତ୍ତାପାନ୍ତ୍ୟ ବଡ଼ ବାଧାରେ ପଡ଼ିଥିଲେ ଯାହା କି ତାହା ର କଟକ ଯତ୍ନରେ ସମ୍ପୋଡ଼ ହୋଇ ଆନ୍ତି । ଜଣେଜଣଠାରୁ ନଷ୍ଟ ନ ହୁଏ । କେବେ କ ଏଠା ଲୋକେ ଦୁର୍ବଳ ଓ ଅତ୍ୟନ୍ତ ଅକ୍ଷଧୀନ କେଉ ପୁଲିସ ଏପରି ଅଯଥା ହସ୍ତକ୍ଷେପ ଦେଖାଉଅଛନ୍ତି ?

ଏଥିଉତ୍ତରରୁ ଅମ୍ଭେମାନେ ଶୁଣିଲୁଁ ଯେ ଏ ନଗରର ସଭାର ଓ ସାଧା ଉତ୍ସବାଦି ସ୍ଥାନରେ ଶେଷରାତ୍ରି, ଓ ବାଜା ସମ୍ବନ୍ଧରେ ପୁଲିସ ନୂତନ ଆଦେଶ ଦୀର୍ଘ ପ୍ରସ୍ତୁତ କରିବେ ଯେ ନିର୍ଦ୍ଦିଷ୍ଟ ଘେଲ ବଜାଇ, ଘରେ ପହଞ୍ଚିବା ବାଟ ଏବଂ ଉଦବାଉଦନ ବିଶେଷତଃ ସନ୍ଧ୍ୟାରେ ଓ ସନ୍ଧ୍ୟାରେ ବାଜା ବଜାଇବା ଏକାବେଳେ ନିଷେଧ ହେବ । ପୁଲିସର ଏହି ବିଜ୍ଞାପନ ବା ଆଦେଶ ନ ଦେଖିବା ପର୍ଯ୍ୟନ୍ତ କୌଣସି ମତ ପ୍ରକାଶ କରି ନ ପାରୁଁ । ମାତ୍ର ଯାହା ଶୁଣାଯାଏ ତାହା ସତ୍ୟ ହେଲେ ମହାପାପ ଏହାର ମୂଳରେ ଉତ୍ୟାଦ ମାଧବୀ ନିଷେଧ ହୋଇଥିଲା କାହିଁକି ? ଅଚିରେ ଘଣ୍ଟା ବା ଚୌଘଣ୍ଟା ବାଦ୍ୟ ପ୍ରଭୃତି ଭୂଲ ଅଟେ ଯେ ତାହା ନିଷେଧ ହେବାର ଯୋଗ୍ୟ । ପରନ୍ତୁ ହିନ୍ଦୁମାନଙ୍କର ବାଜା ନିଷେଧ କରିବା ଖ୍ରୀଷ୍ଟିୟାନ ଛଡ଼ା ଅନ୍ୟ ଧର୍ମାବଲମ୍ବୀଙ୍କ ଧର୍ମ କାର୍ଯ୍ୟରେ ବାଧା ଦେବା ହେବ କାହିଁ କି ?

---

## ଓଡ଼ିଆ ଓ ବଙ୍ଗାଳୀଙ୍କର ଅମେଳ ।

ବହୁକାଳ ଅଥାତ୍ କ ୪୦।୫୦ ବର୍ଷ ପୂର୍ବେ ଏଠାରେ ଓଡ଼ିଆ ଓ ବଙ୍ଗାଳୀଙ୍କ ମଧ୍ୟରେ କିଛି ମନାନ୍ତର ଘଟିଥିଲା ଏବଂ ତେତେବେଳେ ନବାଗତ ଶିକ୍ଷା ବିଭାଗୀୟ ବଙ୍ଗାଳୀ କର୍ମଚାରୀଙ୍କଦ୍ୱାରା ତାହାର ଉଦୟ ହୋଇଥିଲା । ସେମାନେ ଓଡ଼ିଶାରୁ ଉତ୍କଳଭାଷା ଉଠାଇ ଦେଇ ବଙ୍ଗଭାଷା ଚଳାଇବାର ଚେଷ୍ଟା କରିଥିଲେ । ସୁତରାଂ ଓଡ଼ିଆମାନେ ନିଜଭାଷା ରକ୍ଷାର୍ଥେ ପ୍ରାଣପଣେ ତାହାର ପ୍ରତିବାଦ କରିଥିଲେ । ପରିଶେଷରେ ଓଡ଼ିଶାର ସଲମନ୍ ସାହେବ ସେ ସମୟର କମିଶନର ଶ୍ରୀଯୁକ୍ତ ରେଭେନ୍ସା ସାହେବଙ୍କର ସୁମନ୍ତ୍ରଣା ଅନୁସାରେ ଗବର୍ଣ୍ଣମେଣ୍ଟ ନ୍ୟାୟ ବିଚାର କରି ଓଡ଼ିଶାର ସ୍କୁଲରେ ଓଡ଼ିଆଭାଷା ସ୍ଥିର ରହିବା ଏବଂ ସ୍କୁଲମାନଙ୍କରେ କେବଳ ଓଡ଼ିଆଭାଷା ଦେଶୀୟଭାଷା ସ୍ୱରୂପ ପ୍ରଚଳିତ ହେବାର ଆଦେଶ ଦେଲେ । ଏହି ଚୂଡ଼ାନ୍ତ ଆଦେଶଦ୍ୱାରା ବିବାଦର କାରଣଟି ଦୂର ହେବାରୁ ଯାହା କିଛି ମନାନ୍ତର ଘଟିଥିଲା ତାହା ଦୂର ହୋଇଅଛି । ଓଡ଼ିଆ ଛାତ୍ରମାନେ ବଙ୍ଗାଳୀ ଶିକ୍ଷକଙ୍କ ଭକ୍ତି କରି ଶିକ୍ଷା ଲଭୁଅଛନ୍ତି, ଓଡ଼ିଆ ମକ୍କେଲମାନେ ବଙ୍ଗାଳୀ ଉକିଲଙ୍କୁ ବିଶ୍ୱାସ କରି ନିଯୁକ୍ତ କରୁଅଛନ୍ତି, ଉପୃତମାନେ ବଙ୍ଗାଳୀ ଜମିଦାର ବା ମାନେଜରର ପ୍ରତି ଅଶ୍ରଦ୍ଧା ପୋଷଣ କରୁ ନାହାନ୍ତି ଏବଂ ଓଡ଼ିଆ ଓ ବଙ୍ଗାଳୀ ହାକିମ, ଉକିଲ, ଜମିଦାର ଓ ଅନ୍ୟାନ୍ୟ ଭଦ୍ରଲୋକ ପରସ୍ପରର ସାମାଜିକ କ୍ରିୟା ଏବଂ ଆମୋଦ ପ୍ରମୋଦରେ ଆନନ୍ଦରେ ଯୋଗ ଦେଉଅଛନ୍ତି । ବଙ୍ଗଳାର ବେଶଭୂଷାଦ ଅଳଙ୍କାର ଗୀତ ବାଦ୍ୟ ଯାତ୍ରା ପ୍ରଭୃତି ଓଡ଼ିଆମାନେ ଅତି ଆଗ୍ରହ ସହିତ ଗ୍ରହଣ କରୁଅଛନ୍ତି ଏବଂ ଓଡ଼ିଆ ଓ ବଙ୍ଗାଳୀ ପରସ୍ପରର ଅଧୀନରେ ଚାକିରି କରିବାକୁ ଅସମ୍ମତ ହେବାର କୌଣସି ଅର୍ଥ ନାହିଁ ବରଂ ଶୋଭା ଦେଉଅଛନ୍ତି ଓ ପାଇଲେ ସନ୍ତୁଷ୍ଟ ହେଉଅଛନ୍ତି । ଯେତେବେଳେ ବଙ୍ଗାଳୀମାନେ ଅନେକ ପୂର୍ବରୁ ଉଚ୍ଚ ଶିକ୍ଷାର ସୁଯୋଗ ହେବାରୁ ଓଡ଼ିଆଙ୍କଠାରୁ ଅଧିକ ଯୋଗ୍ୟ ହୋଇ ବହୁ ସଂଖ୍ୟାରେ ଏ ଦେଶକୁ ଆସିଥିଲେ ଏବଂ ଅବଶ୍ୟ ଆସୁଅଛନ୍ତି । ମାତ୍ର ଓଡ଼ିଶାରେ ଯେତେ ଯୋଗ୍ୟଲୋକ ବାହାରୁଅଛନ୍ତି ତେତେ ସେମାନଙ୍କର ସଂଖ୍ୟା ଊଣା ପଡ଼ୁଅଛି । ତଥାପି ବର୍ତ୍ତମାନ କ ୧୦।୧୨ ଜଣ ବଙ୍ଗାଳୀ ଓଡ଼ିଶାରେ ଗୃହ କରି ଯେତେ ରୋଜଗାର କରି ଘରକୁ ନେଇ ଯାଉଅଛନ୍ତି ତହିଁରୁ ଅନେକଗୁଣ ଅଧିକ ଧନ ଓଡ଼ିଶାର ସହସ୍ର ସହସ୍ର ଲୋକ ବଙ୍ଗଳାରୁ ରୋଜଗାର କରି ଆଣୁଅଛନ୍ତି । ଫଳତଃ ସେହିଁଆଡ଼ୁ ଦେଖ ଓଡ଼ିଆ ବଙ୍ଗାଳୀ ମଧ୍ୟରେ ଏପରି ଘନିଷ୍ଠ ସମ୍ବନ୍ଧ ହୋଇଅଛି ଯେ ଏକ ଜାତି ଅନ୍ୟର ଜଣାନ୍ତ ହେବା କଠିନ ଏବଂ ଏହି ଘନିଷ୍ଠତା କ୍ରମାଗତ ବୃଦ୍ଧି ହେବାର ଲକ୍ଷଣ ଦେଖା ଯାଉଅଛି । ବାସ୍ତବରେ ଓଡ଼ିଶାର ବଙ୍ଗଳା ସହିତ ଯେପରି ସମ୍ବନ୍ଧ ଦକ୍ଷିଣ ବା ପଶ୍ଚିମ ସହିତ ସେପରି ନାହିଁ । ଏ ଅବସ୍ଥା ବିଚାର କଲେ ଏଏ ବୋଲି ଯେ ଓଡ଼ିଆ ଓ ବଙ୍ଗାଳୀଙ୍କ ମଧ୍ୟରେ ମନାନ୍ତର ରହିଅଛି ଏବଂ ତାହା ଦୂର କରିବା ନିମନ୍ତେ ଉପାୟ କରିବା ଉଚିତ । ଅମ୍ଭମାନଙ୍କର ଧାରଣା ଯେ ସେପରି ଘୋର ନାହିଁ ଅଥବା ଜନ୍ମିବାର କାରଣ ନାହିଁ । ମାତ୍ର ଯେ ସ୍ଥଳେ କତିପୟ ସମ୍ବାଦପତ୍ର ତାହା ଥିବାଇ ଶୁଣିଅଛନ୍ତି ଏବଂ ନିଜର ସାଧାରଣ ଓ ଦେଶହିତୈଷିତା ଗଳ୍ପ ହୋଇ ସାଧାରଣ ହିତାର୍ଥେ ତହିଁର ପ୍ରତିକାର ଏକାଣେ ସ୍ୱଦେଶ ଶ୍ରେଣୀର ଲୋକଙ୍କୁ ଅନୁରୋଧ କରୁଅଛନ୍ତି ସେ ସ୍ଥଳେ ସେ କଥାକୁ ଅପେକ୍ଷା ଉଡ଼ାଇ ଦେଲେ ଚଳନ୍ତ ନାହିଁ । କେହି କହନ୍ତି କ ଏ କଥାର ପ୍ରକାଶ୍ୟ ଚର୍ଚ୍ଚା ଅପେକ୍ଷା ଉଚିତ ହୋଇ ନାହିଁ ଯେହେତୁ ତଦ୍ଦ୍ୱାରା ଗୁପ୍ତ ରୋଗ ବୃଦ୍ଧି ହେବାର ଆଶଙ୍କା ଅଛି । ମାତ୍ର ଅମ୍ଭମାନଙ୍କର ସନ୍ଦେହ ବିବେଚନାରେ ଗୁପ୍ତ ରୋଗକୁ ପ୍ରକାଶ କରି ତହିଁର ଚିକିତ୍ସା କରିବା ବୁଦ୍ଧିମାନର କାର୍ଯ୍ୟ ଅଟେ, କେଳା କଲେ ପଶ୍ଚାତରୁ ଅସାଧ୍ୟ ହୋଇ ପାରେ । ଯାହା ହେଉ ଯେତେବେଳେ ସବୁଠାରେ ଭଲ ଓ ମନ୍ଦ ଉଭୟ ଶ୍ରେଣୀର ଲୋକ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରେ କେବେ କେବେ ଅମେଳ ହେଉଅଛି ତେତେବେଳେ ଅମ୍ଭେମାନେ ଅନୁମାନ କରୁଅଛୁଁ କି କେହି କେହି କେଉଁଠାରେ ଅମେଳ ହେବାରୁ ଅଥବା ଏକ ଶ୍ରେଣୀର କେହି ଲୋକ ଅପର ଶ୍ରେଣୀର ଏକ ବ୍ୟକ୍ତିକୁ ଦେଖି ନ ପାରିବା ହେତୁ ମନକୁ ବା କେଳାରେ କଷ୍ଟ କଟୁ ପ୍ରୟୋଗ କରିବା ବିଚିତ୍ର ନୁହେ । ସୁତରାଂ ବିଷୟ ଯେ ଏହା ସାଧାରଣ ନୁହେ ସୁତରାଂ ଧର୍ତ୍ତବ୍ୟ ନୁହେ ଅନୁମାନ ହୁଅଇ କେହି ସ୍ୱାର୍ଥପର ଚତୁର ବ୍ୟକ୍ତି ଯୋଗ୍ୟତାଦ୍ୱାରା ନିଜର ବା ଆପଣ ବନ୍ଧୁର ସ୍ୱତନ୍ତ୍ର ଲାଭର ଉପାୟ ନ ଦେଖି ଉକ୍ତ ଅସାମଞ୍ଜସ୍ୟ କଥାକୁ ଯତ୍ନପୂର୍ବକ ସଜାଡ଼ି ହାକିମଙ୍କ କାନରେ ଗୋପନରେ ଢାଳ ଦେଉଥିବେ । ଏ କାଣ୍ଡ ନିତାନ୍ତ ନୂତନ ନୁହେ । କେବଳ ସ୍ଥାନୀୟ ହାକିମ ବିଶେଷ କାହିଁକି ଗବର୍ଣ୍ଣମେଣ୍ଟଙ୍କର ଏମନ୍ତ ଭ୍ରମରେ ପଡ଼ିବାକୁ ହୋଇଥିଲା ଯେ ଏ ଦେଶରେ ବହୁସ୍ଥାନରୁ ସ୍ଥାୟୀରୂପେ ରହିଥିବା ବଙ୍ଗାଳୀଙ୍କୁ ପୁଣି ବାହାର ବୋଲି ଯାଉଥିଲା ଏବଂ ସେହି କାରଣରୁ କେତେଜଣ ଓଡ଼ିଆ ସବଡେପୁଟି ଓ ଡେପୁଟି ନିଯୁକ୍ତ ହୋଇଥିବା ସ୍ଥଳେ ସେମାନ ଯୋଗ୍ୟ ଜଣେ ଏ ଦେଶୀୟ ବଙ୍ଗାଳୀର ଭାଗ୍ୟରେ ତାହା ଘଟି ନ ଥିଲା । ଅତ୍ୟନ୍ତ ଆନନ୍ଦର ବିଷୟ ଯେ ଓଡ଼ିଶାର ବର୍ତ୍ତମାନ ପ୍ରଧାନ କର୍ମଚାରୀ ସୁବିଜ୍ଞ ମାନ୍ୟବର ଗୁପ୍ତ ସାହେବ ଭଳି ପ୍ରକୃତିର ଲୋକ । ସେ ଅମେଳର କଥା ଶୁଣି ନିଶ୍ଚିନ୍ତ ନ ରହି ସୁଯୋଗ ଦେଖି ପ୍ରତିକାର କରିବେ ପ୍ରବୃତ୍ତ ହୋଇ ବନ୍ଧୁର କାର୍ଯ୍ୟ କରୁଅଛନ୍ତି । ଯଥା କେହି ପାରିବ ତାହା କହୁଅଛନ୍ତି କ ବଳୁ ଅଗ୍ରସର ହେବା ଉଚିତ ଯେ କ ସମ୍ମୁଖରେ ଦୋଷ କହି ଦିଏ ନହୁବା ସହସ୍ରଗୁଣ ପାଞ୍ଚଗୁଣ ପରି ହେବା ଉଚିତ ନୁହେଁ ଯେ କ ପଛଆଡ଼ୁ ଦୋଷ ସବୁ କହି ଦେଲେ ।

---

# ସାମ୍ପ୍ରତିକ ସମ୍ବାଦ ।

## କଲିକତା-ଗେଜେଟ ।

କଟକରୁ ଜନାର୍ଦ୍ଦନ ପରିଡ଼ା ଓ ପୁରୀରୁ ଗୋପୀନାଥ ମହାନ୍ତି ଗତ ରେଭେନ୍ସା କଲେଜ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ମହନ୍ତ ଜଗନ୍ନାଥ ରାମାନୁଜ ଦାସ ଓ ଚୌଧୁରୀ ବ୍ରଜମୋହନ ଦାସ ପୁରୀ ସଦର ହୋରର ଅବୈତନିକ ମାଜିଷ୍ଟ୍ରେଟ ପଦରେ ପୁନଃ ନିଯୁକ୍ତ ହୋଇ ୩ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ବାବୁ ଲୋକନାଥ ବିଦ୍ୟାଧର ମହାପାତ୍ର ପୁରୀ ସଦର ହୋରର ଅବୈତନିକ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହୋଇ

Digitized by srujanika@gmail.com

Split by PDF Splitter



ଅଛନ୍ତି । ତୃତୀୟ ଶ୍ରେଣୀର ମେଜେଷ୍ଟର କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ବାବୁ ମାଧବ ଚନ୍ଦ୍ର ମିଶ୍ର ୪ ର୍ଥ ଗ୍ରେଡ଼ର ସବ୍‌ଡେପୁଟୀ ପଦରେ ନିଯୁକ୍ତ ହୋଇ ପ୍ରେସିଡେନ୍‌ସି ବଙ୍ଗରେ ଅବସ୍ଥାପିତ ହୋଇଅଛନ୍ତି ।

ରେଭିନ୍‌ସା କଲେଜର ଆରବୀ ଓ ପାରସୀ ଅଧ୍ୟାପକ ମଉଲବୀ ମହମ୍ମଦ ଇସ୍ମାଇଲ ୫ମ ଶ୍ରେଣୀରେ ବାହାଲ ହୋଇଅଛନ୍ତି ।

ରେଭେନ୍‌ସା କଲେଜର ସଂସ୍କୃତ ଅଧ୍ୟାପକ ବାବୁ ସୁରେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ ୬ଷ୍ଠ ଶ୍ରେଣୀକୁ ଉନ୍ନତ ପ୍ରାପ୍ତ ହୋଇଅଛନ୍ତି ।

ରେଭେନ୍‌ସା କଲେଜର ସହକାରୀ ଶିକ୍ଷକ ବାବୁ ବୈଦ୍ୟନାଥ ଘୋଷାଲ ୭ମ ଶ୍ରେଣୀରେ ବାହାଲ ହୋଇ ଅଛନ୍ତି ।

ସୁନ୍ଦର ମାଲନ୍ତେଟ ମିଷ୍ଟର ଡବଲିଉ, ଏମ୍, ଡେଲରନ୍ ସ୍ଥାୟୀ ମିଉନିସିପାଲିଟିର କମିଶନର ଓ ଚେୟାରମେନ ପଦରେ ନିଯୁକ୍ତ ହୋଇଅଛନ୍ତି ।

ରେଭିନ୍ୟୁ ଏ, ସ୍ମିଥ କଟ ଦେ ବୋର୍ଡର ମନ୍ତ୍ରୀ ପଦରେ ନିଯୁକ୍ତ ହୋଇଅଛନ୍ତି ।

---

ଗତ ବୁଧବାର ସନ୍ଧ୍ୟା ସମୟରେ କଟକ ରେଭେନ୍‌ସା କଲେଜର ସେନସ୍କ୍ରଟେଷ୍ଟୀ ୨ୟ ଶିକ୍ଷକ ବାବୁ ହେମଚନ୍ଦ୍ର ବାନୁର୍ଯ୍ୟୀ କାଠଯୋଡ଼ି ନଦୀ ବନ୍ଧରେ ଭ୍ରମଣ କରୁ୨ ଗଣେଶ ଘାଟ ନିକଟରେ ବନଉପଗ୍ନ ଚଳନ୍ତି ଖସି ପଡ଼ିଥିଲେ ତାଙ୍କର ଆଘାତେ ଯକ୍ଷମ ହୋଇଅଛ । ପୂର୍ବେ ଏହି ସ୍ଥାନରେ ପଣ୍ଡିତ ଦେଳକୃଷ୍ଣ ସତପଥି ପଡ଼ିଯାଇ ସାଂଘାତିକ ଆଘାତ ପାଇଥିଲେ ତଦନ୍ତର ଅଭ ଗୋଟିଏ ସ୍କୁଲ ବାଳକ ମଧ୍ୟ ପଡ଼ିଯାଇଥିଲା ଏପରି ଅପଚଇନଙ୍କ ହାନିରୁ ରକ୍ଷା ପାଇବା ନିମନ୍ତେ କୌଣସି ବନ୍ଦୋବସ୍ତ କି ହୋଇ ନ ପାରେ ?

କଲିକତା ହାଟଖୋଲାର ପୁଲିସ ଥାନାର ସମ୍ମୁଖ ଗ୍ରେଙ୍ଗ ମାନେ ଗିନିକର ଗୁଡ଼ା ସିନ୍ଦୁକ ଭଙ୍ଗି ୫୦୦୦ ଟଙ୍କା ମୂଲ୍ୟର ଅଳଙ୍କାର ଓ ନଗଦ ଟଙ୍କା ନେଇ ପଳାଇ ଥିବ ର ସମ୍ବାଦ ମିଳଇ । ସେଠା ସବଇନସ୍ପେକ୍ଟର ସନ୍ନିକାଳରେ ଗ୍ରେଙ୍ଗ ସ୍ତ୍ରେଟେ ଦାଇଥିବା ସମୟରେ ଏ ଘଟନା ଘଟିଥିବାର କଥିତ ହୁଏ । ଥାନାରେ କି ସେ ସମୟରେ କେହି ପ୍ରହରୀ ନ ଥିଲେ ? ଏଥିରୁ ବଳି ପୁଲିସର ଅକର୍ମଣ୍ୟତାର ଅଧିକ କି ପ୍ରମାଣ ହୋଇପାରେ ? ଅବଶ୍ୟ ଗ୍ରେଙ୍ଗମାନେ ଧରା ପଡ଼ି ନାହାନ୍ତି ।

କଲିକତାର ଜଣେ ଧୋବା ଜଣେ ସାହେବଙ୍କର ମଇଳା ଲୁଗା କାଚିବାକୁ ନେଇ ତାକୁ ବନ୍ଧକ ଦେଇ ପଳାଇ ଯାଇଥିଲା । ବର୍ତ୍ତମାନ ଧରା ପଡ଼ି ମାଠ ଏ ସମୟୁକ୍ତ କାରାଦଣ୍ଡ ପାଇଥିବାର ସମ୍ବାଦ ମିଳଇ ।

ଜଯ୍ପୁରଗଡ ମିଉନିସପାଲିଟିର ଡାକ୍ତର ସମିଯାଦୂ ଡଇ-ସ୍ୱୟଙ୍କ ନିକଟକୁ ଗୋଟିଏ ପିଲ ଅଷ୍ଟକଣ୍ଠା ଚିକିତ୍ସା ପାଇଁ ଆସିଥିଲା । ଅଷ୍ଟକଣ୍ଠା ସାମାନ୍ୟ ପ୍ରକାରର ଥିଲା, ମାତ୍ର ପିଲଟି ଅସ୍ତ୍ରଚିକିତ୍ସା ହେବାବେଳେ ଅସ୍ଥିର ହେବାରୁ ଡାକ୍ତର ଗଳାରେ ଧାଡ଼ୁ ପ୍ରହାର କଲେ ! ବର୍ତ୍ତମାନ ଡାକ୍ତର ନାମରେ ଫୌଜଦାରୀ ଅଦାଲତରେ ମୋକଦ୍ଦମା ଚଳୁଅଛି ।

ମଧ୍ୟ ଅମେରିକାରେ ଅଗ୍ନ୍ୟୁତ୍ପାତ ହୋଇଥିବାର ସମ୍ବାଦ ମିଳଇ । ସାଣ୍ଟାମେରିଆ ନାମକ ଅଗ୍ନେୟ ଗିରିର ଉତ୍ପାତରେ ଗ୍ୱାଟିମାଲାର କାଫି କ୍ଷେତ ପ୍ରଦେଶ ନାଶ ଏବଂ ପାର୍ଶ୍ୱରେ ଫି ୭ ଟ ପୋଡ ପଡ଼ିଅଛି ।

ମହାମାରିରୋଗ ହେତୁ ମକ୍କା ଯାତ୍ରୀଙ୍କ ଉପରେ ଯେଉଁ ନିଷେଧାଜ୍ଞା ପ୍ରଚଳିତ ଥିଲା ତାହା ରହିତ ହୋଇ ଥିବାର ସମ୍ବାଦ ମିଳଇ । ସୁତରାଂ ଭାରତରୁ ଏ ବର୍ଷ ହଜ ଯାତ୍ରୀଙ୍କ ସଂଖ୍ୟା ଅଧିକ ହେବ ସନ୍ଦେହ ନାହିଁ ।

ଅତ୍ୟୁଚ୍ଚ ବୃହତ୍ ଦାଢି— ଫରାସି ଦେଶରେ ମଣ୍ଟିଉକ୍ନି ସ୍ଥାନରେ ଫ୍ରେଞ୍ଚ କନନ ନାମକ ଏକ ବ୍ୟକ୍ତିଙ୍କର ଦାଢି ଦଶ ଫୁଟ ଦଶ ଇଞ୍ଚ ଅର୍ଥାତ୍ ସାତହାତ ପାଞ୍ଚ ଅଙ୍ଗୁଳ ଲମ୍ବ ଅଟଇ । ସେ ସଳଖ ହୋଇ ଛିଡ଼ା ହେଲେ ସୁଦ୍ଧା ଦାଢି ତଳକୁ ଝୁଲି ପ୍ରାୟ ପାଞ୍ଚଫୁଟ ଭୂମିରେ ଲୋଟେ । ତାଙ୍କର ମୋଟର ଅଗ୍ରଭାଗ ଅଣ୍ଟାର ତଳକୁ ଝୁଲୁଥାଏ । ଅନ୍ୟ ଏହାଙ୍କ ଦାଢି ମୋଟ ।

ଆଇସଲଣ୍ଡ ଦ୍ୱୀପରେ ରେକଜବିକ ନଗରରେ ସାଢ଼େ ଛଅ ମାସ ଦିବା ହୁଅଇ । ନରୱେ ଦେଶର ଭ୍ରଏସ ନାମକ ସ୍ଥାନରେ ମଇମାସ ତା ୨୧ ରଖରୁ ଜୁଲାଇ ମାସ ତା ୨୨ ରଖ ପର୍ଯ୍ୟନ୍ତ ଦିବା ହୁଅଇ ଅର୍ଥାତ ସୂର୍ଯ୍ୟ କିରଣ ବରାବର ବିଦ୍ୟମାନ ଥାଏ । ଉତ୍ତରକ୍ଷେତ୍ର ନିକଟ ଗ୍ରୀନଲଣ୍ଡ ଦେଶରେ ଛଅମାସ ଦିବା ଓ ଛଅମାସ ରାତ୍ର ହୁଏ । କେବଳ ସ୍ଥ ଶେଷଙ୍କ ପ୍ରିଦାସ ରାତ୍ର ଛଅମାସରେ କାର୍ଯ୍ୟ ଚଳେ ।

ଭାରତର ବଜେଟ ପାର୍ଲିଆମେଣ୍ଟରେ ଶୀଘ୍ର ଆଗତ କରିବା କାରଣ ରକ୍ଷଣ ଶୀଳ ଓ କଲତ ଶୀଳ ସମ୍ପ୍ରଦାୟର ମେମ୍ବରମାନେ ଜିଦ ଲଗାଇଅଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ପ୍ରଧାନ ମେମ୍ବର ବମ୍ବଠାରୁ ଆଗାମୀ ଦରବାର ଉପଲକ୍ଷେ ଆସିବାର ସ୍ଥିର ହୋଇଅଛି । ଶୀଘ୍ର ବଜେଟର ଦିନ ହେଲେ ସେମାନେ ପାର୍ଲିଆମେଣ୍ଟୀୟ ତର୍କ ବିତର୍କରେ ଯୋଗ ଦାନ କରିପାରିବେ । ଅଦ୍ୟାପି ବଜେଟ ଆଗତ ହେବାର ଦିନ ଧାର୍ଯ୍ୟ ହୋଇ ନାହିଁ ।

ଚଳିତମାସର ଶେଷଭାଗରେ ବିଲାତର ମନ୍ତ୍ରୀବର୍ଗଙ୍କ ମଧ୍ୟରୁ ଜଣେ ପ୍ରଧାନ ମନ୍ତ୍ରୀ ଚେମ୍ବରଲେନସାହେବ ମହୋଦୟ ଦକ୍ଷିଣ ଆଫ୍ରିକାକୁ ଗମନ କରିବାର ସ୍ଥିର ହୋଇଅଛି । ସେ ରାଜ୍ୟ ସ୍ୱଚକ୍ଷୁରେ ଦେଖି ସେଠା ଶାସନପ୍ରଣାଳୀର ବନ୍ଦୋବସ୍ତ କରିବା ଏଥିର ଉଦ୍ଦେଶ୍ୟ ଅଟେ । ଦେଖାଯାଉ କାର୍ଯ୍ୟ କେତେଦୂରକୁ ଯାଇପାରେ । ଯୁରୋପର ଭାବସମ୍ବାଦପତ୍ର ଏ ରାଜନୀତିର ପ୍ରଶଂସା କରୁଅଛନ୍ତି ଏବଂ ସ୍ୱୟଂ ସମ୍ରାଟ ଏଥିର ଉଦ୍ଭାବନ କର୍ତ୍ତା ଥିବାରୁ ସେ ସର୍ବତୋଭାବେ ପ୍ରଶଂସ୍ୟ ଅଟନ୍ତି ।

ଜାଟ ପ୍ରୋଟେଲର ରାଜ ମାସ ସମ୍ପ୍ରତି ଏକଗୋଟା ବାଘ ଶିକାର କରିଅଛନ୍ତି । ରାଜକୁମାରଙ୍କ ବୟସ ୨୮ ର୍ଥ ମାତ୍ର !

ଡନ୍‌ଡିଇଲସ ନାମକ ଜଣେ ଇଂରେଜ ଏପରି ଦୂରଗାମୀ ବାଷ୍ପୀୟ ଯାନ ଆବିଷ୍କାର କରିଅଛନ୍ତି ଯେ ଇଂଲଣ୍ଡଠାରୁ ଯାନ୍ତ୍ରିକ ଦିନେ ଆମେରିକାରେ ପହଞ୍ଚିବ ।

ଏ ପର୍ଯ୍ୟନ୍ତ ୩ ହଜାର ବୁଅର ବନ୍ଦୀ ମୁକ୍ତି ଦିଆ ହୋଇଅଛି । ବର୍ତ୍ତମାନ ମଧ୍ୟ ସେଣ୍ଟହେଲନାରେ ଛଅଶ, ସିହଳରେ ୨,୮୦୦ ଏବଂ ଭାରତବର୍ଷରେ ୬,୭୦୦ ଜଣ ବୁଅର ବନ୍ଦୀ ଅଛନ୍ତି । ତହିଁ ମଧ୍ୟରୁ ଡିସେମ୍ବର ତା ୩୧ ରଖ ମଧ୍ୟରେ ସିହଳ ଏବଂ ଭାରତବର୍ଷରୁ ୭ ହଜାର ବୁଅର ଦକ୍ଷିଣଆଫ୍ରିକାକୁ ଯିବେ ।

---

## ପତ୍ରପ୍ରେରକଙ୍କ ପ୍ରଶ୍ନ ।

ମାଳିଦ ପ୍ରଜା ଓ ଦଣ୍ଡକ—ଏଥିରେ କାହାର ସ୍ୱାର୍ଥର ଓ ସ୍ୱତ୍ତ୍ୱ ନ ଥିବାରୁ ଅଗ୍ରାହ୍ୟ ହେଲା ।

ସୁନ୍ଦର ଜଳର ଦେବେତ୍ର ପ୍ରଜା—ଏଥିରେ ମଧ୍ୟ କାହାର ସ୍ୱାକ୍ଷର ବା ସ୍ୱତ୍ତ୍ୱ ନାହିଁ । ଅନ୍ୟାନ୍ୟ ଶାସନ ଇତ୍ୟାଦି ନ ଦେଲେ ଜମିଦାର ପ୍ରଜାଠାରୁ ବନ୍ଦୋବସ୍ତ ହୋଇଥିବା ଖଜଣା ନେବାକୁ ଯେବେ ଚାହିଁ ଦଲେ ତହିଁର ପ୍ରତିକାର ପ୍ରଜାଙ୍କର ଆଇନରେ ରହିଅଛି । କଲେକ୍ଟର ସାହେବଙ୍କ ନିକଟରେ ଆବେଦନ କଲେ ବହୁତ ପ୍ରତିକାର ପାଇବ । କେବଳ ପତ୍ରରେ କାହାଣିଲେ ସମ୍ପାଦ-କଙ୍କ ଯୋଗେ ଫଳ ହେବାର ଆଶା ନାହିଁ ।

## ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେ-ମାନେ ଦାୟୀ ନୋହୁଁ

---

ଶ୍ରୀଯୁକ୍ତ ଉତ୍କଳଦୀପିକା-ସମ୍ପାଦକ ମହୋଦୟ ସମୀପେଷୁ

ମହାଶୟ !

ପ୍ରକ୍ରିୟା କୌମୁଦୀ ନାମକ ପାଣିନୀୟ ସଂସ୍କୃତ ବ୍ୟାକରଣ ଅତି ପ୍ରାଚୀନ ଏବଂ ଉତ୍କଳ ଭୂମିରେ ପ୍ରାୟ ସର୍ବତ୍ର ଏହାର ଆଦର ଓ ପ୍ରଚଳନ ଅଛି । ପୁଣି ଉକ୍ତ ବ୍ୟାକରଣ ସଂସ୍କୃତ ଟୋଲ-ମାନଙ୍କରେ ପାଠ୍ୟ ହୋଇଅଛି । ଉତ୍କଳୀୟ ସଂସ୍କୃତ ଶିକ୍ଷାର୍ଥୀମାନଙ୍କ ସୁବିଧା ନିମିତ୍ତ ମୁଁ ସରଳ ସଂସ୍କୃତ ଟୀକା ଓ ଉତ୍କଳାନୁବାଦ ସହ ଏହି ପୁସ୍ତକର ମୁଦ୍ରଣରେ ପ୍ରବୃତ୍ତ ହୋଇଅଛି । ଅଳ୍ପଦିନ ହେଲା ପ୍ରଥମଖଣ୍ଡ ପ୍ରକାଶିତ ହୋଇଅଛି । ସମସ୍ତ ବ୍ୟାକରଣ ଖଣ୍ଡିର କେବଳ ମୁଦ୍ରଣ ବ୍ୟୟ ପ୍ରାୟ ଏକ ସହସ୍ର ଟଙ୍କା ପର୍ଯ୍ୟନ୍ତ ହେବ । ମାଦୃଶ ମାଦୃଶ ବ୍ୟକ୍ତି ପକ୍ଷରେ ଏହି ଗୁରୁ ବ୍ୟୟଭାର ବହନ କରିବା ଏକ ପ୍ରକାର ଅସମ୍ଭବ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଏହି ହେତୁରୁ ମୁଁ ଉତ୍କଳୀୟ ପ୍ରଧାନ୨ ବଦାନ୍ୟସ୍ୱାମୀ ରାଜା, ମହାରାଜ ଭୂସ୍ୱାମିମାନଙ୍କଠାରୁ ପ୍ରଥମଖଣ୍ଡ ପଠାଇ ସେମାନଙ୍କ ନିକଟରେ ସାହାଯ୍ୟପ୍ରାର୍ଥୀ ହୋଇଅଛି ।

ଗତ ମଧ୍ୟରେ ଭ୍ରମଣ ଉଦ୍ଦେଶ୍ୟରେ ଗଞ୍ଜାମ ଅଞ୍ଚଳକୁ ଯାଇ ସେଠାରେ ବୁଦବୁଦ ଖେମୁଣ୍ଡୀ-ଅଧୀଶ୍ୱର ଶ୍ରୀଲ ଶ୍ରୀଯୁକ୍ତ କୃପାମୟ ଅନଙ୍ଗଭୀମଦେବ ମହୋଦୟଙ୍କର ସଂସ୍କୃତାନୁରାଗ, ଔଦାର୍ଯ୍ୟ, ସରଳତା, ବଦାନ୍ୟତା ପ୍ରଭୃତି ସଦ୍‌ଗୁଣର ପ୍ରଶଂସା ଶୁଣି ତାଙ୍କ ସହିତ ସାକ୍ଷାତ କରିବାକୁ ଗଲି ସେଠାରେ ୨୦ ଘଣ୍ଟା ମାତ୍ର ଅବସ୍ଥାନ କରି ଯାହା ଯାହା ଦେଖିଲି ସମସ୍ତ ଉଲ୍ଲେଖ କଲେ ପତ୍ରର ଅତି ଆୟତନ ବଢ଼ିଯିବ । ସୂକ୍ଷ୍ମରେ ଏହି ତରୁଣବୟସ୍କ ରାଜା ମହୋଦୟଙ୍କର ଆଦର, ଭକ୍ତି ଓ ବ୍ୟବହାର ଅତ୍ୟନ୍ତ ପ୍ରୀତିକର ଓ ଆଶାପ୍ରଦ । ସଂସ୍କୃତ ସାହିତ୍ୟପ୍ରତି ତାଙ୍କର ପ୍ରଗାଢ଼ ଅନୁରାଗ ଅଛି ଏବଂ ସେ ସ୍ୱୟଂ ସଂସ୍କୃତ ସାହିତ୍ୟରେ ସମୁଚିତ ଅଭିଜ୍ଞତା ଲାଭ କରିଅଛନ୍ତି । ଅଳ୍ପ ସମୟ ନିମିତ୍ତ “ ଲକ୍ଷଣା ” ସମ୍ବନ୍ଧରେ ତାଙ୍କ ସହିତ ଆଲୋଚନା କରି ସେଥିରୁ ତାଙ୍କର ସୂକ୍ଷ୍ମ ଦୃଷ୍ଟିର ପରିଚୟ ପାଇ ପରମ ପ୍ରୀତି ଲାଭ କଲି ।

ପରିଶେଷରେ ବିଦାୟ କାଳରେ ଶ୍ରୀମାନ ମହୋଦୟ ପ୍ରକ୍ରିୟା କୌମୁଦୀର ମୁଦ୍ରଣ ବ୍ୟୟର ସାହାଯ୍ୟ ନିମିତ୍ତ ଦୁଇଶତ ଟଙ୍କା ଏକକାଳୀନ

Digitized by srujanika@gmail.com

Split by PDF Splitter



ପ୍ରଦାନ କଲେ । ଏହି ଆଶାନୁରୂପ ଆନୁକୂଲ୍ୟ ଲାଭ କରି ମୁଁ ତାଙ୍କଠାରେ କୃତଜ୍ଞ ରହିଲି ।

କଟକ, ୨୧।୧୦।୧୯୦୭

ବଶମ୍ବଦ
ଶ୍ରୀ ପୁରୁଷୋତ୍ତମ ତର୍କାଲଙ୍କାର
ହେଡ଼ ପଣ୍ଡିତ, ରେଭେନ୍ସା
କଲେଜିଏଟ ସ୍କୁଲ

ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ ।
ଶ୍ରୀ ଗୁଣଧାମ ! ମାନ୍ୟବରେଷୁ

ଖଣ୍ଡପଡ଼ା ନଗର ମହା ମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ବର୍ତ୍ତମାନ ଶାରୀରିକ ଓ ଆର୍ଥିକ କଷ୍ଟରେ ଥିବା ହେତୁବାଦରେ ଗଞ୍ଜାମ ଜିଲ୍ଲା ରମ୍ଭା ନିବାସୀ ପ୍ରଜାବନ୍ଧୁ କାର୍ଯ୍ୟାଳୟ ସମ୍ପାଦକ ଶ୍ରୀ ପଣ୍ଡିତ ଗୋଳମଣି ବିଦ୍ୟାରତ୍ନ ମହାମହୋପାଧ୍ୟାୟଙ୍କ ସହାୟେ ଦାନ ସଂଗ୍ରହ କରୁଅଛନ୍ତି ଓ କିଛି ଦାନ ପାଇଁ ଆମ୍ଭଠାରୁ ଛାପା କାର୍ଡଟିଏ ପଠାଇଅଛନ୍ତି । ବ୍ରାହ୍ମଣ, ପଣ୍ଡିତଙ୍କୁ ଦାନ କରାଯାଏ ଓ ମହାମହୋପାଧ୍ୟାୟ ଯେପରି ସୁଯୋଗ୍ୟ ପଣ୍ଡିତ ତାଙ୍କ ପାଇଁ ଦାନ ଦେବା ଉଚିତ କିନ୍ତୁ ଆମ୍ଭ ମନରେ ଗୋଟିଏ ସନ୍ଦେହ ଉପସ୍ଥିତ, ତାହା ଏହି କି ସୁକିନ୍ଦା, ଘଟିଆ, ଇତ୍ୟାଦି ସାମନ୍ତ ଗଡ଼ଜାତର ରାଜବଂଶୀୟ ଓ ଭାତାନ୍ତର ଘର ସରଦାରମାନେ କେତେକ ଜଣ ପୂର୍ବେ ଆମ୍ଭଠାରୁ କେବେ୨ ଆସିଥିଲେ ସେମାନେ ଆମ୍ଭଠାରୁ ବୟସ, ବିଦ୍ୟା, ଅବସ୍ଥାରେ ନ୍ୟୂନ ଥିବା ଓ ସେମାନଙ୍କ ନାମରେ ଆମ୍ଭଠାରୁ ସାହାଯ୍ୟ ଆଶାରେ ଆସିଥିଲେହେଁ ସେମାନେ ଆମ୍ଭଙ୍କୁ ପ୍ରଣାମ ଅବା ନମସ୍କାର କରୁ ନ ଥିଲେ । ଏପରି ଅଶିଷ୍ଟାଚାରର କାରଣ ବୁଝିବାରେ ଜଣାଗଲା ଯେ ଓଡ଼ିଶାର ରାଜବଂଶୀୟ ଘର ସରଦାରମାନେ ଅନ୍ୟ ଭଦ୍ର ଶୂଦ୍ରଙ୍କୁ ହାତ ଟେକନ୍ତି ନାହିଁ । ଅନ୍ୟଙ୍କୁ ନମସ୍କାର କଲେ ସେମାନଙ୍କର ଓ ରାଜାଙ୍କର ଅପମାନ ହେବ । ଏଥିରୁ ମହାମହୋପାଧ୍ୟାୟ ଅର୍ଥସ୍ୱାର୍ଥୀତ ଓ ସମଭାପନ୍ନ ଖଣ୍ଡପଡ଼ାରାଜାଙ୍କର ବଂଶୀୟ ଅଟନ୍ତି । ଯଦି ନମସ୍କାରର ଉପଯୁକ୍ତ ଅନ୍ୟ ଭଦ୍ର ଶୂଦ୍ରଙ୍କୁ ନମସ୍କାର କଲେ ସେମାନଙ୍କର ଓ ରାଜାଙ୍କର ଅପମାନ ହେବ ତେବେ ଚଳହାତ ହୋଇ ଅନ୍ୟ ଶୂଦ୍ରମାନଙ୍କଠାରୁ ଦାନ ନେବା ଅଧିକ ଅପମାନ ତାଙ୍କୁ ଓ ରାଜା ମହୋଦୟଙ୍କୁ ହୋଇପାରେ । ଯଦି ଏପରି ରୀତି ସେଠାରେ ଥାଏ ତେବେ ରାଜାଙ୍କର କର୍ତ୍ତବ୍ୟ ଯେ ସେ ତାଙ୍କୁ ସମ୍ପୂର୍ଣ୍ଣ ସାହାଯ୍ୟ କରିବେ ଓ ଅନ୍ୟଠାରୁ ଦାନ ଗ୍ରହଣ କରିବାକୁ ନ ଦେବେ ଯଦି ସେପରି ରୀତି ନ ଥାଏ ଓ ମହାମହୋପାଧ୍ୟାୟଙ୍କର ନିବାଦ ଖୋଲକ ଜମିରୁ ହୋଇ ପାରୁ ନ ଥାଏ ତେବେ ସେ ତାହା ପ୍ରକାଶ କରିଦେବେ କାରଣ କେହି୨ ଏପରି ମନେ କରିପାରନ୍ତି ଯେ ମହାମହୋପାଧ୍ୟାୟଙ୍କର ଯଥେଷ୍ଟ ଜମି ଥିବ ତାଙ୍କୁ କାହିଁକି ସାହାଯ୍ୟ କରିବା ।

କଟକ, ତା ୩୦ ରିଖ ଅକ୍ଟୋବର ୧୯୦୭

ବଶମ୍ବଦ
ଯଥାର୍ଥବାଦୀ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ କୃଷ୍ଣଚରଣ ପଣ୍ଡିତ | ଚମ୍ପପୁର | ଟ ୩ |
| " ପଦ୍ମନାଭ ସତ୍ପଥି | କଟକ | ଟ ୧ |
| ମୁନ୍ସି ଓହାବୁଲ | " | ଟ ୧ |
| ସୟଦ ତାଫଜଲ ଅଲି | କୋରଇ | ଟ ୩ |
| ମୀର୍ଜା ହେମାଏତୁଲ୍ଲା | ନରସିଂହପୁର | ଟ ୩ |
| ମହମଦ ଅବଦୁଲ ଜଲିଲ | ଭଦ୍ରକ | ଟ ୩ |

# ବିଜ୍ଞାପନ ।

# ଫଲେନ ପରିଚୀୟତେ

କବିରାଜ ଶ୍ରୀଛକଡ଼ି କର କବିରତ୍ନଙ୍କର

## ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହେବ ।

## ବ୍ରାହ୍ମୀ ଘୃତ

ଆଜିକାଲି ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତିମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ୱଳ୍ପମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତ ଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏହି କାରଣରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣରେ ଏହା ସଦ୍ୟ ଫଳପ୍ରଦ ।

ଏକଶିଶିର ମୂଲ୍ୟ ଟ ୨୧

## ଶୁକ୍ରବର୍ଦ୍ଧକ ବଟିକା ।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରିପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

## କଲ୍ପତରୁରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) ଘାଆ, ପାରଦାଦି ଦୋଷଜନିତ ଶରୀରରେ ଦାଗ୨ ଓ ଚକା୨ ଦାଗ; ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୲ ମାତ୍ର ।

ଏକକାଳେ ତିନିଶିଶି ନେଲେ ଟ ୪୧ଙ୍କା ଲାଗେ ।

ଚୌଧୁରୀ ବଜାର, କଟକ

ଶ୍ରୀ ଛକଡ଼ି କର କବିରତ୍ନ ।
ଅନ୍ନପୂର୍ଣ୍ଣା
ଆୟୁର୍ବେଦୀୟ ଔଷଧାଳୟ ।

# ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତସିଂହପୁର, ତିର୍ତ୍ତୋଲ, ସାଲେପୁର ଓ ବାଙ୍କି-ଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜିହାଉସ ( ପାଉଣ୍ଡ ) ସନ ୧୯୦୭ ମସୀହା ନବେମ୍ବର ମାସ ତା ୧୮ ରିଖଠାରୁ ସନ ୧୯୦୮ ମସୀହା ମାର୍ଚ୍ଚମାସ ତା ୩୧ ରିଖ ପର୍ଯ୍ୟନ୍ତ ୧ ବର୍ଷ ୫ ମାସ ନିମନ୍ତେ ସନ ୧୯୦୭ ମସୀହା ନବେମ୍ବରମାସ ତା ୧୮ ରିଖ । ମୁଃ । ସନ ୧୩୧୦ ସାଲ ମାର୍ଗଶିର ମାସ ୪ ଦିନ ଦିବା ଘ ୧୨ ଟା ସମୟରେ କଟକ ସଦର ଲୋକେଲବୋର୍ଡ ଅଫିସରେ ଶ୍ରୀଯୁତ ଶ୍ରୀ ଚେୟାରମେନ ବାହାଦୁରଙ୍କ ହସ୍ତରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜାରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ତାହା ନିଲାମରେ ଇଜାରା ନେବାକୁ ଇଚ୍ଛା କରନ୍ତି ସେମାନେ ନିଜେ୨ ଉପରଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜାରା ନେଇପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ ଓ ନିଲାମ ଖରିଦା ତତ୍କ୍ଷଣାତ୍ ଅର୍ଥାତ୍ ନିଲାମି ଡାକ ଶେଷ ହେଲାକ୍ଷଣି ନିଲାମି ଜରସମନର ଚତୁର୍ଥାଂଶ ଜାମିନ ସ୍ୱରୂପ ଅବିଲମ୍ବେ ଦାଖଲ କରିବେ ଓ ବାକି ଜରସମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ

Digitized by srujanika@gmail.com

ଦାଖଲ ନ ହେଲେ ସାନ ନିଲାମ ଡକାଯିବ ଓ ପ୍ରତ୍ୟେକ କ୍ୱାର୍ଟରର ଖଜଣା ସେହି କ୍ୱାର୍ଟରର ପ୍ରଥମ ତାରିଖରେ ଅଗ୍ରୀମ ଦେବାକୁ ହେବ ନ ଦେଲେ ତହିଁର ଯେ ଖର୍ଚ୍ଚ ହେବ ତାହା ଝୁଣ୍ଟି-ଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ପ୍ରଚଳିତ ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କୁ ନିରୂପିତ ସର୍ତ୍ତ ଅନୁସାରେ ଖରିଦଦାର କବୁଲିୟତ ଲେଖିଦେଇ ରେଜେଷ୍ଟ୍ରୀ କରିଦେବେ । ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ କି ଡାକିବାଉ ଯମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକି ପାରିବେ ନଚେତ୍ ଯଦ୍ୟପି ନିଲାମ ଖରିଦଦାର ସେପର ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତତ୍‌କ୍ଷଣାତ୍ ତାହାର ଡାକଟି ନକତ ନକ ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ସାନ ବନ୍ଦୀ କରାଯିବ ।

ଥାନା ଭଦ୍ରକ

| | |
|---|---|
| ୧ । ବେଲଗାଦେଶ | ୩ । ଧାଥପୁର |
| ୨ । ଲଦ୍ରରଡଙ୍ଗା | ୪ । ଟାଙ୍ଗି |

ଥାନା ବାସ୍ତୀ

| | |
|---|---|
| ୧ । ଚେଟିଆ | ୫ । ବୈଦ୍ୟେଶ୍ୱର |
| ୨ । କୁଲଶୀପୁର | ୬ । ସୁବର୍ଣ୍ଣପୁର |
| ୩ । ପଥୁରିଆପଡ଼ା | ୭ । ସୋଲପୁର |
| ୪ । ନଳାପଥର | |

ଥାନା ସାଲେପୁର

| | |
|---|---|
| ୧ । ପଦ୍ମପୁର | ୪ । ଖଦୋଳ |
| ୨ । ଜଗନ୍ନାଥପୁର | ୫ । ଅସ୍ତରେଙ୍ଗ |
| ୩ । ମୈଦା | |

ଥାନା ଜଗତ୍‌ସିଂହପୁର

| | |
|---|---|
| ୧ । ବାଲଅ | ୩ । ଝିଞ୍ଚଲେ |
| ୨ । ସଙ୍ଖାରସାହି | |

ଥାନା ତିର୍ତ୍ତୋଲ

୧ । ପଙ୍କପାଲ

M. Das
Vice Chairman.

## ନୂତନ ପୁସ୍ତକ ।

| | |
|---|---|
| ରଥଦିଖା ( ବୃହତ୍ କଥା ) | ଟ ୦ ୵ |
| ପଦ୍ମପୁରାଣ | ଟ ୧ |
| ଭାଗବତଗୀତା ୨ୟ ଭାଗ | ଟ ୦ । |
| ମଣ୍ଡୁକବଣ ସ୍ତୁତି | ଟ ୦/୨ |
| ସ୍ରକଣ ଅଣ୍ଣ୍ରଚନ୍ଦ୍ର ବା ଚାଦମ୍ବଣ ଉପନ୍ୟାସ (ଛନ୍ଦ) | ଟ ୦ ୪ |
| ଭକ୍ତି-ସଙ୍ଗୀତ | ଟ ୦ / |
| ବୈରାଗ୍ୟଗୀତା | ଟ ୦ ।/ |
| ଷଡ଼ାଙ୍ଗଯୋଗସାର ଗୀତା | ଟ ୦ / |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ମିଳେ ।

# ଏହାଠି ଯାଦୁର

## ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଳନାରେ ମୂଲ୍ୟ ନିତାନ୍ତ ସତ୍ ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମକାରୀ ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଯାଦୁ ହୋଇ ନା କାହିଁକି ଛଅ ଔଷଧ ବ୍ୟବହାରଦ୍ୱାରା ଦିନା ଜ୍ୱାଲା ଯନ୍ତ୍ରଣାରେ ରୋଗ ସଂପୂର୍ଣ୍ଣ ଆରୋଗ୍ୟ ହେବ । ଗ୍ୱାରଜନର୍ଷର ସର୍ବାଙ୍ଗ ସ୍ୱର୍ବାଙ୍ଗଜ ଜର୍ତ୍ତୁକ ଏହା ଆଗ୍ରହସହକାରେ ବ୍ୟବହୃତ ପୁଣି ଶତ ଶତ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରଶଂସିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଗୋଟିଏ ଡବାର ମୂଲ୍ୟ ଟ ୦।୵ ଛ ଅଣା, ଏକଥରେ ୬ ଛ ବା ୧୨ ବାର ଗୋଟା ନେଲେ ଖେତାର ବିଶେଷ ଲାଭ ଅଛି । ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ଜିଲ୍ଲା ଏବଂ ତାହାର କେତେ ଡବା ଔଷଧ ଗ୍ରହ ଲେଖିଲେ ବ୍ୟବସ୍ଥାପତ୍ରସହ ପ୍ରେରିତ ହୁଏ ।

ଏକମାତ୍ର ପ୍ରାପ୍ତିସ୍ଥାନ;—

ଶ୍ରୀ ରାମତାରକ ସେନ ।
ଦେକ ଉତ୍କଳପ୍ରେସ, ବାଲେଶ୍ୱର

# ବିଜ୍ଞାପନ ।

## ଏଇର୍ ଦେକ ଅଏଣ୍ଟମେଣ୍ଟ ।
ବା
ଯାଦୁର ଔଷଧ ।

ଏହି ଔଷଧ ୩ । ୪ ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଜ୍ୱାଲାରେ ସବୁ ପ୍ରକାର ଯାଦୁ ଆରାମ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର କ୍ଷାରକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ୵ ଅଣା ।

ପ୍ରାପ୍ତିସ୍ଥାନ ଏଇଚ, ଦେ
ହୋମିଓପ୍ୟାଥିକ, ଫାରବ୍ୟ ଔଷଧାଳୟ
ବାଲେଶ୍ୱର ।

# ବିଜ୍ଞାପନ ।



## ନବୀନ ନର୍ବୀନାର ସୋହାଗର ସାମଗ୍ରୀ ।

ପ୍ରେୟସୀର ପ୍ରିୟ ଉପହାର, ଅତି ଅପୂର୍ବ ।
ଏଇଚ, ଡ ଲୁଣ୍ଡ୍ରର ଅଭିନବ ଆବିଷ୍କାର
"ଇନ୍ଦୀବର ଶୋଭନା"

ଏହି ଦ୍ରବ୍ୟ ତିଳ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ସଦୃଶ ହୁଏ । ଥରେ ବ୍ୟବହାର କଲେ " ଇନ୍ଦୀବର ଶୋଭନା " ବିହୀନ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଇହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘକାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । "ଇନ୍ଦୀବର ଶୋଭନା" ଯୁକ୍ତ ପାନରେ ଖଇର, ଧଣିଆ-ଗୁଣ୍ଡ, ଗୁଜରାତି ପ୍ରଭୃତି କୌଣସି ପ୍ରକାର ମସଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦଶାହ, ଆମିର, ଓମରାହମାନେ ବ୍ୟବହାର କରୁଥିଲେ; ମିଷ୍ଟର ଲୁଣ୍ଡ୍, ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ତହିଁ ସହିତ କେତେ ଗୁଡ଼ିଏ ନିର୍ଦ୍ଦୋଷ ଭେଷଜ ମିଶ୍ରିତ କରିଥିବାରୁ ଏତଦ୍ୱାରା ଦନ୍ତର ଶିଥିଳତା, ଦନ୍ତ ମାଢ଼ି ଫୁଲା, ଦନ୍ତ ବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ିବା ବନ୍ଦ ହୁଏ, ମୁଖ ଦୁର୍ଗନ୍ଧ, ଏବଂ ଦନ୍ତ ପଂକ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦ । ଅଣା, ତ୍ରିଜନ ଟ ୨୪ ଙ୍କା ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦ ।୵, ୬ ଶିଶିରେ ଟ ୦ ୪୵ ଅଣା, ତ୍ରିଜନକୁ ଟ ୦ ୪ ଅଣା । ୩ ଶିଶିରୁ କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ଠିକଣା:—" ଲୁଣ୍ଡ୍ ଏଣ୍ଡ କୋମ୍ପାନୀ " ୧୧।୫ ନମ୍ବର ବାଗ୍‌ବାଜାର ଷ୍ଟ୍ରିଟ, କଲିକତା ।

ସର୍ବପ୍ରକାର ଖଡ଼, ଘା, ଗର୍ମି-ବାଣି ପ୍ରଭୃତି ଆରୋଗ୍ୟ ପକ୍ଷେ ଚୂଡ଼ାନ୍ତ ।
" ଓଁଷର ସାର କାଳି "

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହୋଇ ମଲେଶକ୍ତି ପରି ଆରୋଗ୍ୟ ହୋଇ ଯାଏ । ଅଥଚ ପାରଦ ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧ ୧ ଙ୍କା ପ୍ୟାକିଂ ଓ ଡାକମାସୁଲ ଟ ୦ ।୵ ଅଣା । ପ୍ରାପ୍ତିସ୍ଥାନ :—"ଜବଲକ୍, ମେଜର ଏଣ୍ଡ କୋମ୍ପାନୀ ",—କଲିକତା ।

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ସନ ୧୯୦୭ ମସିହା ଡିସେମ୍ବର ମାସରେ ବୋମ୍ବାଇ ହତା ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ (ହାଟ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଶିଳ୍ପ କାର୍ଯ୍ୟମାନ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ବିଷୟ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ଦୁଃଖିସିଦ
ଜେନରଲ ସେକ୍ରେଟରୀ
ଇଣ୍ଡିୟାନଇଣ୍ଡଷ୍ଟ୍ରିୟଲ ଏକ୍ଜିବିସନ

## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ ବିଶାରଦଙ୍କର
ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
୯୩ । ୨ ନଂ ହରଘୋଷଷ୍ଟ୍ରୀଟ, ସିମଳିଆ,
କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାରିତ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ, ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗସିଦ୍ଧ ମହୌଷଧି ।

(ଅର୍ଥାତ୍ ଋଷିକୃତ ଯୋଗଲବ୍ଧ ସିଦ୍ଧମହୌଷଧ)

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତରମାନଙ୍କ ଦୁଶ୍ଚିକିତ୍ସ୍ୟ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଆଉ ନାହିଁ । ଯକୃତ୍ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳ-ଉଦ୍‌ଗାର (ଖଟାଢେକୁ) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ, ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ଉଦରାମୟ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାରଦଦୋଷ, ଶରୀରରେ ଚକାକାର ଚିହ୍ନ, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ପୁରୁଷତ୍ୱହାନି, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, ବିନ୍ଦୁ ବିନ୍ଦୁ ମୂତ୍ରସ୍ରାବ ଓ ନାଳୀଘା ନିଃଶେଷ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଡିଫୁଲା, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର ଚର୍ମରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ ବାଧକବେଦନା, ଶୂଳ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତ ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାକୁ ଆଣିବା, ଏହି ଔଷଧର ପ୍ରଧାନ କାର୍ଯ୍ୟ

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଅଠଅଣା ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ସ୍ୱତନ୍ତ୍ର ଅଣା । ଔଷଧ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ

## ବିଜ୍ଞାପନ ।

TRADE MARK — W. MAJOR & CO'S MEDICAL LABORATORY CALCUTTA — TRADE MARK — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !!
ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ—ସେହି
" ଇଲେକ୍‌ଟ୍ରୋ ସାଲସା "
ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ
ରେଜେଷ୍ଟରୀ କୃତ ।
ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!
ଆଦି ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତୀ ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଆଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା :—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ନେଇରୂପ ହଜାର ୨ ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ରାଶି ୨ ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ।

ଇଲେକ୍‌ଟ୍ରୋସଲସା—ନବେ ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଆରୋଗ୍ୟ-କାରିତା ଶକ୍ତି ଗୁଣରୁ ସଙ୍ଗେ ୨ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ପଷ୍ଟତା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ ହାଲୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିକ୍ରୀପିତ ହେଉଥିବା ନ ସ୍ୱଦେଶୀ ନ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖେ ମାତ୍ର—

ଇଲେକ୍‌ଟ୍ରୋ ସାଲସା !—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇ-ଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ଲାବିତ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍‌ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଜଣକ ୨ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ୨ ହାସପାତାଲରେ ଉପ-ଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଆସିୟା, ୟୁରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ୨ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସତ୍ୟ ୨ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ ଶୁଭମୂହୂର୍ତ୍ତରେ ଆବିଷ୍କୃତ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏକାଧାରରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍‌ଟ୍ରୋସଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଅଣ୍ଟାରେ ପୁଲିବା ଭୁଣ୍ଡରେ ହେଇ ଫୁଲି ଉଠିବା, ଭୁଣ୍ଡିଅଣ, ଭୁଲ, ଉଷମି ଓ ପାପର ଘା, ନାକ ଓ କାନର ଘା, ଦେହରେ ବା ହସ୍ତ ଓ ପଦ ତଳରେ ପସ ଗରମିର ଦାଦ ବା କଳା ଚିହ୍ନ, ଧବଳ କୁଷ୍ଠ, ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ଚର୍ମର କଷ୍ଟଦାୟକ ଲକ୍ଷଣାଦି ପୁଣି ପାରା ଓ ଗରମି-ବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍‌ଟ୍ରୋ ସାଲସା !—ତରଳ ଶୁକ୍ର ଗାଢ଼ କରିବାକୁ ଶୁଷ୍କବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି-ଅର୍ଥାତ୍—ମେହ,ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ର-ନାଳର ଶୁଷ୍କ ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ,

Digitized by srujanika@gmail.com

ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, ସ୍ୱପ୍ନ ମଳ ବେଗରେ ବୀର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ମରଣ-ଶକ୍ତି ହାନି, ମୁଣ୍ଡ ଘୂରିବା, ଚକ୍ଷୁର ଅସ୍ଥିରତା, ନିର୍ଜନ ପ୍ରିୟତା, ଚଳ୍ୟା ଫେରିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି; ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା:—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ କୃଶ ଶୀର୍ଣ୍ଣ ଦେହ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍‌ଟ୍ରୋ ସାଲସା:—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂସ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ:—ସୁଧା ଭ୍ରମରେ ବିଷ ଗ୍ରହଣ କର ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍‌ଟ୍ରୋ ସାଲସା" ତୁମ୍ଭ ରୋଗର ପ୍ରକୃତ ଔଷଧ ! ଯେବେହେଁ ଗୋଟିଏ ରୋଗୀ ସୁଦ୍ଧା ଅଦ୍ୟାବଧି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବା ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି - ସେମାନଙ୍କର ଓ ଅସଂଖ୍ୟ ଦୂର ଦେଶବାସୀ ରୋଗୀଙ୍କର ସୁବିଧାର୍ଥେ-ପୁଣି ଟେଲି-ଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ—ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଆମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜିଷ୍ଟ୍ରି କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଆମ୍ଭ ଅଫିସରେ ପହୁଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର:—ଆବିଷ୍କର୍ତ୍ତା—ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଅନ, ନିଉୟର୍କ ଆମେରିକା । ଭାରତବର୍ଷରେ ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର;—"ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ," କଲିକତା

☞ ଏତଦ୍ ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ

ଏହି ପରି ଅବିକଳ "ଟ୍ରେଡ଼ମାର୍କ" ଯେଉଁ ଶିଶିରେ ସଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ-ଦେଇ ପ୍ରମାଣ କରାଇପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

W. MAJOR & CO.'S MEDICAL LABORATORY CALCUTTA
TRADE MARK

ଆମେରିକା ଯୁକ୍ତରାଜ୍ୟ ନିଉୟର୍କ ନଗରବାସୀ ମହାବିଜ୍ଞ ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି ମହୋଦୟଙ୍କ ଆବିଷ୍କୃତ;—
"ଇଲେକ୍‌ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତିପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ଅଦ୍ଭୁତ ! ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଏ ନାହିଁ, ଡାକ୍ତରମାନେ ଯେଉଁ ରୋଗକୁ ଅସାଧ୍ୟ ବୋଲି ସିଦ୍ଧାନ୍ତ କରିଅଛନ୍ତି ଏହି ମହୌଷଧ ସେହି ରୋଗରେ ଦୃଷ୍ଟାନ୍ତ !

ଇଲେକ୍‌ଟ୍ରୋ ସାଲସା;—ନବୋଦ୍ଭାବିତ ଉପାୟରେ ରସାୟନିକ ପ୍ରକରଣରେ ତାଡ଼ିତଶକ୍ତି ସଂଯୁକ୍ତ ରହିବାରୁ ଶୀଘ୍ର ମାନବ ଦେହରେ ଏହାର ଅଦ୍ଭୁତ କ୍ରିୟା ପ୍ରକାଶ ପାଏ ଏବଂ ପ୍ରତ୍ୟେକଥର ଔଷଧ ସେବନାନ୍ତେ ମନରେ ହୁଏ ଯେମନ୍ତ ଶରୀରାଭ୍ୟନ୍ତରେ କୌଣସି ବୈଦ୍ୟୁତିକ କିମ୍ବା ସ୍ପନ୍ଦନ ହେଉଅଛି । ଏଥିପାଇଁ ଏହାର ଶକ୍ତିନିଚୟର ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ନିଦର୍ଶନ ।।

ବିଜ୍ଞାନ—ଆମ୍ଭମାନଙ୍କୁ ଶିକ୍ଷା ଦେଉଅଛନ୍ତି ଯେ ଜଗତର ରକ୍ଷଣର ମୂଳୋତ୍ପତ୍ତି ଶକ୍ତି ପ୍ରକୃତିରେ ଗୁପ୍ତ । ଜଗତର ପ୍ରକାଶ ବାହ୍ୟ ପ୍ରକୃତ ଦେହ ସଞ୍ଜୀବନୀ । ଏହି ଜଗତର ଏମନ୍ତ ଶକ୍ତି ଯେ ଔଷଧରେ ସଂଯୋଗ କରାଯାଇଛି ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କିଅଣ ?

ପାଶ୍ଚାତ୍ୟ ଶାସ୍ତ୍ରର ଶ୍ରେଷ୍ଠ ପଣ୍ଡିତମାନେ କହନ୍ତି, କାର୍ଯ୍ୟ ସ୍ୱପ୍ନଦୋଷର ଅନୁକୂଳତାରେ ଓ ସ୍ନାୟୁ ଦୁର୍ବଳତା ଅଭାବରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତିର ହ୍ରାସ ହୋଇ ଧାତୁ ସମୂହର ବିକୃତ ଘଟେ ଏବଂ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ଯଦି ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସମତା ଶରୀରାଭ୍ୟନ୍ତରରେ ରକ୍ଷା କରାଯାଇ ପାରେ ତେବେ ମାନବ ନିରୋଗୀ ଓ ଦୀର୍ଘାୟୁ ହେବାରେ ସନ୍ଦେହ ନାହିଁ । ମାତ୍ର ଔଷଧ ସମନ୍ୱିତ ହେଲେ ଉଭୟର ସମତା ରକ୍ଷା ହୋଇ ନ ପାରେ । ତାଡ଼ିତ ଶକ୍ତି ସଂଯୋଗ ବ୍ୟତୀତ କୌଣସି ଔଷଧରେ ସେ ଅଦ୍ଭୁତ ସମନ୍ୱୟ ଯୋଗ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ସ୍ଥିର କଲେ ରାସାୟନିକ ଉପାୟ ବା ତାଡ଼ିତଶକ୍ତି ଅବଲମ୍ବନ କରି ଏହି ରୋଗୀ ଦେହରେ ତାହାର ସାମ୍ୟକ ପ୍ରୟୋଗ କରିପାରିଲେ ପକ୍ଷାଘାତ, ସ୍ନାୟୁ ଦୌର୍ବଲ୍ୟ ପ୍ରଭୃତି ଜଟିଳ ରୋଗର ଅଧିକ ଉପଶମ କରିବାକୁ ସମର୍ଥ ହୁଅନ୍ତି । ଫଳରେ ଜିହ୍ୱା କିମ୍ବା ମଧ୍ୟ ଯେ ଅନାୟାସରେ ଏ କଥା ଶିକ୍ଷିତ ସମାଜକୁ ଏବେ ଆଉ ବୁଝାଇ ଦେବାକୁ ହେବ ନାହିଁ । ଅଛି ଏ ସଂସାରରେ ଯେଉଁ ମାନବ ମେଧାର ତାଡ଼ିତଶକ୍ତିର ଆବିଷ୍କାର ପ୍ରୟୋଗାର୍ଥ ତାହାକୁ ଚେଷ୍ଟା କରିଛନ୍ତି ସଂସାରରେ ସଂଯୋଗ କରି ଏହି ଅନେକ ଔଷଧ ସୃଷ୍ଟି କରି ଉପାଦାନ ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଚିକିତ୍ସାର୍ଥ ଅବ୍ୟର୍ଥ ଫଳାଫଳ ଦେଖି ଜଗତରେ ନୂତନ ଯୁଗ ଆଣି ଦେଉଅଛନ୍ତି !!

ଅଛି ଯାହାଙ୍କୁ ଅର୍ଥ ଓ ଅଶାନ୍ତି ଭୁଗାଉଛି ବିଶେଷ ସାଲସା ବା କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଛି ଯାହାଙ୍କୁ ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଅତେବ ଏହି ମହୌଷଧ ଏହି ମହାଶକ୍ତି, ଏହି ବୈଦ୍ୟୁତିକ ସଞ୍ଜୀବ "ଇଲେକ୍ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଦ୍ୟଃ ଶୁଭଫଳ ପାଇବ ଅକର୍ମଣ୍ୟ ଦେହ ପୁଣି କର୍ମକ୍ଷମ ହେବ, ଯୌବନକାଳୋଚିତ ବଳବୀର୍ଯ୍ୟ ଓ ସ୍ୱାସ୍ଥ୍ୟ ପୁଣି ଫେରି ପାଇବ ।

ରକ୍ତ ପିତ୍ତର ଦୃଷ୍ଟି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ ଗର୍ମି, ନାଲି ଘା, ଗାତୁକଣ୍ଡୁ, ଖାଜୁ, କୁଷ୍ଠ, ଗଣ୍ଡମାଳା, ପ୍ରମେହ, ଧାତୁ ଦୌର୍ବଲ୍ୟ, ବୀର୍ଯ୍ୟ ପାତଳ, ସ୍ୱପ୍ନଦୋଷ, ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ଉଠି ନ ବସିବା, ମୁଣ୍ଡ ଘୂରିବା, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା—ଯେତେ ଜଟିଳ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ ।

ବିଶେଷ ବିବରଣ ପୁସ୍ତିକା ବାଜେଦେବ ଦେଖ ! ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧।୦ ଶିଶିକୁ ଟ ୫, ୬ ଶିଶିକୁ ଟ ୧୦, ଡଜନକୁ ଟ ୧୮ ଡାକ ମାଶୁଲ ପଠାଇବାର ଭାଡ଼ା ଓ ପ୍ୟାକିଂ ଖର୍ଚ୍ଚ ଗୋଟି ଶିଶିରେ ଟ ୦।୵, ୩ ଶିଶିରେ ଟ ୦।୵, ୬ ଶିଶିରେ ୵, ଡଜନରେ ଟ ୧।୵ ।

ଆମ୍ଭମାନଙ୍କର ପତ୍ର ପଠାଇବାର ଠିକଣା

W. MAJOR & Co } ଡବ୍ଲିଉ, ମେଜର ଏଣ୍ଡ କୋ
Calcutta } କଲିକତା
TELEGRAPHIC ADDRESS.
"MAJOR" Calcutta

ଉତ୍କଳ ଦୀପିକାରେ ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ୵୦
ଅଧସ୍ତମ୍ଭକୁ ଟ ୬୯
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୧୯

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଖର୍ଚ୍ଚ ଟ ୦ ।୵ ରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଅର୍ଦ୍ଧେକ ଓ ତୃତୀୟାଂଶ ଯଥାକ୍ରମେ ହେବ । ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ପତ୍ର କଟକ ଉତ୍କଳ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ଼ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. C 81.

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.

ଭା ୩୭ ଶ | CUTTACK SATURDAY THE 15th November 1902. | ଅଗ୍ରୀମ ଟ ୩୯
ସ ୪୪ ସଂଖ୍ୟା | ୨୯ ଶ ମାର୍ଗଶିର ସନ ୧୩୧୦ ସାଲ ଶନିବାର | ପଶ୍ଚାଦେୟ ଟ ୬୯

## ବିଜ୍ଞାପନ ।

### NOTICE

Wanted a Work Sarkar for the Sadar Khasmahals of the District Puri. None need apply who has not passed the Final Survey Stadard Examination and has no experience in Surveying, Levelling, Estimating and Measurment works. Preference will be given to the candidate who has good knowledge in English. Applications with testimonials will be received by the undersigned upto the 18th November 1902.

Puri Collectorate 8—11—1902 — W. N. Delevingne, *Collector.*

### କର୍ମଖାଲି ।

ଏକଜଣ କାର୍ଯ୍ୟଦକ୍ଷ ତହସିଲଦାର ଆବଶ୍ୟକ । ଯାହାର କ ଜମିଦାରୀ କାର୍ଯ୍ୟରେ ବ୍ୟୁତ୍ପତ୍ତି ଥିବ ଏବଂ ହିସାବ ଯାଞ୍ଚ କରିପାରିବ; ଏରୂପ ଲୋକର ପ୍ରାର୍ଥନା ଗ୍ରାହ୍ୟ କରାଯିବ ଏବଂ ଦକ୍ଷତାନୁସାରେ ବେତନ ଦିଆଯିବ । କର୍ମପ୍ରାର୍ଥିମାନେ ପ୍ରଶଂସାପତ୍ର ସହିତ ଆବେଦନ କରିବେ । ଆବେଦନ ପତ୍ର ଆମ୍ଭ ନାମରେ ଉତ୍କଳ ଦୀପିକା ସମ୍ପାଦକ ମହାଶୟଙ୍କ ନିକଟକୁ ପଠାଇବାକୁ ହେବ ।

D. O. B. MOORE,
Asureswar Estate
Dt. Cuttack.

### NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

### ଏ, ଏଚ୍, ଏସ୍, ଏଣ୍ଡ କୋମ୍ପାନି ।

## ଆର୍ଯ୍ୟଶଙ୍କର ଔଷଧାଳୟ ।

### ଶାନ୍ତିବାର ସୁଧା

ଅବା

### ଶାନ୍ତିବାର ସୁଧା ବଟିକା ।

ସର୍ବପ୍ରକାର ଜ୍ୱରର ଏକମାତ୍ର ଅବ୍ୟର୍ଥ ମହୌଷଧ ନବଜ୍ୱର, ପୁରାତନ ଜ୍ୱର, ସ୍ୱଳ୍ପବିରାମ ଜ୍ୱର, ସବିରାମ ଜ୍ୱର, ମାଲେରିଆ ଜ୍ୱର, ଯକୃତ ଓ ପ୍ଲୀହାସଂଯୁକ୍ତ ଜ୍ୱର ପ୍ରଭୃତି ସର୍ବବିଧ ଜ୍ୱର ଏହି ଔଷଧ ସେବନରେ ଆରୋଗ୍ୟ ହୁଏ, ଏହା ଶୋଥ ଓ କୋଷ୍ଠବଦ୍ଧ ରୋଗନାଶକ ଅଟେ ।

ମୂଲ୍ୟ ବଡ ବୋତଲ ଟ ୧୯
„ ଛୋଟ „ ଟ ୦୧୵
ମୂଲ୍ୟ ବଡ ଫରୁଆ ଟ ୧୯
„ ଛୋଟ ଟ ୧୵

### ଶକ୍ତି ସଞ୍ଚାରଣୀ ପାଲସା ।

ଏହା ସର୍ବ ଋତୁରେ ବ୍ୟବହାର ହୋଇପାରେ, ଏହାର ବ୍ୟବହାର ନିମନ୍ତେ କୌଣସି କଡାକଡି ନିୟମ ନାହିଁ । ଭଲ ବେଳେ ଲୋକେ ଯେରୂପ ସାଂସାରିକ କାର୍ଯ୍ୟ କରୁଥାନ୍ତି ଔଷଧ ସେବନ କାଳରେ ସେହିରୂପ ସବୁ କରି ପାରନ୍ତି । ଏହା ପ୍ରଚଳିତ ଦେଶୀ ଓ ବିଦେଶୀ ସାଲସା ମଧ୍ୟରେ ସର୍ବୋତ୍ତମ ଓ ବଳକାରକ ଅଟେ । ଏଥିର ଉପାଦାନ ସବୁ ଅନ୍ୟ ଔଷଧରେ ଅପ୍ରାପ୍ୟ । ଏଥିରେ ପାରଦ ଅବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ବା ଅପକାରକ ପଦାର୍ଥ ନାହିଁ ।

ମୂଲ୍ୟ ଏକ ଶିଶି ଟ ୧। ଡାକମାସୁଲ ଟ ୦।୵

### ଶ୍ୱେତ କରଭନ ।

ଏହା ତିନ ଚାରି ଦିବସ ବ୍ୟବହାରରେ ଭୟାନକ ପ୍ରକାରର ଉପଦଂଶ ରୋଗ ଆରୋଗ୍ୟ କରିବ । ବ୍ୟବହାରରେ କୌଣସି ଯନ୍ତ୍ରଣାର ଭୟ ନାହିଁ । ଏହା ପାରଜନିତ ଚର୍ମରୋଗ ଓ ନାଳଘା ଭଲ କରେ । ଏହା ନିୟମିତରୂପେ ବ୍ୟବହାର କଲେ କୁଷ୍ଠରୋଗ ମଧ୍ୟ ଆରୋଗ୍ୟ ହୁଅଇ । ଏଥିରେ କୌଣସି ଅନିଷ୍ଟକର ପଦାର୍ଥ ନାହିଁ ।

ପ୍ରତି ବାକ୍ସର ମୂଲ୍ୟ ଟ ୦୵ ଡାକମାସୁଲ ଟ ୦

### ଦଦ୍ରୁ ବିନୋଦନ ।

ଏହା ନୂତନ ଓ ପୁରାତନ ସର୍ବବିଧ ଦଦ୍ରୁ (ଯାଦୁ) ନାଶକ ଏହା ସମ୍ପୂର୍ଣ୍ଣରୂପେ ହିତକାରକ ଅଟେ । ଏଥିରେ ପାରଦ ଓ ଅନ୍ୟ ପ୍ରକାର କୌଣସି ଅନିଷ୍ଟକର ପଦାର୍ଥ ନାହିଁ । ଏହା କୌଣସି ଯନ୍ତ୍ରଣାଦାୟକ ନୁହେ ।

### ବାତ ରୋଗର ସ୍ପେସିଫିକ

### ବିଷ୍ଣୁ ତୈଲ ।

ଏହା ଆମବାତ ରୋଗର ନାଶକ ଔଷଧ ।

ଏହା ସକଳ ପ୍ରକାର ବାତରୋଗ ଆରୋଗ୍ୟ କରେ । ଗଣ୍ଠିବାତ ପୃଷ୍ଠଦେଶ ଅବା ବକ୍ଷସ୍ଥଳର ପୀଡ଼ା ଆରୋଗ୍ୟ କରିବାରେ ଆଶ୍ଚର୍ଯ୍ୟଜନକ ଔଷଧ । ପ୍ରକୃତରେ ଏହା ସର୍ବବିଧ ବାତରୋଗର ସର୍ବୋତ୍କୃଷ୍ଟ ଓ ଅବ୍ୟର୍ଥ ମହୌଷଧ ।

Digitized by srujanika@gmail.com

ମୂଲ୍ୟ ପ୍ରତି ଶିଶି ଟ ୦।୰ ଡାକମାସୁଲ ଟ ୦।୵
ଭି, ପି, କମିସନ ଟ ୦।୵

### ଶଙ୍କର-ସୁଧା ।

ମେହ ରୋଗର ଅବ୍ୟର୍ଥ ମହୌଷଧ । ଏପର୍ଯ୍ୟନ୍ତ ଏପ୍ରକାର ଔଷଧ ଆବିଷ୍କାର ହୋଇ ନାହିଁ । ଠିକ୍ ଔଷଧ ଅଭାବରୁ ଦଶଜଣ ମଧ୍ୟରୁ ନଅଜଣ ଏହି ଭୟାନକ ରୋଗରୁ କଷ୍ଟ ପାଉଅଛନ୍ତି । ଆମ୍ଭମାନଙ୍କର ସ୍ପେସିଫିକ ଏହି ଭୟାବହ ରୋଗ ଆରୋଗ୍ୟ କରିବାକୁ ସମର୍ଥ । ଏହା ସେବନ କଲେ ସକଳ ପ୍ରକାର ମେହରୋଗ ଓ ତଜ୍ଜନିତ ପୀଡ଼ା ଶୁକ୍ରର ହ୍ରାସ ମୂତ୍ରଜ୍ୱାଳା ଇକ୍ଷୁମେହ, ମୂତ୍ରକୃଚ୍ଛ୍ର ଓ ପ୍ରସ୍ରାବକାଳେ ଶୁକ୍ରର ତରଳତା ପ୍ରଭୃତି କଷ୍ଟ ଆରୋଗ୍ୟ ହୁଏ । ଏହା ସ୍ତ୍ରୀମାନଙ୍କର ବାଧକ ପ୍ରଦର ଓ ରକ୍ତ ସ୍ରାବ ଆରୋଗ୍ୟ କରଇ ।

ମୂଲ୍ୟ ଏକ ଶିଶି ଟ ୧୲ ଡାକମାସୁଲ ଟ ୦।୵
ଠିକଣା ନଂ ୫ ମ୍ବର ଲାଲ ଓ୍ୱାଗରସଲେନ
ବହ୍ନିପଡ଼ା, କଲିକତା ।

## ବିଜ୍ଞାପନ ।

ବର୍ତ୍ତମାନ୍ ସ୍କୁଲ ପାଠ୍ୟ ସହଜପଦ୍ଧତିରେ ସମାଧାନ ପ୍ରକାଶିତ ହୋଇ ସାମାନ୍ୟ ମୂଲ୍ୟ ଟ ୦।୵ ଧାର୍ଯ୍ୟ ହୋଇଅଛି । ପୁସ୍ତକବିକ୍ରେତାଙ୍କ ନିକଟରେ ଏବଂ ଆମ୍ଭ ନିକଟରେ ମିଳିବ ।

ଶ୍ରୀ ମୃତ୍ୟୁଞ୍ଜୟ ରଥଶର୍ମା ।
ଚୂଡ଼ାଙ୍ଗଡ଼, କଟକ ।


### ନୋଟିସ ।

ଆମ୍ଭେ ସୟଦ ଗୋଲାମ ମହମ୍ମଦ ଡାକନାମ କାବୁଲି ସାହେବ ସାଃ ଦ୍ୱାଃ ସୁନହାଟ ପ୍ରଃ ଜାଯମା ଜିଲା ବାଲେଶ୍ୱର ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ଶ୍ରୀ ଭଗବାନଚରଣ ମହାନ୍ତି ଓରଫ ମଣି ମହାନ୍ତି ସାଃ କୁଲ ପ୍ରଃ ଜାଯମା ଆମ୍ଭର ଗୁମାସ୍ତା କାର୍ଯ୍ୟ କରୁଥିଲେ । ଏଣୁ ତାଙ୍କ ନାମରେ ଆମ୍ଭ ତରଫରୁ ଆମମୋକ୍ତାରନାମା ଥିଲା ମାତ୍ର ତାଙ୍କୁ ଆମ୍ଭେ ସନ ୧୩୧୦ ସାଲ ଗତ କାର୍ତ୍ତିକ ମାସ ତା ୧ ରିଖରୁ ଆମ୍ଭର କାର୍ଯ୍ୟରୁ ଅବ୍ୟାହତି ଦେଇ ବରଖାସ୍ତ କରିଅଛୁଁ ଅତଏବ ଉକ୍ତ ତାରିଖଠାରୁ ତାଙ୍କ ନାମରେ ଥିବା ଆମ୍ଭ ତରଫର ଆମମୋକ୍ତାରନାମା ରଦ କରାଗଲା । ଉକ୍ତ ଦିନଠାରୁ ସେ ଆମ୍ଭର କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରି ନ ପାରିବେ । କରିବାରବେଳେ କାର୍ଯ୍ୟରେ ଅସିଦ୍ଧ ଏହି ମର୍ମରେ ଏ ନୋଟିସଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଗଲା । ଇତି ।

ସୁନହାଟ | Sayed Abdul Wahid On behalf of Sayed Golam Mohomed, Kabuli Saheb.
ତା ୬।୧୧।୧୯୦୭


## ବିଜ୍ଞାପନ ।

## ଫନ୍ଲେନ ପରିଚୀୟତେ

କବିରାଜ ଶ୍ରୀଛକଡ଼ି କର କବିରତ୍ନଙ୍କର

### ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-
ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଆଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସତ୍ୱର ପ୍ରେରିତ ହୁଏ ।

### ବ୍ରାହ୍ମୀ ଘୃତ

ଆଜିକାଲି ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତିମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ଥୂଳମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତ ଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣରେ ଏହା ସଦ୍ୟ ଫଳପ୍ରଦ ।

ଏକଟିନର ମୂଲ୍ୟ ଟ ୬ ୧

### ଶ୍ରୀକୃଷ୍ଣ ବଟିକା ।

ଏହି ଔଷଧ ଗର୍ଭ ପ୍ରସୂତିକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ଗର୍ଭ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

### କଲ୍ୟାଣରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମି ) କ୍ଷତ, ପାରଦାଦି ଦୋଷଜନିତ ଶରୀରରେ କଳା ଓ ରଙ୍ଗା ଦାଗ; ଫୋଟକୋପୁଡ଼ି ଓ ବାତ ପ୍ରଭୃତି କଷ୍ଟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୲ ମାତ୍ର ।
ଏକକେ ଛଅଶିଶି ନେଲେ ଟ ୫୧ ଙ୍କା ଲାଗେ ।

ଚୌଧୁରୀ ବଜାର } ଶ୍ରୀ ଛକଡ଼ି କର କବିରତ୍ନ ।
କଟକ } ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ ।

### ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ରାୟଗଡ଼, ସରେଇକଲା, ସୋନପୁର, ପାଟଣା, ବଉଦ, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଅଠଗଡ଼, ଗାଙ୍ଗପୁର, ତାଳଚେର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଯୋଡ଼ି, ଦୋପଟା, କିଂଖାପ, ଚାଦର, ଝଙ୍ଗୀ, ଦୋପଟ୍ଟା ମଣ୍ଡିଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଜରିଦାର ବସ୍ତ୍ର ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତୟାର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଉତ୍ତର ମାତ୍ର ଲଫାପାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲ୍ଲୁମାଲ ଗୋକୁଳନାଥ
ଭୁଟନେ ଫାଟକ ବନାରସ ସିଟି


Split by PDF Splitter
Digitized by srujanika@gmail.com

Split by PDF Splitter



# ଉତ୍କଳଦୀପିକା ।

ଗତ ପ୍ରକାଶିତ ସରକାରୀ ସାପ୍ତାହିକ ତାଲିକାରୁ ପ୍ରକାଶ ଯେ ଭାରତରେ ପେଲେଗ ରୋଗର ଉପଦ୍ରବ କମୁ ଜଣାପଡୁଅଛି । ଉକ୍ତ ସପ୍ତାହରେ ଜ୮,୯୧୫ ଣ ଏ ରୋଗରେ ମରି ପଡିଥିଲେ । ମାତ୍ର ତହିଁପୂର୍ବ ସପ୍ତାହର ମୃତ୍ୟୁ ୧୦,୪୯୧ ଥିଲା । ଅଧିକାଂଶ ଅର୍ଥାତ୍ ୫,୨୦୦ ମୃତ୍ୟୁ ଏହା ବମ୍ବେଇ ପ୍ରଦେଶରେ ତହିଁତଳେ ୧,୧୩୧ ମୃତ୍ୟୁ ମହୀଶୂରରେ ୭୫୭ ଯୁକ୍ତ ପ୍ରଦେଶ ଏବଂ ୭୭୭ ପଞ୍ଜାବରେ ଘଟିଥିଲା । ଅନ୍ୟାନ୍ୟ ପ୍ରଦେଶର ମୃତ୍ୟୁ ସାମାନ୍ୟ ଅଟେ ।

---

ବମ୍ବେଇର ବିଖ୍ୟାତ ପାରସୀ ଦାଦା ଭାଇ ନୌରୋଜୀ ବିଲାତରେ ଥାଇ ଭାରତର ମଙ୍ଗଳ ନିମନ୍ତେ ସର୍ବଦା ଯେପରି ଚେଷ୍ଟା ଓ ପରିଶ୍ରମ କରୁଅଛନ୍ତି ତାହାଉକ ଅଜଣା ନାହିଁ । ତାହାଙ୍କ ପରି ଜଣେ ବିଚକ୍ଷଣ ଦେଶହିତୈଷୀ, ରାଜନୀତିଜ୍ଞ ଏବଂ ତର୍କପଟୁ ଦୁର୍ଲଭ ଅଟେ । ଏଥିପୂର୍ବେ ସେ ଥରେ ପାର୍ଲିମେଣ୍ଟ ସଭାର ସଭ୍ୟ ହୋଇଥିଲେ । ସମ୍ପ୍ରତି ପୁନର୍ବାର ସଭ୍ୟ ହେବାର ଚେଷ୍ଟା କରୁଅଛନ୍ତି ଏବଂ କେତେ ଲୋକ ତାହାଙ୍କର ସହାୟ ହୋଇଅଛନ୍ତି । ସେ ସଭ୍ୟ ନିର୍ବାଚନରେ କୃତକାର୍ଯ୍ୟତା ଲାଭ କଲେ କେତେ ଆନନ୍ଦର ବିଷୟ ହେବ ।

---

ମାନ୍ୟବର ବଙ୍ଗେଶ୍ୱର ସରଜନ ଉଡବର୍ନଙ୍କର ଶରୀର ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇ ନାହିଁ । ଦାର୍ଜିଲିଂରୁ କଲିକତାକୁ ଆସିବାବେଳେ ରେଲଗାଡିରୁ ବିଛଣା ସହିତ ତାହାଙ୍କୁ ଓହ୍ଲାଇ ଡୋଲିରେ ଶୁଆଇ କଲିକତାର ପ୍ରାସାଦକୁ ନେଇ ଆସିଥିଲେ । ବଡ ଆନନ୍ଦର ବିଷୟ ଯେ କଲିକତାରେ ତାହାଙ୍କର ଶରୀର ଅନେକ ଭଲ ହୋଇଅଛି ଏବଂ ସେ ବିନା ସାହାଯ୍ୟରେ ଗତ ତା ୭ ଖରେ ଜାହାଜରେ ଚଢି ବାୟୁ ସେବନାର୍ଥେ ସମୁଦ୍ର ଭ୍ରମଣ କରୁଅଛନ୍ତି । ଜାହାଜ ସହରେ ସାଗର ଦ୍ୱୀପ ନିକଟରେ ରହୁଅଛି ଏବଂ ଦିନବେଳେ ସମୁଦ୍ରରେ ବୁଲୁଅଛି । ଏଥିମଧ୍ୟରେ ଅନେକ ଉପକାର ହେବାର ମଧ୍ୟ ସମ୍ବାଦ ଆସୁଅଛି । ଈଶ୍ୱର ତାହାଙ୍କୁ ଶୀଘ୍ର ଆରୋଗ୍ୟ କରନ୍ତୁ ।

---

ନିମ୍ନଶିକ୍ଷାର ବିସ୍ତାର ଅଭିପ୍ରାୟରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଅଧିକ ଟଙ୍କା ଦାନ ଏବଂ ତହିଁସଙ୍ଗେ ପରିଦର୍ଶକ କର୍ମଚାରୀ ବୃଦ୍ଧି କରିବାର ପାଠକମାନଙ୍କୁ ଜଣାଅଛି । ଓଡ଼ିଶା ନିମନ୍ତେ ଜ ୧୧ ଣ ଅଧିକା ସବ୍ ଇନସ୍ପେକ୍ଟର ମଞ୍ଜୁର ହୋଇଅଛି । ଯଥା କଟକରେ ଜ ୫ ଣ ଏବଂ ବାଲେଶ୍ୱର ଓ ପୁରୀ ପ୍ରତ୍ୟେକ ଜିଲ୍ଲାରେ ଜ ୩ ଣ । ଏହି ସବ୍ ଇନସ୍ପେକ୍ଟରମାନେ ନିକଟରେ ନିଯୁକ୍ତ ହେବାର ଥିବାରୁ ଅନେକଲୋକ ଆବେଦନ କରୁଅଛନ୍ତି ଏବଂ କେଉଁମାନେ ନିଯୁକ୍ତ ହେବାର ଯୋଗ୍ୟ ତହିଁର ଚର୍ଚ୍ଚା ଲାଗିଅଛି । ଆମ୍ଭେମାନେ ବୁଝିଅଛୁଁ ଯେ ଗବର୍ଣ୍ଣମେଣ୍ଟ ସ୍କୁଲ ସବ୍ ଇନସ୍ପେକ୍ଟର ନିଯୋଗ ବିଷୟରେ ଏକ ନିୟମାବଳୀ ପ୍ରସ୍ତୁତ କରିଅଛନ୍ତି ଏବଂ ତହିଁରେ ଲେଖାଅଛି କି ବି, ଏ, ପାସ ଏବଂ ତଦଭାବରେ ବ ୩ ର୍ଷ ଶିକ୍ଷକତାକାର୍ଯ୍ୟ କରିଥିବା ଏଫ, ଏ, ପାସ କରିଥିବା ବ୍ୟକ୍ତିର ପ୍ରାର୍ଥନା ଅଗ୍ରଗଣ୍ୟ ହେବ । ଏ ପ୍ରଦେଶରେ ବି, ଏ, ଓ ଏଫ, ଏ, ପାସ କରିଥିବା ବ୍ୟକ୍ତିର ଅଭାବ ନ ଥିବା ସ୍ଥଳେ ଚଳନ୍ତି ବିଷୟ ଆଉ କି ଅଛି ଯେ ତହିଁର ବିଶେଷ ଚର୍ଚ୍ଚା ଆବଶ୍ୟକ ?

---

ସମ୍ବଲପୁର ହିତୈଷିଣୀରେ ପାଠ କଲୁଁ କି ବୃଷ୍ଟି ନ ହେବାରୁ ବାମଣ୍ଡା ଗଡର ଚାଉଳ ବିକ୍ରେତାମାନେ ଏହାବେଳେ ଦୋକାନ ବନ୍ଦ କରିଦେବାରେ ଲୋକଙ୍କର ଭାରି କଷ୍ଟ ହୋଇଥିଲା । ମହାରାଜା ପ୍ରଧାନ ଚାଉଳ ବିକ୍ରେତାଙ୍କୁ ଡକାଇବାରେ ସେମାନେ ମହାରାଜଙ୍କର ସାହାଯ୍ୟ ବିନା କିଛି କରି ନ ପାରିବାର ଉତ୍ତର ଦେଲେ । ଏଥିରୁ ବାବୁ ବୃନ୍ଦାବନଚନ୍ଦ୍ର ଦେବ କହିଲେ କି ଯେବେ ତାହାଙ୍କ ବିନା ସହରରେ ଆଉ କେହି ଚାଉଳ ବିକ୍ରୟ କରିପାରିବେ ନାହିଁ ଏପରି ନିୟମ ହେବ ତେବେ ସେ ସର୍ବଦା ଚାଉଳ ବିକ୍ରୟ କରିବାର ଭାର ନେବେ । ମହାରାଜା ଏହି ନିୟମରେ ସମ୍ମତ ହେବାରୁ ବାବୁ ମହାଶୟ ଚାଉଳ ବିକ୍ରୟ କରୁଅଛନ୍ତି ଏବଂ ଲୋକଙ୍କର ଆଉ କିଛି କଷ୍ଟ ହେଉ ନାହିଁ । ଏଥିରୁ ବାମଣ୍ଡାର କୃଷିର ଅବସ୍ଥା ଏ ବର୍ଷ ମନ୍ଦ ଥିବାର ଜଣାଯାଉଅଛି । ଯାହାହେଉ ଏକଚାଟିଆ ବ୍ୟବସାୟ ଅବାଧ ବାଣିଜ୍ୟ ପ୍ରଣାଳୀର ବିରୋଧୀ ଅଟେ । ସମ୍ଭବତଃ ଅଗତ୍ୟା ମହାରାଜା ଏ ବନ୍ଦୋବସ୍ତ କରିବାକୁ ସମ୍ମତ ହୋଇଅଛନ୍ତି ଏବଂ ତହିଁସଙ୍ଗେ ବିକ୍ରୟର ଦର ମଧ୍ୟ ନିର୍ଣ୍ଣୟ କରିଦେଇଅଛନ୍ତି ।

---

ମାନ୍ୟବର ବଙ୍ଗୀୟ ଲେଫ୍ଟେନାଣ୍ଟ ଗବର୍ଣ୍ଣର ବାହାଦୁର ଘୋଷଣା ପ୍ରଚାର କରିଅଛନ୍ତି କି କଲିକତାର କଷ୍ଟମ ଷ୍ଟିମାଷ୍ଟର, ଦଲିଲ ରେଜଷ୍ଟ୍ରାର, ଷ୍ଟାମ୍ପ କଲେକ୍ଟରି ଏବଂ ରେବିନ୍ୟୁ ବୋର୍ଡଙ୍କର ଦପ୍ତର ବାଦ ଏବଂ ଅଫିମ କାର୍ଯ୍ୟଛଡା ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ଅଧୀନ ସମସ୍ତ କଲେକ୍ଟରି ଓ ଫଉଜଦାରୀ ଅଦାଲତମାନ ପ୍ରବଳ ପ୍ରତାପ ଭାରତ ସମ୍ରାଟ୍ ଏଡୁଆର୍ଡ ୭ମ ଏବଂ ରାଣୀ ଏଲେକଜାଣ୍ଡ୍ରାଙ୍କର ଶୁଭ ରାଜ୍ୟାଭିଷେକ ଉତ୍ସବ ପ୍ରତିପାଳନାର୍ଥେ ଭାରତରେ ଯେଉଁ ଦରବାର ହେବାର ସ୍ଥିର ହୋଇଅଛି ତହିଁ ନିମନ୍ତେ ଆସନ୍ତା ଜାନୁଆରୀ ମାସ ତା ୨ ରିଖଠାରୁ ତା ୮ ରିଖ ପର୍ଯ୍ୟନ୍ତ ବନ୍ଦ ହେବ । ଏଥିରୁ ପାଠକମାନେ ବୁଝିବେ ଯେ ବାଣିଜ୍ୟ ବ୍ୟବସାୟ ସମ୍ବନ୍ଧୀୟ କାର୍ଯ୍ୟ ନିର୍ବାହାର୍ଥେ କଲିକତା ସହରର ଯେ ସମସ୍ତ ମହକୁମା ମୁକୁଳା ନ ରହିଲେ ନ ଚଳେ କେବଳ ସେହି ସମସ୍ତ ସରକାରୀ କଚେରି ଛଡା କଲିକତାର ଅନ୍ୟ ରାଜସ୍ୱ ଏବଂ ଫଉଜଦାରୀ ଅଦାଲତମାନ ଏବଂ ମୋଫସଲ ଅର୍ଥାତ୍ ଜିଲ୍ଲା ଓ ସବଡିଭିଜନମାନଙ୍କର ସମସ୍ତ କଲେକ୍ଟରୀ ଓ ଫଉଜଦାରୀ କଚେରିମାନ ଏକ ସପ୍ତାହ ବନ୍ଦ ହେବ । ବଡ଼ଦିନ ଓ ଶେଷଦିନ ଉପଲକ୍ଷରେ ଡିସେମ୍ବର ମାସ ତା ୨୪ ରିଖଠାରୁ ଜାନୁଆରୀ ମାସ ତା ୧ ରିଖ ପର୍ଯ୍ୟନ୍ତ କଚେରୀ ବନ୍ଦ ଅଛି । ତହିଁଉପରେ ଏହି ଦ୭ନ ସୁତରାଂ ମୋଟରେ ଦ ୧୬ ନ କଚେରୀ ବନ୍ଦ ହେବ । ଏତେ ଲମ୍ବ ଛୁଟୀ କର୍ମଚାରୀମାନଙ୍କର ଭାଗ୍ୟରେ କେବେ ଘଟି ନ ଥିଲା ।

---

ବମ୍ବେଇବାସୀ ଶ୍ରୀଯୁକ୍ତ ଖୋରସେଦଜି ଟସାସ୍ୱବଜିସାବାଲ ଖାଦ୍ୟ ନିମନ୍ତେ ଗାଈ ଏବଂ ମାଈ ମହିଷ ମାରିବା ନିଷେଧ କରିବା କାରଣ ମହାମାନ୍ୟ ଗବର୍ଣ୍ଣରଜେନରଲଙ୍କ ସମୀପକୁ ଏକ ଆବେଦନ ପତ୍ର ପଠାଇଅଛନ୍ତି । ସେ ଦେଖାଇଅଛନ୍ତି କି ଭାରତବାସୀ ଇଂରାଜ ସୈନ୍ୟ ଏବଂ ଇଉରୋପୀୟ ଓ ମୁସଲମାନ ଲୋକଙ୍କର ଖାଦ୍ୟ ନିମନ୍ତେ ଶତକଡା ୯୦ ଗାଈ ଏବଂ ଶତକଡା ୧୦ ମାଈ ମହିଷ ପ୍ରତିବର୍ଷ ହତ୍ୟା ହୁଅନ୍ତି । କୃଷକ ଶ୍ରେଣୀର ଲୋକଙ୍କର ଦରିଦ୍ରତା, ଯୋତ ଜମିର ଅଳ୍ପତା ଏବଂ ଠାବେ ଠାବେ ମାଟିର ଅବସ୍ଥା ଏପରି ଯେ ଅନ୍ତତଃ ଦୀର୍ଘକାଳ ପର୍ଯ୍ୟନ୍ତ ଧୂଆଁ କଳ ଯୋଗେ ଜମି ଆବାଦ କରିବାର କୌଣସି ସମ୍ଭାବନା ନାହିଁ । ଅତଏବ ଯେ ଉପାୟରେ ହଳୁଆ ବଳଦ ଓ ମହିଷ ଶସ୍ତା ହେବ ତାହା କରିବା ଏକାନ୍ତ ପ୍ରୟୋଜନ । ମାଈଗୋରୁ ମହିଷ ହତ୍ୟା ଆଇନଦ୍ୱାରା ଏହାବେଳେ ନିଷେଧ ହେଲେ ମାଂସର ଅଭାବ ନ ହୋଇ ବରଂ ଅଧିକ ହେବ କାରଣ ମାଈ ମହିଷ ଓ ଗାଈ ରକ୍ଷା ପାଇଲେ ସମୟରେ ଉଭୟ ମାଈ ଓ ଅଣ୍ଡିରା ଗୋମହିଷର ଫଳ ବଢିବ । ଦିଲ୍ଲୀଦରବାର ସମୟରେ ଗବର୍ଣ୍ଣମେଣ୍ଟ ଏହି ବିଷୟରେ ଆଇନ କରିବାର ଘୋଷଣା କଲେ ଅତ୍ୟନ୍ତ ସୁଖର ବିଷୟ ହେବ । ଆମ୍ଭମାନଙ୍କ ବିବେଚନାରେ ଆବେଦନକାରୀଙ୍କ-

Digitized by srujanika@gmail.com

Split by PDF Splitter



ଙ୍କର ପ୍ରାର୍ଥନା ହିତକର ଏବଂ ଯୁକ୍ତିସଙ୍ଗତ ଅଟେ ଏବଂ ଏକାନ୍ତ ବିଶ୍ୱାସ ଯେ ଏହା ସମସ୍ତ ଭାରତବାସିଙ୍କ ମତକୁ ଯୋଜନ । ଅମ୍ଭେମାନେ ଶୁଣିଅଛୁଁ ଯେ ବଙ୍ଗଳରେ ସୁଦ୍ଧା ମାଂସନିମନ୍ତେ ମାଈ ଗୋରୁ ହତ୍ୟା କରିବାର ନିୟମ ନାହିଁ । ତାହା ହେଲେ ଭାରତରେ ତହିଁର ବିପରୀତ ହେବା ନିତାନ୍ତ ଅନ୍ୟାୟ କାରଣ ବଙ୍ଗଳ ଅପେକ୍ଷା ଭାରତରେ ଗାଈର ପ୍ରୟୋଜନ ଅନେକ ପରିମାଣରେ ଅଧିକ ।

---

ଭାରତ ସମ୍ରାଟଙ୍କର ରାଜ୍ୟାଭିଷେକ ଉତ୍ସବ ନିମନ୍ତେ ଗତ ତା ୧୦ ଋଖ ସୋମବାର ଦିବସ ଦୂଲଙ୍କ କମିଶ୍ନରୀ କଚେରୀ ଗୃହରେ ଏଠା ସାଧାରଣ ସଭାର ଏକ ଅଧିବେଶନ ହୋଇଥିଲା ।

ସଭାରେ କଟକର କଲେକ୍ଟର ଫିସର ସାହେବ, କପ୍ତାନ ଉଇଲଫୋର୍ଡ଼ ଏବଂ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ହାଇଟ୍ ସାହେବ ଏହି ତିନିଜଣ ଇଉରୋପୀୟ ଏବଂ ଶ୍ରୀଯୁକ୍ତ କେ, ଜି, ଗୁପ୍ତ କମିଶନର, ଶ୍ରୀଯୁକ୍ତ ବି, ସି, ମିତ୍ର ଜିଲ୍ଲା ଜଜ୍ ଓ ପ୍ରାୟ ଜ ୨୫ ଣ ଦେଶୀୟ ଭଦ୍ରଲୋକ ଉପସ୍ଥିତ ଥିଲେ ।

ସଭାରେ ନିମ୍ନଲିଖିତ କାର୍ଯ୍ୟମାନ ହୋଇଥିଲା ।

୧ । ଚେୟାରମାନ ଶ୍ରୀଯୁକ୍ତ କେ, ଜି, ଗୁପ୍ତ ସାହେବ କମିଶନର ସଭାପତିର ଆସନ ଗ୍ରହଣ ପୂର୍ବକ ସଭାର ଉଦ୍ଦେଶ୍ୟ ସମସ୍ତ ବୁଝାଇ ଦେଇ ଓଡ଼ିଶା ବିଭାଗ ନିମନ୍ତେ ଗୋଟିଏ ସାଧାରଣ ଦରବାର ହେବା ବିଷୟରେ ଗବର୍ଣ୍ଣମେଣ୍ଟଙ୍କର ସମ୍ମତି ସମସ୍ତଙ୍କୁ ଜଣାଇ ଦେଲେ ।

୨ । ଗୋଟିଏ କାର୍ଯ୍ୟକାରୀ ସମିତି ଗଠିତ ହେଲା ଯେ ନିମ୍ନଲିଖିତ ଭଦ୍ର ବ୍ୟକ୍ତିମାନେ ତହିଁର ସଭ୍ୟ ନିଯୁକ୍ତ ହେଲେ । ଯଥା—

| | |
|---|---|
| କଟକର କଲେକ୍ଟର | ରାୟ ସାହେବ ବେଣୀମାଧବ ମିଶ୍ର |
| ବାଲେଶ୍ୱରର କଲେକ୍ଟର | ବାବୁ ନରେନ୍ଦ୍ରନାଥ ମିତ୍ର |
| ପୁରୀର କଲେକ୍ଟର | ବାବୁ ବି, ସି, ଗୁପ୍ତ |
| ଅନୁଗୁଳର ଡେଃ କମିଶନର | ମୌଲବୀ ଅବ୍ଦୁସ୍ ସମଦ |
| ବାବୁ ଜୟରାମ ଦାସ | ମିଃ ଅହମଦ ଗନ୍ |
| ବାବୁ ଜାନକୀନାଥ ବୋଷ | ମିଃ ଏଇଚ୍ ବାଇସେ |
| ବାବୁ ନିମାଇଚରଣ ମିତ୍ର | କମିଶ୍ରିଙ୍ଗ ଅଫିସର, କଟକ |
| ବାବୁ ଗୌରୀଶଙ୍କର ରାୟ | ଫର୍ଲ୍ଲୁ କପ୍ତାନ |
| ମିଷ୍ଟର ଏମ୍, ଏସ୍, ଦାସ | ବାବୁ ରାଧାପ୍ରସାଦ ଭଗତ |
| ବାବୁ ଗୋ[illegible] ଚୌଧୁରୀ | ଇଉସୁଫ ଅହମଦ ମଲ୍ଲା |
| ବାବୁ ମାୟାଧର ଦାସ | ରେଭରେଣ୍ଡ, ଜ, ହାଉଏଲ୍ସ |
| ରାୟ ଯୋଗେଶ୍ୱର ଚନ୍ଦ | ମିଷ୍ଟର ଟି, ସି, ବଲ |
| ଚନ୍ଦ ବାହାଦୁର | ମିଷ୍ଟର ଜେ, ଏସ୍ ଗହଡ |
| ରାୟ ହରିବଲ୍ଲଭ ବୋଷ | ମୌଲବୀ ଅବଦୁଲ ବାରି |
| ବାହାଦୁର | ଏସ୍ ମହମ୍ମଦ ନୁରଲ ହକ |
| ବାବୁ ସୁଦାମଚରଣ ନାୟକ | ଖାନ ସାହେବ ମହମ୍ମଦ |
| ବାବୁ ଶ୍ରୀଗୋପାଳ ଚକ୍ରବର୍ତ୍ତୀ | ପୋଷ୍ଟଅଫିସର ସୁପରିଣ୍ଟେଣ୍ଡେଣ୍ଟ କଟକ |
| ବାବୁ ଅନଙ୍ଗମୋହନ ମୁଖର୍ଜି | |
| ମିଷ୍ଟର, ଏଇଚ୍, ଏ, ପାର୍କ | ଟେଲିଗ୍ରାଫର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ |
| ବାବୁ ଅନ୍ନଦାଲାଲ ବୋଷ | |
| ବାବୁ ବାଳକୃଷ୍ଣ ଅପା | ବି, ଏନ୍, ରେଲଓ୍ୱେର |
| ବାବୁ ନାଲୁ ଖାମରାଜ | ଡିଷ୍ଟ୍ରିକ୍ଟ ଇଞ୍ଜିନିୟର |
| ବାବୁ ଗୋପାଳ ସ୍ୱଦ | ବାବୁ ହେମେନ୍ଦ୍ରନାଥ ବସୁ |
| ବାବୁ ଈଶ୍ୱର ଲାଲ ପରଓ୍ୱାର | |

ଏଫ୍, ଏନ୍, ଫିସର, ଏସ୍କ୍ୱାୟାର କଟକର କଲେକ୍ଟର ଟ୍ରେଜ୍ୟୁରାର

**ସମ୍ପାଦକ**

| | |
|---|---|
| ବାବୁ ଜାନକୀନାଥ ବୋଷ | ବାବୁ ଶ୍ରୀଗୋପାଳ ଚକ୍ରବର୍ତ୍ତୀ |
| ବାବୁ ଯାମିନୀମୋହନ ଦାସ | ମିଷ୍ଟର ଅହମ୍ମଦ ବକ୍ସ |

**ଯୁଗ୍ମ ସହକାରୀ ସମ୍ପାଦକ**

| | |
|---|---|
| ବାବୁ ଜୟରାମ ଦାସ | ମିଷ୍ଟର ଜେ, ଏସ୍, ଗହଡ |

**ଖଜାଞ୍ଚି**

ରାୟ ହରିବଲ୍ଲଭ ବୋଷ ବାହାଦୁର

୩ । କାର୍ଯ୍ୟକାରୀ ସମିତି ଖରଚର ଗୋଟିଏ ଅନୁମାନିକ ତାଲିକା ପ୍ରସ୍ତୁତ କରିବେ ଓ ଟଙ୍କା ସଂଗ୍ରହର ଉପାୟ ଅବଲମ୍ବନ କରିବେ ।

୪ । ବହୁବିଧ ପ୍ରକାର କାର୍ଯ୍ୟ ନିମନ୍ତେ କାର୍ଯ୍ୟକାରୀ ସମିତିକୁ ଅଧିକାର ଦିଆ ଗଲା ଯେ ଉତ୍ସବ ସମ୍ବନ୍ଧୀୟ ଭିନ୍ନ ୨ କାର୍ଯ୍ୟ ନିର୍ବାହ ନିମନ୍ତେ ସାବ୍ କମିଟିମାନ ଗଢ଼ି ପାରିବେ ଏବଂ ବାହାର ଲୋକଙ୍କୁ ତହିଁରେ ବରଣ କରି ପାରିବେ ।

୫ । ଦରବାର ଅନୁଷ୍ଠାନ ସମସ୍ତ ଓଡ଼ିଶା ପ୍ରତିସ୍ଥାର ହେବା ଦୃଷ୍ଟିରେ କଟକ ଜିଲ୍ଲା ସଙ୍ଗେ ଅନ୍ୟାନ୍ୟ ଜିଲ୍ଲାର ଲୋକଙ୍କୁ ସାଧାରଣ କମିଟିରେ ଲଗାଇ ଦରବାର ଅବଶ୍ୟକ ହେବାରୁ ନିମ୍ନଲିଖିତ ଭଦ୍ର ବ୍ୟକ୍ତିମାନଙ୍କ ନାମ ସାଧାରଣ କମିଟିର ସଭ୍ୟଶ୍ରେଣୀରେ ଯୋଗହେଲା । ଯଥା;—

| | |
|---|---|
| ରାଜା ବୈକୁଣ୍ଠନାଥ ଦେ ବାହାଦୁର | ମହନ୍ତ ଭଗବାନ |
| ବାବୁ ରାଧାରମଣ ଦାସ | ରାମାନୁଜ ଦାସ |
| ବାବୁ ସନାରାୟଣ ଦାସ | ବାବୁ ହରିଶ ଚନ୍ଦ୍ର ଘୋଷ |
| ମୁନ୍ସୀ ଅବଦୁସ୍ ସୋଭାନ ଖାଁ | ବାବୁ ରଙ୍କା ମିଶ୍ର |
| ବାବୁ ବୈନାଶ୍ୱତ | ବାବୁ ସତ୍ୟବାଦୀ ଦାସ |
| ରାୟ ମହାଶୟ | ଚଉଧୁରୀ କୃତିବାସ ଦାସ |
| ବାବୁ ମଥୁରା ମୋହନ ପାଢ଼ି | ବାବୁ ଚନ୍ଦ୍ରମଣି ପଟ୍ଟନାୟକ |
| ବାବୁ ଭଗବାନ ଚନ୍ଦ୍ର ଦାସ | ବାବୁ ଶ୍ରୀଧର ପଟ୍ଟନାୟକ |
| ମହନ୍ତ ରଘୁନନ୍ଦନ ରାମାନୁଜଦାସ | ବାବୁ ଜଗବନ୍ଧୁ ପଟ୍ଟନାୟକ |
| ମହନ୍ତ ରାମ ପ୍ରପନ୍ନ ରାମାନୁଜଦାସ | ବାବୁ ବଣିଭୂଷଣ ବାନର୍ଜି |

ଓ ଅନ୍ୟାନ୍ୟ ଯାହାଙ୍କୁ ପୁରୀ ଓ ବାଲେଶ୍ୱରର କଲେକ୍ଟରମାନେ ନିର୍ବାଚନ କରିବେ ସେମାନେ ଓ କେନ୍ଦୁଝରର ମହାରାଜା ଓ ଅନ୍ୟ ଗଡ଼ଜାତ ରାଜାମାନେ ଓ ସେମାନଙ୍କର ମ୍ୟାନେଜରମାନେ ଏହି ସଭାର ସଭ୍ୟ ହେବେ ।

---

## ଇରିଗେସନ କମିଶନ ।

ଭାରତୀୟ ଇରିଗେସନ କମିଶନ ଅର୍ଥାତ୍ ଭାରତର ନାନାସ୍ଥାନରେ କ୍ଷେତକୁ ଜଳ ଯୋଗାଇବାର ଉପାୟ ଅନୁସନ୍ଧାନ ସମିତି, ଗତ ସୋମବାର ସନ୍ଧ୍ୟା ସମୟରେ ଏ ନଗରରେ ଖାସ ରେଲଗାଡ଼ିରେ ପ୍ରବେଶ କରି ସମିତିର ସଭ୍ୟମାନଙ୍କ ମଧ୍ୟରୁ କେହି୨ ଡାକ ବଙ୍ଗଳାରେ ଏବଂ କେହି୨ ନିଜ ନିଜ ସାହେବ ବନ୍ଧୁଙ୍କ ଘରେ ବସା କରିଥିଲେ । ମଙ୍ଗଳବାର ଏବଂ ବୁଧବାର ଏହି ଦୁଇଦିନର ପ୍ରଥମ ଦିନ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁର ଓ ଏ ନଗରର ବାବୁ ଗୌରୀଶଙ୍କର ରାୟ, ଡେପୁଟୀ କଲେକ୍ଟର ବାବୁ ଜାମିନୀମୋହନ ଦାସ ଏବଂ ଏ ଜିଲ୍ଲାର କଲେକ୍ଟର ସାହେବଙ୍କର ସାକ୍ଷ୍ୟ ଗ୍ରହଣ କରିଥିଲେ । ପଟ୍ଟାମୁଣ୍ଡାଇର ନାଏବ ବାବୁ ଯୋଗେନ୍ଦ୍ରନାଥ ମୁଖର୍ଜୀ ଜଣେ ସାକ୍ଷୀ ଥିଲେ ମାତ୍ର ସେ ବିଶେଷ କାର୍ଯ୍ୟ ହେତୁ ଉପସ୍ଥିତ ହୋଇ ନ ପାରିବାରୁ ବାବୁ ଜାମିନୀମୋହନ ଦାସ ଏଠା କମିଶନର ସାହେବଙ୍କଦ୍ୱାରା ମନୋନୀତ ହୋଇ ସାକ୍ଷ୍ୟ ଦେଲେ । ସୁତରାଂ କେବଳ ଦୁଇଜଣ ବେସରକାରୀ ବ୍ୟକ୍ତି ସାକ୍ଷ୍ୟ ଦେଇ ଅଛନ୍ତି । ୨ୟ ଦିନ ଅର୍ଥାତ୍ ବୁଧବାର ଶ୍ରୀଯୁକ୍ତ ଗୁପ୍ତ ସାହେବ କମିଶନର, ଇଙ୍ଗଲିସ୍ ସାହେବ ଭୂତପୂର୍ବ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର, ସ୍ମିଥ ସାହେବ ଅନୁଗୁଳର ଡେପୁଟୀ କମିଶନର ଏବଂ ବାଇଲେ ସାହେବ ଓ ଅରନଟ ସାହେବ ବାରକମାଷ୍ଟରମାନଙ୍କର ସାକ୍ଷ୍ୟ ଗ୍ରହଣ କଲେ । ସମିତିର ସଭ୍ୟ ଜ ୫ ଣ ମଧ୍ୟରେ କେବଳ ଏକଜଣ ଅର୍ଥାତ୍ ଶ୍ରୀ ରଜା ରତ୍ନମ୍ ମୁଦଲିୟାର ଦେଶୀୟ ଲୋକ ଅଟନ୍ତି । ଗତ ଶୁକ୍ରବାର ସଭ୍ୟମାନେ ଭୁବନେଶ୍ୱର ଦେଖି ଇଂରେଜ ସଭ୍ୟମାନେ ସେଠାରୁ ଏବଂ ଦେଶୀୟ ସଭ୍ୟ ପୁରୀ ଦର୍ଶନ କରି ଲେଉଟି ଆସି ଗତ କାଲି ସମସ୍ତେ ଏ ନଗରରୁ ବଙ୍ଗଳକୁ ଖାସ ରେଲଗାଡ଼ିରେ ପ୍ରସ୍ଥାନ କଲେ । ସାକ୍ଷୀମାନେ କଏ କ କହିଲେ ଅମ୍ଭେମାନେ ଜାଣିବାର ସୁବିଧା ପାଇ ନାହୁଁ । ସୁତରାଂ ପାଠକମାନଙ୍କୁ ସେ ବିଷୟରେ ତୃପ୍ତ କରିବାକୁ ଅକ୍ଷମ । ଭରସା କରୁଁ କଲିକତାର ଦୈନିକ ଇଂରାଜୀ ସମ୍ବାଦପତ୍ରରେ ତହିଁର ସଂକ୍ଷେପ ବିବରଣ ପ୍ରକାଶ ହେବ ଏବଂ ତେତେବେଳେ ସମସ୍ତଙ୍କୁ ଜଣାଇବାର ଚେଷ୍ଟା କରିବୁଁ ।

---

## ପୁସ୍ତରାଜାଙ୍କର ମୋକଦ୍ଦମା ।

ପୁସ୍ତରାଜାଙ୍କ ପ୍ରତି ଅତ୍ୟାଚାର ହେବା ସମ୍ବନ୍ଧରେ ପୁଲିସ ଏବଂ ବାବୁ ସୁଦର୍ଶନ ଦାସ ସବ୍ଡେପୋଟୀ କଲେକ୍ଟରଙ୍କ ନାମରେ ଯେଉଁ ଫୌଜଦାରୀ ମୋକଦ୍ଦମା ଏଠା ଡେପୋଟି ମେଜେଷ୍ଟ୍ରେଟ ମୌଲବୀ ଅବଦୁଲ ସଲମ ସାହେବଙ୍କ ନିକଟରେ ବିଚାରିତ ହେଉଅଛି ସେ ମୋକଦ୍ଦମାରେ ସାକ୍ଷ୍ୟ ଦେବା କାରଣ ଠାକୁର ରଜା ଗତ ମଙ୍ଗଳବାର ଦିବସ କଟକରେ

Digitized by srujanika@gmail.com

Split by PDF Splitter



ଆସିଥିଲେ । ସେହିଦିନ ଠାକୁରରାଜାଙ୍କ ଯୋବାନବନ୍ଦୀ ହେବା ବିଷୟ ପୂର୍ବରୁ ଅବଗତ ଥାଇ ଅନେକ ଲୋକେ ଦେଖିବା କାରଣ କଚେରୀରେ ରୁଣ୍ଡ ହୋଇଥିଲେ । ରାଜାଙ୍କ ପକ୍ଷରୁ କଲିକତାରୁ ସୁବିଖ୍ୟାତ ପି, ଏଲ, ରାୟ, ସାହେବ ବାରିଷ୍ଟର ଏଠାକୁ ଆସିଥିବାରୁ ତାହା ମଧ୍ୟ ଦେଖିବା କାରଣ ଲୋକେ ଅତ୍ୟୁତ୍ସୁକ ହୋଇଥିଲେ । ଫଳତଃ ଜନତା ଏତେ ଅଧିକ ହୋଇଥିଲା ଯେ ମିସଲ ଏବଂ ମିସଲର ବାର୍ଣ୍ଣ ଗୃହ ସ୍ଥାନାଭାବରୁ ବିଶେଷ ଲୋକ ବାହାରରେ ଅପେକ୍ଷା କରି ରହିଥିଲେ । ଡିପୋଟି ମହୋଦୟ ଯେଉଁ ମିସଲରେ କାର୍ଯ୍ୟ କରନ୍ତି ତାହା କ୍ଷୁଦ୍ର ଥିବା ଏବଂ ଲୋକ ଗହଳ ଅଧିକ ହେବାର ଅନୁମାନ କରି ଅମ୍ଭମାନଙ୍କର ମାଜିଷ୍ଟ୍ରେଟ ସାହେବ ତାଙ୍କର ଇଜଲାସରେ ମୋକଦ୍ଦମା ହେବା କାରଣ ଆଦେଶ କରିଥିଲେ । ତଦନୁଯାୟୀ ସେ ମିସଲକୁ ଯିବା ସମୟରେ ସ୍ରୋତ ପରି ଗୃହଆଡ଼କୁ ଲୋକେ ଚୋଟି ଆସିଲେ ଏବଂ ଠାକୁରରାଜାଙ୍କୁ ମିସଲକୁ ଭିଡ଼ ଭାଙ୍ଗି ନେଇଯିବାକୁ ବିଶେଷ କଷ୍ଟ ହୋଇଥିଲା । ଠାକୁରରାଜା ପ୍ରଚଳିତ ରୀତି ଅନୁସାରେ ସାଗର ପିନ୍ଧିଥିଲେ ଏବଂ ରୌପ୍ୟ ତାରୁ କାର୍ଯ୍ୟ ବିଶିଷ୍ଟ ପଗଡ଼ି ତାଙ୍କ ମୁଣ୍ଡରେ ଥିଲା । ହାତରେ ସୁନାର ବଲା ଏବଂ ଦୁଇ କାନରେ ଝୁମ୍ପା ଏବଂ ବେକରେ ହାର ଏବଂ ଗୁପସର ଶୋଭା ପାଉଥିଲା ଏବଂ ସେ ସୁବର୍ଣ୍ଣ ଅଳଙ୍କାରମାନ ମଣିଦ୍ୱାରା ଖଚିତ ହୋଇଥିବାରୁ ଝକମକ କରୁଥିଲା । ହାତରେ ବୃହତ୍ ମଣିମୟ ସୁବର୍ଣ୍ଣର ମୁଦିମାନ ଅଙ୍ଗୁଳି ଶୋଭା କରି ରହିଥିଲା । ରାଜା ମିସଲରେ ପହଞ୍ଚନ୍ତେ ତାଙ୍କୁ ଚୌକି ଦିଆଯାଇଥିଲା ଏବଂ ସେ ଚୌକିରେ ବସି ସାକ୍ଷ୍ୟ ଦେଇଥିଲେ ଏବଂ ତେତେବେଳେ ଲୋକଙ୍କର ଗୋଳମାଳ ଏତେ ଅଧିକ ହୋଇଥିଲା ଯେ ତାହା ନିବାରଣ କରି ସାକ୍ଷ୍ୟ ଆରମ୍ଭ କରିବାକୁ ଅର୍ଦ୍ଧଘଣ୍ଟା କାଳ ଲାଗିଥିଲା । ରାଜା ମହୋଦୟ ସ୍ଥିର ଏବଂ ଦମ୍ଭଭାବରେ ଯୋବାନବନ୍ଦୀ ଦେବାରୁ ତାଙ୍କର କଥାମାନ ସମସ୍ତଙ୍କର ହୃଦୟଗ୍ରାହୀ ହୋଇଥିଲା । ସେ କହିଲେ ଯେ କାର୍ତ୍ତିକ ଦଶମୀ ଦିନ ସକାଳେ ସେ ଉଠି ପ୍ରାତଃକୃତ୍ୟ ସାରି ରାଣୀହଂସପୁରରେ ବଡ଼ରାଣୀଙ୍କ ନିକଟରେ ବସିଥିବା ସମୟରେ ସମ୍ବାଦ ପାଇଲେ ଯେ ତାଙ୍କ ନାମରେ ଓ୍ୱାରେଣ୍ଟ ବାହାରିଅଛି ଏବଂ ସେ ଶୀଘ୍ର ବାହାରକୁ [illegible] କରିବେ । ଏ ସମ୍ବାଦ ପାଇ ସେ ଲୁଗା ପିନ୍ଧି ବାହାରିବା ସମୟରେ ଦୁଆର ଭଙ୍ଗାର ଶବ୍ଦ ପାଇଲେ ଏବଂ ଛାମୁକୁ ଯାଇ ପିଣ୍ଡା ଉପରେ ଛିଡ଼ାହୋଇ ଦେଖିବା ସମୟରେ ପୁଲିସ ସେହି ଅଗଣାର ଦ୍ୱାର ଭାଙ୍ଗି ପଶିଗଲେ । ଇନସ୍ପେକ୍ଟର ନାରାୟଣ ବାବୁ ଆଦେଶ ଦେବାରୁ ଦୁଇଜଣ କନଷ୍ଟବଲ ଯାଇ ତାଙ୍କର ବାହା ଧରିଲେ ଏବଂ ନାରାୟଣ ବାବୁ ତାଙ୍କୁ ମେକେଞ୍ଜି ସାହେବଙ୍କ ନାମରେ ତାର ବାର୍ତ୍ତା ପଠାଇ ତାଙ୍କୁ ଅପମାନ କରି ଘରେ ବହିରହୁଥିବାର କହି 'ଡେମ' 'ସୁଅର' ଉଚ୍ଚାରଣ ପୂର୍ବକ ଗାଳିଦେଲେ । ରାଜାଙ୍କ ସାକ୍ଷ୍ୟ ସମ୍ପୂର୍ଣ୍ଣରୂପେ ପ୍ରକାଶ କରିବାକୁ ଅମ୍ଭମାନଙ୍କର ସ୍ଥାନ ନାହିଁ ଏବଂ ପାଠକେ ଘଟନା ବିଷୟ ଆମୂଳ ଜାଣିଥିବାରୁ ତାହା ପ୍ରକାଶ କରିବା ଅନାବଶ୍ୟକ । ସ୍ଥୂଳରେ ରାଜା ମହୋଦୟ ସମସ୍ତ ଘଟନା ଦମ୍ଭଭାବରେ ପ୍ରକାଶ କଲେ ଏବଂ ସେ ମିସଲରେ କଥା କହି ପାରିବେ ନାହିଁ ବୋଲି ଯେଉଁମାନେ ଭାବିଥିଲେ ସେମାନେ ଆଶ୍ଚର୍ଯ୍ୟ ହେଲେ । ତହିଁ ଆରଦିନ ବୁଧବାର ମୁଡେଲର ବାରିଷ୍ଟରଙ୍କର ବକ୍ତୃତା ଉତ୍ତାରୁ ମୁଦେଲର ଜେରା ହେଲା । ଗୁରୁବାର ଆସାମିଙ୍କ ପକ୍ଷରୁ ସରକାର ଉକୀଲ ରାୟ ହରିବଲ୍ଲଭ ବୋଷ ବାହାଦୁରଙ୍କର ବକ୍ତୃତା ହେଲା ଉତ୍ତାରୁ ଆସାମିମାନଙ୍କର ଜବାବ ନିଆଗଲା । ପ୍ରଥମ ଆସାମୀ ଇନସ୍ପେକ୍ଟର ବାବୁ ନାରାୟଣ ଦାସ ବାକୁଯ଼ି ଜବାବ ଦେଲେ କି ମାଜିଷ୍ଟ୍ରେଟ ସାହେବ ତାଙ୍କୁ ଓ୍ୱାରେଣ୍ଟ ଜାରି କରିବା ନିମନ୍ତେ ମୌଖିକ ଓ ଲିଖିତ ଆଦେଶ ଦେଇଥିବାରୁ ଓ୍ୱାରେଣ୍ଟ ଜାରି କରିଅଛନ୍ତି, ସେ ପ୍ରଥମେ ରାଜାଙ୍କ ନିକଟକୁ ସମ୍ବାଦ ପଠାଇଲେ ମାତ୍ର ରାଜାଙ୍କର ଆସିବାର ବିଳମ୍ବ ହେବାରୁ ଦ୍ୱାର ଭାଙ୍ଗି ଘରେ ପ୍ରବେଶ କରିବାକୁ ବାଧ୍ୟ ହେଲେ ଇତ୍ୟାଦି । ଅନ୍ୟ ପ୍ରଧାନ ଆସାମୀ ସବ ଡେଃ କଲେକ୍ଟର ବାବୁ ସୁଦର୍ଶନ ଦାସ ଜବାବ ଦେଲେ କି ସେ ଦେନା ଉସୁଲ କରିବାକୁ ରାଜବାଟୀକୁ ଯାଇଥିଲେ । ରାଜା ଡକାଇବାରୁ ପୋଲିସର ପଛେ ପଛେ ଭିତରକୁ ଗଲେ । ସେ ରାଜାଙ୍କୁ ଧରିଅଣିବା ଇତ୍ୟାଦି କିଛି ଦେଖି ନାହାନ୍ତି । ରାଜାଙ୍କ ସହିତ ତାଙ୍କର ପରିଚୟ ନ ଥିଲା ଇତ୍ୟାଦି । ଗତ କାଲି ଅପରାହ୍ନ ଘ ୨ ଘଣ୍ଟା ପର୍ଯ୍ୟନ୍ତ ମୋକଦ୍ଦମା ପଡ଼ି ନ ଥିଲା ।

---

## ସାପ୍ତାହିକ ସମ୍ବାଦ ।

(କଲିକତା-ଗେଜେଟ ।)

ବାଲେଶ୍ୱର ସବ୍‌ଡେପୁଟି କଲେକ୍ଟର ବାବୁ ଅମୃତଶେଖର ମୁଖାର୍ଜି ୮ମ ଶ୍ରେଣୀର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ବାଲେଶ୍ୱରର ପୋଲିସ ସୁପ୍ରିଣ୍ଟେଣ୍ଡେଣ୍ଟ ମୌଲବୀ କନାଥ ହୋସେନ ଖାଁ ବାହାଦୁର ମାଲଦାକୁ ସ୍ଥାନାନ୍ତରିତ ହେଲେ ।

ଡେଃ କଲେକ୍ଟର ବାବୁ ଜଗବନ୍ଧୁ ବାନାର୍ଜି ଇନକମ ଟିକ୍ସର ଡେଃ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ଯାଜପୁର ସ୍ଥାୟୀ ବେଞ୍ଚର ନିମ୍ନଲିଖିତ ଅବୈତନିକ ମାଜିଷ୍ଟ୍ରେଟମାନେ ଫୌଜଦାରୀ ମୋକଦ୍ଦମାରେ ଇଂରାଜୀ ଭାଷାରେ ସାକ୍ଷ୍ୟ ଲେଖିବାର କ୍ଷମତା ପ୍ରାପ୍ତ ହେଲେ ।

ବାବୁ ଜଗମୋହନ ଚୌଧୁରୀ ଓ ବାବୁ କୃଷ୍ଣଚନ୍ଦ୍ର ନନ୍ଦ ।

ରେଃ କଲେଜିଏଟ ସ୍କୁଲର ସହକାରୀ ଶିକ୍ଷକ ବାବୁ ମହେନ୍ଦ୍ରନାଥ ଦତ୍ତ ବି, ଏ ବାଲେଶ୍ୱର ଜିଲା ସ୍କୁଲକୁ ବଦଳି ହେଲେ ଓ ବାଲେଶ୍ୱର ଜିଲା ସ୍କୁଲର ଶିକ୍ଷକ ବାବୁ ମଧୁସୂଦନ ଦାସ ବି, ଏ ରେଃ କଲେଜିଏଟ ସ୍କୁଲକୁ ବଦଳି ହେଲେ

---

ଏ ନଗରର ସ୍ୱାସ୍ଥ୍ୟ ପୂର୍ବପରି ଭଲ ଅଛି ।

ଓଡ଼ିଶା କମିସନରଙ୍କ ପର୍ସନେଲ ଆସିଷ୍ଟାଣ୍ଟ ବାବୁ ଶ୍ରୀଗୋପାଳ ବାନାର୍ଜି ଗତ କାଲି ଖୋରଧାକୁ ଯାଇଅଛନ୍ତି ଦ ୨ ଦିନରେ ଫେରି ଆସିବେ ।

ଶ୍ରୀଯୁକ୍ତ କମିଶନର ସାହେବ ଅଦ୍ୟ ଖୋରଧାକୁ ଯିବେ ଓ ସେଠାରୁ ଇଫେସାଦ ତଦନ୍ତ ପରେ ନୟାଗଡ଼କୁ ଯିବେ । ଆସନ୍ତା ତା ୨୩ ରିଖରେ ଏ ନଗରକୁ ଫେରି ଆସିବାର ଶୁଣାଯାଏ ।

ଏ ସପ୍ତାହରେ ଆକାଶ ପରିଷ୍କାର ଥିଲା ଏବଂ ଶୀତ ଲକ୍ଷଣ ଜଣା ଯାଉଥିଲା । ମାତ୍ର ଗତ ଗୁରୁବାରଠାରୁ ମେଘ ବାହାରିବାରୁ ଶୀତ ଊଣା ପଡ଼ିଅଛି ।

ଚଳିତମାସ ତା ୨ ରିଖରେ କଲିକତାର ପିଲସାହେବ ବାରିଷ୍ଟରଙ୍କ ଧୋବା ତାଙ୍କ ଶୋଇବା ଘରକୁ ମଇଳା ଲୁଗା ଆଣି ବାହାର କରି ଆଣିବାକୁ ଯାଇଥିଲା । ସେଠାରେ ଗୋଟିଏ ବନ୍ଧୁକ ଗୋଳି ଭାରତ ଠୁଙ୍କା ହୋଇ ରଖା ଯାଇଥିଲା । ଧୋବା ବୋଧହୁଏ କୌତୂହଳ କ୍ରମେ ଉକ୍ତ ବନ୍ଧୁକକୁ ଧରିବା ସମୟରେ ବନ୍ଧୁକ ଫାଏର ହୋଇ ଧୋବାର ଅଙ୍ଗରେ ଗୋଳି ବସିଗଲା ଏବଂ ସେ ତତ୍କ୍ଷଣାତ୍ ପଞ୍ଚତ୍ୱ ପ୍ରାପ୍ତ ହେଲା ।

ବଙ୍ଗୋପସାଗରରେ ପୁଣି ଗୋଟିଏ ଝଡ଼ ଉତ୍ପତ୍ତି ହେବାର ସନ୍ଦେହ ହୋଇଅଛି ।

ଆରବଦସ୍ୟୁମାନଙ୍କୁ ଦମନ କରି ନ ପାରିବା ହେତୁ ଇଂରାଜ ଯୁଦ୍ଧ ଜାହାଜମାନ ଲୋହିତସାଗରସ୍ଥ ମିଡ଼ଦ୍ୱୀପକୁ ଘେରି ତାଉ ତୋପ ଦାଗୁଅଛନ୍ତି ।

କନା ତାରରେ ବାର୍ତ୍ତା ପଠାଇବାର ମେକୋନିସାହେବ ଯେଉଁ ପ୍ରକ୍ରିୟା ଆବିଷ୍କାର କରିଅଛନ୍ତି ତାହା ସର୍ବତ୍ର ସଫଳ ହେଉଥିବାର ସମ୍ବାଦ ମିଳଇ । ସେ ବର୍ତ୍ତମାନ କାନଡାଠାରେ ପହଞ୍ଚିଅଛନ୍ତି ଏବଂ ସେଠାରୁ ଇଂଲଣ୍ଡକୁ ବାର୍ତ୍ତା ପଠାଇବାର ପରୀକ୍ଷା କରିବେ ।

ଭାରତୀୟ ବଜେଟ ଚଳିତମାସ ତା ୧୦ ରିଖ ଦିନ ବିଲାତ ପାର୍ଲିଆମେଣ୍ଟ ମହା ସଭାରେ ଆଗତ ହୋଇଥିଲା । ତର୍କ ଶେଷ ହୋଇ ନାହିଁ

ଅଭିଷେକ ଉପଲକ୍ଷେ ଆସନ୍ତା ଜାନୁଆରୀ ମାସରେ ଆମୋଦ ପ୍ରମୋଦ କରଣାର୍ଥ ରଙ୍ଗୁନଠାରେ ଟ ୧୧୮୦୦ ଚାନ୍ଦା ଉଠିଅଛି ।

ଅମ୍ବାଲାଠାରେ ଡାକ୍ତର ଫ୍ରାଙ୍କଲିନ ସାହେବ ଶିକାର କରିବା ସମୟରେ ଗୋଧୂଳି ବେଳେ ଗୋଟିଏ ଦେଶୀୟ ବାଳକକୁ ମୃଗ ଭ୍ରମରେ ଗୋଳି ଦାଗି ମାରି ପକାଇଅଛନ୍ତି । ଡାକ୍ତର ମହୋଦୟ ଧରା ହୋଇ ବର୍ତ୍ତମାନ ଜାମିନରେ ଅଛନ୍ତି ।

ଟ୍ରାନସ୍‌ଭାଲ ରାଜ୍ୟର ଅଟର୍ଣ୍ଣି ଜେନରଲ ସର ରିଚାର୍ଡ ସଲମନ ସାହେବ ଦକ୍ଷିଣ ଆଫ୍ରିକାର ପ୍ରତିନିଧି ସ୍ୱରୂପ ଦିଲ୍ଲୀ ଦରବାରକୁ ଆସୁଥିବାର ସମ୍ବାଦ ମିଳଇ ।

ଜବ୍ବଲପୁରଠାରେ ବାରୁଦ କାରଖାନାରେ ନିଆଁ ଲାଗି ଗୋଟାଏ ତୋପ ଫୁଟି ଲୋକମାନଙ୍କ ମଧ୍ୟରେ ପଡ଼ିବାରୁ ଜ ୧୨ ଣ ହତ ଓ ୪୦ ଣ ଆହତ ହୋଇଅଛନ୍ତି ।

କୋହାଟଠାରେ ଜଣେ ଶିଖ ସିପାହୀ ଡକାଏତମାନଙ୍କ ଭେଟି ତାଙ୍କ ମଧ୍ୟରୁ ଜଣକୁ ଧରିଥିବାର ସମ୍ବାଦ ମିଳଇ । ଡକାଏତମାନେ ସିପାହୀକୁ ଦେଖି ତାହା ପ୍ରତି ଗୋଳି ଦାଗିଲେ । ଗୋଳିଟି କାନରେ ବାଜିଲା ଏବଂ ଡକାଏତମାନେ ବର୍ଚ୍ଛାଦ୍ୱାରା ଆଘାତ କଲେ ମଧ୍ୟ ସେ ହଟି ନ ଯାଇ

Digitized by srujanika@gmail.com

Split by PDF Splitter
454



ତାଙ୍କ ମଧ୍ୟରୁ କେବଳ ଧରିବାକୁ ସକ୍ଷମ ହେଲେ ।—ଏହାଙ୍କର ସାହସ ଧନ୍ୟାର୍ହ ।

ଉପରରୁ ଯେଉଁମାନେ ନିମନ୍ତ୍ରିତ ହୋଇ କଟକର 'ଅଭି-ଷେକ ଉତ୍ସବରେ' ଯାଇଥିଲେ ସେମାନଙ୍କର ଯାତାୟାତ ଖର୍ଚ୍ଚା ଛଡ଼ା ଅବଶିଷ୍ଟ ସମସ୍ତ ଖର୍ଚ୍ଚ କଟକ ସରକାରରୁ ଦିଆଯିବାର ଆଦେଶ ହୋଇଅଛି ।

## ପୁରୀ-ସମ୍ବାଦ ।

ଏ ସପ୍ତାହରେ କେତେକ ଗୋଟା କୁକୁର କ୍ଷିପ୍ତ ହୋଇ ସହରମଧ୍ୟରେ ବୁଲି କେତେକ ବ୍ୟକ୍ତିଙ୍କୁ କାମୁଡ଼ିବାରୁ ସେଇ ସହରର ଲୋକେ ବଡ ଭୀତ ହୋଇଥିଲେ । ବର୍ତ୍ତମାନ ସେଇ ଛଅଗୋଟା କୁକୁର ମରିପଡ଼ିଅଛନ୍ତି ।

ଗତ ଅମାବାସ୍ୟା ପୂର୍ବେ ଓ ପରେ ସାମାନ୍ୟ ଏକ ଅଣା ବୃଷ୍ଟି ହୋଇଯିବାରୁ ସ୍ୱଦେଶର ଶୀତ ଅଳ୍ପ ହୋଇଅଛି ।

ଏଥିମଧ୍ୟରେ ପୁରୀ ସ୍କୁଲ ସମୂହର ନୂତନ ଡିପୋଟୀ ଇନ-ସ୍ପେକ୍ଟର ବାବୁ ଜଗନ୍ନାଥ ଦାସ ପହଞ୍ଚି ଚାର୍ଜନେଇଅଛନ୍ତି ଏବଂ ବାବୁ ମଦନମୋହନ ମହାରଣା ବାଲେଶ୍ୱର ଗମନ କରିଅଛନ୍ତି ।

ଆଜି କାଲି ସହରେ ସାମାନ୍ୟ ଜ୍ୱର ଓ କମ୍ପଜ୍ୱର ବିଶେଷ ଉପଦ୍ରବ କରୁଅଛି ।

ଏବର୍ଷ ପଞ୍ଚୁକଯାତ୍ରାରେ ଦକ୍ଷିଣୀ ଓ ଓଡ଼ିଆଯାତ୍ରୀ ଅପେକ୍ଷା-କୃତ ଅଳ୍ପ ହୋଇଅଛନ୍ତି । ଅନ୍ୟାନ୍ୟ ଯାତ୍ରୀ ମଧ୍ୟ ସାମାନ୍ୟ ।

## ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେ-ମାନେ ଦାୟୀ ନୋହୁଁ

### ୧-୧୦-୦୬ ସମ୍ବଲପୁରହିତୈଷିଣୀ ପତ୍ରିକାରେ ପ୍ରକାଶିତ 'ପ୍ରତିବାଦ'ର ଉପପ୍ରତିବାଦ ।

ହେମନ୍ତର୍ତ୍ତୁ ଉଷା । ଥଣ୍ଡା ପବନ ଫୁରୁଫୁରୁ ହୋଇ ଦେହ ଲାଗିଅଛି । ବିଛଣାରୁ ଉଠି ନାହିଁ । ନିଶାପତି ଅସ୍ତାଚଳଶିଖରଗାମୀ ହୋଇନାହିଁ । ନକ୍ଷତ୍ରପ୍ରମାଳିନୀ ବ୍ୟୋମକେଶବାମା ନବଶୋ-ଭାସମ୍ବନ୍ଧିନୀ ତୃଣଭୂମିରେ ଅଂଶୁ ହେମସୂଚିକ ଛବି ଛବି ଉଡଗଲେଣି । ଇତ୍ୟାଦି । ସେତେବେଳେ ମୋ ହସ୍ତରେ ଥିଲା ୧-୧୦-୦୬ର ସମ୍ବଲପୁର-ହିତୈଷିଣୀ ପତ୍ରିକା । ଚକ୍ଷୁ ପଡିଲା 'ସ୍ୱର୍ଣାକୃପା-ଦାସ୍ୟ ନୃତ୍ୟ ବନ୍ଦନୀୟ ବୈର୍ଦ୍ଧିଗ୍ରେନ୍ଦ୍ରିଜିତ ସ୍ଫୁରନ୍ତି' ଉପରେ । ଗୁଲଲି ପତ୍ରିକାଖଣ୍ଡି ଭୁସଭଣୀ ଯନ୍ତ୍ର-ଣାର ଚିତ୍ତ ଗ୍ରହଣ କରିଅଛି କି ? ମନେ ହେଲା ପ୍ରକୃତ ! ଇତ୍ୟାଦି ଇତ୍ୟାଦି ।

( ପାଠକେ ଦେଖିଲ ତ, ଉପର ଲେଖାଟା ମାନଙ୍କ ସଦୃଶ ପଦବିନ୍ୟାସଟାମାନ ଠିକଣାରେ ଦାଉଁ ବାଜୁଛି । କିନ୍ତୁ ଏ ଅସ୍ୱାଭାବିକ ନୁହେଁ । ଅସ୍ମଦେଶୀୟ ଲେଖକଙ୍କର ପଞ୍ଚାଶବର୍ଷଯାଏ ଭାଷାଗବେଷଣା, ଉଷ୍ଣୀମାକଟସଙ୍କଟରଚନାପଟୀୟସୀ ପ୍ରତିଭା, ବାର-ବାଣିଲୁଚରଷଣୋପମ ବାଛବାଛଣଧନାସେବାର ଏଭୁଟା ଅନ୍ୟତମ ପରମାନନ୍ଦ, କଟିଦଷ୍ଟା, ନିଷ୍ଠୀବନ କଲଙ୍କିତକ୍ଳେଦାର୍ଦ୍ରାଶ୍ୟପଲ୍ଲିଦ୍ରଧୂମଧୂଗ୍ର ବାନ୍ତ୍ୟଶରୀରଶିଷ୍ଟା, କୁସୁମକୁଳେଶଗୀଲଲାମଭୂତା କଳିକା । ଅପଣ ବସୁରବେ ଏ ଅପୂର୍ବପର୍ଦ୍ଧ-ହଟ୍ଟୋତ୍ଥିତା କଳ୍ପନା, ଚନ୍ଦନା, ଚନ୍ଦ୍ରନା; କିନ୍ତୁ ଏ ସଂଗଟା ଉଦଭ୍ରମ ମାତ୍ର । ଅପଣ ସ୍ଥିରକର ଦେବେ ଲେଖକଙ୍କଟାର ଦୁର୍ଦ୍ଦଶପଟର ଉଦୟପାର୍ଶ୍ୱ ଶୀବନ ହୋଇଗଲା ମାତ୍ର । ପରନ୍ତୁ ଅପଣ ଏ ସାମାନ୍ୟ ବିଷୟଟା ନ ବୁଝିପାରଲେ ଅମ୍ଭେମାନେ ସିଦ୍ଧାନ୍ତ କରିବୁଁ ଯେ ବିଧାତାର ବିବେକ ଉବରୁମ୍ଭରେ ବିକୃତ ଧାରଣ କରିଅଛି । )

ପ୍ରଥମ ଦୁଇଟି ପତ୍ର ଓଲଟାଇ ଯୋଇଥାଇ ଦେଲି, ଆଉ ପୃଷ୍ଠାରେ ଦେଖିଲି 'ପ୍ରତିବାଦ' । 'ଏବେ କାଲି, ଯେଉଁଠି ହାତ ହୋଚଲାମାଲି, ପିଛିଅଛି ପୁରୀ କେଳଥଶାଢ଼ୀ, କହିଁରେ ଦୋଇତ ଗଙ୍କଣାପାଲି'—ଏଇଟି ଦଠାରୁ ଦାହିଁକ କେଳାଣି ମନେ ପଡ଼ିଗଲା । କାରଣ ଅଛି; ଲେଖକଙ୍କଟା ସ୍ୱବ-ଶାଳ କାବ୍ୟ-ବ୍ୟାକରଣ-ଜ୍ୟୋତିଷୋଇଷ୍ଟଶ୍ଲୋ-କୋପମେଇଦାସ ରାଜ୍ୟର ସଜନାଦ୍ରୁମ ଗୁଡ଼ାକ ଗଛି ଡାଳପତ୍ର ଫଳ ମୂଳ ଫୁଲ ଖିଲରେ ସ୍ୱବସ୍ତୁ ମଣ୍ଡନ କରି ବଣଜଙ୍ଗଲ ଦେଇ ଡେଇଁ ବୁଲୁଚି । ସର୍ବାଗ୍ରରେ ଲେଖକଙ୍କର ନାମଟି ଗୃହଁ ଉପର ପଡିଲି 'ଶ୍ରୀ ମା—ମାହାପାତ୍ର' । ତନ୍ନାଭ-କୋଉ ଶୃଗୁଣତତ୍ତ୍ୱଚନ୍ଦ୍ରକାତସ୍ୟ ଗୃହଟି ଶ୍ଲୋକାଇ ଗୃଧ୍ରି ଦେବାକୁ ଚେଷ୍ଟାକରି ଉପର ପଡିଲା । ବକ୍ଷସ୍ଥଳ—ସ୍ଥଳପଦ୍ମଗାଛଟି ସନ୍ଦେହ—ଦୋଳାରେ ଦୋଳାୟିତ ହେଲାପରି ବୋଧ ହେଉଅଛି । ଏହାର କାରଣ ଆଉ କିଛି ନୁହେଁ, କେବଳ ଅପରଣାମ—ଦର୍ଶିନୀ—ସ୍ପର୍ଶିନୀ—ଘର୍ଷିଣୀ-କର୍ଷିଣୀ ଉ-ପେକ୍ଷା । ପ୍ରତିବାଦଟିରେ କାହିଁ କର୍ଷଣ ? ଶ୍ରୀ ବସ୍ତୁଙ୍କ କୈବଲ୍ୟଠାରୁ ଶଙ୍କରଜଙ୍ଘକାଶୀର କଷ୍ଟୀ-ବନକଲଙ୍କିତକ୍ଳେଦାର୍ଦ୍ରଅସ୍ୟମଣ୍ଡଳ ପର୍ଯ୍ୟନ୍ତ—ଖଜୁରିମୂଳଠାରୁ କାର୍ତ୍ତିକ ଅଗଣ୍ଡା ପର୍ଯ୍ୟନ୍ତ—ବାର ବାଶି କୁତଠାରୁ ମାଳାତଳକାଥଙ୍କ ଧନୁର୍ମୁଦ୍ରା ପର୍ଯ୍ୟନ୍ତ—ସ୍ୱାର୍ଥକ ଶ୍ରିପଣ୍ଡିତଙ୍କଠାରୁ ସ୍ୱର୍ଥଖେଳ-ଖେଳାଳିଙ୍କ ପର୍ଯ୍ୟନ୍ତ ! ଦୁଃଖର ବିଷୟ ଏହି ଯେ ମାହାପାତ୍ରେ ଏହି ଛଟି ରେ ପ୍ରସ୍ତୁତ ପ୍ରଣୟନ କରି ସ୍ୱାର୍ଥିକ ଓଡିଆଙ୍କର କଳୁଷିତ ଦୃଷ୍ଟି ବିକ୍ଷେପ ସୂତ୍ରମୂଳରେ ଯୋଡି ଦେଇ ତରକାଳ ଅନଙ୍କ ହେଉ ପାରୁ ନାହାନ୍ତି । ପ୍ରତିବାଦଟା ପଢ଼ି ଜଣା-ଗଲା ମାଳାମ୍ବରଟା ଫାଟିଯାଇ କ୍ଷତଷତକୋଟୀ ( ପାଠକ ବିଶେଷ୍ୟଟା ଅବଶ୍ୟ ପୂରଣକରି ନେବେ ) ହୁର୍ ଦାର୍, ହୁଲ୍ ଦାଲ୍, ହୁମ୍ ଦାମ୍, ଲୁଷ୍ ଘୁଷ୍ ହୋଇ ମହାତଲେ ସମୁଦ୍ରବକ୍ଷରେ ଓ ଅକାଶମାର୍ଗରେ ପଡ଼ ଉଠ ଛୁଟ ଉଡ ଝଡ଼ି ଜଡ ଭୂତ ଗଲାକି!!! କାଶରେ ପତ୍ରିକାଖଣ୍ଡି ଯ କବଏ, ଏମ ଏ, ପାଣିଅଙ୍କଠାରୁ ପଣ୍ଡିତବର୍ଗ ମାଷ୍ଟର ବର୍ଗ ଅବଧାନବର୍ଗ ପାଣ୍ଡିଆଙ୍କ ପର୍ଯ୍ୟନ୍ତ—ହିପୋଷ୍ଟି ଓଭରସିଅରଙ୍କଠାରୁ ବଗନ ମୂଲିଆଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ପଢୁଥିବା ବ୍ୟକ୍ତିଙ୍କୁ ଦେଖାଇଲି । ସମସ୍ତେ ଏକମୁଖରେ ଏକବାକ୍ୟରେ ଏକବାକ୍ୟ-ସବେ କହିଲେ "ଅହୋ ରସମୟୀ ଲେଖନୀ ! ଅହୋ ନବଜାପଣ୍ଡି ପଦ୍ୟବିଳାସ ! ଅହୋ ଉତ୍କ-ଳ ବାଟ୍ଦେଶାଙ୍କ ବଲପୌଢ଼ି ! ଅହୋ ଅଧୁନାତନ ସାହିତ୍ୟରେ ଜଗଜ୍ଜୃମ୍ଭା ନୈକଳା ଧ୍ୱନି ! ଅହୋ ଯୁଗଳଦୟର ରୂପର କୋମଳ କଟାକ୍ଷପାତ ! " ଏଡ଼ ଗଲା କବଶ୍ରୀର ଅବତାରଣା ।

ମାହାପାତ୍ରେ କବିବରଙ୍କୁ ଦ୍ରୋଣକାକ ଆଖ୍ୟା ଦେଇଅଛନ୍ତି ଏଥି ନିମନ୍ତେ କବିବର ଦୁଃଖିତ ହେବେ ନାହିଁ ବୋଲି ତାଙ୍କୁ ଅନୁରୋଧ କରୁଅଛୁଁ, ଅପେ ଅର୍ଜ୍ଜିଲ ବର୍ତ୍ତମାନ ଅଗେ ହୁଅନ୍ତୁ ସାବଧାନ କବିବର ହାତେ ହାତେ ଏ ଉପାଧିଟି ଅର୍ଜ୍ଜି-ଅଛନ୍ତି । ତାଙ୍କ 'କର୍ଣ୍ଣରଣୀ' ର 'କାକବାରତା' ପଢ଼ି ଅମ୍ଭେମାନେତ ତାଙ୍କୁ ଅଗରୁ 'ଭାମଗକାଉ' ଉପାଧି ଦେଇଥିଲୁଁ । କବି ହିବ ଯେଉଁ 'କଳ୍ପନା ଜଗତେ ବୈରାଗ୍ୟ କାକ, ଏସନେହିଁ ହଏ ସତ୍ୟର ଭାକ' ଉପଦେଶମାନ ଦେଇଅଛନ୍ତି ମାହାପାତ୍ରେ ସେ ସତ୍ୟ ଡାକ ଶୁଣିକ କାନ ଦେଇ ଶୁଣି କବି ହିବଙ୍କୁ 'ଦ୍ରୋଣକାକ' କହୁଅଛନ୍ତି । ସ୍ୱସ୍ତି ଓ ସର୍ତ୍ତ କବ ଦ୍ୱୟ ଯେଉଁ ଶ୍ରେଣୀର, କବି ହିବ ସେ ଶ୍ରେଣୀର ହୋଇ ନ ପାରନ୍ତି । ସେ 'ତରୁଣ ପରିଭବ' ବା 'ସ୍ୱମନାନ୍ଦନ ପ୍ରଦାୟକ ବକ୍ତ' ନୁହନ୍ତି, ସେ ବାଲ୍ୟମୂର୍ତ୍ତ ଉପଟ ତନ୍ଦନର । ସ୍ୱସ୍ତି ଓ ସର୍ତ୍ତ କବଙ୍କୁ ଦେଖିଲେ ଅମ୍ଭେମାନେ ଦୂରରୁ ନମସ୍କାର କରୁଁ, କିନ୍ତୁ କବି ହିବଙ୍କୁ ଦେଖିଲେ ସପ୍ରେମ ଅଲିଙ୍ଗନ କରିବାକୁ ମନ ଉଚ୍ଛନ ହୁଏ, ଧୂଳିଘର ଖେଳର ସଙ୍ଗୀ ବୋଲି ତାଙ୍କୁ କରତଳେ ଦିପଦ ଅପଣା ମୁଣ୍ଡ ଛ ଶୁଣାଇ ଦେବାକୁ ମନ ହୁଏ । ଓଡ଼ିଆର ସୁହୃଦ, ଭକ୍ତବନ୍ଧୁ, ନାଟ୍ୟକାର ସ୍ୱସ୍ତି, ଔପନ୍ୟାସିକ ଯେକାଯର, ପ୍ରବୀଣ ସୁଯୋଗ୍ୟ ସମ୍ପା-ଦକ ବର୍ଷୀୟାନ୍ ସ୍ୱସ୍ତି ମହାନୁଭବମାନଙ୍କର କବି ହିବଙ୍କ ପ୍ରତି ସ୍ନେହ ଓ ଆଦର ଥିବା କଥାଟା ପ୍ରତିବାଦକଙ୍କୁ ଜଣା ନାହିଁ ପରା ! ପ-ପଣ୍ଡିତାୟୁକଙ୍କ ଅପେକ୍ଷା ଟେଲି ଉଚ୍ଚରେ ଅର୍ଥାତ ଗୁରୁତ୍ୱ ଓ ମହାଜନମାନେ କବି ହିବଙ୍କ ମୁଣ୍ଡରେ 'ଶିରପା' ବାନ୍ଧିଥିବା କଥା ମହାପାତ୍ରଙ୍କ ଅବଧାନକୁ ଅସି ନାହିଁ ପରା ! ମାହାପାତ୍ରେ ଥରେ କଷ୍ଟ ସ୍ୱୀକାର କରି କବି ହିବଙ୍କ ବସାକୁ ଯାଇ ତାଙ୍କ ସୁଯାଉସ-ପତ୍ର-ତାଡ଼ାଟା ଦେଖି ଅସିଲେ ତରକାଳ ଅନଙ୍କ ହୋଇ ଉଠନ୍ତେ । 'ମହାପାତ୍ର' ସ୍ୱାଇନ ହୋଇ ପାରେ, କିନ୍ତୁ ପଣ୍ଡିତଶ୍ରୀ 'କାବ୍ୟକାଶ' ନୁହେଁ । 'ପଣ୍ଡିତଶ୍ରୀ' 'ମହାପାତ୍ର' ର ଅଲୋକ ସ୍ପର୍ଶି ନ ପାରେ, ସ୍ପର୍ଶିବାର ମଧ୍ୟ ଅବଶ୍ୟକ ନାହିଁ । ମହାପାତ୍ର ବାଲୁକାର୍ଯ୍ୟ ସମଣ୍ଡିତ ସ୍ୱର୍ଣ୍ଣରହସ୍ୟତର ଦସ୍ତିଦନ୍ତର ସଜରୋଶ୍ୟ ମାଳା; ପଣ୍ଡିତଶ୍ରୀ 'ସୁଲୁମାସ୍ତି କାଳଦା' ହସ୍ତସ୍ଥିତ ବନମଲ୍ଲିକାର ହାର । ଏହା କାଶଦାଣ୍ଡ ନୁହେଁ ବା କୁକୁଡ଼ାଜାତଅପୋଡ଼ ନୁହେଁ । ତେବେ କୋଟିଏ କଥାଃ—କବି ହିବ ପୁଷ୍ପାଏ ବଣମଲ୍ଲି

Digitized by srujanika@gmail.com

ସାଉଁଟିଥିଲି ଶତଦଳ ଓ କଦଳପତ୍ରକାରେ ଗୋଟାଏ ଗୋଟାଏ ମାଳା ଗୁନ୍ଥି ଦେଲେ ଓ ବଡ଼ଲୋକମାନେ ସ୍ୱର୍ଣ୍ଣ ଉପହାର ସଙ୍ଗେ ଏ ହାରଟି ମଧ୍ୟ କେତରେ ଲମ୍ବାଇ ଦେଇ ପ୍ରେମରେ ଅକ୍ଷି ବୁଜି ଭୋଳ ହୋଇଗଲେ। ଅମ୍ଭମାନଙ୍କଠାରେ ଏତେ କଳ୍ପିତ ହାତ ନଥିଲା, ଶବ୍ଦ ବ୍ୟାକରଣୋପମା କନ୍ୟାସପତ୍ନୀ ଥାଇ ଅମ୍ଭମାନଙ୍କୁ କେହି ପଚାରିଲେ ନାହିଁ, ଏହାଠାରୁ ବଳ ଅନୁତାପର ବିଷୟ କଅଣ ହୋଇପାରେ! ଏଥିଯୋଗୁଁ ଅମ୍ଭମାନଙ୍କର ମଧ୍ୟ କବିଙ୍କ ପ୍ରତି ଗୋଟାଏ ଭାରି ଈର୍ଷା ଅଛି। କିନ୍ତୁ ନାସ୍ତିକ; ତାଙ୍କୁ ଢେଲ୍ଲଟିଏ ମାଇଲେ ସଙ୍ଗେ ସଙ୍ଗେ Wordsworth, Cowper, Shelley, କାଳିଦାସ, ଭଞ୍ଜ ଇତ୍ୟାଦି କେତେ ଲୋକଙ୍କଠାରେ ସେ ଢେଲ୍ଲଟି ବାଜିଯିବ। ନିଜେ ଗର୍ତ୍ତ କବି ଯେ ସମୂଳ ପଡ଼ିବେ, ଅମ୍ଭମାନଙ୍କର ଶଙ୍କର ସନ୍ଦେହ। ସେଥିଯୋଗୁଁ ଛବି ନାମ୍ରତ ଗାଲରେ ହାତ ଦେଇ ବସିଅଛୁଁ। କିଛି ନ ଥାଉ କଲ କବି 'ବଡ଼ଲୋକପ୍ରସାଦେନ ସ ଏବ ବଡ଼ ପଣ୍ଡିତ' ହୋଇ ଗୋଟାଏ ଟିକଟ୍‌ମଗ ଉତ୍କଳ ପାଇ ଗଲେଣି। ଈଶ୍ୱର ଆମ କଥା ବୁଝିଲେ ଯେବେ କଲ କବିଙ୍କ ଉତ୍କଳ ଟିକିଏ ଟଳମଳ ହୁଅନ୍ତା ତେବେ ସର୍ବ ପ୍ରଥମେ ଅସ୍ମଦୋସ୍ତ୍ରାହି ଓ ତାଙ୍କ ଅନ୍ତେ ଉତ୍କଳଶିକ୍ଷାର୍ଥୀ ଓ୍ୱାଲର୍ଡ୍ସ୍ୱାରସ୍ ସ୍ୱଇନ୍ ଅମ୍ଭେ ସେ ସ୍ଥାନଟି ଅଧିକାର କରନ୍ତୁ। ନ ଜାଣି ତ କବି ଅମୃତ ଯୋଗରେ ସ୍ୱତ ଦେଲେ 'ଭାଗ୍ୟଂ ଫଳତି ସର୍ବତ୍ର, ନ ବିଦ୍ୟା ନଚ ପୌରୁଷଂ'। ମାହାପାତ୍ରେ ମଧ୍ୟ ବୋଲେଇ ଉଠିଲେ ବଳଦେବ ଦ୍ରୋଣଦାସ।

ଯୋଦସ୍ୱଲ୍ପେ ତଲକୁ ଗନ୍ଧା। ପ—ପଣ୍ଡିତନାୟକ ତରୁଣବୟସ୍କ ସ୍କୁଲଛାତ୍ର। ସେ ଗୋଟିଏ କବିତ, ଲେଖିଥିଲେ। ସେତ ନିରପେକ୍ଷ ସମାଲୋଚନ, ହେଲା ନାହିଁ। କିନ୍ତୁ ପ୍ରତିବାଦୁଟା ହେଲା ନିରପେକ୍ଷତର। ମହାନ୍ତ ଉପସ୍ଥିତିବାଦ ତଦପେକ୍ଷା ନିରପେକ୍ଷତର। ଯଦି ଈଶ୍ୱରଙ୍କ ଅନୁଗ୍ରହରୁ ଅମୃତ ଯୋଗରେ ମାହାପାତ୍ରଙ୍କ ଅଜନ ଚକ୍ଷୁ ଏହା ଉପରେ ପଡ଼େ ଓ ଯେବେ ସେ ବୃଷ୍ଟିଭଦ୍ରା ଯୋଗରେ ଏଥିର ପର୍ଯ୍ୟୁପସ୍ଥିତିବାଦ ଲେଖିବାକୁ ବସନ୍ତି, ତେବେ ସେ ଧନ୍ୟା ଲେଖନୀ ମୁନରୁ ଯାହା ବାହାରିବ ସେ ହେବ ନିରପେକ୍ଷତମ ସମାଲୋଚନାଚୂଡ଼ାମଣି! ହେଲା, ପ—ପଣ୍ଡିତନାୟକେ ଭ୍ରାନ୍ତ ଧାରଣା ପ୍ରକାଶ କରି ଦୋଷୀ ହେଲେ। ତାଙ୍କ ସଙ୍ଗେ ସଙ୍ଗେ କଲଣାଲୁଲ ମଧ୍ୟ ନରକରେ ପଡ଼ିଲେ। ଯେଉଁ କଲଣାଲୁଲ ଓଡ଼ିଶାର ଏକାଧିକ ମହାପୁରୁଷ ଓ ଖ୍ୟାତନାମା ମହାତ୍ମାମାନଙ୍କୁ ଜନ୍ମ ଦେଇଛି ସେ କୁଳଟା ମଧ୍ୟ ଏରଣ୍ଡଦ୍ରୁମ ହୋଇଗଲା, ମହାପାତ୍ରେ ଓ ତଚ୍ଛିଷ୍ୟପ୍ରବର (ମୁଁ) ଙ୍କ ସଙ୍ଗେ କେଉଁ କେଉଁ ବଂଶ ଏରଣ୍ଡଦ୍ରୁମ ପାଶି ପାଇବେ? ଏହା ଅପେକ୍ଷା ନିରପେକ୍ଷତାର ଜ୍ୱଳନ୍ତ ଉଦାହରଣ କଅଣ ହୋଇପାରେ! ଧନ୍ୟ ମାହାପାତ୍ରଙ୍କ କରଣୀ!

ଏତିକିଲା କଲ କବିଙ୍କ ଗାଥା। ବର୍ତ୍ତମାନ ପ୍ରକୃତର ବିଷୟର ଅବତାରଣା:— 'ଉତ୍କଳ-ସାହିତ୍ୟ ତାନପୁରୀ', 'ସମ୍ପାଦକବରଚରଣଶ୍ଳଥନିର୍ମାଲ୍ୟ କଳିକା' ଓ ଅଯାଚତୋପସ୍ଥିତ ପ୍ରତିବାଦରୂପ ନୀଳାଚଳନାଥଙ୍କ ଧନୁର୍ମୁଦ୍ରା। ଶଶିଙ୍କଠାରେ କଳଙ୍କ, ପଦ୍ମନାଳରେ କଣ୍ଟକ, ଇତ୍ୟାଦି ସାତୋଟି ବିଷୟରେ କଥାଟାକୁ ଅବରେକ ବୋଲି ମହନ୍ତି ଥିବା ବୃଦ୍ଧ ପଣ୍ଡିତଗୁଡ଼ାକ କହିଯାଇଅଛନ୍ତି। ବର୍ତ୍ତମାନ ଶତାବ୍ଦୀରେ 'ସ୍ୱାର୍ଥକଣ୍ଡି ପଣ୍ଡିତଙ୍କ ହସ୍ତରେ ଶିଶୁ ଉତ୍କଳସାହିତ୍ୟର ଭାର ଅର୍ପଣ' ହ୍ୱାରା କଥାଟାଙ୍କ ସାଙ୍ଗିଦିକେଇ ତାଡ଼ାଟା ବଢ଼ିଲା। 'ଦେବଦୁର୍ଲଭ ପଦ୍ମୋଧି-ସ୍ଥିତ ଦେବମନ୍ଦିରାଚଳ-ମନ୍ଦିର-ସମସ୍ତୋତ୍ଥିତ ସମ୍ବଲପୁର ହୃଦେଶିଣୀବିଳାସ' ଯେପରି 'ଉତ୍କଳ ବାଗଦେବୀଙ୍କର ପଞ୍ଚବାଦ୍ୟ ବିପକ୍ଷିଣୀଙ୍କାର ଉତ୍କଳଭୂମିରେ ଖେଳାଇବାକୁ ପଟୀୟସୀ', ସେହିପରି ଶ୍ରୀମନ୍ମୟୂରଭଞ୍ଜାଧିପଙ୍କଦ୍ୱାରା ପ୍ରାଚ୍ୟସହଯୋଗିତ ଓ ପରିବର୍ତ୍ତିତ ଏବଂ ସର୍ବ ସୁଭଲ ଦେବପ୍ରମୁଖ ରାଜା, ମହାରାଜା ଧନିମାନଙ୍କଦ୍ୱାରା ଜମ୍ମାଳିତାଇବାଲ ଉତ୍କଳ-ସାହିତ୍ୟ ପାଦପର ଛାୟା ଉତ୍କଳ, ବଙ୍ଗ, ମଧ୍ୟପ୍ରଦେଶ, ଗଞ୍ଜାମ, ମେଦିନୀପୁର, ବ୍ରହ୍ମଦେଶ, ମାନ୍ଦ୍ରାଜ ପର୍ଯ୍ୟନ୍ତ ପ୍ରସାରିତ। 'ଉତ୍କଳ-ସାହିତ୍ୟ କେନ୍ଦ୍ର, ସ୍ୱାର୍ଥ ବ୍ୟାସାର୍ଦ୍ଧଦ୍ୱାରା କେବଳ ଉଦରବୃତ୍ତ ଅଙ୍କିତ ହୋଇଅଛି' ଏହିକଲେ ଜ୍ୟାମିତି ଜ୍ଞାନ ଶେଷ ହେଲା ବୋଲି ମନେ କରିବେ ନାହିଁ। ବୃତ୍ତଚାପ, ବୃତ୍ତଖଣ୍ଡ, ଛେଦକ, ପରିଧି, ଜ୍ୟା, ସ୍ତୂପ, ଶର, ବ୍ୟାସ, ସବୁ ଅଛି। ଠିକଣା ଲଗେଇଲେ ଲୁଚିରହିବ କେଉଁଆଡ଼େ? ସ୍ୱାର୍ଥ ଖେଳାଳିଙ୍କ ସଂଖ୍ୟା ମଧ୍ୟ ଅଳ୍ପ ନୁହେଁ:— ଓଡ଼ିଶାର ଅଧିକାଂଶ ବିଖ୍ୟାତ କବି, ଲେଖକ, ଓ ଉତ୍କଳଭାଷୀ ପ୍ରଦେଶମାନଙ୍କର ଭିନ୍ନ ଭିନ୍ନ ସ୍ଥାନର ଶିକ୍ଷକ, ପଣ୍ଡିତ, କାବ୍ୟଶିକ୍ଷିତ ଓ ବିଶ୍ୱବିଦ୍ୟାଳୟର ଉଚ୍ଚତର ଉପାଧିଧାରୀ ଉଦୀୟମାନ ଲେଖକ। ବିଷୟ ତାଲିକା ମଧ୍ୟ ସାମାନ୍ୟ ନୁହେଁ;—ପଦ୍ୟ, ବିଜ୍ଞାନ, ଭାଷାବିଜ୍ଞାନ, ଜୀବନୀ, ପ୍ରତ୍ନତତ୍ତ୍ୱ, ଭ୍ରମଣବୃତ୍ତାନ୍ତ, ଉପନ୍ୟାସ, କାହାଣୀ, ସାମାଜିକ ଓ ଧର୍ମବିଷୟକ ପ୍ରବନ୍ଧ, ରାଜନୈତିକ ପ୍ରବନ୍ଧ, ସମାଲୋଚନା, ଅଧୁନାତନ ପ୍ରସଙ୍ଗ। ଏ ସବୁଡ଼ିକ ସ୍ୱାର୍ଥ ଖେଳ ନୁହେଁ ତ ଆଉ କଅଣ? ସମ୍ପାଦକ ସିନା ଦୁଇଥଲୋକଙ୍କ ଆଖିରେ ଧୂଳି ଦେଇ ଦୋଷୀ ହେଲେ। ଲେଖକମାନେ ହେଲେ ସ୍ୱାର୍ଥ ଖେଳାଳୀ! ଏହାକୁ ସିନା କହନ୍ତି ନିରପେକ୍ଷତମ ସମାଲୋଚନା! ଏହା ଏହା ବିଶ୍ୱରଙ୍କର ନିର୍ବିକାର ନିରପେକ୍ଷତମ ରାସ୍ତା! ମହାପାତ୍ରେ ଏକା ନିସ୍ୱାର୍ଥବ୍ରତାବଲମ୍ବୀ ମହର୍ଷୀ!

ନମସ୍କାର ଗ୍ରହଣ କରନ୍ତୁ। ମହାପାତ୍ରେ ଥରେ ଅନୁଗ୍ରହ କରି ଉତ୍କଳସ୍ଥଳକୁ ସରକାମକ ତହାରଖରୁ ଯାଇ ପୋଷାକଟା ଲୁଚାଇ ରଖି ଅନୁସନ୍ଧାନ କଲେ ବୁଝିପାରିବେ ଯେ ସମ୍ପୂ ଓ ଗର୍ତ୍ତ କବିଙ୍କର ବାର୍ଦ୍ଧକ୍ୟ, ଅସ୍ୱାସ୍ଥ୍ୟ ଓ କାର୍ଯ୍ୟରେ ଅନବସର ସେମାନଙ୍କୁ ସାହିତ୍ୟସେବାରେ ରତ କରାଇ ରଖିପାରୁ ନାହିଁ। ଏଥିରେ ସମ୍ପାଦକଙ୍କର ହାତ ନାହିଁ। 'ଶ୍ରେଷ୍ଠକବିମାନଙ୍କର ଅଜ ନାଲ ଶିଶୁ ଉତ୍କଳ-ସାହିତ୍ୟ ପ୍ରତି ଅନୁକମ୍ପା ଦୃଷ୍ଟି ନାହିଁ' ଏ କଥା କେଉଁ ସରଜମିନ୍ ତଦନ୍ତପରେ ମହାପାତ୍ରେ ସ୍ଥିର କରିଥିଲେ? ଅମ୍ଭେମାନେ ଏଥିମଧ୍ୟରେ ସମ୍ପୂ ଓ ଗର୍ତ୍ତ କବିଙ୍କ ସଙ୍ଗେ ସାକ୍ଷାତ୍ ଲାଭ କରି ବ୍ୟକ୍ତିଗତ ଆଳାପ ଓ ପରିଚୟରୁ ଅନୁକମ୍ପାଦୃଷ୍ଟିରସୋଧାକର କିଛି ଆଭାସ ପାଇଲୁ ନାହିଁ। କେଜାଣି ଅବା ସେମାନେ ଅମ୍ଭମାନଙ୍କୁ ଅସଲ ହୃଦୟର କଥାଗୁଡ଼ାକ ଲୁଚାଇଥିବେ! ନରମାୟା ନାରାୟଣଙ୍କୁ ଅଗୋଚର! କରଣ ପ୍ରେସ୍ ସ୍ଥାପିତ ହେବା ଦିନଠାରୁ ଅନୁକମ୍ପା ଦୃଷ୍ଟିର ବ୍ୟକ୍ତିଗତ ନିଦର୍ଶନ ଏକାଧିକ ଥର ପାଇଅଛୁଁ। ଛ ସାତମାସ ପୂର୍ବେ ଗର୍ତ୍ତକବିଙ୍କର କବିତା ଉତ୍କଳ-ସାହିତ୍ୟକୁ ମଣ୍ଡିତ କରିଥିଲା। ଏଥିମଧ୍ୟରେ ଥିବା ସ୍ୱାର୍ଥକଣ୍ଡିଭୂର ବିଶେଷ କିଛି ପରିଚୟ ପାଇ ଗର୍ତ୍ତ କବିଙ୍କର ସମ୍ପାଦକଙ୍କ ପ୍ରତି ଘୃଣା ଜନ୍ମିଥିବ, ସେ କଥା ଅମ୍ଭେମାନେ ଜାଣି ନାହୁଁ। ଅବଶ୍ୟ ମହାପାତ୍ରଙ୍କର ଜ୍ୟୋତିଷିକ ଦିବ୍ୟଚକ୍ଷୁକୁ ଅସଲ କଥା ଅଗୋଚର ହୋଇ ପାରି ନାହିଁ। ଅଯାଚକ ମାସେ ଦୁଇମାସକେ ଥରେ ଉତ୍କଳସାହିତ୍ୟ ବାହାରିବାବେଳେ ମହାପାତ୍ରେ ଉପର ତଳ ମଲାଟ୍ ଙ୍ଗ୍ରମାନ ପଢ଼ିଥିଲେ ଦେଖିପାରନ୍ତେ ଯେ ଉତ୍କଳସାହିତ୍ୟର ଲେଖକ ଗ୍ରାହକ ସାହାଯ୍ୟକାରୀ ଓ ବିଷୟର ସଂଖ୍ୟା ଓ ମୂଲ୍ୟ ନିତାନ୍ତ ଅଳ୍ପ ନୁହେଁ।

ତେବେ ଗୋଟିଏ କଥା;—ଅମ୍ଭମାନଙ୍କ ପିଛା ଶହ ଶହ ଟଙ୍କା ଖରଚ ହେଲା, କିନ୍ତୁ ପୂଜା ପୂରୁ ଅଗାଡ଼ ହୋଇଗଲା। ସମ୍ପାଦକଙ୍କ ଗୋଡ଼ରେ ଟିକିଏ ଧୂଳି ଲାଗିଲା ନାହିଁ, ରେଲ, ଷ୍ଟିମର, ଗାଡ଼ି ବଟିରେ ବୁଲି ଓଡ଼ିଶା, ଗଞ୍ଜାମ, ମଧ୍ୟପ୍ରଦେଶ, ମେଦିନୀପୁର ଇତ୍ୟାଦିର ଏତେ ବଡ଼ଲୋକଙ୍କ ଆଖିରେ ଧୂଳି ପକେଇ ଦେଇ ବେଇଙ୍ଗ୍ ପୋଷ୍ଟରେ ଗୋଟାଏ ପ୍ରେସ୍ ମାରିଦେଲେ। କେବଳ ଏତିକି ନୁହେଁ,— ଅମ୍ଭେମାନେ ଖୁବ୍ ବିଶ୍ୱସ୍ତ ସୂତ୍ରରୁ ଅବଗତ ହୋଇଅଛୁଁ ଯେ ସ୍ଥାନେ ଦିବ୍ୟସୁନ୍ଦର ସିଧାସରଞ୍ଜାମ, ପାଟ ସାଥୀ, ବାଟ ଖରଚ ଓ ବଡ଼ାବ ମଧ୍ୟ ଅସୁଲ କରି ଅଛନ୍ତି। ଆଜି ପର୍ଯ୍ୟନ୍ତ ଯେ ଲୋକଙ୍କର ଆଖି ଫିଟୁ ନାହିଁ। ଦେଶ ଉଚ୍ଛନ୍ନ ଯିବାକୁ ଆଉ କେତେଦିନ?

Split by PDF Splitter
Digitized by srujanika@gmail.com

ଉତ୍କଳସାହିତ୍ୟ ପ୍ରେସ୍ ନାମକ ସମ୍ପାଦକ ଋଣ-ଗ୍ରସ୍ତ ଥାଇ ମଧ୍ୟ ଏଥି ମଧ୍ୟରେ ନିଜ ବ୍ୟୟରେ ଦୁଇ ତିନୋଟି ସାହିତ୍ୟ ପୁସ୍ତକ ପ୍ରକାଶ କରିଅଛନ୍ତି ଏବଂ ସ୍ୱାର୍ଥଶୂନ୍ୟ ଅନ୍ୟ ଜନ ସ୍ୱଦେଶଭକ୍ତ ସମ୍ପାଦକ ଉତ୍କଳର କହ୍ଲାଣି, ବଣିଆ, ମାଳୀ ଓ କାଉପମାନଙ୍କ ପ୍ରତି ସହାନୁଭୂତି କରୁଅଛନ୍ତି । ଅଧି-କାଂଶ ସମୟରେ ସେମାନଙ୍କର ଅନୁଗ୍ରହ ପ୍ରାର୍ଥନା କରି ଦ୍ୱାରସ୍ଥ ହୋଇଅଛନ୍ତି ଓ ଭବିଷ୍ୟତରେ ଏହା କରିବାକୁ କୁଣ୍ଠିତ ହେବେ ନାହିଁ । ଏହା ମଧ୍ୟ ସ୍ୱାର୍ଥଖେଳା । ସମସ୍ତେ ଯେ ତାଙ୍କ ପ୍ରାର୍ଥନା ପୂରଣ ନ କଲେ ସେଥିର ସେ କଅଣ କରିବେ ? ଆମ୍ଭମାନଙ୍କ ସଙ୍ଗେ ସମ୍ପାଦକଙ୍କ ଆଲୋଚନା ବା ମତ ନ ମିଳିଲାବୋଲି ସେ ଆମ୍ଭମାନଙ୍କୁ ଅବମାନିତ କଲେ ଏହା କେଉଁ ଯୁକ୍ତି ? ସାହିତ୍ୟକ୍ଷେତ୍ରରେ ମତଭେଦ ଓ ରୁଚିର ପାର୍ଥକ୍ୟ ଅବଶ୍ୟମ୍ଭାବୀ । ମହାପାତ୍ରେ ଉତ୍କଳସାହିତ୍ୟର ଜନ୍ମପତ୍ରିକାରୁ ଜ୍ୟୋତିଷ ଗଣନାକ୍ରମେ ଉତ୍କଳସାହିତ୍ୟର 'ସଙ୍ଗ-ନତ ଜନ୍ମଭିତ୍ତି ଚକ୍ର' ସ୍ଥିର କରି ଅଛନ୍ତି, ସେଥି-ରେ ଆମ୍ଭମାନଙ୍କର କିଛି କହିବାର ଅଧିକାର ନାହିଁ । କିନ୍ତୁ ମହାପାତ୍ରଙ୍କ ଅବଧାନଙ୍କୁ ଆମ୍ଭ ସେ ଅସଲ ଯାତକ ଖଣ୍ଡିକ ଆପଣଙ୍କ ହାତ ପଡ଼ି ନାହିଁ । ଆପଣ ଖଣ୍ଡେ ଯୋଜଣିଆ ଟିପଣୀ ହାତ-ଅଡ଼ା ଅଳଥ ଗତାରୁ ଗୋଟାଇ ଆଣି ମନେ ୨ ହିସାବ ଲଗାଇ କାଳ କାଟି ମାରୁଅଛନ୍ତି । ଅସଲ ଯାତକ ଖଣ୍ଡ ଦେଖିଲେ ଜାଣିବେ ଯେ ଉହାଙ୍କ ଘରେ କେତେଟି ଗ୍ରହ ଅଛନ୍ତି ଓ ତହିଁରୁ ଗଣନା କରି ସ୍ଥିର କରିବେ । ଆପଣ ତ ବୁଝିବାକର ।

ସେ ସ୍ୱାର୍ଥଖେଳାକ ବୁଝନ୍ତୁ ନ ଜାନସ୍ପୃହ-ଧାରୀ ହୁଅନ୍ତୁ ଆମ୍ଭମାନଙ୍କଦ୍ୱାରା ଯାହା ହେଉ ନ ଥିଲା ବୈଦ୍ୟନାଥ ବାବୁ ତାହା କଲେ । ସେଥିରେ କୃତଜ୍ଞ ନ ହୋଇ ତାଙ୍କୁ ଦୃଷ୍ଟ ବୋଲି କହିବା ଆପଣାର ଦକ୍ଷତା ନୁହେଁ ଆଉ କଅଣ ? ସେ ଗୋଟିଏ ମହତ୍କାର୍ଯ୍ୟ ସାଧନ କଲେ ତଦ୍ୱାରା ଦେଶ ଉପକୃତ । ତାହାପାଇଁ ତୁମେ ଆମେ କୃତଜ୍ଞ ନ ହେଲେ ଦେଶ ଭବିଷ୍ୟତରେ ତାହାର ନାମ ସ୍ୱର୍ଣ୍ଣାକ୍ଷରରେ ଲେଖି ରଖିବ । ତୁମ୍ଭ ଆମ୍ଭ ଅସାର ପ୍ରଳାପରେ ତାହାର କିଛି ଅନିଷ୍ଟ ହେବ ନାହିଁ । ବର୍ତ୍ତମାନ ଉତ୍କଳର ସାହିତ୍ୟ ଅବସ୍ଥା ପ୍ରତି ଟିକିଏ ଦୃଷ୍ଟି ପକାଅ । କେତେକ ବର୍ଷ ପୂର୍ବେ ଓଡ଼ିଆଭାଷା ଉଠାଇ ଦେବା ବୋଲି ପ୍ରସ୍ତାବ ହେଉଥିଲା । ଯାହା ଅମଙ୍ଗଳଜନକ ତାହାର ପରାଜୟ ଓ ଯାହା ମଙ୍ଗଳମୟ ତାହାର ଜୟ ଅବଶ୍ୟମ୍ଭାବୀ । ଅରେ ଭାଇ ଦେଖ ଯେ ଓଡ଼ିଆ ଭାଷାରେ କେତେ ଏ ମାସିକ ପତ୍ରିକା ସଂସ୍ଥାପିତ କରିବାର ଚେଷ୍ଟା ହେଉଅଛି ହୋଇ ନାହିଁ ।

କିନ୍ତୁ ସମସ୍ତେ କାଳଗ୍ରାସରେ ପଡ଼ିଲେ । ଜଣେ କର୍ତ୍ତବ୍ୟ ଲୋକଦ୍ୱାରା ଏପରି ଗୋଟିଏ ମହତ୍କାର୍ଯ୍ୟ ଅନୁଷ୍ଠିତ ହୋଇଅଛି । ଏଥିରେ କି ଆନନ୍ଦିତ ଓ ଆଶ୍ୱସ୍ତ ହେବାର କିଛି କଥା ନାହିଁ ? ଶିଳ ଶିଳୁଆ ଭିଡ଼ ଲାଗିଲେ, ଦିମିରିଗୁଲା କିନ୍ତୁ ପବନ ମାଡ଼ି ସହି ରହିଗଲା ! ଏ କି କମ ଗୌର-ବର ବିଷୟ । ଦୋଷ ମୋର ଅଛି, ଆପଣଙ୍କର ଅଛି, ସମ୍ପାଦକଙ୍କର ଅଛି, ନାହିଁ କାହାର ? ଯ—ପକ୍ଷିକାଏ ପୂର୍ଣ୍ଣନିର୍ଦ୍ଦୋଷ, ମୁଁ ମଧ୍ୟ ନୁହେଁ, କି ଆପଣ କହୁଅଛନ୍ତି ଆପଣ ନୁହନ୍ତି । ସନ୍ତୁ-ଷ୍ଟିରେ ହୃଦୟର ଆବେଗ ପ୍ରକାଶ କଲେ ଏପରି ଅଭଦ୍ର ଓ ଲଜ୍ଜାଜନକ ପ୍ରତିଶୋଧ । ଏହାଠାରୁ ଲଜ୍ଜାର ବିଷୟ ଅଧିକ କଣ ହୋଇ ପାରେ ? ଏପରି କଲେ ସମୟ ଓ ଶକ୍ତିର ଅପବ୍ୟବହାର । ଏ ସମୟ ମଧ୍ୟରେ ଚେଷ୍ଟା କରିଥିଲେ ଅବଶ୍ୟ କିଛି ଉତ୍ତମ କଥା ଲେଖା ଯାଇଥାନ୍ତା । ଆମ୍ଭେମାନେ ମଧ୍ୟ ଢେର ଅଭଦ୍ରତା କଲୁଁ, ଏହା ଦୁଃଖର ବିଷୟ; କିନ୍ତୁ ସାହିତ୍ୟକ ନିର୍ଦ୍ଦୋଷ ହୋଇଥିଲେ କଠୋର ବାକ୍ୟ ପ୍ରୟୋଗ ନ କଲେ ସେଥିର ମୂଲ୍ୟ ଅବଶ୍ୟମ୍ଭାବୀ, ଆଶୀର୍ବାଦ କରନ୍ତୁ ସାହିତ୍ୟସେବକ କାର ସାହିତ୍ୟ କ୍ଷେତ୍ରରୁ ଅପସୃତ ହେଉ ଓ ଲୋକେ ଈର୍ଷା ତ୍ୟାଗ କରି ସାହିତ୍ୟସେବାରେ ନିସ୍ୱାର୍ଥଭାବରେ ଜୀବନ ଉତ୍ସର୍ଗ କରି ଦେଶର ତଥା ସାହିତ୍ୟର ଗୌରବ ବୃଦ୍ଧି କରନ୍ତୁ । *

ଆପଣଙ୍କର ଓ ସମ୍ପାଦକଙ୍କର

ଜଣେ ସ୍ୱାର୍ଥଖେଳାଳୀ

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଦାମୋଦର ପଟ୍ଟନାୟକ | କଟକ | ଟ ୧ |
| " ଜଗନ୍ନାଥ ମହାପାତ୍ର | " | ଟ ୧ |
| " ଶ୍ୟାମଚରଣ ପାଣିଗ୍ରାହୀ | କଣ୍ଠିଆର | ଟ ॥ |
| " ଲକ୍ଷ୍ମଣ ପଟ୍ଟନାୟକ | କେନ୍ଦ୍ରାପଡ଼ା | ଟ ॥ |
| " ନେତ୍ରାନନ୍ଦ ଦାସ | ଅନୁଗୁଳ | ଟ ॥ |
| " ଦାମୋଦର କାବ୍ୟତୀର୍ଥ | ଯାଜପୁର | ଟ ୧ |
| ଯେ, ପି, ହଡସନ | କଟକ | ଟ ୧ |
| ବାବୁ ପରମାନନ୍ଦ ସେନାପତି | ମଧୁବନ | ଟ ॥ |
| " ଶରତଚନ୍ଦ୍ର ମିତ୍ର | ଅନ୍ତରଙ୍ଗ | ଟ ॥ |
| " ଅନନ୍ତବିଦ୍ୟାଭୂଷଣ | ଢେଙ୍କାନାଳ | ଟ ॥ |
| " ବାଞ୍ଛାନିଧି ଯେନା | କଟକ | ଟ ॥ |
| " ଲୋକନାଥ ସିଂହ | ବୁଢ଼ାଖଲା | ଟ ॥ |
| " ଦୟାନିଧି ଦାସ | ପଟାମୁଣ୍ଡାଇ | ଟ ୧ |
| " ଜ୍ଞାନଧ୍ୟାନ ଦାସ | କଣାପଡ଼ା | ଟ ॥ |
| " ବୈଦ୍ୟନାଥ ପଣ୍ଡା | ଦୁତାରସିଂହ | ଟ ॥ |
| " ବଂଶୀଧର ପଣ୍ଡା | ବହାଲୋର ସାହପୁର | ଟ ॥ |

---


# ବିଜ୍ଞାପନ !




କେତେଗୁଡ଼ିଏ ରୋଗ ଦୂରୀଭୂତ କରିବାକୁ ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ ନିରାଶ ହୋଇ ତୁମ୍ଭଙ୍କୁ ଛାଡ଼ି ଯାଇଥାଅନ୍ତି, ଯଦି ସାଲସା, କଡ଼-ଲିଭର ଅଏଲ, ଫସ୍‌ଫୋରାଇଲ ସେଭନ୍ସ ହ୍ୟାନଡନ ପ୍ରଭୃତି ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ହତାଶ କରିଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ । ରୋଗନିର୍ମୁକ୍ତ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ । ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ ଫଳପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶକୁ କେବେ ଆମଦାନୀ ହୋଇ ନାହିଁ ।

କଏ ନ ଜାଣେ ସାଲସା, କଡ଼ଲିଭର ଅଏଲ, ପ୍ରଭୃତି ଔଷଧ ସମୂହରେ ରୋଗ ବଢ଼ିଥାଏ ।

ଶରୀର ଉପଶମ ହେବାର ପୂର୍ବସମୟ ସମୟରେ ବହୁ କଷ୍ଟରେ ପ୍ରବଳାକାର ଧାରଣ କରେ । କେତେବେଳେ ତାହା ସାମୟିକ ଶାନ୍ତି କଲେଷ ବୋଲିଯାଏ । ଅଥଚ ସକଳ ସମୟରେ ଉନ୍ନ

Digitized by srujanika@gmail.com

ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ । କିନ୍ତୁ

ସ୍ପାରମାଟିନ ।

ତାହାର ସମ୍ପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ ଅର୍ଥାତ୍ ଆରୋଗ୍ୟର କ୍ରିୟା ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେରି ଆସେ ନାହିଁ । ସୁତରାଂ ବାର ୨ ଋତୁ ବିଶେଷରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଉପକାର, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଅଷ୍ଟ୍ରିଆ, ଇଉରୋପ ଆଫ୍ରିକା ଓ ଆମେରିକା ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତ୍ୟହ ସହସ୍ର ୨ ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ବିକ୍ରୟ ବାହୁଲ୍ୟ ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଚୂଡ଼ାନ୍ତ ପ୍ରମାଣ !

ସ୍ପାରମାଟିନ କଣ ?

କେତେକଜଣ ସୁବିଜ୍ଞ ଶ୍ରେଷ୍ଠ ଚିକିତ୍ସକଙ୍କର ନ ୩୦ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଖଣିଜ ପଦାର୍ଥର ଭୈଷଜ୍ୟାଂଶର ସହିତରେ ସାମୁଦ୍ରିକ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ଜାନ୍ତବର ତୈଳାଂଶ ସଂଯୋଗରେ ପ୍ରଣାଳୀବଦ୍ଧ ପ୍ରକରଣରେ ଏହି ମହୌଷଧ ଆବିଷ୍କୃତ ।

ଅଥଚ ସେବନରେ ବିସ୍ୱାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେ କିନ୍ତୁ ଗୁଣର ତୁଳନାରେ ଏତେ ମାତ୍ରା ଔଷଧ ଏତେ ମୋହର ଅପେକ୍ଷା ମୂଲ୍ୟବାନ୍ ଅଟଇ ।

ସ୍ପାରମାଟିନର ଶକ୍ତି ତିନପ୍ରକାର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ ଓ ହୃତ୍ପିଣ୍ଡ ବା ଫୁସ୍ ୨ ସମ୍ବନ୍ଧୀୟ ପୀଡ଼ା—

୧ । ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ, ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତସ୍ଖଳନ, ମେହ, ପ୍ରମେହ ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୁହୁର୍ମୁହୁ ଅଳ୍ପ ବା ଅଧିକ ପ୍ରସ୍ରାବ, ଟୋପା ୨ ମୂତ୍ର ପତନ, ପ୍ରସ୍ରାବର ଜ୍ୱାଳା, ମୂତ୍ର ସହ ଶୁକ୍ରପତନ, ମୂତ୍ର ନଳରେ କ୍ଷତ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ର କ୍ଷୟ ଜନିତ ମୁଣ୍ଡବ୍ୟଥା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱଳା, ସ୍ମରଣ ଶକ୍ତିର ହୀନତା, ଜ୍ୱରଭାବ, ହାତ ଗୋଡ଼ ଫୋଲା କଣ୍ଠା, ଦେହର ଅକାଳପକ୍ୱତା, ମୁଣ୍ଡର ବାଳ ଉପୁଡ଼ିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଜୀର୍ଣ୍ଣ, କୋଷ୍ଠ କାଠିନ୍ୟ ପ୍ରଭୃତି ଅନୁଷଙ୍ଗିକ ବିବିଧ ପ୍ରକାର ଶୁକ୍ରପୀଡ଼ା ଓ ତତ୍ସହ ଜନିତ ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ ।

୨ । ପାରଦ ଓ ଗରମିର ବିଷାକ୍ତତା ବା ବିଷାକ୍ତ ଔଷଧାଦି ବ୍ୟବହାରରେ କିମ୍ବା ମ୍ୟାଲେରିଆର ବିଷ ପ୍ରଭୃତି ଶରୀରରେ ପ୍ରବିଷ୍ଟ ହେବା କାରଣରୁ ରକ୍ତର ଦୂଷିତ, ଗରମୀ ଘା, ଖାସର ଘା, ନାକ ଓ ମୁଖରେ ଏବଂ ମୁଣ୍ଡରେ ଘା, ମୁଣ୍ଡର ବାଳଉପୁଡ଼ିବା ହାତ ଗୋଡ ଓ ଅଣ୍ଠାରେ ବେଦନା, ନୂତନ ପୁରାତନ ମେହ ଘଟିତ ବାତ, ଗରମୀ ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ସନ୍ଧିସ୍ଥଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡ଼ିବା, ଦେହରେ ତମ୍ବା ୨ ଦାଗ, ହାତ ଓ ଗୋଡର ତଳାରେ ସ୍ଥାନେ ୨ ସାଦା ବା କଳାହେବା, କିମ୍ବା ଚମଡ଼ା ଉଠିବା ପୁନଃ ୨ ବାଘୀ ପଡ଼ିବା, ଦେହରେ ବଥ ବା ବ୍ରଣ ବାହାରିବା ଶରୀର ପିପାସା ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ଯାବତୀୟ ପୀଡ଼ା, ଉପସର୍ଗାଦି ଆରୋଗ୍ୟ ପକ୍ଷରେ ଅମୋଘ ।

୩ । କ୍ଷୟକାଶ, ଦମାକାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତକଣିକା ପତନ, ମୁଖରୁ ଓ ନାସିକାରୁ ରକ୍ତପତନ, ଛାତିରେ ବେଦନା, କଫ ଜମିବାର, ସ୍ୱରଭଙ୍ଗ ବୈକାଳ ପ୍ରଦାହ, ଆହାରରେ ଅରୁଚି, ଓ ବିଷାଦ, ଛାତି ଜଳିବା, ଓ ହୃତ୍କମ୍ପ, ସହଜ ଓ ସାମାନ୍ୟ ଶ୍ରମରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସ୍ ୨ ର କାର୍ଯ୍ୟ କରଣଶକ୍ତିର ଅଭାବ; ଇତ୍ୟାଦି ହୃତ୍ପିଣ୍ଡ ବା ଫୁସ୍ ୨ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡ଼ା ସମସ୍ତ ନିମନ୍ତେ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ କେତୋଟି ଭେଷଜର ଭେଷଜ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ନିଚୟ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ସେହି ସକଳ ରୋଗରେ କିମ୍ବା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇଥାଅ ତେବେ ଏହି ମହୌଷଧ, ସେବନ କରି ଜୀବନ ରକ୍ଷା କର, ସହଜେ, ସୁଲଭରେ, ସ୍ୱଚ୍ଛନ୍ଦାରେ ସ୍ଥାୟୀ ଆରୋଗ୍ୟ ଲାଭ କରି ଦୀର୍ଘଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବିଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ କୋଷ୍ଠ ପରିଷ୍କାର ହେବ ।

ସ୍ପାରମାଟିନ—ଶରୀର ଯନ୍ତ୍ରର କ୍ଷୟିତ ଅଂଶ ଓ ଅଭାବ ଶୀଘ୍ର ୨ ପୂରଣ କରିବାକୁ ସ୍ୱାସ୍ଥ୍ୟୋନ୍ନତି ଓ ତାହା ଅକ୍ଷୁଣ୍ଣ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ସାଲସା, କଡ଼ଲିଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଏଇ, ସେହି ସକଳ ପୀଡ଼ାରେ ସ୍ପାରମାଟିନ ଥରେ ମାତ୍ର ବ୍ୟବହାର କରିବାଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଅଛି । ସୁତରାଂ ଏହା ଯେ ପ୍ରଚଳିତ ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ, ସେଥିରେ ଅଣୁମାତ୍ର ସନ୍ଦେହ କରିବାର ଅବସର ନାହିଁ ।

ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧ ୧ ଏକ ଟଙ୍କା । ତିନିର ଟ ୧୦ ୧ ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ଟ ୦ ।୵ ତିନି ଶିଶିରେ ଟ ୦ ॥୵ ଓ ୬ ଶିଶିରେ ଟ ୧ ଓ ତିନିର ଟ ୧।

ପ୍ରାପ୍ତିସ୍ଥାନ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା ।


| | |
|---|---|
| *Manager* Spermatine Depot No. 22 Baranasi Ghose's street Calcutta. | ମାନେଜର ସ୍ପାରମାଟିନ ଡିପୋ ନ ୨୨ ନର ବାରାଣସୀ ଘୋଷ ଷ୍ଟ୍ରିଟ୍ କଲିକତା |

## ବିଜ୍ଞାପନ ।

### ଏରଣ୍ଡ ଦେଙ୍ଗ ଅଏଣ୍ଟମେଣ୍ଟ ।
ବା
### ଯାଦୁର ଔଷଧ ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଜ୍ୱାଳାରେ ସବୁ ପ୍ରକାର ଯାଦୁ ଆରାମ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ୵ ଅଣା ।

ପ୍ରାପ୍ତିସ୍ଥାନ ଏଲ୍ ଚ, ଦେ
ହୋମିଓପ୍ୟାଥିକ, ଦାତବ୍ୟ ଔଷଧାଳୟ
ବାଲେଶ୍ୱର ।

## ନୂତନ ପୁସ୍ତକ ।

| | |
|---|---|
| ଜଥିଶିକ୍ଷା ( ନୂତନ ଛାପା ) | ଟ ୦ ୵ |
| ପଦ୍ମପୁରାଣ | ଟ ୧ |
| ଜାନରହୀତା ୨ୟ ଖଣ୍ଡ | ଟ ୦। |
| ବଟକୃଷ୍ଣ ମଧୁପର୍କ | ଟ ୦ ।୵ |
| ନୃତ୍ୟସ୍ୱଭାବ | ଟ ୦ ୵୬ |
| ମନ୍ତ୍ରରବଣ ସ୍ତୁତି | ଟ ୦ ।୬ |
| ପ୍ରବନ୍ଧ ଅଣ୍ଡଚନ୍ଦ୍ର ବା କାଦମ୍ବରୀ ଉପନ୍ୟାସ (ଗ୍ରନ୍ଥ) | ଟ ୦ ।୵ |
| ଭକ୍ତି-ସଙ୍ଗୀତ | ଟ ୦ । |
| ବୈରାଗ୍ୟଗୀତା | ଟ ୦ । |
| ସପ୍ତାଙ୍ଗଯୋଗସାର ଟୀକା | ଟ ୦ । |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ମିଳଇ ।


Digitized by srujanika@gmail.com

## ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତସିଂହପୁର, ଭଦ୍ରୋଳ, ଶାଲେପୁର ଓ ବାଙ୍କି-ଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜିହାଉସ ( ପାଉଣ୍ଡ ) ସନ ୧୯୦୨ ମସିହା ନବମ୍ବର ମାସ ତା ୧୮ ରି-ଖଠାରୁ ସନ ୧୯୦୪ ମସିହା ମାର୍ଚ୍ଚମାସ ତା ୩୧ ରିଖ ପର୍ଯ୍ୟନ୍ତ ୧ ବର୍ଷ ୫ ମାସ ନିମନ୍ତେ ସନ ୧୯୦୨ ମସିହା ନବମ୍ବରମାସ ତା ୧୮ ରିଖ । ମୂ । ସନ ୧୩୧୦ ସାଲ ମାର୍ଗଶିର ମାସ ୨୪ ନ ତବା ଖ ୧୨ ଘା ସମୟରେ କଟକ ସଦର ଲୋକେଲବୋର୍ଡ ଅଫିସରେ ଶ୍ରୀଯୁତ ଶ୍ରୀ ଭେଷ୍ଟା-ରମେନ ବାହାଦୁରଙ୍କ ହସ୍ତରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜର ବନ୍ଦୋବସ୍ତ କରାଯିବ ଅତ-ଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦଆ ଯାଉଅଛି ଯେ ଯେଉଁମାନେ ତାକ ଜିମ୍ମାରେ ଇଜର ନେବାକୁ ଇଚ୍ଛା କରନ୍ତି ସେମାନେ ନିଜେ ଉପରଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜର ନେଇପାରିବେ । ଯାହାଙ୍କ ଡାକ ସର୍ବା-ପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହିତା ତତ୍କ୍ଷଣାତ୍ ଅର୍ଥାତ୍ ନିଲାମୀ ଡାକ ଶେଷ ହେଲାକ୍ଷଣି ନିଲାମୀ ଜରସମନର ଚତୁର୍ଥାଂଶ ଜାମିନ ସ୍ୱରୂପ ଅବିଳମ୍ବେ ଦାଖଲ କରିବେ ଓ ବାକି ଜରସମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ପୁନ ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାର୍ଟରର ଖଜଣା ସେହି କ୍ୱାର୍ଟରର ପ୍ରଥମ ତାରିଖରେ ଅଗ୍ରୀମ ଦେବାକୁ ହେବ ନ ଦେଲେ ତହିଁର ଯେ କ୍ଷତି ହେବ ତାହା ଖେଷ୍ଟି-ଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହିତା ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କୁ ନିରୂପିତ ସର୍ତ୍ତ ଅନୁସାରେ ସ୍ୱାକ୍ଷରିତ କବୁଲିୟତ ଲେଖିଦେଇ ରେଜେଷ୍ଟରୀ କରିଦେବେ । ଉପରୋକ୍ତ ନିଲାମ ଆଦି ସମ୍ବ-ନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ ନ କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକ ପାରିବେ ତଦନ୍ତରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତତ୍କ୍ଷଣାତ୍ ତାହାର ଉପାର୍ଜିତ ରଦ୍ଦ କରା ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ସାଜ ଦିଆ କରାଯିବ ।

ଥାନା କଟକ

୧ । ତେଲଙ୍ଗାପେଣ୍ଠ　　୩ । ପାଥପୁର

୨ । ଲହରକଣ୍ଠା　　୪ । ଗାଙ୍ଗି

ଥାନା ବାଙ୍କି

୧ । ଗଡ଼ିଆ　　୫ । ବୈଦେଶ୍ୱର

୨ । ଭୁଲଶୀପୁର　　୬ । ସୁବର୍ଣ୍ଣପୁର

୩ । ପଥୁରିଆପଡ଼ା　　୭ । ଘୋଲପୁର

୪ । କଳାପଥର

ଥାନା ଶାଲେପୁର

୧ । ପଦ୍ମପୁର　　୪ । ଖନ୍ଦୋଳ

୨ । ବୃନ୍ଦାବନାଥପୁର　　୫ । ଅସୁରେଶ୍ୱର

୩ । ଗୌଦା

ଥାନା ଜଗତ୍‌ସିଂହପୁର

୧ । ବାଲିଆ　　୩ । ଝରଲୋ

୨ । ସଙ୍ଖାରିସାହି

ଥାନା ଭଦ୍ରୋଳ

୧ । ପଙ୍କପାଳ

M. Das
Vice Chairman.

## ଏହାଇ ଯାଦୁର

### ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଳନାରେ ମୂଲ୍ୟ ନିତାନ୍ତ ଯତ୍ ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମତାର ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଯାଦୁ ହେଉ ନା କାହିଁକି ଏହି ଔଷଧ ବ୍ୟବହାରଦ୍ୱାରା ଏକା ଜ୍ୱାଲା ଯନ୍ତ୍ର-ଣାରେ ରୋଗ ସଂପୂର୍ଣ୍ଣ ଆରୋଗ୍ୟ ହେବ । ଭାରତବର୍ଷର ସର୍ବଶ୍ରେଷ୍ଠ ସର୍ବଜ୍ଞ କର୍ତ୍ତୃକ ଏହା ଅଗ୍ରହଣଦିନାରେ ବ୍ୟବହୃତ ପୁଣି ଶତ ଶତ ଲୋ-କଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରଶଂସିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଗୋଟିଏ ଡବାର ମୂଲ୍ୟ ୵ ୦।୵ ଛ ଅଣା, ଏକଥରେ ୭ ଛ ବା ୧୨ ବାର ଯୋଡ଼ା ନେଲେ କ୍ରେତାର ବଶେଷ ଲାଭ ଅଛି । ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ଜିଲ୍ଲା ଏବଂ ବାହାର କେତେ ଡବା ଔଷଧ ଗ୍ରହ ଲେଖିଲେ ବ୍ୟବସ୍ଥାପତ୍ରସହ ପ୍ରେରିତ ହୁଏ ।

ଏକମାତ୍ର ପ୍ରାପ୍ତିସ୍ଥାନ;—

ଶ୍ରୀ ରାମଚରଣ ସେନ ।
କେବ ଉତ୍କଳପ୍ରେସ, ବାଲେଶ୍ୱର

## ବିଜ୍ଞାପନ ।



### ନବୀନ ନବୀନାର ସୋହାଗର ସାମଗ୍ରୀ ।

ପ୍ରେୟସୀର ପ୍ରିୟ ଉପହାର, ଅତି ଅପୂର୍ବ ।
ଏଲଚ, ତ କ୍ଲୁଣ୍ଡର ଅଭିନବ ଆବିଷ୍କାର
"ଇନ୍ଦୀବର ଶୋଭନା

ଏହି ଦ୍ରବ୍ୟ ଅଳ୍ପ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ "ଇନ୍ଦୀବର ଶୋଭନା" ବିହୀନ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଏହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘ-କାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । "ଇନ୍ଦୀ-ବର ଶୋଭନା" ଯୁକ୍ତ ପାନରେ ଖଦିର, ଧନିଆ-ଗୁଣ୍ଡ, ଗୁଜରାତି ପ୍ରଭୃତି କୌଣସି ପ୍ରକାର ମସ-ଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଆମିର, ଓମରାହ-ମାନେ ବ୍ୟବହାର କରୁଥିଲେ; ମିଷ୍ଟର କ୍ଲୁଣ୍ଡ ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ତହିଁ ସହିତ କେତେ ଗୁଡ଼ିଏ ନିର୍ଦ୍ଦୋଷ ଭେଷଜ ମିଶ୍ରିତ କରିଥିବାରୁ ଏତଦ୍ଦ୍ୱାରା ଦନ୍ତର ଶିଥିଳତା, ଦନ୍ତ ମାଢ଼ି ଫୁଲା, ଦନ୍ତ ବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ିବା ବନ୍ଦ ହୁଏ, ମୁଖ ଦୁର୍ଗନ୍ଧ, ଏବଂ ଦନ୍ତ ପଙ୍କ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦ । ଅଣା, ଡଜନ ଟ ୨୪ ଙ୍କା ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦ ।୵, ୬ ଶିଶିରେ ୵ ୦ ୳୵ ଅଣା, ଡଜନକୁ ଟ ୦ ୳ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ବିକ୍ରେତା:—"କ୍ଲୁଣ୍ଡ ଏଣ୍ଡ କୋମ୍ପାନୀ" ୧୧।୫ ନମ୍ବର ବାଗ୍‌ବଜାର ରୋଡ଼ର ଷ୍ଟ୍ରିଟ, କଲିକତା

ସର୍ବପ୍ରକାର କ୍ଷତ, ଘା, ଗର୍ମି-ବାଘି ପ୍ରଭୃତି ଆରୋଗ୍ୟ ପକ୍ଷେ ଚୂଡ଼ାନ୍ତ ।
"ଓ୍ୟାର ସାର କାର"

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହେଉ ନଲିଗଲି ପର୍ଯ୍ୟନ୍ତ ଆରୋଗ୍ୟ ହୋଇ ଯାଏ । ଅଥଚ ପାରା ପ୍ରଭୃତି କୌଣସି ପ୍ରକାର କଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧ ୧ ଙ୍କା ପ୍ୟାକିଂ ଓ ଡାକମାସୁଲ ଟ ୦ ।୵ ଅଣା । ପ୍ରାପ୍ତିସ୍ଥାନ :—"ଡବଲ୍ୟୁ, ମେଜର ଏଣ୍ଡ କୋମ୍ପାନୀ",—କଲିକତା ।

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ସନ ୧୯୦୬ ମସିହା ଡିସେମ୍ବର ମାସରେ ବୋମ୍ବାଇ ନିକଟ ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ (ହାଟ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଶିଳ୍ପ କାର୍ଯ୍ୟମାନ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ବିଷୟ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ଦୁଃଖିସିଂହ
ଜେନେରଲ ସେକ୍ରେଟେରୀ
ଇଣ୍ଡିୟାନଇଣ୍ଡଷ୍ଟ୍ରିୟଲ ଏକଜିବିସନ

## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ ବିଶାରଦଙ୍କର ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
୯୩ । ୨ ନଂ କରନୋଆଲିଷ୍ଟ୍ରୀଟ, ସିମଲିଆ, କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାରିତ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ, ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗସିଦ୍ଧ ବଟିକା ।

(ଅର୍ଥାତ୍‌ ଋଷିକୃତ ଯୋଗଲବ୍ଧ ସିଦ୍ଧମହୌଷଧ)

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତରମାନଙ୍କ ବୁଦ୍ଧିବିଭ୍ରମ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଆଉ ନାହିଁ । ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳ-ଢେକ୍ରାଉ (ଖଟାହାଲୁଟ) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ, ଏତଦ୍‌ଭିନ୍ନ ଅର୍ଶରୋଗ, ଭଗନ୍ଦର, ହୃଦରୋଗ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାରଦୋଷ, ଶରୀରରେ ଚକାକାର ଚିହ୍ନ, ଦଣ୍ଡ, ସ୍ୱପ୍ନଦୋଷ, ଧାତୁର ତରଳତା, ପୁରୁଷତ୍ୱ-[ହୀ]ନ, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, [ବି]ନ୍ଦୁ ବିନ୍ଦୁ ମୂତ୍ରସ୍ରାବ ଓ କାଲୀଘା ନିଃଶେଷ [ଆ]ରୋଗ୍ୟ ହୁଏ । ବାତବେଦନା, ଗଣ୍ଠିଫୁଲା, [ହ]ସ୍ତପଦାଦିର ଜ୍ୱାଳା, ସକଳପ୍ରକାର ବାତରୋଗର [ମହ]ୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ [ବା]ଧକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର [ଏ]ବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ [ଏ]ବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । [ଦେ]ହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାକୁ ଆଣିବା [ଏହି] ଔଷଧର ପ୍ରଧାନ କାର୍ଯ୍ୟ

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଆଠଅଣା ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ଦୁଇ ଅଣା । ଓଡ଼ିୟା ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ

## ବିଜ୍ଞାପନ ।

TRADE MARK — W. MAJOR & CO'S MEDICAL LABORATORY CALCUTTA — TRADE MARK — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !!
ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ—ସେହି
"ଇଲେକ୍ଟ୍ରୋ ସାଲସା"
ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ
ରେଜେଷ୍ଟ୍ରୀ କୃତ ।
ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!
ଅତି ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଆଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍ଟ୍ରୋ ସାଲସା :—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର ହଜାର ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ରାଶି ରାଶି ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ।

ଇଲେକ୍ଟ୍ରୋସାଲସା—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡେ ଏବଂ ତାହାର ଆରୋଗ୍ୟ-କାରିତା ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାଲୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ବଜାରରେ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା କ ସ୍ୱଦେଶୀ କ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍‌ ରୋଗକୁ ଚାପି ରଖେ କିନ୍ତୁ—

ଇଲେକ୍ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ଲାବିତ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ନୂତନ ନୂତନ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ବଡ଼ ହାସପାତାଲରେ ଉପ-ଯୁକ୍ତ ରୋଗିକୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଆସିୟା, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସତ୍ୟ ସତ୍ୟ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏକାଧାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ଦୃଷ୍ଟ ହୋଇ ନାହିଁ ।

ଇଲେକ୍ଟ୍ରୋସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଅଣ୍ଟୁଗଣ୍ଠି ଫୁଲିବା କୁଣ୍ଡେଇ ହୋଇ ଫୁଲି ଉଠିବା, କୁଣ୍ଡିଆଣ, କୁଞ୍ଜ, ଦଉଦି ଓ ପାରର ଘା, ନାକ ଓ କାନର ଘା, ଦେହରେ ବା ହସ୍ତ ଓ ପଦ ତଳରେ ପାରା ଗରମିର ଶାଦା ବା କଳା ଚିହ୍ନ, ଧବଳ କୁଷ୍ଠ, ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାରା ଓ ଗରମି-ବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁଷ୍କବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି—ଅର୍ଥାତ୍‌—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡିବା, ମୂତ୍ର-ନାଳର ଶୁଷ୍କ ବା ପୁଞ୍ଜରକ୍ତ ପଡିବା, ସ୍ୱପ୍ନଦୋଷ,

Digitized by srujanika@gmail.com

ସ୍ୱପ୍ନାବସ୍ଥାରେ ବା ଜାଗ୍ରତ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, ବହୁ ମଳ ବେଗରେ ଶୁକ୍ର ନିର୍ଗତ ହସ୍ତମୈଥୁନ ବା ଅତ୍ୟଧିକ ସହବାସ ହେତୁ ସ୍ମରଣ-ଶକ୍ତି ହ୍ରାସ, ମୁଣ୍ଡ ଘୂରାଇବା, ଚକ୍ଷୁର ଅସ୍ଥିରତା, ଦର୍ଶନ ପ୍ରିୟତା, ଚଳିବା ବୁଲିବାରେ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି; ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍ଟ୍ରୋ ସାଲସା:—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ଶୀର୍ଣ ଦୁର୍ବଳ ଜରା ଜୀର୍ଣ୍ଣ ଦେହ ସବଳ-ହୃଷ୍ଟ-ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍ଟ୍ରୋ ସାଲସା :—ସଙ୍ଗତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ବୃଥା ଭ୍ରମରେ ବଶ ହୁଅ ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍ଟ୍ରୋ ସାଲସା" ଭୁମ୍ବ ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀ ସୁଦ୍ଧା ଆଜଯାଏ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ। ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି - ସେମାନଙ୍କର ଓ ଅସଂଖ୍ୟ ଦୂର ଦେଶବାସୀ ରୋଗିଙ୍କର ସୁବିଧାର୍ଥେ-ପୁଣି ଟେଲିଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ—ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଅମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜେଷ୍ଟରୀ କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଆମ୍ଭ ଅଫିସରେ ପହୁଞ୍ଚିବ ।

ଇଲେକ୍ଟ୍ରୋ ସାଲସାର :—ଆବିଷ୍କର୍ତ୍ତା—

ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ନିଉୟର୍କ ଅମେରିକା । ଭାରତବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର;—"ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ," କଲିକତା

☞ ଏତଦ୍ ସମ୍ବନ୍ଧେ ଅନ୍ୟାନ୍ୟ ବିବରଣ ଅନ୍ୟ ପୃଷ୍ଠାରେ ଦେଖ ।

ଏହାପର ଆଦର୍ଶ "ଟ୍ରେଡ୍‌ମାର୍କ" ଯେଉଁ ଶିଶିରେ ସଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ-ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

ଅମେରିକା ପ୍ରଦେଶସ୍ଥ ନିଉୟର୍କ ନଗରବାସୀ ମହାମାନ୍ୟ ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଆବିଷ୍କୃତ;—

"ଇଲେକ୍ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତଃପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ଅଦ୍ଭୁତ ଅଦ୍ଭୁତ । ଏପରି ଯେତେ କୌଣସି ଔଷଧରେ ଅପେକ୍ଷା ହୁଅନ୍ତି ନାହିଁ, ବଡ଼ ବଡ଼ ଡାକ୍ତରମାନେ ଯେଉଁ ରୋଗ ଅସାଧ୍ୟ ହୋଇ ଛାଡ଼ି ଦେଇଅଛନ୍ତି ଏହି ମହୌଷଧ ସେହି ରୋଗରେ ଚମତ୍କାର ।

ଇଲେକ୍ଟ୍ରୋ ସାଲସା;—ନବୋଦ୍ଭାବିତ ଉପାୟରେ ରସାୟନିକ ପ୍ରକ୍ରିୟାରେ ତାଡ଼ିତଶକ୍ତି ସଂଯୁକ୍ତ ରହିବାରୁ ଶୀଘ୍ର ମାନବ ଦେହରେ ଏହାର ଅଦ୍ଭୁତ କିମ୍ବା ପ୍ରଭାବ ପାଏ ଏବଂ ପ୍ରତ୍ୟେକଥର ଔଷଧ ସେବନାନ୍ତେ ମନରେ ହୁଏ ଯେମନ୍ତ ଶରୀରଭ୍ୟନ୍ତରେ କୌଣସି ବୈଦ୍ୟୁତିକ କିମ୍ବା ଜୀବନ ଦୋହ-ଦେଇ । ଏଥିପାଇଁ ଏହାର ଶକ୍ତିମତ୍ତାର ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ନିଦର୍ଶନ !!

ବିଜ୍ଞାନ—ଅସ୍ମାନଙ୍କ ଶିକ୍ଷା ଦେଇଅଛନ୍ତି ଯେ ଜଗତର ଉଷ୍ଣତା ବୈଦ୍ୟୁତିକ ଶକ୍ତିରେ ପ୍ରକୃତର ଜୀବନ । ଜଗତର ପ୍ରବାହ ବ୍ୟାପିତ ପ୍ରକୃତ ଦେଖ ସଞ୍ଜୀବନୀ । ଏପରି ଜଗତର ଏମନ୍ତ ଶକ୍ତି ଯେ ଔଷଧରେ ସଂଯୋଗ କରାଯାଇଛି ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କିଅଣ ?

ପାଶ୍ଚାତ୍ୟ ଶାସ୍ତ୍ରର ଚରକ ପଣ୍ଡିତମାନେ କୋଲେନ୍ଟି, ବାଇସ୍ଫଲ୍ୟର ଜର୍ମାଣୀରେ ଓ ସ୍ଥାନ୍ୟ ରଶିଆ ଅନୁସନ୍ଧାନରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତିର ହ୍ରାସ ହୋଇ ଧାତୁଦୌର୍ବଲ୍ୟ ଉପୁଜି ଘଟେ ଏବଂ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ପୁଣି ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସମତା ଶରୀରାଭ୍ୟନ୍ତରରେ ରକ୍ଷା କରିପାରିଲେ ମାନବ ନିରୋଗୀ ଓ ଦୀର୍ଘାୟୁ ହେବାହିଁ ସ୍ୱତଃସିଦ୍ଧ । ମାତ୍ର ଔଷଧ ସମଷ୍ଟିଦ୍ୱାରା ନୁହେଁ ଶରୀରର ସମତା ରକ୍ଷା ହୋଇ ନ ପାରେ !! ତଡ଼ିତାର ଶକ୍ତି ସଂଯୋଗ ବ୍ୟତୀତ କୌଣସି

ଔଷଧରେ ସେ ଅଦ୍ଭୁତ ସମ୍ବନ୍ଧ ମୋଚନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ଗାଲଭାନିକ ବ୍ୟାଟେରି ବା ତାଡ଼ିତଯନ୍ତ୍ର ଆବିଷ୍କାର କରନ୍ତି ଏବଂ ରୋଗୀ ଦେହରେ ତାହାର ବାହ୍ୟକ ପ୍ରୟୋଗ କରନ୍ତି ବାତ, ପକ୍ଷାଘାତ, ସ୍ନାୟୁ ଦୌର୍ବଲ୍ୟ ପ୍ରଭୃତି କେତୋଟି କଷ୍ଟକର ଅସୁ ଦମନ କରିବାକୁ ସମର୍ଥ ହୁଅନ୍ତି । ଫଳରେ ତହିଁର କିମ୍ବା ମଧ୍ୟ ସେ ଅସ୍ଥାୟୀ ଏ କଥା ନିଶ୍ଚିତ ସମାଜର ଏବେ ଆଉ ବୁଝାଇ ଦେବାକୁ ହେବ ନାହିଁ । ଅଣ ଏ ବଂଶଗତାଦିର ପ୍ରାରମ୍ଭରେ ଜେନେରାଲ ମହୁସ୍ୱୀ ଷମତା ହାସ ଡାକ୍ତର ମେଜର ତାଡ଼ିତଶକ୍ତିର ଅଭ୍ୟନ୍ତର ପ୍ରୟୋଗାର୍ଥ ତାହାକୁ ଦେବାଭ ଲେଷନ କାର୍ଯ୍ୟରେ ପ୍ରୟୋଗ କରି ଏହି ଅମୋଘ ଔଷଧକୁ ପ୍ରଚାର କରି ଉଠାଇଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଅପେକ୍ଷା ସଞ୍ଜୀବନୀରେ ଏବଂ ଭାରତରେ ନୂତନ ଯୁଗ ଆଣି ଦେଇଅଛନ୍ତି !!

ଅଲ କାହାକୁହିଁ ଅଯଥା ଓ ଅସ୍ଥାୟୀ ଗୁଣଦର୍ଶୀ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଲ କାହାକୁହିଁ ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଅତେ ଏହି ମହୌଷଧକୁ ଏହି ମହାକାର୍ଯ୍ୟକୁ ଏହି ବୈଦ୍ୟୁତିକ ସମ୍ପନ୍ନ "ଇଲେକ୍ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସଙ୍ଗେ ସୁଫଳ ଫଳିବ ଅବର୍ଣ୍ଣନୀୟ ଦେହ ସ୍ୱାସ୍ଥ୍ୟ କର୍ମକ୍ଷମ ହେବ, ରୌଦ୍ରକାଳୋଚିତ କର୍ତ୍ତବ୍ୟ ଓ ଶକ୍ତିସ୍ଥାନ୍ୟ ସ୍ମୃତି ଫେରିପାଇବ ।

ରକ୍ତ ଭିତରେ ଦୁଷ୍ଟି, କାଳିଙ୍ଗ, ଅମ୍ଳପିତ୍ତ, ଉପଦଂଶ ଗର୍ମି, ନାଳୀଘା, ଗାତ୍ରକଣ୍ଡୁ, ବାତ, ଶୂଳ, ଗଣ୍ଡମାଳା, ପ୍ରମେହ, ଧାତୁ ଦୌର୍ବଲ୍ୟ, କାର୍ଯ୍ୟ ପାତନ, ସ୍ୱପ୍ନଦୋଷ, ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ଚକ୍ଷୁ ଜଳିବା, ମୁଣ୍ଡ ଘୂରାଇବା, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା—ଯେତେ କଷ୍ଟକର, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ ।

ବିଶେଷ ବିବରଣ ପୁସ୍ତକ ବିନା ମୂଲ୍ୟରେ ଦେଉ । ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ୫ ୨ ୧ ୩ ଶିଶିକୁ ୫ ୩୮, ୭ ଶିଶିକୁ ୫ ୧୦୮, ଡଜନକୁ ୫ ୨୦୧ ଡାକଖର୍ଚ୍ଚ ପଠାଇବାର ଡାକମାସୁଲ ଓ ପ୍ୟାକିଂ ପ୍ରତି ଶିଶିରେ ୫ ୦ ।୰, ୩ ଶିଶିରେ ୫ ୦ ୷୰, ୭ ଶିଶିରେ ୷୰, ଡଜନରେ ୫ ୧।୰ ।

ଅସ୍ମାନଙ୍କର ପତ୍ର ପଠାଇବାର ଠିକଣା

W. MAJOR & Co } ଡବ୍ଲିଉ, ମେଜର ଏଣ୍ଡ କୋଂ
Calcutta } କଲିକତା

TELEGRAPHIC ADDRESS.
"MAJOR" Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୦ ୦ ୵ |
| ଅର୍ଦ୍ଧସ୍ତମ୍ଭକୁ | ୫ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୫ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ, ତହିଁର ଦର ୫୦ ୧ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନୀ ଉଦିଂହେବର ସମ୍ବାଦପତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C 81.

# ଉତ୍କଳ ଦୀପିକା

ସାପ୍ତାହିକ ସମାଚାରପତ୍ରିକା ।

# THE UTKAL DIPIKA.

ଭାଗ ୩୭ ଶ | CUTTACK, SATURDAY THE 22nd November 1902. | ଅଗ୍ରୀମ ୪ ୩୧
ସଂଖ୍ୟା ୪୭ | ୨୮ ମାର୍ଗଶିର ସନ ୧୩୧୦ ସାଲ ଶନିବାର | ପଶ୍ଚାଦ୍ଦେୟ ୪ ୬୧


## ବିଜ୍ଞାପନ ।

## NOTICE.

Wanted a head master for the Middle English school of Chanahatta on a salary of Rs. 20 per month. Preference will be given to those who have passed the Entrance examination and have known the good mode of teaching. Application should be received by the undersigned before the 12th December 1902.

3-11-02 } Gourang Churan Patnaik, *Secretary*, M: E: School Chanahatta

## WANTED.

A candidate for the post of the Sadar-Kanongoe of the Puri collecter-ate, on a salary of Rs 50 a month. He must have passed the F. A. Examination of the Calcutta University and the final Survey Standard Examination and must have sufficient experience in Survey and Settlement work. Preference will be given to one who possesses good knowledge of Agricultural works and is of strong Constitution and active habits. Applications with testimonials will be received by the undersigned up to the 30th instant. The successful candidate will have to furnish cash security of Rs. 200 before he joins his post.

R. C. BANERJEE,
*Dy. Collector incharge.*
for Collector

## NOTICE.

Wanted for the Settlement office of Bamanghati ( a Sub-division of the Mayurbhanj State ) a Head Clerk and Sheristadar for three years on a Salary of Rs. 35 per mensem. Candidate must know Uria and English well and shall have experience in the office works.

Wanted also an Accountant for three years on a monthly Salary of Rs. 30. The candidate must furnish a personal or cash security of Rs 800. A knowledge in Uria and English and an experience in the account works are necessary.

Applications with copies of testimonials shall reach the undersigned before the 30th instant.

Dated, Bahalda, the 13 November 1902 } Satkari Chatterjea, *Settlement Officer*, Bahalda P. O.

## NOTICE.

Wanted an Inspecting Pandit by the District Board of Cuttack, pay Rs. 10 and allowance Rs. 2 per month. Experienced teacher holding Entrance or Final Teachership Examination certificates shall have preference. Applications should reach the undersigned on or before the 30th current.

Cuttack Dist. Board office The 20th November 1902. } J. C. Chander, *Vice-Chairman.*

## NOTICE

Wanted a Work Sarkar for the Sadar Khasmahals of the District Puri. None need apply who has not passed the Final Survey Stadard Examination and has no experience in Surveying, Levelling, Estimating and Measurment works. Preference will be given to the candidate who has good knowledge in English. Applications with testimonials will be received by the undersigned upto the 18th November 1902.

Puri Collectorate 8—11—1902 } W. N. Delevingne, *Collector.*

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*

ବର୍ତ୍ତମାନ୍ ସ୍କୁଲ ପାଠ୍ୟ ସବୁକୁ ପରିମିତ ସମାଧାନ ପ୍ରକାଶିତ ହୋଇ ସାମାନ୍ୟ ମୂଲ୍ୟ ୫୦/ ଧାର୍ଯ୍ୟ ହୋଇଅଛି । ପୁସ୍ତକବିକ୍ରେତାଙ୍କ ନିକଟରେ ଏବଂ ଆମ୍ଭ ନିକଟରେ ମିଳିବ ।

ଶ୍ରୀ ସୁଦର୍ଶନ ରାଜଶର୍ମା ।
ସୁତାହାଟ, କଟକ ।


Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ଟଙ୍କିଏ ଏଣେ ଗୁହିଁବ କି ?

"ଭୁମ୍ବର ଦସର ମୂଲ୍ୟ କେତେ ?" ଆମ୍ଭେ କହୁଦେବା "ଗୁଣ ପଇସା" । ଶୁଣିଏ "ହାସ୍ୟସାଗର-ପ୍ରଥମ ଲହରୀ" ଗୁଟିଏ ପଇସା ଦେଇ କଟକ ସହର କେଲଣାଚା ଅଗ ଖପାଖାନା ଦୋକାନରୁ କିଣ । ବହୁ ଫଟାଇଭାଷଣି ଲହରୀ ଭଇ ଧଲ୍ଲା ପେଟରେ ଲାଗିବ ଗାଉ "ହୋ-ହୋ" ହସ ପେଟରୁ ବାହାର ପଡିବ । ଲହରୀ ଭିତରେ ବୁଡପାରିଲେ କଷ୍ଟ ଜ୍ଞାନଉନ୍ନ ମଧ ଲାଭ ହେବ ।

# ବ୍ରାହ୍ମସମାଜ ।

ବିଷୟ—ସମନ୍ୱୟ ଚତୁଷ୍ଟୟ ( ୪ର୍ଥ ) ବ୍ୟକ୍ତି ଓ ସମାଜ ।

ବକ୍ତା—ଶ୍ରୀଯୁକ୍ତ ଧୀରେନ୍ଦ୍ରନାଥ ଚୌଧୁରୀ ଏମ୍, ଏ,

ସ୍ଥାନ—କଟକ ବ୍ରହ୍ମମନ୍ଦିର ।

ସମୟ—ଅଦ୍ୟ ଅପରାହ୍ନ ୪ଘଟିକା ।

ଆପଣଙ୍କ ଉପସ୍ଥିତ ପ୍ରାର୍ଥନୀୟ ।

କଟକ । ତା ୨୨।୧୧।୧୯୦୨ } ଶ୍ରୀ ଦୈତ୍ୟାରି ମିଶ୍ର ସମ୍ପାଦକ ।

# ବିଜ୍ଞାପନ ।

ଯେହେତୁ କଟକ ଜିଲା ଅନ୍ତର୍ଗତ ସଦର ଜଗତ୍‌ସିଂହପୁର, ତିର୍ତ୍ତୋଲ, ସାଲେପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ସମସ୍ତ ଫାଟିଘାଟ ( ଫେରିଘାଟ ) ସନ ୧୯୦୨ ମସିହା ନଭେମ୍ବରମାସ ତା ୨୮ ଖଠାରୁ ସନ ୧୯୦୪ ମସିହା ମାର୍ଚ୍ଚମାସ ତା ୩୧ ଖ ପର୍ଯ୍ୟନ୍ତ ବର୍ଷ ୧ ମାସ ୫ ନିମନ୍ତେ ସନ ୧୯୦୨ ମସିହା ନଭେମ୍ବରମାସ ତା ୨୮ ଖ । ବା । ସନ ୧୩୧୦ ସାଲ ମାର୍ଗଶିରମାସ ଦି ୧୪ ନ ଦିବା ସ ୧୨ ଘ ସମୟରେ କଟକ ସଦର ଲୋକେଲବୋର୍ଡ଼ ଅଫିସରେ ଶ୍ରୀଯୁକ୍ତ ଶ୍ରୀ ଚେୟାରମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଉକ୍ତ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ନିର୍ଦ୍ଦିଷ୍ଟ ଉପରଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହିତା ତତ୍‌କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମି ଜରିମାନାର ଚତୁର୍ଥାଂଶ ଜାମିନସ୍ୱରୂପ ଅବିଳମ୍ବେ ଦାଖଲ କରିବେ ଓ ବାକି ଜରିମାନା ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ପୁନ ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାଟରର ଖଜଣା ସେହି କ୍ୱାଟରର ପ୍ରଥମ ତାରିଖରେ ଅଗାମୀ ଦେବାକୁ ହେବ ନ ଦେଲେ ତହିଁର ଯେ କ୍ଷତି ହେବ ତାହା କଣ୍ଟ୍ରାକ୍ଟରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହିତା ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ଼ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ସାଦାମତେ କବୁଲିୟତ୍ ଲେଖିଦେଇ ରେଜେଷ୍ଟ୍ରୀ କରିଦେବେ । ଉପରୋକ୍ତ ନିଲାମ ଅତ ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲ ବୋର୍ଡ଼ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ କି ଫାଟିଘାଟମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକି ପାରିବେ ତଦନ୍ତରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହାହେଲେ ତତ୍‌କ୍ଷଣାତ୍ ତାହାର ଡାକ ରଦ୍ଦ ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ପୁନ ବନ୍ଦୀ କରାଯିବ ।

ଥାନା ସଦର ।

୧ । ଲବରକଷା  ୨ । ପାଥପୁର
୩ । ଟାଙ୍ଗି

ଥାନା ବାଙ୍କୀ ।

୧ । ରଡିଙ୍ଗା  ୨ । ଭୁଲଶାପୁର
୩ । ପଥୁରିଅପଡ଼ା  ୪ । କଳାପଥର
୫ । ବୈଦେଶ୍ୱର  ୬ । ସୁବର୍ଣ୍ଣପୁର
୭ । ଗୋଲପୁର

ଥାନା ସାଲେପୁର ।

୧ । ରଘୁନାଥପୁର  ୨ । ମୌଡ଼ା
୩ । ଖଣ୍ଡୋଳ  ୪ । ଅଷ୍ଟରେଶ୍ୱର

ଥାନା ଜଗତ୍‌ସିଂହପୁର ।

୧ ସଣାଇସାହି  ୨ । ଝିଙ୍କଲେ

ଥାନା ତିର୍ତ୍ତୋଲ ।

୧ । ପଙ୍କପାଲ

M, Das
Vice-Chairman

# ବିଜ୍ଞାପନ ।



## ନବୀନ ନବୀନାର ସୋହାଗର ସାମଗ୍ରୀ ।

ପ୍ରେୟସୀର ପ୍ରିୟ ଉପହାର, ଅତି ଅପୂର୍ବ ।
ଏଇତ, ଡ ଲୁଣ୍ଡ୍ର ଅଭିନବ ଆବିଷ୍କାର
"ଇନ୍ଦୀବର ଶୋଭନା

ଏହି ଦ୍ରବ୍ୟ ଭିଲ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ "ଇନ୍ଦୀବର ଶୋଭନା" ବର୍ଜିତ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଇହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘକାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ ଏହାର ସୌରଭ ଶେଷ ହୁଏ ନାହିଁ । "ଇନ୍ଦୀବର ଶୋଭନା" ଯୁକ୍ତ ପାନରେ ଖଇର, ଧଣିଆଗୁଣ୍ଡ, ଗୁଜରାତ ପ୍ରଭୃତି କୌଣସି ପ୍ରକାର ମସଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦଶାହ, ଅମର, ଓମରାହମାନେ ବ୍ୟବହାର କରୁଥିଲେ; ଡାକ୍ତର ଲୁଣ୍ଡ୍, ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ତହି ସହିତ କେତେଗୁଡ଼ିଏ କର୍ଣ୍ଣୋଷ ଭେଷଜ ମିଶ୍ରିତ କରିଥିବାରୁ ଏତଦ୍ୱାରା ଦନ୍ତର ଶିଥିଳତା, ଦନ୍ତ ମାଡ଼ି ଫୁଲା, ଦନ୍ତ ବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ିବା ବନ୍ଦ ହୁଏ, ମୁଖ ଦୁର୍ଗନ୍ଧ, ଏବଂ ଦନ୍ତ ପଙ୍କ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦ । ଅଣା, ଡ଼ଜନ ଟ ୨୪ ଙ୍କା ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦ ।୵, ୬ ଶିଶିରେ ଟ ୦ ୮୵ ଅଣା, ଡ଼ଜନକୁ ଟ ୦ ୮ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ଠିକଣା:—"ଲୁଣ୍ଡ୍ ଏଣ୍ଡ କୋମ୍ପାନୀ" ୧୧।୫ ନମ୍ବର ବାସୁଦେବ ଘୋଷଙ୍କ ଷ୍ଟ୍ରିଟ୍, କଲିକତା

ସର୍ବପ୍ରକାର ଖଇ, ଘା, ଚର୍ମ-ବ୍ୟାଧି ପ୍ରଭୃତି ଆରୋଗ୍ୟ ପକ୍ଷେ ଚୂଡ଼ାନ୍ତ ।

"ଓ୍ୟାର ସାଇ ଭାର"

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହେଉ ନିଶ୍ଚିନ୍ତ ପରି ଆରୋଗ୍ୟ ହୋଇ ଯାଏ । ଅଥଚ ପାରା ପ୍ରଭୃତି କୌଣସି ପ୍ରକାର କଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧ ୧ ଙ୍କା ପ୍ୟାକିଂ ଓ ଡାକମାସୁଲ ଟ ୦ ।୵ ଅଣା । ପ୍ରାପ୍ତିସ୍ଥାନ :—"ଡ଼ବଲିଉ, ମେଜର୍ ଏଣ୍ଡ କୋମ୍ପାନୀ",—କଲିକତା ।

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ମାନ୍ୟବର ବଙ୍ଗେଶ୍ୱର ସରଜନ ଉଡ଼ବରନ ସମୁଦ୍ର ଭ୍ରମଣରୁ କଲିକତାକୁ ଫେରି ଆସିଅଛନ୍ତି । ଡାକ୍ତରଙ୍କ ବିବେଚନାରେ ସମୁଦ୍ର ବାୟୁଦ୍ୱାରା ଅଧିକ ଉପକାରର ଆଶା ନାହିଁ । କଲିକତାରେ ନିଶ୍ଚିନ୍ତ ହୋଇ ରହିଲେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବେ ବୋଲି ଡାକ୍ତର ଆଶା କରୁଥିଲେ ମାତ୍ର ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ତାହା ହେଲା ନାହିଁ । ଗତ ବୁଧବାର ସନ୍ଧ୍ୟାରୁ ତାହାଙ୍କର ଅବସ୍ଥା ମନ୍ଦ ଏବଂ ନାଡ଼ୀ ବସିଯିବାର ଆରମ୍ଭ ହେଲା ଏବଂ ଗତ କାଲି ପ୍ରାତଃକାଳରେ ପ୍ରାଣବାୟୁ ବାହାରିଗଲା । ଏ ସମ୍ବାଦ ପ୍ରଚାର ମାତ୍ରେ ସରକାରୀ କଚେରୀ ଓ ସ୍କୁଲ ପ୍ରଭୃତି ବନ୍ଦ ହେଲା ଏବଂ ସମସ୍ତେ ମହା ଚିନ୍ତାରେ ମଗ୍ନ ହେଲେ । ପରମେଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ ବିଧାନ ଓ ପରିବାରବର୍ଗର ଶାନ୍ତି ବିଧାନ କରନ୍ତୁ ।

---

ପ୍ଲେଗ କମିଶନ ଏ ନଗରକୁ ଆସୁଅଛନ୍ତି । ଆସନ୍ତା ବୁଧବାର ଏଠା କମିଶନରୀ କଚେରୀରେ ସେମାନଙ୍କର ବୈଠକ ଆରମ୍ଭ ହେବ ଏବଂ ସମ୍ଭବତଃ ତହିଁ ଆରଦିନ ତା ୨୭ ରିଖରେ ଶେଷ ହେବ । ଏହି ଦୁଇଦିନରେ କେତେ ଲୋକର ସାକ୍ଷ ଗ୍ରହଣ କରିବେ ଜଣାଯାଇ ନାହିଁ ।

---

ଅନୁଗୁଳ ଜିଲାର ରେଗୁଲେସନ ଅର୍ଥାତ୍ ୧୮୯୪ ସାଲର ଅ ୧ ଆଇନ ଧା ୫ ଅନୁଯାୟୀ ପ୍ରଦତ୍ତ କ୍ଷମତାନୁସାରେ ଓ ସକୌନ୍ସିଲ ମହାମାନ୍ୟ ଗଭର୍ଣ୍ଣରଜେନେରଲଙ୍କ ଅନୁମତ୍ୟନୁସାରେ ଲେପ୍ଟନାଣ୍ଟ ବାହାଦୁର ଅନୁଗୁଳ ଜିଲାରେ ସନ ୧୮୮୧ ସାଲର ଅ ୫ ଆଇନ ଅର୍ଥାତ୍ ପ୍ରୋବେଟ ଓ ଆଡ଼ମିନିଷ୍ଟ୍ରେସନ ଆଇନ ଜାରି କରିବାର ଗତ କଲିକତା ଗେଜେଟରେ ଘୋଷଣା ଦେଇ ଅଛନ୍ତି ।

---

ନେଟାଲ ଠାରୁ ଭାରତବାସିଙ୍କ ଯିବାପକ୍ଷେ ଯେଉଁ ଅସୁବିଧାମାନ ରହିଅଛି ତାହା ଶୀଘ୍ର ଦୂରୀଭୂତ ହେବାର ସମ୍ଭବ । ଅଳ୍ପଦିନ ତଳେ ଅସ୍ମମାନଙ୍କ ଷ୍ଟେଟ ସେକ୍ରେଟରୀଙ୍କ ସମୀପରୁ ଏ ବିଷୟରେ ଆବେଦନ ହୋଇଥିଲା । ତହିଁ ଉତ୍ତରରେ ସେକ୍ରେଟରୀ ମହୋଦୟ ବ୍ୟକ୍ତ କଲେ ଯେ ଦିଲ୍ଲୀର ଦରବାରକୁ ଉପନିବେଶର କର୍ତ୍ତାମାନଙ୍କୁ ନିମନ୍ତ୍ରଣ ହୋଇ ଥିବାସ୍ଥଳେ ସେମାନେ ଅତଃପର ଭାରତବାସିଙ୍କୁ ବିଜାତୀୟ ଲୋକ ପ୍ରାପ୍ୟ ବ୍ୟବହାର କରି ନ ପାରିବାର ସମ୍ଭବ ।

---

ମୁକ୍ତାଗାଛର ମହାରାଜା ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ଭାରତେଶ୍ୱରଙ୍କର ଅଭିଷେକର ସ୍ମୃତି ସ୍ୱରୂପ କୂପମାନ ଖୋଳାଇବା କାରଣ ମଇମନସିଂହର ଜିଲା ବୋର୍ଡକୁ ଟ ୫୦୦୦ ଙ୍କା ଏବଂ ଦିଘାପଟିୟାର ରାଜା ପ୍ରମଥନାଥ ରାୟ ଓ ତାହାଙ୍କର ସହଧର୍ମିଣୀ ରାମପୁର ବୋୟାଲିଆ ହସ୍ପିଟାଲର ନୂତନ ଗୃହ ନିର୍ମାଣାର୍ଥେ ଯଥାକ୍ରମେ ଟ ୧୦୦୦୦ ଙ୍କା ଓ ଟ ୫୦୦୦ ଙ୍କା ଦାନ କରିଥିବାରୁ ମାନ୍ୟବର ବଙ୍ଗପ୍ରଦେଶମାନଙ୍କର ଲେପ୍ଟନାଣ୍ଟ ଗବର୍ଣ୍ଣର ବାହାଦୁର କୃତଜ୍ଞତା ସହିତ ସ୍ୱୀକାର କରି କଲିକତା ଗେଜେଟରେ ପ୍ରକାଶ କରିଅଛନ୍ତି ।

---

ଏଠା ଜିଲା ବୋର୍ଡଙ୍କ ଅଧୀନରେ ଜ ୫ ଣ ସ୍କୁଲ ସବଇନସ୍ପେକ୍ଟର ପ୍ରୟୋଜନ ଥିବାର ବିଜ୍ଞାପନ ଅନୁସାରେ ଜ ୧୩ ଣ ବି, ଏ, ଜ ୨୮ ଣ ଏଫ୍, ଏ, ଏବଂ ଜ ୧୩ ଣ ଏଣ୍ଟ୍ରାନସ ପାସ କରିଥିବା ବ୍ୟକ୍ତି ଆବେଦନ କରିଅଛନ୍ତି । ଗତ ବୁଧବାର ବୋର୍ଡର ଶିକ୍ଷା କମିଟୀ ଜ ୧୩ ଣ ବି, ଏ, ଙ୍କ ମଧ୍ୟରୁ ଜ ୨ ଣ ବଙ୍ଗବାସିଙ୍କୁ ଛାଡ଼ି ଅବଶିଷ୍ଟ ଜ ୧୧ ଣ ଭିତରୁ ଜ ୫ ଣଙ୍କୁ ନିଯୁକ୍ତ କରିବା କାରଣ ଅନୁରୋଧ କରିଅଛନ୍ତି । କମିଟିର ମତରେ ଗବର୍ଣ୍ଣମେଣ୍ଟଙ୍କର ନିୟମାନୁସାରେ ବି, ଏ, ଙ୍କର ଦାବି ଅଗ୍ରଗଣ୍ୟ ଏବଂ ଏଫ୍, ଏ, ଓ ଏଣ୍ଟ୍ରାନସ ପାସ ବ୍ୟକ୍ତିମାନେ ସେହି ନିୟମାନୁସାରେ ସାର୍ଟିଫିକେଟ ଦାଖଲ କରି ନ ଥିବାରୁ ସେମାନଙ୍କର ଦାବୀ ବିଚାରର ଆବଶ୍ୟକ ହେଲା ନାହିଁ ।

---

ଅଭିଷେକ ଉତ୍ସବର ଆୟୋଜନ ଉପଲକ୍ଷରେ ଗତ ରବିବାର ଯାଜପୁରର ଇଂରାଜୀ ସ୍କୁଲ ଗୃହରେ ଏକ ସଭା ହୋଇଥିଲା । ସେଠାର ସବଡିଭିଜନ ଅଫିସର ସଭାପତି ହୋଇଥିଲେ । ସହର କଚେରୀ ଏବଂ ଥାନା ମଧ୍ୟରେ ରୋଶନାଇ, କଙ୍ଗାଳି ଭୋଜନ, ସ୍କୁଲ ଛାତ୍ରମାନଙ୍କର ବାଲଲୀଳା ଏବଂ ସାମାନ୍ୟ ଆମୋଦ ପ୍ରମୋଦର ବନ୍ଦୋବସ୍ତ ନିମନ୍ତେ ଭିନ୍ନ ଶାଖା କମିଟିମାନ ଗଠିତ ହୋଇ ଚାନ୍ଦା ସ୍ୱାକ୍ଷର ଆରମ୍ଭ ହେଲା । ମଧୁପୁର ରାଜାଙ୍କ ପକ୍ଷରୁ ଟ ୧୦୦ ଙ୍କା ନଗଦ ଦାଖଲ ହେଲା ଏବଂ ଦର୍ପଣ ଷ୍ଟେଟ ଟ ୧୦୦ ଙ୍କା ମିଉନିସିପାଲଟୀ ଟ ୫୦ ଲୋକେଲବୋର୍ଡ଼ ଟ ୨୦ ଙ୍କା ଏବଂ ଅନ୍ୟାନ୍ୟ ସଭ୍ୟମାନେ ଟ ୧ ଙ୍କାରୁ ଟ ୭ ଙ୍କା ପର୍ଯ୍ୟନ୍ତ ଚାନ୍ଦା ସ୍ୱାକ୍ଷର କଲେ । ଚାନ୍ଦାସ୍ୱାକ୍ଷର ଓ ଆଦାୟ କରିବାର ଭାର ସବଡିଭିଜନ କଚେରୀର ସେରସ୍ତାଦାରଙ୍କ ପ୍ରତି ଅର୍ପିତ ହୋଇ ସଭା ଭଙ୍ଗ ହେଲା । ଆସନ୍ତା ମାସ ତା ୭ ରିଖରେ ଅନ୍ୟ ଅଧିବେଶନ ହେବାର ସ୍ଥିର ହୋଇଅଛି ।

---

। କ । ବାଙ୍କି ଖର୍ମାରଙ୍ଗ ନବାଗୀ ଅଧିକାରୀ ସ୍ୱଧାତରଣ ଦାସ ନାମକ ଏକ ମଠଧାରୀ ବୈଷ୍ଣବକୁ ବାଙ୍କିର ସବ ଡେପୋଟୀ କଲେକ୍ଟର ବାବୁ ମୁରାରି ମିଶ୍ର ଆକ୍ରମଣ କରିବା ସକାଶେ ମା୦।୧୮ ଜମି ମାଗିଲେ । ବାବାଜି ଜମି ଛାଡ଼ିଦେବାକୁ ନାରାଜ ହେବାରୁ ସବ୍ ଡେପୋଟୀ ବାବୁ ସ୍ୱୟଂ ହୋଇ ଗାଳିଗୁଲିପୂର୍ବ ଦେଇ ମାରପିଟ କରିଥିବାରୁ ଗତ ଅକ୍ଟୋବର ମାସ ତା ୪ ରିଖରେ ଏଠା ଫଉଜଦାରୀରେ ନାଲିସ ରୁଜୁ ହେଲା । ଶ୍ରୀଯୁକ୍ତ ଡେପୋଟୀ ମେଜେଷ୍ଟ୍ରେଟ ମଣ୍ଡିଓ ସାହେବ ମୁଦେଇର ଇଜାହାର ନେଇ ଆସାମିଙ୍କ ବିରୁଦ୍ଧେ ମୋକଦ୍ଦମା ହୋଇଥିବାରୁ ଡିଷ୍ଟ୍ରିକ୍ଟ ମେଜେଷ୍ଟ୍ରେଟଙ୍କ ଆଦେଶ ସକାଶେ ପଠାନ୍ତେ ସାହେବ ମହୋଦୟ ଉକ୍ତ ମୋକଦ୍ଦମାକୁ ପ୍ରାଥମିକ ଅନୁସନ୍ଧାନ ସକାଶେ ମଣ୍ଡିଓ ସାହେବଙ୍କ ନିକଟକୁ ପଠାଇଥିଲେ ମୋକଦ୍ଦମାରେ ସାକ୍ଷିମାନଙ୍କର ଯୋବାନବନ୍ଦି ଚଳିତ ମାସ ତା ୫ ରିଖରେ ହୋଇଅଛି କିନ୍ତୁ କିଛି ରିପୋର୍ଟ ଏପର୍ଯ୍ୟନ୍ତ ହୋଇନାହାନ୍ତି । ମୁଦ୍ଦେଇ ପକ୍ଷରେ ବାବୁ ପରମାନନ୍ଦ ବୋଷ ମୁକ୍ତାର ଅଛନ୍ତି ।

---

କଲିକତା ମହାନଗରରେ ଅଭିଷେକ ଉତ୍ସବର ଆୟୋଜନାର୍ଥେ ନିଯୁକ୍ତ ହୋଇଥିବା କମିଟିର ଗୋଟିଏ ଅଧିବେଶନ ଗତ ତା ୫ ରିଖରେ ହୋଇଥିଲା । ଏହି ଉତ୍ସବର ବ୍ୟୟ ନିମନ୍ତେ ଏକ ଲକ୍ଷ ଟଙ୍କା ପ୍ରୟୋଜନ ଏଥିରୁ ଏପର୍ଯ୍ୟନ୍ତ କେବଳ ଟ ୩୬,୭୧୫ ଙ୍କା ଚାନ୍ଦା ସ୍ୱାକ୍ଷରିତ ହୋଇଥିଲା । ସୁତରାଂ ଅର୍ଦ୍ଧେ ଟଙ୍କା ହେବା ଏ ପର୍ଯ୍ୟନ୍ତ ସଂଗ୍ରହ ହୋଇ ନାହିଁ । କଙ୍ଗାଳୀଭୋଜନ, ସ୍କୁଲ ବାଳକ ବାଳିକାଙ୍କର ବାଲଲୀଳା, ରୋଶନାଇ, ଆତସବାଜି, ଏହି ଚାରୋଟି କାର୍ଯ୍ୟ ହେବାର ପ୍ରସ୍ତାବ ହୋଇଅଛି । ଯେବେ ଟଙ୍କା ନ ଉଠିବ ତେବେ ଏକ ବା ଦୁଇ ଅନୁଷ୍ଠାନ କାଟି ଦେବାକୁ ହେବ । ମାତ୍ର ତାହା ହେଲେ କଲିକତା ପରି ପ୍ରଧାନ ନଗର ପ୍ରତି ନିନ୍ଦାର କଥା ହେବ । ଏହି ବିଷୟ କମିଟୀ ନଗରବାସିମାନଙ୍କୁ ବିଶେଷରୂପେ ଜଣାଇ ଦେଇ ଯେଉଁ ସଙ୍ଗତିପନ୍ନ ଲୋକମାନେ ଚାନ୍ଦା ଦେଇ ନାହାନ୍ତି ସେମାନଙ୍କୁ ଚାନ୍ଦା ଦେବା ଏବଂ ଯେଉଁମାନେ ଅଳ୍ପ ଚାନ୍ଦା ସ୍ୱୀକାର କରିଅଛନ୍ତି ସେମାନଙ୍କୁ ତାହା ବଢ଼ାଇବା କାରଣ ଅନୁରୋଧ କରି ଅଛନ୍ତି । ଆଶା କରୁଅଛୁ କମିଟିର ଏହି ଅନୁରୋଧ ବ୍ୟର୍ଥ ହେବ ନାହିଁ ।

---

ଉତ୍କଳ ଭାଷାରେ କ୍ରମାଗତ କେତେ ଖଣ୍ଡ ନାଟକ ରଚନା କରିଥିବା ବାବୁ ରାମଶଙ୍କର ରାୟଙ୍କର ଆଉ ଖଣ୍ଡେ ଏ ନୂତନ ନାଟକ ଉପହାର ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର

Digitized by srujanika@gmail.com

Split by PDF Splitter



କରୁଅଛୁଁ । ଏହାର ନାମ ଯୁଗଧର୍ମ ନାଟକ । ଜକ୍ଷାଘର ଯନ୍ତ୍ରରେ ପ୍ରକାଶିତ ବିଖ୍ୟାତ ଉତ୍କଳ ଶ୍ରୀଯୁକ୍ତ ମଧୁସୂଦନ ଦାସଙ୍କର ଇଂରାଜ ମନ୍ତବ୍ୟ ଏବଂ ପ୍ରେସକପକ ଯନ୍ତ୍ରରେ ପ୍ରକାଶିତ 'କେହି ଜଣେ ପାଠକ' ସ୍ୱାକ୍ଷରିତ ଜଣେ ବନ୍ଧୁଙ୍କ ପତ୍ର ପାଠ କଲେ ପାଠକମାନେ ଏ ପୁସ୍ତକର ଯଥେଷ୍ଟ ପରିଚୟ ପାଇବେ । ସେ ସମ୍ବନ୍ଧରେ ଅଧିକ କିଛି ବୋଲିବାର ନାହିଁ । ଉତ୍କଳର କେତେଗୁଡ଼ିଏ ସମ୍ବାଦପତ୍ରରେ ଏହାର ଅନୁକୂଳ ସମାଲୋଚନା ବାହାରିଅଛି । ପ୍ରକୃତରେ ଏହା ଗୋଟିଏ ମନୋହର ପୁସ୍ତକ ଅଟେ ଏବଂ ଅମ୍ଭେମାନେ ଏହା ପାଠ କରିବା କାରଣ ସର୍ବସାଧାରଣଙ୍କୁ ବିଶେଷ ଅନୁରୋଧ କରୁଅଛୁଁ । ଏହାକୁ ପଢ଼ିଲେ କେବଳ ସାହିତ୍ୟ ପିପାସା ତୃପ୍ତି ହେବ ଏତିକି ନୁହେ ତହିଁ ମଧ୍ୟରେ ବର୍ତ୍ତମାନ କାଳର ଧର୍ମ ସମାଜ ଓ ରାଜକାର୍ଯ୍ୟ ସଂକ୍ରାନ୍ତ ଯେ ସମସ୍ତ ଭଲ ମନ୍ଦ ଚିତ୍ର ଯଥାର୍ଥ ଓ ସତେଜ ଭାବରେ ଅଙ୍କିତ ହୋଇଅଛି ତାହା ଦେଖି ଚିନ୍ତାଶୀଳ ସ୍ୱଦେଶାନୁରାଗୀ ମହାଶୟଙ୍କର ଭାବିବାର ଅନେକ ବିଷୟ ଅଛି ।

---

ଷ୍ଟେଟ୍‌ସମାନ ପଢ଼ିବାରୁ ଅବଗତ ହେଲୁଁ ଯେ ଅମ୍ଭମାନଙ୍କର ଏଠା ସ୍କୁଲ ଇନସ୍ପେକ୍ଟର ଷ୍ଟାର୍କ ସାହେବ ବିଦ୍ୟାଳୟର ପିଲାମାନଙ୍କ ପ୍ରତି ଦୁଇ ହାତରେ ଲେଖିବା କାରଣ ସରକୁଲର ଜାରି କରିଅଛନ୍ତି । ସେ କହନ୍ତି ପିଲାମାନଙ୍କର ବାମ ହସ୍ତ ଡାହାଣ ହାତପରି ବ୍ୟବହୃତ ନ ହେବାର କୌଣସି କାରଣ ନାହିଁ । ଖାତା ଲେଖିଲା ବେଳେ ପିଲାମାନେ ଗୋଟିଏ ଧାଡ଼ି ଡାହାଣ ହାତରେ ଲେଖି ଆଉଧାଡ଼ିଟି ବାମ ହାତରେ ଲେଖିବେ । ବାଳକା ବିଦ୍ୟାଳୟରେ ସୂଚିକାର୍ଯ୍ୟ ମଧ୍ୟ ସେମାନେ ବାମ ହାତରେ କରିବାର ଶିକ୍ଷା ଦିଆଯିବ । ଡାହାଣ ହାତ ପ୍ରାୟ ବାମହାତ ବ୍ୟବହୃତ ହେବା ସ୍ୱାଭାବିକ ନିୟମ କି ନା ଇନସ୍ପେକ୍ଟର ମହୋଦୟ ଏଥିର ସମୁଚିତ ଅନୁଶୀଳନ କରିଥାନ୍ତି କି ନା ଆମ୍ଭେମାନେ କହି ନ ପାରୁଁ । ହାର୍ମୋନିୟମ୍ ଯନ୍ତ୍ରରେ ସହଜରେ ବାଜା ବଜାଇ ପାରିବା ଯଦି ଏଥିର ମୁଖ୍ୟ ଉଦ୍ଦେଶ୍ୟ ହୁଏ ତଥାପି ସେ ଯନ୍ତ୍ରମାନଙ୍କରେ ଡାହାଣହାତର କାର୍ଯ୍ୟ ବାମ ହାତରେ ହୁଏ ନାହିଁ । ଏପରିସ୍ଥଳେ ଇନସ୍ପେକ୍ଟର ସାହେବଙ୍କର ସରକୁଲରର ପ୍ରକୃତ ମର୍ମ ଅମ୍ଭେମାନେ ଅନୁମାନ କରିପାରୁ ନାହୁଁ ଏବଂ ତାହା କଦାପି ଅନୁମୋଦିତ ହୋଇ ନ ପାରେ । ଏଥିରେ କେବଳ ବୃଥା ସମୟ ନଷ୍ଟ ଏବଂ ପିଲାଙ୍କର ପରିଶ୍ରମର ଅପବ୍ୟୟ ବିନା ଅନ୍ୟ କିଛି ଫଳ ନାହିଁ ।

---

ଅଭିଷେକ ଉତ୍ସବର କାର୍ଯ୍ୟକାରୀ କମିଟିର ଏକ ଅଧିବେଶନ ଗତ ସୋମବାର ସକାଳେ ଏଠା କମିଶନରଙ୍କ କଚେରୀରେ ହୋଇଥିଲା । ଶ୍ରୀଯୁକ୍ତ କଲେକ୍ଟର ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ଉତ୍ସବର ବ୍ୟୟର ତାଲିକା ଯାହା ସବ୍ କମିଟୀ ପ୍ରସ୍ତୁତ କରିଥିଲେ ତହିଁର ମୋଟ ୬୦୦୦୯ ଙ୍କା ଥିଲା । ମାତ୍ର କମିଟିର ବିଚାରରେ ଆଉ ଟ ୩୦୦୦୯ ଙ୍କା ବଢ଼ାଇ ଦିଆଯାଇ ଟ ୯୦୦୦୯ ଙ୍କା କରାଗଲା ଏବଂ ତହିଁ ଉପରେ ଆଉ ଏକହଜାର ଧରି ମୋଟ ଟ ୧୦୦୦୦୯ ଙ୍କା ଧାର୍ଯ୍ୟ ହୋଇଅଛି । ଏହି ଟଙ୍କା ଚାନ୍ଦାଦ୍ୱାରା ଓଡ଼ିଶାର ଜି ୩ ଲ୍ଲାରୁ ସଂଗ୍ରହ କରିବା କାରଣ ପତ୍ରମାନ ପଠାଯିବାର ସ୍ଥିର ହେଲା । ଏଠାରେ ଚାନ୍ଦା ସଂଗ୍ରହ କମିଟିର ଆଗାମୀ ସୋମବାର ସଭା ହେବ । ରାଜରାଜେଶ୍ୱରୀ ପଦ ଘୋଷଣା ଉତ୍ସବରେ ସନ ୧୮୭୭ ସାଲରେ ଟ ୩,୫୫୧୯ ଙ୍କା ବ୍ୟୟ ହୋଇଥିଲା । ଏଥର ତହିଁର ଗୁ ୩ ଣ ହେବ । ସୁତରାଂ ବ୍ୟାପାର ସାମାନ୍ୟ ନୁହେ । ଅନ୍ତତଃ କଳ୍ପନାକାରଙ୍କ ଆଶା ଅତି ଉଚ୍ଚ ବୋଲିବାକୁ ହେବ । ଏଥିଲୁ ଏତେ ଟଙ୍କା ସଂଗ୍ରହ ହେବା ସହଜ ନୁହେ ଏବଂ ହେଲେ ଖଣ୍ଡକାଳର ଆମୋଦରେ ଉଡ଼ାଇଦେବା କେତେଦୂର ସୁସଙ୍ଗତ ତାହା ବୋଲିବା ସହଜ ନୁହେ ।

କଟକ ଫୁଲ ଫଳ ଓ ଶିଳ୍ପ ପ୍ରଦର୍ଶନୀ ଏଥର ଦରବାର ସଙ୍ଗରେ ଆସନ୍ତା ଜାନୁୟାରୀ ମାସ ତା ୩ ରିଖରେ ହେବାର ସ୍ଥିର ହୋଇଅଛି । ତହିଁର କାର୍ଯ୍ୟକାରୀ କମିଟିର ଅଧିବେଶନ ଅଭିଷେକ ଉତ୍ସବ ସଭାର କାର୍ଯ୍ୟ ଶେଷ ଉତ୍ତାରୁ ହୋଇଥିଲା । ତହିଁରେ କେବଳ ପୁରସ୍କାର ତାଲିକା ପୁନରାଲୋଚନାର ବ୍ୟବସ୍ଥା ହୋଇଥିଲା ।

---

ଗତ ତା ୧୧ ରିଖରେ ବାଲେଶ୍ୱରର ଟାଉନହଲରେ ପ୍ରବଳ ପ୍ରତାପ ଭାରତେଶ୍ୱର ଏବଂ ଭାରତେଶ୍ୱରୀଙ୍କ ଅଭିଷେକ ଉତ୍ସବ ଉପଯୁକ୍ତରୂପେ ପ୍ରତିପାଳନ କରିବାର ଉପାୟ ସ୍ଥିର କରିବା କାରଣ ଗୋଟିଏ ସଭା ହୋଇଥିଲା । ତହିଁର କାର୍ଯ୍ୟାବଳୀ ସଭାର ସେକ୍ରେଟରୀଙ୍କ ଅନୁରୋଧ ମତେ ପ୍ରକାଶ କରୁଅଛୁଁ । ସେଠାର ଜଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଇଜରଟନସାହେବ ସଭାପତିର କାର୍ଯ୍ୟ ନିର୍ବାହ କରିଥିଲେ । ସଭାପତି ମହାଶୟ ସଭାର ଅଭିପ୍ରାୟ ବୁଝାଇଦେଇ କହିଲେ କି ଖେଳ ତାମସାରେ ଅନେକ ଟଙ୍କା ବ୍ୟୟ କରିବା ତାହାଙ୍କର ଅଭିପ୍ରାୟ ନୁହେ । ଯେବେ ଟଙ୍କା ଘଟିବ ତେବେ ଏହି ଉତ୍ସବର ସ୍ମୃତି ସ୍ୱରୂପ ଗୋଟିଏ ଛାତ୍ରାବାସ ନିର୍ମାଣ କରିବା ଏବଂ ଭବିଷ୍ୟ ପାଇଁ କିଛି ଟଙ୍କା ଦେବା ତାହାଙ୍କର ଇଚ୍ଛା ଅଟେ । ଅତଃପର ନିମ୍ନଲିଖିତ ବିଷୟମାନ ସର୍ବସମ୍ମତିରେ ଧାର୍ଯ୍ୟ ହେଲା ଯଥା:—

୧ । ଚାନ୍ଦା ସଂଗ୍ରହ କରିବା ଏବଂ ଉପଯୁକ୍ତରୂପେ ଉତ୍ସବର ଆୟୋଜନ କରିବା କାରଣ ଗୋଟିଏ କାର୍ଯ୍ୟକାରୀ କମିଟୀ ମନୋନୀତ ହେଲା ଏବଂ ନିମ୍ନଲିଖିତ ଭଦ୍ରଲୋକମାନେ ତହିଁର ସଭ୍ୟ ହେଲେ ଯଥା:—

ଜଣ୍ଟ ମାଜିଷ୍ଟ୍ରେଟ ସଭାପତି, ଜଣ୍ଟ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ, କପ୍ତାନ ମୁର, ରାଜା ବୈକୁଣ୍ଠନାଥ ଦେ ବାହାଦୁର, ମିୟାଁ ଅବଦୁସ ସୋଭାନଖାନ, ମୌଲବି ଅବଦୁଲ ମାଜିଦ, ବାବୁ ସୁଧାଚରଣ ଦାସ, ବାବୁ ଅନ୍ନଦାଚରଣ ସେନ, ବାବୁ ତ୍ରୈଲୋକ୍ୟନାଥ ଘୋଷ, ବାବୁ ଅମୃତଶିଶର ମୁଖର୍ଯ୍ୟା, ବାବୁ ତ୍ରୈଲୋକ୍ୟନାଥ ବୋଷ ଓ ବାବୁ ଆଶୁତୋଷ ଦତ୍ତ ସେକ୍ରେଟରୀ ।

୨ । କାର୍ଯ୍ୟକାରୀ କମିଟିକୁ ସକଳ ବିଷୟରେ ସାହାଯ୍ୟ କରିବା କାରଣ ଗୋଟିଏ ସାଧାରଣ କମିଟି ସ୍ଥାପିତ ହେଲା ।

୩ । ବାବୁ ଆଶୁତୋଷ ଦତ୍ତ ଉତ୍ସବର ଯେଉଁ ଅନୁଷ୍ଠାନ ପତ୍ର ପ୍ରସ୍ତୁତ କରିଅଛନ୍ତି କାର୍ଯ୍ୟକାରୀ କମିଟୀ ତାହା ବିବେଚନା କରିବେ ।

ରାଜା ବୈକୁଣ୍ଠନାଥ ଦେ ବାହାଦୁର ଏବଂ ବାବୁ ରାଜନାରାୟଣ ଦାସ ଅନିବାର୍ଯ୍ୟ କାରଣ ବଶତଃ ଏହି ସଭାରେ ଉପସ୍ଥିତ ହୋଇ ଦୁଃଖ ପ୍ରକାଶ କରି ଲେଖିଥିବା ପତ୍ରମାନ ପଠିତ ହେଲା ଏବଂ ସେମାନେ ପ୍ରତ୍ୟେକେ ଟ ୨୦୦୯ ଙ୍କା ଚାନ୍ଦା ଏବଂ ଦରିଦ୍ରମାନଙ୍କୁ ଭୋଜନ ଦେବାକୁ ଅଙ୍ଗୀକାର କରିଥିବାରୁ ତାହା ଧନ୍ୟବାଦ ସହିତ ସଭା ଗ୍ରହଣ କଲେ ।

ସଭାପତିଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା ।

---

## ସୁଶ୍ରୀବତାଙ୍କ ମୋକଦ୍ଦମା ।

ଏ ମୋକଦ୍ଦମାରେ ଗତ ତା ୧୪ ରିଖରେ ଆସାମିମାନେ ଜିଲା ମାଜିଷ୍ଟ୍ରେଟ ସାହେବଙ୍କ ହଜୁରରେ ମୌଲବୀ ଅବଦୁଲ ସଲାମ ଡେପୁଟୀ ମେଜିଷ୍ଟ୍ରେଟଙ୍କ ଅଦାଲତରୁ ମୋକଦ୍ଦମା ଉଠାଇ ଆଣିବା ସକାଶେ ଦରଖାସ୍ତ ଦାଖଲ କରିଥିବାରେ ସେ ମିସଲରେ ଆଉ କିଛି କାର୍ଯ୍ୟ ହୋଇ ନ ଥିଲା । ସେହି ଦରଖାସ୍ତ ଗତ ବୁଧବାରଦିନ ମେଜେଷ୍ଟ୍ରର ସାହେବଙ୍କ ହଜୁରରେ ଆଇତ ହେବାର ଥିବାରୁ ସେଦିନ ରାଜାଙ୍କ ପକ୍ଷର ବାରିଷ୍ଟର କଲିକତାରୁ ଆସିଥିଲେ । ଆସାମିଙ୍କ ଦରଖାସ୍ତ ପାଠ ହେବା ସମୟରେ ତହିଁରେ ଅନେକ କଥା ଭୁଲ ଥିବାର ବାରିଷ୍ଟର ଦେଖାଇ ଦେଲେହେଁ ସାହେବ ମହୋଦୟ ଆସାମିଙ୍କର ଓକିଲ ରାୟ ହରିବଲ୍ଲଭ ବସୁ ବାହାଦୁରଙ୍କ ବକ୍ତୃତା

Digitized by srujanika@gmail.com

ଶୁଣି ପ୍ରକାଶ କଲେ ଯେ ଆସାମିମାନେ ମୌଲଵୀ ସାହେବଙ୍କ ଅଦାଲତରେ ସୁବିଚାର ପାଇବେ ନାହିଁ ଏବଂ ମୌଲଵୀ ସାହେବଙ୍କ ମତ ଫରିୟାଦିର ପକ୍ଷ ଧରି ଥିବାରୁ ସେ ମୋକଦମାଟିକୁ ଅପଣା ମିସଲକୁ ଉଠାଇ ଆଣି ସଙ୍ଗେ ସଙ୍ଗେ ଆସାମିଙ୍କି ଖଲାସ ଦେବେ । ତହୁଁ ବାରିଷ୍ଟର ପ୍ରକାଶ କଲେ ଯେ ତାଙ୍କଠାରୁ ବକ୍ତବ୍ୟ ଶୁଣି ହୁକୁମ ଦେଇଥିଲେ ଭଲ ହୋଇଥାନ୍ତା । ମାତ୍ର ଯେତେବେଳେ ହାକିମ ହୁକୁମ ପ୍ରକାଶ କରି ସାରିଲେଣି ସେତେବେଳେ ସେ ଆଉ କି କହିବେ ? ତେବେ ଏତିକି କହି ପାରନ୍ତି ଯେ ମୋକଦମାଟିକୁ ଉଠାଇ ଆଣିଲେ ପୁନର୍ବାର ମୂଳରୁ ତହିଁର ବିଚାର ନ ହେଲେ ହାକିମ ରାୟ ଦେଇ ନ ପାରନ୍ତି । ଏ ବିଷୟରେ କିଛିକାଳ ତର୍କ ବିତର୍କ ହେଲାଉତ୍ତାରୁ ସାହେବ ମହୋଦୟ ମୋକଦମା ପୁନର୍ବିଚାର କରିବାର ଆବଶ୍ୟକ ନ ଥିବାର ପ୍ରକାଶ କଲେ । ବାରିଷ୍ଟର ମଧ୍ୟ ଏହା କହିଥିଲେ ଯେ ସାହେବଙ୍କ ଅଦାଲତରେ ବିଚାର ହେଲେ ସେ ଯେପରି ମତ ପ୍ରକାଶ କରୁଅଛନ୍ତି ତହିଁରେ ଫରିୟାଦୀ ସୁବିଚାର ପାଇବାର ଆଶା ନାହିଁ । ସୁତରାଂ ତାଙ୍କ ଅଦାଲତରୁ ମୋକଦମା ହାଇକୋର୍ଟକୁ ଉଠାଇ ନେବା କାରଣ ତାଙ୍କୁ ସମୟ ଦିଆଯାଉ । ଏ ବିଷୟରେ ଦରଖାସ୍ତ ମଧ୍ୟ ଦାଖଲ ହେଲା । ପରିଶେଷରେ ମେଜେଷ୍ଟର ସାହେବ ପ୍ରକାଶ କଲେ ଯେ ହାଇକୋର୍ଟରେ ଫରିୟାଦୀ ଦରଖାସ୍ତ ଦେଉଥାଆନ୍ତୁ ମାତ୍ର ସେ ମୋକଦମା ଡିସମିସ କରିବେ ଏବଂ ସେଦିନ ସମୟ ନ ଥିବାରୁ ତହିଁ ଆରଦିନ ଅର୍ଥାତ ଗତ ଶୁକ୍ରବାରଦିନକୁ ରାୟ ଦେବା ସକାଶେ ଧାର୍ଯ୍ୟ କଲେ । ମାତ୍ର ସେଦିନ ସାହେବ କଚେରୀକି ଆସି ପାରିଲେ ନାହିଁ ଏବଂ ଗତ କାଲି ମାନ୍ୟବର ଲେଫଟେନେଣ୍ଟଙ୍କର ମୃତ୍ୟୁ ଶୋକ ହେତୁ କଚେରୀ ବନ୍ଦ ଥିଲା । ସୁତରାଂ ଶେଷ ଆଦେଶ ବାହାରି ନାହିଁ ଏବଂ ତାହା ଏକପ୍ରକାର ବୁଝାଯାଇ ଥିଲେହେଁ ଶୁଣିବାକୁ ସମସ୍ତେ ବ୍ୟଗ୍ର ଅଛନ୍ତି ।

---

### କଟକର ଗ୍ରହବୈଗୁଣ୍ୟ ।

ଏକ ମାସରୁ ଅଧିକ ହେଲା ଏ ନଗରର ମନ୍ଦ ଜଣା ପଡୁଅଛି । କେଉଁ ଗ୍ରହର ଅବଳରୁ ଏହା ଘଟୁଅଛି ତାହା ଭାଗ୍ୟଗଣକମାନେ ନିର୍ଣ୍ଣୟ କରନ୍ତୁ । ଫଳ ଏହି ଅଛି ଯେ ନାନାଶ୍ରେଣୀର ଲୋକଙ୍କର ଆମୋଦ, କେତେ ଲୋକର ରୋଜଗାର ଏବଂ ହିନ୍ଦୁମାନଙ୍କ ଧର୍ମ କାର୍ଯ୍ୟରେ ବାଧା ପଡୁଅଛି । ପୁଣି ଆଶ୍ଚର୍ଯ୍ୟର ବିଷୟ ଏହି କି ଯେଉଁ ସ୍ଥାନୀୟ ରାଜକର୍ମଚାରୀମାନେ ସେ ସମସ୍ତ ବିଷୟରେ ଜନ ସାଧାରଣଙ୍କର ସୁରକ୍ଷାର ଅଧିକାର ପାଇଅଛନ୍ତି ସେହିମାନଙ୍କ ମଧ୍ୟରୁ କାହାରି ଅଯଥା କାର୍ଯ୍ୟପ୍ରଣାଳୀ ସେହି ବାଧାର ହେତୁ ହୋଇଅଛି । ପୁଲିସର ଅନ୍ୟାୟ ନିଷେଧ ଆଜ୍ଞାଦ୍ୱାରା ଦଶହରା, ଦେୱାଳି, କାଳୀପୂଜା ଯେପରି ଅସୁଖରେ ବାହାର ଗଲା ପାଠକମାନଙ୍କୁ ଜଣା ଅଛି । କାର୍ତ୍ତିକପୂଜା ଗତ ରବିବାର ହୋଇଥିଲା । ସେ ଦିନ ସନ୍ଧ୍ୟାଠାରୁ ରାତ୍ରି ଘ ୮ ଘା ପର୍ଯ୍ୟନ୍ତ ବାଜା ବାଜିବାର ନିଷେଧ ହେଲା । କେତେକ ଭଦ୍ରଲୋକ ମାଜିଷ୍ଟ୍ରେଟ ସାହେବଙ୍କଠାରେ ଦୁଃଖ ଜଣାଇଲେ । ମାତ୍ର ପୁଲିସର ଆଦେଶରେ ସେ ହସ୍ତକ୍ଷେପ କଲେ ନାହିଁ । ଖ୍ରୀଷ୍ଟିୟାନମାନଙ୍କର ରବିବାର ସନ୍ଧ୍ୟାବେଳେ ଗିର୍ଜ୍ଜା ହୁଅଇ ବୋଲି ସେପରି ଆଦେଶ ହୋଇଥିବାର କଥିତ ହୁଅଇ । ମାତ୍ର ଗିର୍ଜ୍ଜା କେଉଁଠାରେ ଓ ବାଜା ବାଜିବା କେଉଁଠାରେ ତହିଁର ବିଚାର ହେଲା ନାହିଁ । ଗିର୍ଜ୍ଜା ବା ମସଜିଦଠାରେ ଉପାସନା ହେବା କାଳରେ ନିକଟସ୍ଥ ସଡ଼କରେ ବାଜା ବନ୍ଦ କରାଯିବାର ବହୁକାଳରୁ ଚଳି ଆସୁଅଛି । ତହିଁରେ କି ବ୍ୟାଘାତ ହେଲା ଯେ ସମସ୍ତ ସହରର ବାଜା ବନ୍ଦ ହେଲା ଏ କଥା ସୁଦ୍ଧା ବୁଝା ଗଲା ନାହିଁ । ଏକ ସମ୍ପ୍ରଦାୟର ସୁବିଧା ସକାଶେ ଅପର ସମସ୍ତ ସମ୍ପ୍ରଦାୟର ଧର୍ମ ଉତ୍ସବରେ ବାଧା ଦେବା ଗବର୍ଣ୍ଣମେଣ୍ଟଙ୍କର ନ୍ୟାୟ ବିଚାରରୁ ଆସୁଅଛି କି ?

ଗତ ଶନିବାର କାର୍ତ୍ତିକପୂର୍ଣ୍ଣିମୀ ଉପଲକ୍ଷରେ ଗଡ଼ଗଡ଼ିଆ ଘାଟରେ ବାଲିଯାତ୍ରା ପରମ୍ପରା ହୋଇଆସୁଅଛି । ଯାହାର ସ୍ଥାନଟି ଡର୍ମ୍ମ ମଧ୍ୟରେ । ଦୁଇ ଦିନ ପୂର୍ବରୁ ଶୁଣାଗଲା ଯେ କମ୍ପୁ ପଲଟନର ହାକିମ ସେଠାରେ ଯାତ୍ରା କରି ଦେବେ ନାହିଁ । ତହିଁ ଆର ଦିନ ଧେଣ୍ଡ୍ରା ଦିଆ ଗଲା ଯେ ବାଲିଯାତ୍ରାରେ ଲୋକମାନେ ଦୋକାନ ଦେଇ ଜିନିଷ ବିକ୍ରୀ କରିବେ ସେମାନଙ୍କୁ ଟିକସ ଦେବାକୁ ହେବ । ଫଳରେ ସେ ଦିନ ଯାତ୍ରା ହେଲା । ମାତ୍ର ଟିକସ ଭୟରେ ସମାବେଶ କିଛି ଊଣା ହେଲା । ଯାତ୍ରାବେଳେ ପଲଟନର କେହି କର୍ମଚାରୀ ଆସି ଟିକସ ଆଦାୟ କଲେ । ଦୋକାନିକ ସହିତ ଦର୍ଶକମାନଙ୍କର ଗାଡ଼ି ଶଗଡ଼ ଉପରେ ଟିକସ ଆଦାୟ ହେଲା । କେତେକ ଘୋଡ଼ାଗାଡ଼ି ପ୍ରତି ୮୦/ ଓ ବଳଦ ଶଗଡ଼ ପ୍ରତି ୵୦୬ ଅଦାୟ ହେବାର ଦେଖାଗଲା । ଟିକସ ଦିଅ ନୋହିଲେ ଚାଲାଣ ହେବ ଆଦାୟକାରୀ ମୁଖରୁ ଏହି କଥା ଶୁଣିଅଛୁ । ଏପରି ଟିକସ ଆଦାୟ କରିବା କେଉଁ ଆଇନ ବା ଉପବିଧିସଙ୍ଗତ ବୁଝି ପାରିଲୁ ନାହିଁ ।

ମିଉନିସିପାଲିଟିର ଡେପୁଟିମାନ ଏ ସମୟରେ ସ୍ଥିର ହୋଇ ନ ପାରି ମୁନାଦିଦ୍ୱାରା ଘୋଷଣା ପ୍ରଚାର କରିଅଛନ୍ତି କି ଗୁଡ଼ିଆମାନେ ଦୋକାନ ଛନ୍ଦ ପାରିବେ ନାହିଁ । ମିଷ୍ଟାନ୍ନ ଦ୍ରବ୍ୟସବୁ କାଚ ଆଲମାରି ଅଥବା ହାଣ୍ଡି ଇତ୍ୟାଦିରେ ବନ୍ଦ କରି ରଖି ବିକ୍ରୟ କରିବେ । କାରଣ ମାଛି ବସି ଓ ସଡ଼କର ଧୂଳି ଉଡ଼ି ପଡ଼ି ସେ ଦ୍ରବ୍ୟ ଅହିତକର ହେବ । ଏ ଆଦେଶ ପ୍ରକୃତରେ କି କାରଣ ଘଟିଲା ଲୋକେ ସ୍ଥିର କରିବାକୁ ଅକ୍ଷମ । ଆଜିକାଲି ଶୀତ ଦିନରେ ମାଛି ଓ ଧୂଳି ଏ ଦୁଇ ଜଞ୍ଜାଳ ନାହିଁ । ମାଛି ରାତିରେ କେବେ ଦେଖାଯାନ୍ତି ନାହିଁ ଏବଂ ଦୋକାନ ମଧ୍ୟ ସନ୍ଧ୍ୟା ପୂର୍ବରୁ ପ୍ରାୟ ଲଗା ଯାଏ ନାହିଁ ସହରରେ ବର୍ଷ ମଧ୍ୟରେ କେବଳ ଚୈତ୍ର ବୈଶାଖ ଓ ଜ୍ୟେଷ୍ଠ ମାସର କେତେକଦିନ ପର୍ଯ୍ୟନ୍ତ ଧୂଳି ଉଡ଼େ ଏବଂ ଗ୍ରାହକ ଧୂଳିମିଶା ଦ୍ରବ୍ୟ କିଣନ୍ତି ନାହିଁ ବୋଲି ଦୋକାନଦାର ସାବଧାନ ଥାନ୍ତି । କାଚ ଆଲମାରିରେ ଦୋକାନ ସଜାଇବା ଅନେକ ଗରିବ ଦୋକାନଦାରର ପକ୍ଷରେ ସହଜ ନୁହେ । ବିଶେଷତଃ ଅସ୍ୱାସ୍ଥ୍ୟକର ଦ୍ରବ୍ୟ ବିକ୍ରୟ ପ୍ରତି ମିଉନିସିପାଲିଟିର ଯଥେଷ୍ଟ କ୍ଷମତା ଅଛି । ତେବେ ଏ ବିରକ୍ତିଜନକ ଆଦେଶର ପ୍ରୟୋଜନ କି ? ଯଦି ମାଛି ଓ ଧୂଳିର ରାଜ୍ୟ ମିଉନିସିପାଲିଟି ଅଟେ । ସହରର ମଇଳା ପରିଷ୍କାର ଏବଂ ସଡ଼କରେ ଜଳ ସିଞ୍ଚିବାର ସୁବନ୍ଦୋବସ୍ତ ହେଲେ ମାଛି ଓ ଧୂଳିର ଉପଦ୍ରବ ଅବଶ୍ୟ ଦମନ ହେବ । ମିଉନିସିପାଲିଟି ନିଜ କାର୍ଯ୍ୟରେ ହେଲା କରି ତହିଁ ପାଇଁ ଲୋକଙ୍କୁ ହଇରାଣ କରିବା ଉଚିତ କି ?

ନଗରବାସିଙ୍କର ଉପରଲିଖିତ ଦୁଃଖମାନ ଆମ୍ଭେମାନେ ବିନୀତଭାବରେ ବିଭାଗୀୟ କମିଶନର ଏବଂ ଗବର୍ଣ୍ଣମେଣ୍ଟଙ୍କ ଗୋଚରରେ ଆଣି ପ୍ରାର୍ଥନା କରୁଅଛୁଁ କି ସେମାନେ ତହିଁର ସୁବିଚାର କରିବେ ।

---

### ଇଉରେସିଆନ କମିଶନ ।

ଇଉରେସିଆନ କମିଶନ ଗତ ତା ୧୧ ଓ ୧୨ ରିଖରେ ଏ ନଗରରେ ସାକ୍ଷ୍ୟ ଗ୍ରହଣ କରିଥିବାର ପାଠକମାନଙ୍କୁ ଜଣାଇଅଛୁଁ । ସାକ୍ଷିମାନଙ୍କର ଉକ୍ତିର ସଂକ୍ଷେପ ବିବରଣ ଗତ ତା ୧୪ ରିଖର 'ଷ୍ଟେଟସମ୍ୟାନ' ସମ୍ବାଦପତ୍ରରେ ପ୍ରକାଶିତ ହୋଇଅଛି । ତହିଁରୁ ନିମ୍ନଲିଖିତ କଥାମାନ ଓଡ଼ିଶାବାସିଙ୍କର ଗୋଚରାର୍ଥେ ଉଦ୍ଧୃତ ହେଲା । ଯଥା—

ବାବୁ ଯାମିନୀମୋହନ ଦାସ ଡେପୁଟି କଲେକ୍ଟର କହିଲେ କି କଟକ ଦୁର୍ଭିକ୍ଷରୁ ସମ୍ପୂର୍ଣ୍ଣରୂପେ ରକ୍ଷା ପାଇଅଛି । ଶସ୍ୟ ତୋଳିବା ନୌକାଯୋଗେ ଅଧିକ ନ ହୋଇ ପ୍ରାୟ ସମସ୍ତ ଶଗଡ଼ ଓ ବଳଦ ଯୋଗେ ହୁଅଇ । କେନାଲଦ୍ୱାରା ପ୍ରାୟ * ଲକ୍ଷ ମାଣ ଅର୍ଥାତ ଜିଲାର ଚାଷଭୂମିର ଚଉପଣ ମାତ୍ର ଉପକାର ପାଇ ପାରେ । ଯେ ସମସ୍ତ ଜମି ଧୋଇରେ ନଷ୍ଟ ହେବାର ଅଛି ସେ ସମସ୍ତର

Split by PDF Splitter



ଅନୁସନ୍ଧାନ ପ୍ରଥମେ କରିବା ଉଚିତ ।

ମହାନଦୀ ଡିଭିଜନର ବାରକମାଷ୍ଟର ଆର୍ଣ୍ଣଟ ସାହେବ କହିଲେ କି କେନାଲଦ୍ୱାରା ଜଳ ମଡ଼ାଇବାର ଯେତେଦୂର ସମ୍ଭବ ତାହା ପ୍ରାୟ ହୋଇଯାଇଅଛି । କେବେ ଶିଳୁଆ ନଦୀରେ ଗୋଟାଏ ପଥରବନ୍ଧ ପଡିଲେ କେତେକ ମରୁଡିଆ ଜମି ରକ୍ଷା ହୋଇ ପାରେ ।

ରାଜା ବୈକୁଣ୍ଠନାଥ ଦେ ବାହାଦୁର କହିଲେ କି ପ୍ରାୟ ୩୫ ବର୍ଷରେ କେବଳ ୨ ଫସଲ ନଷ୍ଟ ପଡ଼େ ମାତ୍ର କେନାଲ, ଜାହାଜ ଏବଂ ରେଲବେ ହେତୁ ସନ ୧୮୬୬ ସାଲର ଦୁର୍ଭିକ୍ଷରେ ଯେପରି ମନୁଷ୍ୟ ମରିଥିଲେ ସେପରି ହେବା ସମ୍ଭବ ନୁହେ । ବାଲେଶ୍ୱର ଜିଲା ମଧ୍ୟରେ ମେଦିନୀପୁର ପର୍ଯ୍ୟନ୍ତ ଗୋଟିଏ କାଲ ଖୋଲା ହେଲେ ଉପକାର ହେବ ଏବଂ ତହିଁରେ ରେଲବେରୁ ଯିବା ଆସିବାର ସୁବିଧା ହେବ ।

ବାବୁ ଗୌରୀଶଙ୍କର ରାୟଙ୍କ ମତରେ ଓଡ଼ିଶାରୁ ଦୁର୍ଭିକ୍ଷର ଭୟ ସମ୍ପୂର୍ଣ୍ଣରୂପେ ଯାଇ ନାହିଁ । କଟକ ଜିଲ୍ଲା ଯେତେଦୂର ରକ୍ଷା ହେବା ଉଚିତ ସେତେଦୂର ହୋଇ ନାହିଁ ।

ସୁପ୍ରିଣ୍ଟେଣ୍ଡିଂ ଇଞ୍ଜିନିୟର ଷ୍ଟୁଅର୍ଟ ସାହେବ ଅଧିକାଂଶ ବଙ୍ଗୀୟ କଥା କହିଥିଲେ । ତାହାଙ୍କ ମତରେ ଓଡ଼ିଶା କେନାଲ ସମ୍ବନ୍ଧ ଲାଭଜନକ ହେବାର ଆଶା ନାହିଁ ।

ଅନୁଗୁଳର ଡେପୁଟି କମିଶନର ସ୍ମିଥ ସାହେବ କହିଲେ କି ଉପଯୁକ୍ତ ସଡ଼କ ବାଟର ଅଭାବ ହେତୁ ଚଷାମାନେ ଉଚ୍ଚ ଦରରେ ଧାନ ଚାଉଳ ବିକ୍ରୀ କରି ପାରୁ ନାହାନ୍ତି । ଭଲ ଦରରେ ବିକ୍ରୀ କରି ପାରିଲେ ଚଷାମାନେ ବନ୍ଧଦ୍ୱାରା ଜଳ ଅଟକାଇବା ଏବଂ ଜଳ ଭଣ୍ଡାର ସଞ୍ଚୟ କରିବାକୁ ଉତ୍ସାହିତ ହେବେ । ସମ୍ପ୍ରତି ସେମାନେ ନିଜ ଖରଚ ଓ ଖଜଣା ଆଦାୟ ସକାଶେ ଯେତିକି ପ୍ରୟୋଜନ ସେତିକି ଫସଲ କରନ୍ତି ଏବଂ ଫସଲ ନଷ୍ଟ ହେଲେ ନିଜ୨ କପାଳକୁ ନିନ୍ଦା କରନ୍ତି । ଛୋଟ୨ ନାଲ ଅନୁଗୁଳରେ ଅନେକ ଅଛି । ସେ ସମସ୍ତରେ ବନ୍ଧ ପଡି ଯେତିକି ଜଳ ମଡ଼ାଇବାର ସୁବିଧା ଅଛି । ଏହାଦ୍ୱାରା ମରୁଡିରୁ ଫସଲ ରକ୍ଷା ପାଇବ ଏବଂ ସମ୍ଭବତଃ ଗ୍ରାମବାସିମାନେ ଏକଯୋଗରେ ସରକାରରୁ ଦାଦନ ନେଇ ତାହା କରିବାକୁ ଅଗ୍ରସର ହେବେ ।

ବ୍ରାହ୍ମଣୀ ବୈତରଣୀ ଡିଭିଜନର ବାରକମାଷ୍ଟର ବାକ୍ଲେ ସାହେବ କହିଲେ କି ଭଣ୍ଡାରରେ ଯେତେ ଜଳ ଅଛି ତାହା ସମ୍ପୂର୍ଣ୍ଣରୂପେ ବ୍ୟବହାର ହେବାର ବନ୍ଦୋବସ୍ତ ହୋଇଅଛି । ଜଳ ଦେବା ବିଷୟରେ ଅଧିକ କିଛି କରିବା ସମ୍ଭବ ନୁହେ ।

ବଙ୍ଗଳାର ଚିଫ ଇଞ୍ଜିନିୟର ଏବଂ ଓଡ଼ିଶାର ଭୂତପୂର୍ବ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଇଙ୍ଗଲିସ ସାହେବ କହିଲେ କି ଓଡ଼ିଶା କେନାଲ ସମ୍ବନ୍ଧର ଆର୍ଥିକ ଅବସ୍ଥା ସୁଧାର କରିବାର କୌଣସି ଆଶା ନାହିଁ । ନାଲର କାର୍ଯ୍ୟ ଅଭାବରେ ପ୍ରତି ବର୍ଷ ସରକାରଙ୍କର କ୍ଷତି ପଡ଼ୁଅଛି ଏବଂ ନାଲମାନ କେବଳ ପ୍ରକାଣ୍ଡ ସାଧାରଣ ହିତକର କାର୍ଯ୍ୟ ବୋଲି ସରକାର ସେ ସମସ୍ତ ରଖିବାର ସ୍ଥିର କରିଅଛନ୍ତି ।

ଓଡ଼ିଶା ବିଭାଗର କମିଶନର ଶ୍ରୀଯୁକ୍ତ ଗୁପ୍ତ ସାହେବ କହିଲେ କି କେନାଲ ଏବଂ ରେଲବେଦ୍ୱାରା ଏ ପ୍ରଦେଶ ସନ୍ତୋଷଜନକରୂପେ ସୁରକ୍ଷିତ ହୋଇଅଛି । ରେଲଦ୍ୱାରା ପ୍ରକୃତରେ ଦୁର୍ଭିକ୍ଷ ନିବାରଣ ନ ହେଲେହେଁ ଧାନ ଚାଉଳ ଅତି ଚଢ଼ା ଦରରେ ବିକ୍ରୟ ହେବାର ବାଟ ରହୁ ନାହିଁ । ସୁତରାଂ ଲୋକଙ୍କର କଷ୍ଟ ଲାଘବ ହୁଏ । ବାଲେଶ୍ୱର ଅଥବା ପୁରୀରେ କୌଣସି ବୃହତ ନାଲକାର୍ଯ୍ୟ ନିର୍ମାଣ ହେବା ସମ୍ଭବ ନୁହେ । କିନ୍ତୁ ସାମାନ୍ୟ ଉପାୟରେ ଦେଶର ଅବସ୍ଥାର ଅନେକ ଉନ୍ନତି ହୋଇ ପାରେ ଏବଂ ଜଳପଥ ଅବଲମ୍ବନଦ୍ୱାରା ଲୋକଙ୍କର ଅନେକ ଉପକାର ହେବା ଉଚିତ । କେବଳ ହାଟର ଅଭାବରୁ ତାହା ହୋଇ ପାରୁ ନାହିଁ । ତକାବି ଦାଦନ ଅଧିକ ପରିମାଣରେ ଦେବାର ପ୍ରତିବନ୍ଧକ ଏହି ଯେ ସରକାର କେତେ ଟଙ୍କା ଦାଦନ ଦେବେ ତହିଁର ସ୍ଥିରତା ନାହିଁ ।

କମିଶନ ଏଠାରୁ ଆସି ଯାହା ବୁଝି ଗଲେ ଉପରେ ଲେଖାଗଲା । ସେମାନେ ଯାହା ସିଦ୍ଧାନ୍ତ କରିବେ ଯଥା ସମୟରେ ସେମାନଙ୍କର ରିପୋର୍ଟ ପ୍ରକାଶ ହେଲାରୁ ଜଣାଯିବ । ଆପାତତଃ ସ୍ଥାନୀୟ ସରକାରୀ ଉଚ୍ଚ କର୍ମଚାରୀଙ୍କର କଥାରୁ ଜଣାଗଲା ଯେ ଓଡ଼ିଶାରେ ନାଲ କାର୍ଯ୍ୟ ଅଧିକ ବିସ୍ତାର ହେବାର ଏବଂ ସେ କାର୍ଯ୍ୟ ହେଲେହେଁ ଲାଭକର ହେବାର ଆଶା ନାହିଁ ଏବଂ ଜାହାଜ ଓ ରେଲବାଟର ସୁବିଧା ହୋଇ ନ ଥିଲେ ଏହା ନାଲଜଳଦ୍ୱାରା ଏ ଦେଶ ଦୁର୍ଭିକ୍ଷରୁ ରକ୍ଷା ପାଇବାର ଉପାୟ ନ ଥିଲା । ଯାହା ହେଉ ହାତରେ ଧନ ଥିଲେ ଏଣିକି ଅନ୍ନକଷ୍ଟ ବାଧିବ ନାହିଁ ମାତ୍ର ଦରିଦ୍ର ଓଡ଼ିଆଙ୍କ ହାତରେ କେତେ ଧନ ହେବ କି ? ଅନ୍ତତଃ ଯେଉଁମାନେ ସୁଭିକ୍ଷ କାଳରେ ପେଟପୂରି ଖାଇବାକୁ ପାଉ ନାହାନ୍ତି ବା ଏକବେଳା ଉପାସ ରହୁଅଛନ୍ତି ସେମାନେ ଦୁର୍ଭିକ୍ଷରେ କି କରିବେ ତାହା ଏକପ୍ରକାର ବୁଝା ଯାଉ ନାହିଁ କି ?

---

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ଷବ୍ ଡେଃ କଲେକ୍ଟର ବାବୁ ମାଧବଚନ୍ଦ୍ର ମିଶ୍ର ଗୁଲବାର ସାତକ୍ଷିରାରେ ଅବସ୍ଥାପିତ ହୋଇଅଛନ୍ତି ।

ଓଡ଼ିଶା ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ମିଃ ସି, ଏ ଟୁଅଇଟ ମା ୩ ର ଅନୁଗ୍ରହ ଓ ମା ୧୧।୨ ଦିନ ଫର୍ଲୋ ଛୁଟି ନେବାରୁ ତାଙ୍କ ସ୍ଥାନରେ ଏ, ଏସ, ଟମସନ ସାହେବ ନିଯୁକ୍ତ ହୋଇଅଛନ୍ତି ।

କଟକ ଟ୍ରେନିଂ ସ୍କୁଲର ଓ ରେଭେନ୍ସା କଲେଜିଏଟ ସ୍କୁଲର ଡ୍ରଇଂ ମାଷ୍ଟର ବାବୁ ମନ୍ମଥନାଥ ବସୁ ମା ୩ ସର ଛୁଟି ପାଇଅଛନ୍ତି ଓ ତାଙ୍କ ସ୍ଥାନରେ ବାବୁ ନଗେନ୍ଦ୍ରନାଥ ବାନୁର୍ଜି ନିଯୁକ୍ତ ହୋଇଅଛନ୍ତି ।

---

ଏ ସପ୍ତାହରେ ବୃଷ୍ଟି ଅଟେ ନାହିଁ । ଶୀତ ନିୟମିତରୂପେ ବୋଧ ହେଉଅଛି ।

ଗତ ସପ୍ତାହରେ ବଙ୍ଗସାଗରରେ ଯେଉଁ ଝଡ଼ ଉଠିଥିବାର ଲେଖିଥିଲୁ ତାହା ଦକ୍ଷିଣଦିଗରୁ ଉପରକୁ ଆସି ନାହିଁ । ସେଥିରୁ ମାନ୍ଦ୍ରାଜ, ଲଙ୍କା ପ୍ରଭୃତିରେ ଭାରି ବୃଷ୍ଟି ହୋଇଥିଲା ।

ଏ ନଗରରେ ସାମାନ୍ୟ ଜ୍ୱର ଓ ସର୍ଦ୍ଦି ଅନେକଙ୍କୁ ବ୍ୟସ୍ତ କରୁଅଛି ଏବଂ ଠାବେ୨ ମିଳିମିଳାର ରୋଗ ହୋଇଅଛି ।

ଏଠା ଟ୍ରେନିଂ ସ୍କୁଲ ଅନ୍ତର୍ଗତ ମିଡଲ ସ୍କୁଲର ଜଣେ ଶିକ୍ଷକ ମୁନସି ମହବୁଦ୍ଦିନଙ୍କ ନାମରେ ସ୍କୁଲର ଘରଯୋଗ ସଂକ୍ରାନ୍ତ କେତେଖଣ୍ଡ ଦରଖାସ୍ତ ପଡ଼ିବାରୁ ଟ୍ରେନିଂ ସ୍କୁଲର ହେଡମାଷ୍ଟର ତହିଁର ଅନୁସନ୍ଧାନ କରୁଅଛନ୍ତି । ଫଳ ଜଣାଯାଇ ନାହିଁ ।

ନୂତନ ଜଏଣ୍ଟମାଜିଷ୍ଟ୍ରେଟ ମିଃ ଲାକଲ ଗତ ବୁଧବାର ଦିନ ଏଠାରେ ଉପସ୍ଥିତ ହୋଇ କାର୍ଯ୍ୟ ଗ୍ରହଣ କରିଅଛନ୍ତି ।

ଶ୍ରୀଯୁକ୍ତ ଗୁପ୍ତସାହେବ କମିସନର ଅଦ୍ୟ ଗସ୍ତରୁ ଫେରି ଆସିବାର କଥା ଅଛି ।

ଏ ଦେଶୀୟ ଉକିଲ ବାବୁ ସୂର୍ଯ୍ୟକାନ୍ତ ଘୋଷ ବି, ଏ, ବି ଏଲ ଏକଷ୍ଟ୍ରା ମୁନସଫ ନିଯୁକ୍ତ ହୋଇ ବୁଥଶାଦକୁ ଯାଇଅଛନ୍ତି ଏବଂ ଏଥର ବାହାଲ ହେବାର ଆଶା ଅଛି ।

ଅତ୍ୟନ୍ତ ଦୁଃଖର ସହିତ ପ୍ରକାଶ କରୁଅଛୁଁ କି ଏ ନଗରର ଅଦୂର ବଡ଼ସାମ ବଖାଦ ନାମ ବକ୍ସିବଦ ନିବାସୀ ଜମିଦାର ଓ ମହାଜନ ବାବୁ ନନ୍ଦକୁମାର ଘୋଷ ହଠାତ୍ ଅଳ୍ପ ( ବ ୩୨ ବର୍ଷ ) ବୟସରେ ଜ୍ୱର ରୋଗରେ ମରି ଯାଇଅଛନ୍ତି । ତାହାଙ୍କର ସ୍ୱଭାବ ଚରିତ୍ର ଓ ଉତ୍ସାହ ଦେଖି ଲୋକେ ଆଶା କରୁଥିଲେ ଯେ ଅଳ୍ପକାଳରେ ସେ ସ୍ୱଦେଶ ହିତୈଷିତାର ପରିଚୟ ଦେଇଥାନ୍ତେ । ମାତ୍ର ମଙ୍ଗଳମୟ ଈଶ୍ୱରଙ୍କ ଇଚ୍ଛା ଭିନ୍ନ ପ୍ରକାର ହେଲା । ସେ ତାହାଙ୍କର ଆତ୍ମାର ମଙ୍ଗଳ ଏବଂ ଶୋକସନ୍ତପ୍ତ ବିଧବା ସ୍ତ୍ରୀ ଓ ଅନ୍ୟ ପରିବାରବର୍ଗଙ୍କର ଶାନ୍ତି ବିଧାନ କରନ୍ତୁ ।

ଦିଲ୍ଲୀ ଦରବାରରେ ବାଜି ଦେଖାଇବାପାଇଁ କଲିକତାର ମେସାର୍ସ ବ୍ରୋକ କୋମ୍ପାନୀକୁ ନିମନ୍ତ୍ରଣ କରାହୋଇଅଛି । ଏହି କୋମ୍ପାନୀ ଯେଉଁ ସବୁ ବାଜି ଦେଖାଇବେ ତାହା ଏ ଭାରତବର୍ଷରେ ଆଉ କେବେ ଦେଖାଯାଇ ନାହିଁ ବୋଲି କଥା ହୁଏ । ମାତ୍ର ଏହି ବାଜିରେ ଖର୍ଚ୍ଚ ହେବ ଟ ୨୨,୫୦୦ (! ଦରବାରର ପଇସା ସବୁ ନିଅ କପାଳରୁ ଅସୁଅଛି ।— ଭାରତବର୍ଷକୁ ଏ ପଇସା ଫୁଙ୍କାକ ହୋଇପାରନ୍ତା ନାହିଁ ? ଧନ୍ୟ ପ୍ରଦେଶ ପ୍ରିୟତା !

ଗତ ସିଭିଲ ସର୍ବିସ ପରୀକ୍ଷାରେ ବୋମ୍ବାଇର ଜଣେ ମୁସଲମାନ ଯୁବକ ମିଃ ଅବଦୁଲ ଲତିଫ ବି, ଏ, ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବାର ସମ୍ବାଦ ମିଳିଲା । ଆଜପର୍ଯ୍ୟନ୍ତ କେହି ମୁସଲମାନ ଏ ପରୀକ୍ଷାରେ ଏପରି ସ୍ଥାନ ପାଇ ନ ଥିଲେ ; ଏହା ମୁସଲମାନ ସମ୍ପ୍ରଦାୟର ସୁଗୌରବର ବିଷୟ ।

ଫିରୋଜପୁରର ଡେପୁଟି କମିସନର ସାହେବ ପ୍ଲେଗରୋଗର ଟିକା ଦେବାରେ ଗୋଟିଏ ନୂତନ ଉପାୟ ଉଦ୍ଭାବନ କରିଥିବାର ସମ୍ବାଦ ମିଳିଲା । ସେ ଜଣେ ଗ୍ରାମବାସିକି ପ୍ରଥମେ ଟିକା ଦେଇ ଅନ୍ୟଲୋକମାନଙ୍କ ନିକଟକୁ ନେଇ ଘାଣ୍ଟି ଦେଖାଉଅଛନ୍ତି । ସେ ବ୍ୟକ୍ତି ଅନ୍ୟଲୋକମାନଙ୍କୁ ଅଭୟ ଦେଇ ଟିକା ନେବାକୁ ବୁଝାଉଅଛି ।— ଏ ପ୍ରଥା ମନ୍ଦ ନୁହେ

Digitized by srujanika@gmail.com

Split by PDF Splitter



ରେଙ୍ଗୁନଠାରେ ଜଣେ ମୁସଲମାନ ତାହା ସ୍ତ୍ରୀର ନାକ କାଟିପକାଇଥିବାରୁ ବନ୍ଦୀଧୀନରେ ଅଛି । ମୁସଲମାନର ସ୍ତ୍ରୀ ଦିନେ ରାତ୍ରରେ ଆପଣା ସ୍ୱାମୀ ନିକଟରୁ ପର ପୁରୁଷ ପାଖକୁ ବାହାରିବା ବେଳେ ତାହାକୁ ସ୍ୱାମୀ ଜାଣିପାରି ସ୍ତ୍ରୀର ନାକ କାଟିଦେଲା ।—ଏ କଳିଯୁଗର ଲକ୍ଷଣ ଅନେକବାର ଦେଖାଗଲାଣି ।

ବଙ୍ଗଦେଶର ମାଦାରିପୁର ଗ୍ରାମ ନିକଟବର୍ତ୍ତୀ କୁଲପଡି ଗ୍ରାମରେ ଜଣେ ମୁସଲମାନ ବାଡ଼ୀରେ ଏକହସ୍ତ ପରିମିତ ପାଞ୍ଚମାସର ଗୋଟିଏ ପଣସଗଛରେ ଗୋଟିଏ ସୁନ୍ଦର ପଣସ ଫଳିଥିବାର ସମ୍ବାଦ ମିଳଇ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଉକ୍ତ ପଣସର ଡେମ୍ଫ ଗଛଠାରୁ ଅନେକ ମୋଟ ଅଟେ ।

ଭାରତ ଶିକ୍ଷା ସମ୍ବନ୍ଧୀୟ କମିଶନର ରିପୋର୍ଟ ପାର୍ଲିଆମେଣ୍ଟରେ ଅବଧି ଆଗତ ହୋଇ ନାହିଁ । ଜଣେ ମେମ୍ବରଙ୍କ ପ୍ରଶ୍ନରେ ଆମ୍ଭମାନଙ୍କର ଷ୍ଟେଟ ସେକ୍ରେଟେରୀ ଉତ୍ତର ଦେଲେ ଯେ ଉକ୍ତ ରିପୋର୍ଟ ପ୍ରତି ନିର୍ଭର କରି ଭାରତ ଗବର୍ଣ୍ଣମେଣ୍ଟ କିରୂପ ନୀତି ଅବଲମ୍ବନ କରିବେ ତାହା ସେ କହି ନ ପାରନ୍ତି ମାତ୍ର ତହିଁପୂର୍ବେ ରିପୋର୍ଟ ପାର୍ଲିଆମେଣ୍ଟରେ ଆଗତ ହେବ । ଏଥିରୁ ସ୍ପଷ୍ଟ ଜଣାଯାଉଅଛି ଯେ ଉକ୍ତ ରିପୋର୍ଟ ପାର୍ଲିଆମେଣ୍ଟରେ ଆଗତ ନ ହେବା ପର୍ଯ୍ୟନ୍ତ ଭାରତ ଗବର୍ଣ୍ଣମେଣ୍ଟ କିଛି କରିବେ ନାହିଁ ଏବଂ ତାହା ଯୁକ୍ତିସଙ୍ଗତ । ମାତ୍ର ରକ୍ଷଣଶୀଳ ସମ୍ପ୍ରଦାୟର ବଳ ଅଧିକ ଥିବା ସମୟରେ କମିଶନ ପାର୍ଲିଆମେଣ୍ଟରେ ଆଗତ ହେଲେ ଯେ ଆମ୍ଭମାନଙ୍କର ବିଶେଷ ଫଳ ହେବ ତହିଁର ସମ୍ଭାବନା ଅତିଅଳ୍ପ ଦେଖାଯାଉ ପରିଣାମ କି ହେବ !

ଗତ ମାସ ତା ୨୮ ରିଖରେ କଲିକତାର ବାରୁଦର ଫଟକା ଇତ୍ୟାଦି ବିକ୍ରୟ ହେଉଥିବା ଏକ ଦୋକାନର ସମ୍ମୁଖରେ ଗୋଟିଏ ବା ୧୪ ବର୍ଷର ବାଳକ ଠିଆ ହୋଇଥିଲା । ଏମନ୍ତ ସମୟରେ ଉକ୍ତ ଦୋକାନରେ ନିଆଁ ଲାଗିବାରୁ ସେ ନିଆରେ ବାଳକଟି ନିତାନ୍ତ ମନ୍ଦଭାବରେ ପୋଡ଼ିଗଲା । ତାହାକୁ ତକ୍ଷଣାତ ହସପିଟାଲକୁ ନିଆଗଲେହେଁ ସେଠାରେ ତାହାର ଅଳ୍ପକ୍ଷଣ ମଧ୍ୟରେ ମୃତ୍ୟୁ ହୋଇଗଲା । କଲିକତାଠାରେ ମଧ୍ୟ ବାରୁଦର ଦୋକାନ ଓ ଦୁର୍ଘଟଣାମାନ ହେଉଅଛି । ମାତ୍ର ଦୋକାନତ ବନ୍ଦ ହୋଇ ନାହିଁ । କଟକ ହୋଇଥିଲେ ବୋଧହୁଏ ଏତେଦିନକୁ ବନ୍ଦ ହୋଇଯାଇଥାନ୍ତା ।

ବଙ୍ଗଳାହାଟା ମାଟଲାର ଜଣେ ଚମଡ଼ା ବେପାରୀ ଗୋରୁଙ୍କୁ ବିଷ ପ୍ରଦାନ କରିବାର ଉଦ୍ୟୋଗ କରୁଥିବା ସମୟରେ ଧରାପଡ଼ି ମା ୬ ସ କାରାଦଣ୍ଡ ପାଇଥିବାର ସମ୍ବାଦ ମିଳଇ । ଗ୍ରାମରେ ଜଣଙ୍କର ଗୋରୁ ଧନଙ୍କରେ ହଠାତ ମରିବାରୁ ଲୋକେ ବିଷ ପ୍ରୟୋଗର ସନ୍ଦେହ କରି ଜଗି ରହିଲେ ଏବଂ ଦିନେ ଆସାମୀ ବିଷ ଦେବାକୁ ଯାଉଥିବା ସମୟରେ ଧରାପଡ଼ିଲା । ଏଠା ମୋଫସଲରେ ଅନେକ ସମୟରେ ଏହିପରି ଦୁର୍ଘଟଣା ଘଟଇ ମାତ୍ର ଲୋକେ ସେତେ ଚତୁର ନ ଥିବାରୁ ବିଷ ପ୍ରୟୋଗକାରୀମାନେ ଧରାପଡ଼ି ନାହାନ୍ତି ।

ଜାପାନ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଦିଲ୍ଲୀର ଅଭିଷେକ ଦରବାରକୁ ସେନାପତି ଓକୁ ମହୋଦୟ ଆସୁଥିବାର ସମ୍ବାଦ ମିଳଇ । ଦିଲ୍ଲୀ ଦରବାରରେ ପୃଥିବୀର ସମସ୍ତ ରାଜାମାନଙ୍କ ପ୍ରତିନିଧି ସମବେତ ହେଲେ ତାହା ଯେ କି ଅଦ୍ଭୁତ ଆକାର ଧାରଣ କରିବ ବୋଲଯାଇ ନ ପାରେ ।

## ପୁରୀ-ସମ୍ବାଦ ।

ଗତ ସପ୍ତାହ ଅପେକ୍ଷା କ୍ରମଶଃ କମ୍ପଜ୍ୱର ଓ ଏକାହିକଜ୍ୱରରେ ସହରବାସୀ ବିଶେଷ ପୀଡ଼ିତ ଅଛନ୍ତି । ପ୍ରାୟ ପ୍ରତି ଗୃହରେ ଜ୍ୱରରୋଗୀ ଶଯ୍ୟାଗତ ।

କାର୍ତ୍ତିକପୂର୍ଣ୍ଣିମା ଦୁଇ ଏକଦିନ ପୂର୍ବରୁ ଯାତ୍ରୀ ସଂଖ୍ୟା ବୃଦ୍ଧି ହୋଇଥିଲା । ପୂର୍ଣ୍ଣିମାଦିନ ସର୍ବସୁଦ୍ଧା ୪୦ ହଜାର ଯାତ୍ରୀ ହୋଇଥିଲେ । ବଙ୍ଗାଳୀ ପଶ୍ଚିମା ଓ ଅନ୍ୟାନ୍ୟ ଯାତ୍ରୀ ସଂଖ୍ୟା ଦଶହଜାରରୁ ଅଧିକ ନ ଥିଲା । ଅବଶିଷ୍ଟ ଓଡ଼ିଆ ଓ ପଞ୍ଚକୋଶୀ ଯାତ୍ରୀରେ ସହର ପୂର୍ଣ୍ଣ ହୋଇଥିଲା ।

ପୂର୍ଣ୍ଣିମାଦିନ ସମୁଦ୍ର ସ୍ନାନ, ଦର୍ଶନ ଓ ପ୍ରସାଦ ସେବା କରି ଅନେକ ଲୋକ ଗଲେଯାଇଥିଲେ ।

ଏଦିନ ସମୁଦ୍ରକୁ ଯିବା ବାଟରେ ଲୋକନାଥଙ୍କ ନିକଟରେ ଭିଡ ହେବାରୁ ଦୁଇ ଏକଜଣ ପଡ଼ିଯାଇ ଆଘାତ ପ୍ରାପ୍ତ ହୋଇଥିବାର ଶୁଣିଲୁ । ବାସ୍ତବିକ ସେ ସ୍ଥାନ ବଡ଼ ସଂକୀର୍ଣ୍ଣ । ତହିଁରେ ମିଉନିସିପାଲିଟିରୁ ମାଟି ଖୋଳାହୋଇ ନାଳ ତିଆର ହେଉଥିବା ଓ ସ୍ଥାନେ ସ୍ଥାନେ ପଥର ଗଦା ହୋଇଥିବାରୁ ଭିଡ଼ ସମୟରେ ଲୋକେ ପଡ଼ିବା ବିଚିତ୍ର ନୁହେ ।

## ଯାଜପୁର--ସମ୍ବାଦ ।

ଏ ବର୍ଷ ଯେପରି ଧାନ୍ୟ ଫସଲ ହୋଇଥିଲା । ଅନେକ ବର୍ଷରୁ ସେପରି ଦେଖା ନ ଥିଲା, ମାତ୍ର ଗତ କାର୍ତ୍ତିକମାସରେ ଏକ ଅଶ୍ରା ଜଳ ଅଭାବରୁ ଅଧିକାଂଶ ନଷ୍ଟ ହୋଇ ଯାଇଅଛି । ଆଜିହିଁ ସରଗଡ଼ା ପ୍ରଭୃତି ପ୍ରଗନାମାନଙ୍କରେ ଗରିବ ଲୋକମାନଙ୍କ ମଧ୍ୟରେ ଅନ୍ନକଷ୍ଟର ସୂଚନା ହୋଇଅଛି ।

ଅଧୁନା ଏ ଅଞ୍ଚଳରେ ଜ୍ୱରର ପ୍ରାବଲ୍ୟ ନିତାନ୍ତ ବୃଦ୍ଧି ହୋଇଅଛି । ଏମନ୍ତ କି ଏକ ଏକ ଘରେ ଅଧିକାଂଶ ଲୋକ ଜ୍ୱର ଭୋଗ କରୁଅଛନ୍ତି ।

ଅଳତି ପ୍ରଗନା ପାଟପୁର ଗ୍ରାମରେ ସରକାରୀ ଟୀକା ଦେବାବାଲା ଓ ଉକ୍ତ ଇଲାକାର ସଃ ଇଃ ମାଧବଗୋବିନ୍ଦ ମହାପାତ୍ର ଓ ସେ ଗ୍ରାମବାସୀ ଦୟାନିଧି ଦାସ ପ୍ରଭୃତିଙ୍କ ମଧ୍ୟରେ ମାଡ଼ପିଟ ହୋଇ ଉଭୟପକ୍ଷରୁ ଫଉଜଦାରୀ ମାମଲା ଉପସ୍ଥିତ ହୁଅଇ । ଦୟାନିଧି କହେ ଯେ ଟୀକାଦାର ଓ ସଃ ଇଃ ବଳପୂର୍ବକ ତାହା ଝିଅକୁ ଟୀକାଦେବା କାରଣ ତାହା ଘରେ ଅନଧିକାର ପ୍ରବେଶ କରି ମାଡ଼ ମାରିଥିଲେ ଏବଂ ଟୀକାଦାରମାନେ କହନ୍ତି କି ସେମାନଙ୍କ କର୍ତ୍ତବ୍ୟ କାର୍ଯ୍ୟରେ ବାଧା ଦେଇଥିଲେ ।

---

## ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ନବଯୁଗର ପ୍ରବେଶ ସଙ୍ଗେ ସଙ୍ଗେ ଶ୍ରୀ ବାବୁ ରାମଶଙ୍କର ରାୟଙ୍କର ନବରଚିତ "ଯୁଗଧର୍ମ" ନାଟକ ଖଣ୍ଡି ଉତ୍କଳ-ସାହିତ୍ୟ ଭଣ୍ଡାରରେ ଖଣ୍ଡିଏ ଅତି ଉପାଦେୟ ଗ୍ରନ୍ଥ ହୋଇଅଛି । "କଂସ-ମୋଦକ"ରେ ଅମ୍ଭେମାନେ ଯେଉଁ କବିତ୍ୱ ଓ ରଚନା କୌଶଳର ଆଭାସ ପାଇଥିଲୁଁ ଏଥିରେ ତହିଁର ସମ୍ପୂର୍ଣ୍ଣ ବିକାଶ ଦେଖି ଓଡ଼ିଆ ଭାଷାରେ ଉତ୍କୃଷ୍ଟ ନାଟକ ରଚନା ଅସମ୍ଭବ ବୋଲି ଯାହାର ମନରେ ଯେଉଁ ଧାରଣା ଥିଲା ତାହା ଅମ୍ଭମାନଙ୍କ ମତରେ ସମ୍ପୂର୍ଣ୍ଣ ଭ୍ରମାତ୍ମକ; ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ପ୍ରକୃତରେ "ଯୁଗଧର୍ମ" ଖଣ୍ଡିକୁ ଉତ୍କଳସାହିତ୍ୟରେ ସର୍ବୋତ୍କୃଷ୍ଟ ନାଟକ ବୋଲିଲେ ଅତ୍ୟୁକ୍ତି ହୁଏ ନାହିଁ । ଏ ଖଣ୍ଡି ଆଧୁନିକ ଉତ୍କଳସମାଜର ଜ୍ୱଳନ୍ତ ଛବି । କେହି କେହି ଆଧୁନିକ ସମାଜର ଚିତ୍ରଅଙ୍କନ ଅତି ସହଜ ବୋଲି ମତ ପ୍ରକାଶ କରିଥାନ୍ତି, କିନ୍ତୁ ବାଟବାଟରେ ସାଧାରଣତଃ ବିକ୍ରୟାର୍ଥ ପ୍ରସ୍ତୁତ ପାଟୁଆକଥା ପଟ ଓ ଚିତ୍ରଶାଳାରୁ ଆଣିଲେ ବହୁମୂଲ୍ୟ ଚିତ୍ର ଏ ଦୁହିଙ୍କ ମଧ୍ୟରେ ପ୍ରଭେଦ କେତେ—ଏହା ଯେଉଁ ସେମାନେ ଥରେ ମାତ୍ର ଦେଖନ୍ତି ନାହିଁ ? ଦେଖିଥିଲେ ଆଉ ଏରୂପ ମତ ପ୍ରକାଶ କରନ୍ତେ କି ? ସେ ଯାହାହେଉ ଏ ନାଟକ ଖଣ୍ଡି ଆମ୍ଭମାନଙ୍କ ମନକୁ ବଡ଼ ଘେନିଅଛି । ଏଥିର ସ୍ଥୂଳ ମର୍ମ ଏହି କି ପୁରୀଜିଲ୍ଲାବାସୀ ନିତ୍ୟାନନ୍ଦ ସ୍ୱାଇଁ କୃଷକର ରାଣୀ ନାମରେ ଗୋଟିଏ ସରଳା ଅନୁପମ ସୁନ୍ଦରୀ କନ୍ୟା କୁହୁକିନୀ ସଖୀ ମାଳାର କୁହୁକଜାଲରେ ଜଡ଼ିତ ହୋଇ ଅତୁଳ ବିଭବ କାଣ୍ଡଜ୍ଞାନ ରହିତ ପାଷଣ୍ଡ ଦୁର୍ବୃତ୍ତ ଦାସ ମହାନ୍ତର ବଶ ଜଳରେ ପଡ଼େ । ଧର୍ମହିଁ ଧର୍ମର ସହାୟ । ଦୁଷ୍ପ୍ରବୃତ୍ତିର ପାପାଭିସନ୍ଧି ଭକ୍ତ ଚୂଡାମଣି " ହରିଦାସ " ଓ ଭକ୍ତିମତୀ " ପ୍ରେମମୟୀ " ଏ ଦୁହିଙ୍କଦ୍ୱାରା ସମସ୍ତ ବ୍ୟର୍ଥ ହୁଏ । ଅବଶେଷରେ ପାପାତ୍ମା ନିଜ ପାପର ସହଚରୀ ଓ ସହଚରଙ୍କ ସହ ମାଜିଷ୍ଟ୍ରେଟ ସାହେବଙ୍କ କର୍ତ୍ତୃକ ଧୃତ ହୁଏ । ଶ୍ରୀମନ୍ଦିରର ଏକ କୋଣରେ ସମସ୍ତଙ୍କର ପ୍ରାୟଶ୍ଚିତ୍ତ ବିଧାନ ହୁଏ । ବିଗ୍ରହପୁରୁ ରାଣୀ ବେଦାସ୍ତର ଖଣ୍ଡାୟତ, ନିଷ୍କଳଙ୍କ ଚନ୍ଦ୍ରମାରେ କଳଙ୍କ ନାହିଁ ଆସିବ, କିନ୍ତୁ ସମାଜ ବ୍ୟବସ୍ଥା ଅନ୍ୟରୂପ, ମହାନ୍ତ ଉତ୍ପୀଡ଼ନରୁ ସର୍ବସ୍ୱାନ୍ତ ନିତ୍ୟାନନ୍ଦ ଓ ତାହାର ପରିବାର ଶେଷରେ—ନୁହେ ଶକ୍ତକୁଳ କି ନୁହେ ବୈଷ୍ଣବକୁଳ—କୌଣସି କୁଳ ନ ହୋଇ ବ୍ରାହ୍ମଧର୍ମ ଅବଲମ୍ବନପୂର୍ବକ ଜୀବନର ଶେଷଭାଗ ଏକପ୍ରକାର ସୁଖ ଶାନ୍ତିରେ କଟାନ୍ତି । ବ୍ରାହ୍ମମତରେ ରାଣୀର ଉଦ୍ଧବବିଧାନ ବିବାହମଣ୍ଡପରେ ଯବନିକା ପଡ଼ିଅଛି, କିନ୍ତୁ କବି ଏହି ନାଟକ ଖଣ୍ଡିର ସ୍ଥାନେ ସ୍ଥାନେ ଦୀନ ଦୀନ ଦୁଃସ୍ଥ କୃଷକକୁଳ ଓ ସେମାନଙ୍କର ଶୋଚନୀୟ ଅବସ୍ଥା, ଜାକଡ଼ାୟ ମଠ ବାହାର ଏ କାଳରେ କି ପ୍ରକାର ବିଶୃଙ୍ଖଳା ଓ ଶ୍ରେଣୀ ଶୋଷିଙ୍କ ପ୍ରତି ଅନାସ୍ଥା, ଧର୍ମାଧିକରଣର ପ୍ରହସନ, ଭାଈଆ କୁଠୀର ପୁରବାସୀମାନଙ୍କର ପାର୍ଲିଆମେଣ୍ଟ ସଭା, ସଂକ୍ଷେପରେ ରାଜନୀତି, ସମାଜ ନୀତି ଓ ଧର୍ମନୀତିର ଯେଉଁସବୁ ଅନୁପମ ଚିତ୍ର ସୂକ୍ଷ୍ମ ତୁଳିକାରେ ଅଙ୍କିତ କରି ସନ୍ନିହିତ କରିଅଛନ୍ତି ସେ ସବୁ ଥରେ ନିଜେ ନ ଦେଖିଲେ ହୃଦୟଙ୍ଗମ ହୋଇ ନ ପାରେ । ବଡ ଦୁଃଖର ବିଷୟ ଏ ନାଟକ ଖଣ୍ଡିକୁ ହୃଦୟଙ୍ଗମ କରିବାକୁ ଉତ୍କଳରେ ସେରୂପ ରଙ୍ଗଭୂମି ନାହିଁ ଓ ଅଧିକର ଦୁଃଖର ବିଷୟ ଏଥିର ଭାବଗ୍ରହଣ କରିବାକୁ ସୁଦ୍ଧା ଉତ୍କଳରେ ସେରୂପ ଗ୍ରାହକେ ମଧ୍ୟ ନାହାନ୍ତି । ଇତି

ଆପଣଙ୍କର

କେହି କେହି ପାଠକ

Digitized by srujanika@gmail.com

ମହାମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା
ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ଅନୁଗ୍ରହପୂର୍ବକ ନିମ୍ନଲିଖିତ ବିଷୟଟି ଭବଦୀୟ ଭୁବନବିଖ୍ୟାତ ପତ୍ରିକାରେ ସ୍ଥାନ ଦାନ କରି ଚିରବାଧିତ କରାଇବା ହେବେ ।

ଗତ ଅକ୍ଟୋବର ତା ୧୬ ତାରିଖଠାରୁ ତା ୧୯ ଶ ଯୁକ୍ତା ଦ ୪ ନ । ପ୍ର । ବରୁଅଁ । ସା । ଡିହସାହିରେ ଶ୍ରୀଗୋପୀନାଥ ଜିଉଙ୍କ ମନ୍ଦିରରେ ପରକ୍ଷୀଗ୍ରାମରେ ରଙ୍ଗସଭା ସାହା ଜାମଙ୍କ ଯଥାବିଧିରେ କଂସବଧ ଅକ୍ରୂର ଗମନ ସମ୍ବନ୍ଧେ ସଂସ୍କୃତ ବଙ୍ଗଭାଷାରେ ନାଟକାଭିନୟ ହୋଇଥିଲା ଏବଂ । ପ୍ର । ଓଲାସ । ସା । ହରିପୁରର ଶ୍ରୀବୃନ୍ଦାବନଚନ୍ଦ୍ରଙ୍କ ମନ୍ଦିରରେ ସେହିପରି ନାଟକାଭିନୟ ହୋଇଥିଲା । ଅନନ୍ତର । ପ୍ର । ଓଲାସ । ସା । ଉତ୍କଳ ପାଟଣାର ଶ୍ରୀଜଗନ୍ନାଥ ଜୀଉଙ୍କ ମନ୍ଦିରରେ ହରିଜନ୍ମ ଓ ବସୁଦେବ ଦେବକୀ କଂସ କାରାଗାରେ ଅବନ୍ଧ ସମ୍ବନ୍ଧୀୟ ବଙ୍ଗଭାଷାରେ ସେହିପରି ଉତ୍ସବ ହୋଇଥିଲା । ପ୍ରଥମୋକ୍ତ ଡିହସାହିଆ ଦଳ ଲୋକଙ୍କ ମଧ୍ୟରେ ଅଧିକ ଐକ୍ୟତା ଥିବାରୁ ନୂତନ ଧରଣରେ ନାନାଦି ଉତ୍କୃଷ୍ଟ ବାଦ୍ୟ ଯନ୍ତ୍ରକୁ ବଜାଇବାର ଶିକ୍ଷା କରି ସଙ୍ଗୀତ ବିଦ୍ୟାର ବିଶେଷ ପାରଦର୍ଶିତା ଦେଖାଇଥିଲେ । ହରିପୁର ଗ୍ରାମର ମହାଜନ ରାଘବର ମହାନ୍ତିଙ୍କ ଯତ୍ନରେ ତତ୍ରସ୍ଥ ଦଳବଦ୍ଧ ବ୍ୟକ୍ତିମାନେ ଥିଏଟର ରୀତିରେ ଅନେକ ନକ୍ସା ପରଦା ମଧ୍ୟରେ ନାଟକାଭିନୟ ଯାହା ଦେଖାଇଲେ ତାହା ମନ୍ଦ ନୁହେଁ । ଉତ୍କଳପାଟଣା ଅଧିବାସୀ ମହାଜନ ଦାଶରଥି ସାହୁଙ୍କ ଯତ୍ନରେ ଏ ବର୍ଷ ନୂତନ ଦଳ ଶିକ୍ଷା କରିଥିବାରୁ ନାଟକାଭିନୟ ଯାହା ହେଲେ ତାହା ତାଙ୍କର ଯଥାଯୋଗ୍ୟ ଅଟେ । ଡିହସାହିର ଦଳ ଗାଇବାଜାଇ ଏବଂ ସମ୍ମାନ କରିବାରେ ପ୍ରଥମ ବୋଲଯାଇ ପାରେ । ଏହି ସ୍ଥାନମାନଙ୍କର ଅଧିବାସିମାନେ ବିଶେଷ ଭକ୍ତିମାନ ଥିବାରୁ ହରିନାମ ସଂଯୁକ୍ତ ବଙ୍ଗଳା କୀର୍ତ୍ତନ ଇତ୍ୟାଦିରେ ନେଲକୁ ନେଇ ଯାହା ଉନ୍ନତି କରୁଅଛନ୍ତି ତାହା ଦେଖିବା ବାହୁଲ୍ୟ ଅଟେ ।

ତା ୧୬।୧୧।୦୨ }
ଭବଦୀୟସ୍ୟ
ଏହାନ୍ତ ବଶମ୍ବଦ
ଶ୍ରୀଚନ୍ଦ୍ରମଣି ମହାନ୍ତି

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ମୁନ୍‌ସୀ ମହମ୍ମଦ ମନହର | କଟକ | ଟ ୨ ( |
| ଶ୍ରୀ ବାବୁ ସାଧୁଚରଣ ସାହୁ | କଟକ | ଟ ୧ ( |
| " ଦାମୋଦର ମହାପାତ୍ର | " | ଟ ୧ ( |
| " ଶ୍ୟାମସୁନ୍ଦର ନନ୍ଦ | " | ଟ ୩ ( |
| " ରଘୁନାଥ ଘୋଷ | ମିର୍ଜା ନୂଆଗାଁ | ଟ ୩ ( |
| " ଗୋପୀନାଥ ମହାନ୍ତି ତହସିଲଦାର ନୂଆଁପଡ଼ା | | ଟ ୩ ( |
| ଶ୍ରୀ ବାବୁ ରାମଚନ୍ଦ୍ର ରାଉତ ତହସିଲଦାର ପାଟପଡ଼ା | | ଟ ୩ ( |
| " ଗୋବର୍ଦ୍ଧନ ଭରତ | ଫକୀରାବାଦ | ଟ ୩ ( |
| " ଯଦୁନାଥ ଘୋଷ | କଟକ | ଟ ୧ ( |
| " ଭଗବାନ ପଣ୍ଡା | ଥାନାଇପିନ ପେସ୍କ | ଟ ୩ ( |
| " କୃତ୍ତିବାସ ଦାସ | ନାୟକ ଛତ୍ରପୁର | ଟ ୩ ( |
| " ମଦନମୋହନ ନାୟକ | କାକଟପୁର | ଟ ( |


# ବିଜ୍ଞାପନ !

ଏ, ଏନ୍, ଏସ୍, ଏଣ୍ଡ କୋମ୍ପାନି ।

## ଆର୍ଯ୍ୟଶଙ୍କର ଔଷଧାଳୟ ।

ଶାନ୍ତିବାରି ସୁଧା
ଅଥବା
ଶାନ୍ତିବାରି ସୁଧା ବଟିକା ।

ସର୍ବପ୍ରକାର ଜ୍ୱରର ଏକମାତ୍ର ଅବ୍ୟର୍ଥ ମହୌଷଧ ନବଜ୍ୱର, ପୁରାତନ ଜ୍ୱର, ସ୍ୱଳ୍ପବିରାମ ଜ୍ୱର, ସବିରାମ ଜ୍ୱର, ମାଲେରିଆ ଜ୍ୱର, ଯକୃତ ଓ ପ୍ଲୀହାସଂଯୁକ୍ତ ଜ୍ୱର ପ୍ରଭୃତି ସର୍ବବିଧ ଜ୍ୱର ଏହି ଔଷଧ ସେବନରେ ଆରୋଗ୍ୟ ହୁଏ, ଏହା ଶୋଥ ଓ କୋଷ୍ଠବଦ୍ଧ ରୋଗନାଶକ ଅଟେ ।

ମୂଲ୍ୟ ବଡ ବୋତଲ ଟ ୧୧
" ଛୋଟ " ଟ ୦୵୷
ମୂଲ୍ୟ ବଡ ଫାଇଲ ଟ ୧୧
" ଛୋଟ ଟ ୵୷

ଶକ୍ତି ସଞ୍ଚାରିଣୀ ସାଲସା ।

ଏହା ସବୁ ଋତୁରେ ବ୍ୟବହାର ହୋଇପାରେ, ଏହାର ବ୍ୟବହାର ନିମନ୍ତେ କୌଣସି ବନ୍ଧାବନ୍ଧି ନିୟମ ନାହିଁ । ଭଲ ବେଳେ ଲୋକେ ଯେରୂପ ସ୍ନାନାହାରାଦି କାର୍ଯ୍ୟ କରିଥାନ୍ତି ଔଷଧ ସେବନ କାଳରେ ସେହିରୂପ ସବୁ କରି ପାରନ୍ତି । ଏହି ପ୍ରଚଳିତ ଦେଶୀ ଓ ବିଦେଶୀ ସାଲସା ମଧ୍ୟରେ ସର୍ବୋତ୍ତମ ଓ ବଳକାରକ ଅଟେ । ଏଥିର ଉପାଦାନ ସବୁ ଅନ୍ୟ ଔଷଧରେ ଅପ୍ରାପ୍ତ । ଏଥିରେ ପାରଦ ଅବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ବା ଅପକାରକ ପଦାର୍ଥ ନାହିଁ ।

ମୂଲ୍ୟ ଏକ ଶିଶି ଟ ୧॥ ଡାକମାଶୁଲ ଟ ୦।୵

ଘାତ ବଟିକା ।

ଏହା ତିନ ଚାରି ଦିବସ ବ୍ୟବହାରରେ ଉତ୍କଟ ପ୍ରକାରର ଉପଦଂଶ ରୋଗ ଆରୋଗ୍ୟ କରିବ । ବ୍ୟବହାରରେ କୌଣସି ଯନ୍ତ୍ରଣାର ଭୟ ନାହିଁ । ଏହା ପାକସ୍ଥଳୀ ଚର୍ମରୋଗ ଓ ନାଲଘା ଭଲ କରେ । ଏହା ନିୟମିତରୂପେ ବ୍ୟବହାର କଲେ କୁଷ୍ଠରୋଗ ମଧ୍ୟ ଆରୋଗ୍ୟ ହୁଅଇ । ଏଥିରେ କୌଣସି ଅନିଷ୍ଟକର ପଦାର୍ଥ ନାହିଁ ।

ପ୍ରତି ବାକ୍‌ସର ମୂଲ୍ୟ ଟ୦୵ ଡାକମାଶୁଲ ଟ୦
ଦଦ୍ରୁ ବିନାଶନ ।

ଏହା ନୂତନ ଓ ପୁରାତନ ସର୍ବବିଧ ଦଦ୍ରୁ (ଯାଦୁ) ନାଶକ ଏହା ସମ୍ପୂର୍ଣ୍ଣରୂପେ ହିତକାରକ ଅଟେ । ଏଥିରେ ପାରଦ ଓ ଅନ୍ୟ ପ୍ରକାର କୌଣସି ଅନିଷ୍ଟକର ପଦାର୍ଥ ନାହିଁ । ଏହା କୌଣସି ଯନ୍ତ୍ରଣାଦାୟକ ନୁହେ ।

ବାତ ରୋଗର ସ୍ପେସିଫିକ
ବାମ୍ବୁ ତେଲ ।

ଏହା ଆମବାତ ରୋଗର ନାଶକ ଔଷଧ ।

ଏହା ସକଳ ପ୍ରକାର ବାତରୋଗ ଆରୋଗ୍ୟ କରେ । ଗଣ୍ଠିବାତ ପୃଷ୍ଠଦେଶ ଅବା ବକ୍ଷଃସ୍ଥଳର ପୀଡ଼ା ଆରୋଗ୍ୟ ହେବାରେ ଅତ୍ୟାଶ୍ଚର୍ଯ୍ୟ ଫଳକ ଔଷଧ । ପ୍ରକୃତରେ ଏହା ସର୍ବବିଧ ବାତରୋଗର ସର୍ବୋତ୍କୃଷ୍ଟ ଓ ଅବ୍ୟର୍ଥ ମହୌଷଧ ।

ମୂଲ୍ୟ ପ୍ରତି ଶିଶି ଟ୦୵ ଡାକମାଶୁଲ ଟ୦।୵
ଭି, ପି, କମିସନ ଟ୦୵

ଶଙ୍କରସୁଧା ।

ମେହ ରୋଗର ଅବ୍ୟର୍ଥ ମହୌଷଧ । ଏପର୍ଯ୍ୟନ୍ତ ଏପ୍ରକାର ଔଷଧ ଆବିଷ୍କାର ହୋଇ ନାହିଁ । ଠିକ ଔଷଧ ଅଭାବରୁ ଦଶଜଣ ମଧ୍ୟରୁ ନଅଜଣ ଏହି ଭୟାନକ ରୋଗରୁ କଷ୍ଟ ପାଉଅଛନ୍ତି । ଆମ୍ଭମାନଙ୍କର ସ୍ପେସିଫିକ ଏହି ଭୟାବହ ରୋଗ ଆରୋଗ୍ୟ କରିବାକୁ ସମର୍ଥ । ଏହା ସେବନ କଲେ ସକଳ ପ୍ରକାର ମେହରୋଗ ଓ ତତ୍ଜନିତ ପୀଡ଼ା ଶୁକ୍ରର ହ୍ରାସ ମୂତ୍ରଜ୍ୱାଳା ରକ୍ତମୂତ୍ର, ମୂତ୍ରକୃଚ୍ଛ୍ର ଓ ପ୍ରସ୍ରାବକାଳେ ଶୁକ୍ରର ତରଳତା ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଏହା ସ୍ତ୍ରୀମାନଙ୍କର ବାଧକ ପ୍ରଦର ଓ ଋତୁ ରୋଗ ଆରୋଗ୍ୟ କରଇ ।

ମୂଲ୍ୟ ଏକ ଶିଶି ଟ ୧୵ ଡାକମାଶୁଲ ଟ୦।୵

ଠିକଣା ନ ୬ ମ୍ବର ଲାଲ । ଓଷ୍ଟାଗରସଲେ ବାଗବଜାର, କଲିକତା ।

# ଏହାଠ ମ୍ୟାଦୁର

## ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଳନାରେ ମୂଲ୍ୟ ନିତ୍ୟ ଅତି ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମକାରୀ ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଘାଉ ହେଉ ନା କାହିଁକି ଛୟ ଔଷଧ ବ୍ୟବହାରଦ୍ୱାରା ବନା ଜ୍ୱାଳା ଯନ୍ତ୍ରଣାରେ ରୋଗ ସଂପୂର୍ଣ୍ଣ ଆରୋଗ୍ୟ ହେବ । ଗ୍ରୀଷ୍ମବର୍ଷର ସର୍ବତ୍ର ସର୍ବଜନ ବର୍ଣ୍ଣିତ ଏହା ଅଗ୍ରହସହକାରେ ବ୍ୟବହୃତ ପୁଣି ଶତ ଶତ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରଶଂସିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଗୋଟିଏ ଡବାର ମୂଲ୍ୟ ଟ ୦।୵ ଛ ଅଣା, ଏକଥରେ ୬ ଛ ବା ୧୨ ବାର ଗୋଟା ନେଲେ କ୍ରେତାର ବିଶେଷ ଲାଭ ଅଛି । ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ଜିଲ୍ଲା ଏବଂ ତାହାର କେତେ ଡବା ଔଷଧ ଦରକାର ଲେଖିଲେ ବ୍ୟବସ୍ଥାପକ ପ୍ରେରଣ ହୁଏ ।

ଏକମାତ୍ର ପ୍ରାପ୍ତିସ୍ଥାନ;—

ଶ୍ରୀ ରାମତାରକ ସେନ ।
ହେଡ୍ ଉତ୍କଳପ୍ରେସ, ବାଲେଶ୍ୱର


Split by PDF Splitter
Digitized by srujanika@gmail.com

# ବିଜ୍ଞାପନ ।

## ଫଳେନ ପରିଚୀୟତେ

କବିରାଜ ଶ୍ରୀଛକଡ଼ି କର କବିରତ୍ନଙ୍କର

### ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହେବ ।

### ବ୍ରାହ୍ମୀ ଘୃତ

ଆଜିକାଲି ଛାତ୍ର ସମାଜ ମଧ୍ୟରେ ସ୍ମରଣଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତିମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ଥୂଳ-ମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତ ଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ[illegible]ଙ୍କର ଏହା ସଦ୍ୟ ଫଳପ୍ରଦ ।

ଏକଡିବାର ମୂଲ୍ୟ ଟ ୨୯

### ଶୁକ୍ରବର୍ଦ୍ଧକ ବଟିକା ।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭାଧିକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

### କଲ୍ୟାଣଚୂରସାୟନ ।

( ଦେଶୀୟ ସାଲସା )

ଏହାଦ୍ୱାରା ଉପଦଂଶ ( ଗରମୀ ) କ୍ଷତ, ପାରଦ ଦୋଷଜନିତ ଶରୀରରେ ଚକା ୨ ଓ ଚକା ୨ ଦାଗ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୲ ମାତ୍ର ।

ଏକତ୍ରେ ଛଅଶିଶି ନେଲେ ଟ ୫୯ କା ଲାଗେ ।

ଚୌଧୁରୀ ବଜାର, କଟକ } ଶ୍ରୀ ଛକଡ଼ି କର କବିରତ୍ନ, ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ

---

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ରାୟଗଡ଼, ସରାଇକଲା, ସୋନପୁର, ପାଟଣା, ଙଡଥଲ, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଅଠଗଡ଼, ଗାଙ୍ଗପୁର, ତଲାକୋଟା, ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଟୋପି, ରେଜା, କିଂଖାପ, ବାଫ୍ତା, ସଙ୍ଗୀ, ଦୋପଟା ମନ୍ଦିଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ରତ୍ନାଦି ଖଚିତ ଅଙ୍ଗୁଷ୍ଟ ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତୟାର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲୁମାଲ ଭୋଲାନାଥ
ଭୁଟିଆଲ ଫାଟକ ବନାରସ ସିଟି

---




କେତେଗୁଡ଼ିଏ ରୋଗ ଦୂରୀଭୂତ କରିବାକୁ ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ ନିରାଶ ହୋଇ ତୁମ୍ଭଙ୍କୁ ଛାଡ଼ି ଯାଇଥାଅନ୍ତି, ଯଦି ସାଲସା, କଡ଼-ଲିଭରଅଏଲ, ଫସ୍ଫୋଫାଇଲ ରେଭନ୍ସ ଡ୍ୟାନଡର ପ୍ରଭୃତି ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ହତାଶ କରିଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ । ରୋଗମୁକ୍ତ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ । ଯେହେତୁ ଏରୂପ ଶକ୍ତିଶାଳି ଅଥଚ ସ୍ଥାୟୀ କ୍ରିୟାପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶକୁ କେବେ ଆମଦାନୀ ହୋଇ ନାହିଁ ।

କି ଏ ନ ଜାଣେ ସାଲସା, କଡ଼ଲିଭର ଅଏଲ, ପ୍ରଭୃତି ଔଷଧ ସମ୍ବନ୍ଧରେ ରୋଗ ଗ୍ରପିରହେ !

ସାମୟିକ ଉପଶମ ଦେଖାଇ ପୁନରାୟ ସମୟରେ ରୋଗ ବିଶେଷରେ ପ୍ରବଳାକାର ଧାରଣ କରେ । ତେଣେବେଳେ ତାହା ସାମୟିକ ଖାଦ୍ୟ ବିଶେଷ ହୋଇଯାଏ ଅଥଚ ସକଳ ସମୟରେ ଉନ୍ନ

Digitized by srujanika@gmail.com

ଧାତୁ ପ୍ରକୃତ ବିଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । କଣ୍ଟା ନିୟମର ଅଧୀନରେ ରହିବାକୁ ହୁଏ । କିନ୍ତୁ

ସ୍ପାରମାଟିନ ।

ତାହାର ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଗୁଣବିଶିଷ୍ଟ ଅର୍ଥାତ୍ ଆରୋଗ୍ୟର କ୍ରିୟା ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେର ଆସେ ନାହିଁ । ସୁତରାଂ ବାରମ୍ବାର ବିଶେଷରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି କଣ୍ଟା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତ ବିଶିଷ୍ଟ ଦେହରେ ସମାନ ଉପକାର, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଅହିଯ୍ୟା, ଲଲ୍ଲେପ ଅପ୍ରିକା ଓ ଅମେରିକା ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତ୍ୟହ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ବହୁଳ୍ୟ ବାହୁଲ୍ୟ ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଚୂଡ଼ାନ୍ତ ପ୍ରମାଣ ।

ସ୍ପାରମାଟିନ କଣ ?

କେତେକଜଣ ସୁବିଜ୍ଞ ଶ୍ରେଷ୍ଠ ଚିକିତ୍ସକଙ୍କର ୩୦ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଜାନ୍ତବ ପଦାର୍ଥର ରୈଷଜ୍ୟାଂଶର ସହିତରେ ସାମୁଦ୍ରିକ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ଜାନ୍ତବର [illegible] ଶେଳାଂଶ ସଂଯୋଗରେ ରସାୟନିକ ପ୍ରକରଣରେ ଏହି ମହୌଷଧ ଆବିଷ୍କୃତ ।

ଅଥଚ ସେବନରେ କୁସ୍ୱାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେଁ କିନ୍ତୁ ଗୁଣର ତୁଳନାରେ ଏତେ ମାତ୍ରା ଔଷଧ ଏତେ ମୋହର ଅପେକ୍ଷା ମୂଲ୍ୟବାନ୍ ଅଟଇ ।

ସ୍ପାରମାଟିନର ଶକ୍ତି ଜନସାଧାରଣ ପ୍ରେର ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

[illegible], ତଲ୍ଲ ଓ ମୂତ୍ରପିଣ୍ଡ ବା ମୂତ୍ର ସମ୍ବନ୍ଧୀୟ ପୀଡ଼ା —

୧ । ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ, ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତଃସ୍ଖଳନ, ମେହ, ପ୍ରମେହ ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୂତ୍ରମୂତ୍ରୁ ଅଳ୍ପ ବା ଅଧିକ ସ୍ରାବ, ଟୋପା ମୂତ୍ର ପତନ, ପ୍ରସ୍ରାବର ଜ୍ୱାଳା, ମୂତ୍ରସହ ଶୁକ୍ରପତନ, ସ୍ୱପ୍ନ କାଳରେ କ୍ଷତ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ର କ୍ଷୟ ଜନିତ ମୁଣ୍ଡବ୍ୟଥା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱାଳା, ସ୍ମରଣ ଶକ୍ତିର ହ୍ରାସତା, ଜ୍ୱରଭାବ, ହାତ ଗୋଡ଼ ଯୋଡ଼ା କଳା, ଦେଶର ଅକାଳପକ୍ୱତା, ମୁଣ୍ଡର ବାଳ ଉପୁଡ଼ିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଗ୍ନିମାନ୍ଦ୍ୟ, କୋଷ୍ଠ ବଦ୍ଧତା ପ୍ରଭୃତି ଆନୁଷଙ୍ଗିକ ବିବିଧ ପ୍ରକାର ଶୁକ୍ରପୀଡ଼ା ଓ ତତ୍ସହ ବର୍ଦ୍ଧନର ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ ।

୨ । ପାରା ଓ ଗରମିର ବିଶାକ୍ତତା ବା ବିଷାକ୍ତ ଔଷଧାଦି ବ୍ୟବହାରରେ କିମ୍ବା ମ୍ୟାଲେରିଆର ବିଷ ପ୍ରଭୃତି ଶରୀରରେ ପ୍ରବିଷ୍ଟ ହେବା କାରଣରୁ ରକ୍ତର ଦୂଷିତ, ଗରମୀ ଘା, ପାରଦ ଘା, ନାକ ଓ ମୁଖରେ ଏବଂ ମୁଣ୍ଡରେ ଘା, ମୁଣ୍ଡର ବାଳଉପୁଡ଼ିବା ହାତ ଗୋଡ଼ ଓ ଅସ୍ଥିରେ ବେଦନା, ନୂତନ ପୁରାତନ ମେହ ଘଟିତ ବାତ, ଗରମୀ ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ସନ୍ଧିସ୍ଥଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡ଼ିବା, ଦେହରେ ତମ୍ବା ଦାଗ, ହାତ ଓ ଗୋଡ଼ର ତଳାରେ ସ୍ଥାନେ ସାଦା ବା କଳାହେବା, କିମ୍ବା ଚମଡ଼ା ଉଠିବା ପୁନଃ ବାଘୀ ଫୁଟିବା, ଦେହରେ ଦଦ୍ରୁ ବା କ୍ରୁଣ ବାହାରିବା ଶରୀର ଫିକାସା ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ଯାବତୀୟ ପୀଡ଼ା, ଉପସର୍ଗାଦି ଆରୋଗ୍ୟ ପକ୍ଷରେ ଅମୋଘ ।

୩ । କ୍ଷୟକାଶ, ଦମାକାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତକଣିକା ପତନ, ମୁଖରୁ ଓ ନାସିକାରୁ ରକ୍ତପତନ, ଛାତିରେ ବେଦନା, କଫ ଜମିବାର, ସ୍ୱରଭଙ୍ଗ ନେତ୍ରକାଳ ପ୍ରଦାହ, ଆହାରରେ ଅରୁଚି, ଓ ବିସ୍ୱାଦ, ଛାତି ଜଳିବା, ଓ ହୃତ୍କମ୍ପ, ସହଜ ଓ ସାମାନ୍ୟ ଶ୍ରମରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସ୍ଫୁସର କାର୍ଯ୍ୟ କରଣଶକ୍ତିର ଅଭାବ; ଇତ୍ୟାଦି ହୃତ୍ପିଣ୍ଡ ବା ଫୁସ୍ଫୁସ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡ଼ା ସମସ୍ତ କ୍ରମଶଃ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ କେ-ବୋଷ୍ଠୀ ବେଳସ୍ୱର ଭେଷଜ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ନିଚୟ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ସେହି ସକଳ ରୋଗରେ କିମ୍ବା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇଅଥ ତେବେ ଏହି ମହୌଷଧ, ସେବନ କରି ଜୀବନ ରକ୍ଷା କର, ସହଜେ, ସୁଲଭରେ, ସ୍ୱଚ୍ଛନ୍ଦରେ ସ୍ଥାୟୀ ଆରୋଗ୍ୟ ଲାଭ କରି ସର୍ବ-ଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବିଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ କୋଷ୍ଠ ପରିଷ୍କାର ହେବ ।

ସ୍ପାରମାଟିନ—ଶରୀର ଯନ୍ତ୍ରର କ୍ଷୟିତ ଅଂଶ ଓ ଅଭାବ ଶୀଘ୍ର ପୂରଣ କରିବାକୁ ସ୍ୱାସ୍ଥ୍ୟୋନ୍ନତି ଓ ତାହା ଅକ୍ଷୁଣ୍ଣ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ସାଲସା, କଡ୍ଲିଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଅଇ, ସେହି ସକଳ ପୀଡ଼ାରେ ସ୍ପାରମାଟିନ ଥରେ ମାତ୍ର ବ୍ୟବହାର କରିବାଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଅଛି । ସୁତରାଂ ଏହା ଯେ ପ୍ରଚଳିତ ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ, ସେଥିରେ ଅଣୁମାତ୍ର ସନ୍ଦେହ କରିବାର ଅବସର ନାହିଁ ।

ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧ ୧ ଏକ ଟଙ୍କା । ଡାକର ଟ ୧୦ ୧ ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ଟ ୦ ୲୵ ତିନ ଶିଶିରେ ଟ ୦ ୲୵ ଓ ୬ ଶିଶିରେ ଟ ୧ ଓ ଡାକର ଟ ୧୦

ପ୍ରାପ୍ତିସ୍ଥାନ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା ।

| | |
|---|---|
| Manager<br>Spermatine Depot<br>No. 22 Baranasi<br>Ghose's street<br>Calcutta. | ମାନେଜର<br>ସ୍ପାରମାଟିନ ଡିପୋ<br>ନ ୨୨ ନଂ ବାରଣସୀ<br>ଘୋଷ ଷ୍ଟ୍ରିଟ<br>କଲିକତା |

## ବିଜ୍ଞାପନ ।

ଏଇଚ୍ ଦେଙ୍କ ଅଏଣ୍‌ମେଣ୍ଟ ।

ବା

ଯାଦୁର ଔଷଧ ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଜ୍ୱାଳାରେ ସବୁ ପ୍ରକାର ଯାଦୁ ଆରୋଗ୍ୟ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ [illegible] ଟ ୦ ୲୵ ଅଣା ।

ପ୍ରାପ୍ତିସ୍ଥାନ ଏଇଚ, ଦେ ହୋମିଓପ୍ୟାଥିକ, ଦାତବ୍ୟ ଔଷଧାଳୟ ବାଲେଶ୍ୱର ।

## ନୂତନ ପୁସ୍ତକ ।

| | |
|---|---|
| କଥିଯୋ ( ନୂତନ ଖଣ୍ଡ ) | ଟ ୦ ୲୵ |
| ପଦ୍ମ ପୁରାଣ | ଟ ୧ |
| ଭାମରତିଗୀତା ୨ୟ ଭାଗ | ଟ ୦ । |
| ବଡଦଣ୍ଡରିତ ମଧ୍ୟପର୍ବ | ଟ ୦ ।୵ |
| ଦୂତ୍ୟସିଦ୍ଧାନ୍ତ | ଟ ୦ ୲୬ |
| ମହାଭାରଣ ଯୁଦ୍ଧ | ଟ ୦ ୵୬ |
| ସୁବନ୍ଧ ଅଷ୍ଟତନ୍ତ୍ର ବା କାଦମ୍ବରୀ ଉପନ୍ୟାସ (ଗଦ୍ୟ) | ଟ ୦ ୲୵ |
| ଭକ୍ତି-ସଙ୍ଗୀତ | ଟ ୦ ୵ |
| ବୈଦିକଗୀତା | ଟ ୦ ୵ |
| ସପ୍ତାଙ୍ଗଯୋଗସାର ଟୀକା | ଟ ୦ ୵ |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ମିଳେ ।

Split by PDF Splitter
Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ସନ ୧୯୦୭ ମସିହା ଡିସେମ୍ବର ମାସରେ ବୋମ୍ବାଇ ନଗରୀ ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ ( ହାଟ ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଶିଳ୍ପ କାର୍ଯ୍ୟମାନ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ବିଷୟ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ଦୁଃଖିସିହ
ଜେନେରଲ ସେକ୍ରେଟରୀ
ଇଣ୍ଡିୟାନଇଣ୍ଡଷ୍ଟ୍ରିୟଲ ଏକଜିବିଉସନ

## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ ବିଶାରଦଙ୍କର ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
୯୩ । ୨ ନଂ କରଣୋଲେସଷ୍ଟ୍ରୀଟ, ସିମଲିଆ, କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଲାଦି ଜାରିତ ଧାତୁ ଦ୍ରବ୍ୟାଦି ( ଭସ୍ମ ) ମିଳେ, ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗସିଦ୍ଧ ବଟିକା ।

( ଅର୍ଥାତ୍ ଋଷିକୃତ ଯୋଗଲବ୍ଧ ସିଦ୍ଧମହୌଷଧ )

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତରମାନଙ୍କ ବୁଦ୍ଧିକଷ୍ଟ୍ୟ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଆଉ ନାହିଁ । ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳ-ଢେକ୍କାର ( ଖଇହାଲୁଷ୍ଟ ) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ, ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ହୃଦଗମସ୍ତ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାରଦୋଷ, ଶରୀରରେ ଚକ୍କାକାର ଚିହ୍ନ, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ସ୍ମୃତି-ହାନି, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, ଭକୁ ଭକୁ ମୂତ୍ରସ୍ରାବ ଓ ନାଳୀଘା ନିଃଶେଷ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଠିଫୁଲା, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର ବାତରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ ବାଧକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଶୂନ୍ୟକରି ସୁସ୍ଥ ଅବସ୍ଥାକୁ ଆଣିବା, ଏହି ଔଷଧର ପ୍ରଧାନ କାର୍ଯ୍ୟ

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଅଠଅଣା ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା । ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ସ୍ୱତ ଅଣା । ଓଡ଼ିୟା ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ

## ବିଜ୍ଞାପନ ।

TRADE MARK — W. MAJOR & CO.'S MEDICAL LABORATORY CALCUTTA — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !!
ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ—ସେହି

### " ଇଲେକ୍‌ଟ୍ରୋ ସାଲସା "

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜିଷ୍ଟ୍ରାରୀ କୃତ ।
ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!
ଅଦ୍ଭୁତ ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଆଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା :—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର ୨ ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ଗଣ୍ଡା ୨ ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ।

ଇଲେକ୍‌ଟ୍ରୋସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଆରୋଗ୍ୟକାରିତା ଶକ୍ତି ଗୁଣରୁ ସଙ୍ଗେ ୨ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୧ ମାତ୍ର ସେବନ ମାତ୍ରେ ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ କରାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା ନ ସ୍ୱଦେଶୀ ନ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖେ କେବଳ—

ଇଲେକ୍‌ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ଲାବିତ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାରୁ ଅନେକ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ " ଇଲେକ୍‌ଟ୍ରୋ ସାଲସାର " ପକ୍ଷପାତୀ ହୋଇ ବାରମ୍ବାର ଡଜନ ୨ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ୨ ହାସପାତାଲରେ ଉପଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରା ଯାଉଅଛି । ଏସିୟା, ୟୁରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ୨ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସତ୍ୟ ୨ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏକାଧାରରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍‌ଟ୍ରୋସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଅଣ୍ଠୁଗଣ୍ଠି ଫୁଲିବା ଲୁଣ୍ଡେଇ ହୋଇ ଫୁଲି ଉଠିବା, କୁଣ୍ଡିଆଣ, କୁଳ, ଗରମି ଓ ପାରଦ ଘା, ନାକ ଓ କାନର ଘା, ଦେହରେ ବା ହସ୍ତ ଓ ପଦ ତଳରେ ପାଣ ଗରମିଜ ସାଦା ବା କଳା ଚିହ୍ନ, ଧବଳ କୁଷ୍ଠ, ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତାହାର କଷ୍ଟଦାୟକ ଲକ୍ଷଣାଦି ପୁଣି ପାରା ଓ ଗରମି ବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ-ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁଷ୍କବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି—ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗା ରେ ଦାଗ ପଡ଼ିବା, ମୂତ୍ର-ନାଳୀର ଶୁଷ୍କ ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ,

Digitized by srujanika@gmail.com

ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ଯତନ, ସ୍ୱପ୍ନ ମଳ ବେଗରେ ବୀର୍ଯ୍ୟ ନର୍ଗତ ହସ୍ତମୈଥୁନ ବା, ଅତ୍ୟଧିକ ସହବାସ ହେତୁ ଧାରଣ-ଶକ୍ତି ହ୍ରାସ, ମୁଣ୍ଡ ଘୂରାଇବା, ଛାତିର ଅସ୍ଥିରତା, ନିର୍ଜନ ପ୍ରିୟତା, ଚିନ୍ତା କରିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ।

ଇଲେକ୍ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ୨ ଶୁଭଫଳ ଫଳିବ। କ୍ଷୁଧା ବୃଦ୍ଧି ହେବ। କୋଷ୍ଠ ପରିଷ୍କାର ହେବ। ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ କୃଶ ଶୀର୍ଣ୍ଣ ଦେହ ସବଳ-ହୃଷ୍ଟ-ପୁଷ୍ଟ ଓ କାନ୍ତିଯୁକ୍ତ ହେବ। ଶରୀରର ଓଜନ କ୍ରମେ ବଢ଼ୁଥିବ।

ଇଲେକ୍ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂସ୍ରବ ନାହିଁ। ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ।

ସାବଧାନ ଦ୍ରଷ୍ଟବ୍ୟ :—ବୃଥା ଭ୍ରମରେ ପଡ଼ ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍ଟ୍ରୋ ସାଲସା" ହିଁ ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀ ମଧ୍ୟା ଅଦ୍ୟାପି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି। ଶୀଘ୍ର ପ୍ରକାଶିତ ଓ ବିତରିତ ହେବା ପ୍ରତ୍ୟେକ ଗ୍ରାହକ ତାହା ପାଇବେ।

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି - ସେମାନଙ୍କର ଓ ଅସଂଖ୍ୟ ଦୂର ଦେଶବାସୀ ରୋଗିଙ୍କର ସୁବିଧାର୍ଥେ-ପୁଣି ଟେଲିଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ—ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଆମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜେଷ୍ଟରୀ କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଆମ୍ଭ ଅଫିସରେ ପହୁଞ୍ଚିବ।

ଇଲେକ୍ଟ୍ରୋ ସାଲସାର :—ଆବିଷ୍କର୍ତ୍ତା— ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଅନ, ଲଣ୍ଡନ ଓ ଆମେରିକା। ଭାରତବର୍ଷରେ ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର୍;—"ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ," କଲିକତା

☞ ଏତତ୍ ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ

ଏତତ୍ପର ଆଦର୍ଶ "ଟ୍ରେଡ୍‌ମାର୍କ" ଯେଉଁ ଶିଶିରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀକୁ ଧରାଇ-ଦେଇ ପ୍ରମାଣ କରାଯାଇଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ।

ଆମେରିକା ପ୍ରଦେଶସ୍ଥ ନେହସ୍ପର୍ଦ୍ଧ ନଗରବାସୀ ମହାବଣ ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଆବିଷ୍କୃତ :—

"ଇଲେକ୍ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତଃପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ। ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ। ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଅନ୍ତି ନାହିଁ, ବଡ଼ ଡାକ୍ତରମାନେ ଯେଉଁ ରୋଗକୁ ଅସାଧ୍ୟ ହୋଇ ନିର୍ଣ୍ଣୟ କରିଅଛନ୍ତି ଏହି ମହୌଷଧ ସେହି ରୋଗରେ ଦୃଷ୍ଟାନ୍ତ।

ଇଲେକ୍ଟ୍ରୋ ସାଲସା;—ନୋକ୍ସାଡେଡ ଇତ୍ୟାଦିରେ ରସାୟନିକ ପ୍ରକରଣରେ ତାଡ଼ିତଶକ୍ତି ସଂଯୁକ୍ତ ରହିବାରୁ ଶୀଘ୍ର ଯାହାକୁ ସେବନରେ ଏହାର ଅଦ୍ଭୁତ କିମ୍ବା ପ୍ରଭାବ ପାଏ ଏବଂ ପ୍ରତ୍ୟେକଥର ଔଷଧ ସେବନାନ୍ତେ ମନରେ ହୁଏ ଯେମନ୍ତ ଶରୀରଟାରେ କୌଣସି ବୈଦ୍ୟୁତିକ କିମ୍ବା ଅଦ୍ଭୁତ ହୋଇ-ଗଲା। ଏହିଠାରେ ଏହାର ଶକ୍ତିମତ୍ତା ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ନିଦର୍ଶନ !!

ବିଜ୍ଞାନ—ଅସମାନ୍ୟ ଶିକ୍ଷା ଦେଇଅଛନ୍ତି ଯେ ତାପରେ ଶରୀରର ଦୁର୍ବୋଧ୍ୟ ଶକ୍ତି ହିଁ ପ୍ରକୃତରେ ଜୀବନ। ତାପରେ ପ୍ରବାହ ସଂଗତ ପ୍ରକୃତ ଦେହ ସଞ୍ଚାଳନା। ଏପରି ଭିତରେ ଏମନ୍ତ ଶକ୍ତି ଯେ ଔଷଧରେ ସଂଯୋଗ ରହିଅଛି ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କଣ ?

ପାଶ୍ଚାତ୍ୟ ଶାସ୍ତ୍ର ଚିକିତ୍ସକ ପଣ୍ଡିତମାନେ କହନ୍ତି, ଭାଗ୍ୟ ଦୁର୍ବଳ୍ୟର ନିଷ୍ଫଳତାରେ ଓ ସ୍ୱାସ୍ଥ୍ୟ ରକ୍ଷାର ଅଭାବରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତିର ହ୍ରାସ ହେତୁ ଆଜୀବନ୍ତ ଉତ୍କଟ ସଙ୍କଟ ଏବଂ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ। ପୁଣି ସେହି ଦ୍ରୁତଗାମୀ ବୈଦ୍ୟୁତିକ ଶକ୍ତିର ଏମନ୍ତ ଶରୀରଭିତରେ ଭିଣ ନିବାରଣର ମାତ୍ର ନିଦର୍ଶନ ଓ ସର୍ବାଙ୍ଗ ହେବାହିଁ ସ୍ୱତଃସିଦ୍ଧ। ମାତ୍ର ଔଷଧ ସମନ୍ୱିତାର ଯେଉଁ ଇତର ସମସ୍ତ ଭିଣ ହୋଇ ନ ପାରେ। ଉପରୋକ୍ତ ଶକ୍ତି ସଂଯୋଗ ସର୍ବାଙ୍ଗୀଣ

ଔଷଧରେ ସେ ଅଦ୍ଭୁତ ସମ୍ମୋହନ ମୋହନ ହୋଇ ନ ପାରେ-ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ଗ୍ୟାଲଭାନିକ ବ୍ୟାଟେରୀ ବା ତାଡ଼ିତଯନ୍ତ୍ର ଆବିଷ୍କାର କରନ୍ତି ଏବଂ ରୋଗୀ ଦେହରେ ତାହାର ବାହ୍ୟିକ ପ୍ରୟୋଗ କରଇ ବାତ, ପକ୍ଷାଘାତ, ସ୍ନାୟୁ ଦୌର୍ବଲ୍ୟ ପ୍ରଭୃତି କେତୋଟି ଜଟିଳରୋଗ ଅଳ୍ପ ଦମନ କରିବାକୁ ସମର୍ଥ ହୁଅନ୍ତି। ଫଳରେ ଚର୍ମିତ କିମ୍ବା ମଧ୍ୟ ଯେ ଅସ୍ଥାୟୀ ଏ କଥା ଶିକ୍ଷିତ ସମାଜଙ୍କ ଏବେ ଆଉ ବୁଝାଇ ଦେବାକୁ ହେବ ନାହିଁ। ଅଧିକ ସଂପ୍ରତି ଡାକ୍ତର ଜେମସ ମେଜରଙ୍କ ମହୁଦ୍ୟମ ଫଳରେ ତାଡ଼ିତଶକ୍ତିର ଅଭ୍ୟନ୍ତରୀଣ ପ୍ରୟୋଗାର୍ଥ ତାହାକୁ ଔଷଧ ଭେଷଜ ଗର୍ଭରେ ସଂଯୋଗ କରି ଏହି ଅମୋଘ ଔଷଧକୁ ସୃଷ୍ଟି କରି ପଠାଇଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଅପ୍ରତିମ ପ୍ରତିକାରରେ ଜଗତରେ ନୂତନ ଯୁଗ ଆଣି ଦେଇଅଛନ୍ତି।

ଅଧିକ କାହାକୁହିଁ ଅଳ୍ପ ଓ ଅସ୍ଥାୟୀ ଗୁଣଦର୍ଶୀ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଥ କାହାକୁହିଁ ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଅତେ ଏହି ମହୌଷଧକୁ ଏହି ମହାବଳିକୁ ଏହି ବୈଦ୍ୟୁତିକ ସଞ୍ଜୀବ "ଇଲେକ୍ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ୨ ଶୁଭଫଳ ପାଇବ ଅବର୍ଣ୍ଣନୀୟ ଦେହ ସୁଖ ଉପଭୋଗ କରିବ. ଯୌବନକାଳୋଚିତ କାନ୍ତି ଓ ସ୍ୱାସ୍ଥ୍ୟ ପୁଣି ଫେରିପାଇବ।

ରକ୍ତ ପିତ୍ତର ଦୃଷ୍ଟି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ ଗର୍ମି, ନାଲିଘା, ଗାତ୍ରଦଣ୍ଡ, କାହୁ, କୁଷ୍ଠ, ଗଣ୍ଠିଘାବାତ, ପ୍ରମେହ, ଧାତୁ ଦୌର୍ବଲ୍ୟ, ବୀର୍ଯ୍ୟ ପାତଳ, ସ୍ୱପ୍ନଦୋଷ, ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ଚକ୍ଷୁ ଜଳିବା, ମୁଣ୍ଡ ବୁଲାଇବା, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା— ଯେତେ ଜଟିଳ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ।

ଉପେକ୍ଷା ନକରି ପ୍ରଥମ ଦିନରୁ ବ୍ୟବହାରରେ ଦେଖ। ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ୧।୧୦ ତିନିଶିଶି ୫।୫, ୬ ଶିଶି ୧୦୲, ଡଜନ ୧୭।୧୦ ବରଂଶଙ୍କ ପଠାଇବାର ଡାକମାସୁଲ ଓ ପ୍ୟାକିଂ ପ୍ରତି ଶିଶିରେ ।୧୫, ୩ ଶିଶିରେ ।୫, ୬ ଶିଶିରେ ।୧ ଡଜନରେ ୧।୧୫।

ଆମ୍ଭମାନଙ୍କର ପତ୍ରାଦି ପଠାଇବାର ଠିକଣା

W, MAJOR & Co } ଡବ୍ଲିଉ, ମେଜର ଏଣ୍ଡ କୋ Calcutta } କଲିକତା
TELEGRAPHIC ADDRESS.
"MAJOR" Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ୮୦ ୵
ଅଧସ୍ତମ୍ଭକୁ ୫ ୨ ୯
ପୂର୍ଣ୍ଣ ଏକ ସ୍ତମ୍ଭକୁ ୧୩୯

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ, ତହିଁର ଶର୍ତ୍ତ ୫୦ ୰ ରୁ ଊଣା ହେବ ନାହିଁ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଅର୍ଦ୍ଧେକ ଓ ଚତୁର୍ଥ ଥରଠାରୁ ଚାରିଗୁଣ ରହିବ।

ଅଧିକ କାଳ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ।

ଏହି ଉତ୍କଳଦୀପିକା ସବଳ ଜଣେ ଉତ୍କଳବାସୀ ଦ୍ୱାରା କଟକ ପ୍ରିଣ୍ଟିଂ କୋମ୍ପାନୀରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ଶ୍ରୀ ରାମଶଙ୍କର ରାୟ କୃତ ନାଟକ, ଉପନ୍ୟାସ ଇତ୍ୟାଦି ।

## ୧ । କାଞ୍ଚିକାବେରୀ ନାଟକ । ମୂଲ୍ୟ ଛଅଅଣା ।

ଏଥିରେ ଓଡ଼ିଶାରାଜାଙ୍କର କାଞ୍ଚିକାବେରୀ ଯୁଦ୍ଧରେ ଜୟଲାଭ ଓ କାଞ୍ଚିରାଜାଙ୍କ କନ୍ୟା ପଦ୍ମାବତୀ ସହିତ ବିବାହ ଏବଂ ଜଗନ୍ନାଥ ଦେବଙ୍କ ମାହାତ୍ମ୍ୟ ପୂର୍ଣ୍ଣମାତ୍ରାରେ ବର୍ଣ୍ଣିତ ହୋଇଅଛି । ନାଟକର ଛଟା ଓ ପାରିପାଟ୍ୟରେ ଚିତ୍ତ ପ୍ରସନ୍ନ ହେବ ।

"କାଞ୍ଚିକାବେରୀ ଉତ୍କଳ ଭାଷାରେ ପ୍ରଥମ ନାଟକ ଏଥିରେ ସନ୍ଦେହ ନାହିଁ । ଏହାର ମୁଦ୍ରାଙ୍କନ କାର୍ଯ୍ୟ ବଡ଼ ପରିପାଟି ହୋଇଅଛି । * * * ସ୍ୱଭାବର ବିଶୁଦ୍ଧ ଚିତ୍ରହିଁ ନାଟକର ଆଉ ଗୋଟିଏ ଅଙ୍ଗପ୍ରତ୍ୟଙ୍ଗ । ମହାକବି ସେକ୍ସପିୟରଙ୍କୁ ମାନବ ପ୍ରକୃତିର ଏକମାତ୍ର ଚିତ୍ରକର ବୋଲି କୁହାଯାଏ । ସ୍ୱଭାବ-ନାଟକ ମୂଳରେ ରଚୟିତା ମଧ୍ୟ ସାମାନ୍ୟ ନୁହନ୍ତି । ତେବେ ଅମ୍ଭେମାନେ ଏ ମହାକବିମାନଙ୍କ ସହିତ ରାମଶଙ୍କର ବାବୁଙ୍କୁ ତୁଳନା କରିବାକୁ ଯାଉନାହୁଁ । ଉତ୍କଳ ଭାଷାରେ ଏହି ପ୍ରଥମ ନାଟକ । ରାମ ବାବୁ ସାହିତ୍ୟଉଦ୍ୟାନରେ ନୂଆ ହୋଇ ପଦାର୍ପଣ କରିଅଛନ୍ତି । ଏ ସ୍ଥଳେ ସେ ଯାହା ସର୍ବସାଧାରଣଙ୍କ ହସ୍ତେ ଅର୍ପଣ କରିଅଛନ୍ତି ତଦପେକ୍ଷା ତାଙ୍କଠାରୁ ଆଉ ଅଧିକ କି ଭରସା କରାଯାଇ ପାରେ ? ସୁତରାଂ ଉତ୍କଳୀୟ ନାଟକର ରଚୟିତାମାନଙ୍କ ମଧ୍ୟରେ ରାମ ବାବୁଙ୍କୁ ପ୍ରଥମଶ୍ରେଣୀଭୁକ୍ତ କରିବାରେ ଅମ୍ଭେମାନେ କୌଣସି ଆପତ୍ତି ଦେଖୁ ନାହୁଁ । * * * ଏ ନାଟକ ଗ୍ରନ୍ଥର ପଦ୍ୟାଂଶମାନ ମଧ୍ୟ ବଡ଼ ସୁନ୍ଦର ହୋଇଅଛି ଓ ଅମିତ୍ରାକ୍ଷର ଛନ୍ଦରେ ରଚିତ ହୋଇଥିବାରୁ ନାଟକୋଚିତ ମଧ୍ୟ ହୋଇଅଛି । * * * ସ୍ଥାନେ୨ ବର୍ଣ୍ଣନାଚାତୁରୀ ଅତି ଉତ୍କୃଷ୍ଟ ହୋଇଅଛି । * * * ନାଟକର ସଙ୍ଗୀତାଂଶମାନ ମଧ୍ୟ ଉତ୍ତମ ହୋଇଅଛି । * * * ଉପସଂହାରରେ ବକ୍ତବ୍ୟ ଏହି ଯେ ଅସ୍ମାଦଙ୍କର ବିଦ୍ୟୋତ୍ସାହୀ ନବଯୁବକ ଓ ହିନ୍ଦୁଧର୍ମନିଷ୍ଠ ପ୍ରାଚୀନମାନେ [illegible] ଏଥିରୁ ଗୋଟିଏ ଲେଖାଏ ଆପଣା୨ ପୁସ୍ତକମାନଙ୍କ ସହିତରେ ରଖି ରଚୟିତାଙ୍କର ଉତ୍ସାହ ବର୍ଦ୍ଧନ କରନ୍ତୁ । ପରିଶେଷରେ ଅମ୍ଭେମାନେ ଶ୍ରୀ ବାବୁ ରାମଶଙ୍କର ରାୟଙ୍କୁ ତାଙ୍କର ଉତ୍କଳନାଟକ ରଚନାରେ ନୂତନ ଉଦ୍ୟମ ଓ ଯତ୍ନ ନିମନ୍ତେ ବିଶେଷ ଧନ୍ୟବାଦ ଦେଉଅଛୁଁ ।"—

ପୁରୁଷୋତ୍ତମପତ୍ରିକା, ୧୧ ଓ ୧୮।୧୨।୮୨

## ୨ । ବନବାଳା ନାଟକ । ମୂଲ୍ୟ ଆଠଅଣା ।

ଏ ନାଟକରେ ଓଡ଼ିଆର ପୂର୍ବ ଗୌରବ ବର୍ଣ୍ଣିତ ହେବା ସଙ୍ଗେ ନାଟକୀୟ ଛଟାରେ ସତ୍ତ୍ୱ ରଜ ଓ ତମୋଗୁଣବିଶିଷ୍ଟ ବିବିଧ ପ୍ରକୃତିର ଲୋକଙ୍କର ବର୍ଣ୍ଣନା କରାଯାଇଅଛି । ନାଟକ ଥରେ ପଢ଼ିଲେ ସରଳତା ଓ ମଧୁରଭାବରେ ମନ ବିମୋହିତ ହେବ । ଗଜଦନ୍ତ ଓ ତାଙ୍କ କନ୍ୟାଙ୍କ କଥା ପଢ଼ିବା ବଡ଼ ରମଣୀୟ ।

"ବନବାଳା ନାଟକ ଗୋଟିଏ ସୁନ୍ଦର ଛାଞ୍ଚରେ ଗଠିତ । * * * ଭରସା କରୁଁ ଶିକ୍ଷିତ ଏବଂ ରସିକ ବ୍ୟକ୍ତି ମାତ୍ରେ ବନବାଳା ନାଟକ ଥରେ ପଢ଼ନ୍ତୁ । ବାବୁ ରାମଶଙ୍କର ରାୟ ପୁଣ୍ୟଚାରୀ ପ୍ରଣୟନ ଦ୍ୱାରେରେ ଓଡ଼ିଆର ବର୍ତ୍ତମାନ ଅବସ୍ଥାରେ କେମନ୍ତ ପନ୍ଥା ତାହା ଅବଗତ ହୋଇ ପାରିବେ ।"—

ବାଲେଶ୍ୱର ସମ୍ବାଦବାହିକା, ୩୦।୭।୯୧

"ବନବାଳା ଉଚିତ ଦଶର ନାଟକ । * * * ବନବାଳାର ଅମ୍ଭେମାନେ ପାର୍ଥୀୟ କାମନା କରୁଁ । ଏହା ଉତ୍କଳଭାଷାର ଅଂଶୀଭୂତ ହୋଇ ରହିବାର ସମ୍ଭାବନା । * * ନବକର ମଧୁରସଙ୍ଗୀତ ପ୍ରକୃତ ମଧୁର ହୋଇଅଛି । ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ରାମଶଙ୍କର ବାବୁ ଦୀର୍ଘାୟୁ ହୋଇ ଏହିପରି ମଧୁର ସଙ୍ଗୀତ ପୁନଃପୁନଃ ଶୁଣାଇ ଶ୍ରୋତାମାନଙ୍କର ଶ୍ରବଣେନ୍ଦ୍ରିୟ କୃତାର୍ଥ କରନ୍ତୁ । ଭ୍ରମର ଯେ ରୂପ ପୁଷ୍ପମାନଙ୍କ ଏହି ମଧୁର ଗୀତ ଲୋକଙ୍କ ଜିହ୍ୱାରୁ ପୁନର୍ବାର ଶୁଣିବା ପାଇଁ କାନ ଡେରି ରହିଲୁଁ ।"—ଓଡ଼ିଆ ଓ ନବସମ୍ବାଦ, ୧୩।୧।୯୦ ।

## ୩ । କଳିକାଳ ନାଟକ । ମୂଲ୍ୟ ଛଅଅଣା ।

ମଦ୍ୟପାନ ଓ ଅସଦାଚରଣର ବିଷମୟ ଫଳ ଏଥିରେ ଜ୍ୱଳନ୍ତରୂପେ ଅଙ୍କିତ ହୋଇଅଛି ।

"ଉତ୍କଳ ଭାଷାରେ ଏପରି ଗୋଟିଏ ପୁସ୍ତକ ମୁଦ୍ରିତ ହେବାର ଦୃଶ୍ୟ ହୁଏ ନାହିଁ । * * ଦର୍ଶକ ମଣ୍ଡଳର ଚିତ୍ତରଞ୍ଜନ ଆୟୋଜନ କରିବାରେ ଗ୍ରନ୍ଥକାର କୌଣସି ତ୍ରୁଟି କରି ନାହାନ୍ତି ଓ ସେମାନଙ୍କ ହୃଦୟବୃତ୍ତିର ସୂକ୍ଷ୍ମତମ ତନ୍ତ୍ରୀ ଗୁଡ଼ିକରେ ମଧ୍ୟ ସମ୍ପୂର୍ଣ୍ଣ କୃତକାର୍ଯ୍ୟ ହୋଇ ଅଛନ୍ତି । ଗୋଟିଏ୨ ଚରିତ୍ର ଜୀବନ୍ତ ଓ ପ୍ରକୃତରୂପେ ଚିତ୍ରିତ ହୋଇଅଛି । * * * ସମାଜର ଦୋଷ ସଂଶୋଧନ ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଯାହା ଗ୍ରନ୍ଥକାର ମୁଖବନ୍ଧରେ ବ୍ୟକ୍ତ କରିଅଛନ୍ତି ସେ ଉଦ୍ଦେଶ୍ୟ ପ୍ରଚୁରରୂପେ ସିଦ୍ଧ ହେଉଅଛି ଏଥିରେ ସନ୍ଦେହ ମାତ୍ର ନାହିଁ । ଏଥିର ଭାଷା ଓ ରଚନା ପ୍ରଶଂସନୀୟ ହୋଇଅଛି ।"—

ଉତ୍କଳଦୀପିକା, ୨୫।୨।୮୮ ।

"I have read the book with great pleasure. Some of the characters are drawn with that fine perception of the ludicrous which is essential to comedy. Krishna Charan and Bansibadan are almost lifelike.—*Roy Radha Nath Roy Bahadur.*

"ଏହି ନାଟକ ପ୍ରଚଳିତ ସଭ୍ୟସମାଜର ଗୋଟିଏ ବିଶୁଦ୍ଧ ଛବି ଅଙ୍କନ କରୁଅଛି । * * * ନାଟକର ଭାଷା ମଧ୍ୟ ପ୍ରଚଳିତ ଓଡ଼ିଆଭାଷାରେ ଲେଖା ହୋଇ ଥିବାରୁ ପାଠକଙ୍କ ପକ୍ଷରେ ସୁବୋଧ ହୋଇଅଛି ।" ସମ୍ବାଦ ୧୬।୩।୮୮

"ଅମ୍ଭେମାନେ ସାଧାରଣ ପାଠକଙ୍କୁ ଗୋଟିଏ୨ କଣି ପାଠ କରିବା ନିମନ୍ତେ ଅନୁରୋଧ କରୁଅଛୁଁ । ଏପରି ପୁସ୍ତକ ଯେତେ ପ୍ରଚାର ହୁଏ ମଙ୍ଗଳ ।" ଓଡ଼ିଆ ଓ ନବସମ୍ବାଦ, ୧୧।୩।୮୮ ।

## ୪ । ରାମବନବାସ ନାଟକ । ମୂଲ୍ୟ ଆଠଅଣା ।

ବାଲ୍ମୀକିଙ୍କ ମୂଳ ସଂସ୍କୃତରାମାୟଣ ଅବଲମ୍ବନରେ ଶ୍ରୀ ରାମଚନ୍ଦ୍ରଙ୍କର ଅଭିଷେକ ହେଉଁ୨ ବନବାସ ହେବା ବିଷୟ ଏଥିରେ ବର୍ଣ୍ଣିତ ହୋଇଅଛି । ଏଥିର ବିଶେଷ ପରିଚୟ ଦେବା ଅନାବଶ୍ୟକ । ନାଟକଟି ପଢ଼ିଲେ କେହି ନ କାନ୍ଦି ରହି ପାରିବେ ନାହିଁ ।

"ଏ ପର୍ଯ୍ୟନ୍ତ ଓଡ଼ିଆରେ ଯେତେ ନାଟକ ପ୍ରକାଶିତ ହୋଇଅଛି (ଅଧିକାଂଶ ଏହି ଗ୍ରନ୍ଥକାରଙ୍କର) ସବୁଠାରୁ ଏହା ବଡ଼ ଏବଂ ରଚନାକୌଶଳ ତାହାଙ୍କଠାରୁ ପଣ୍ଡା ବୁଝେ । ଏ ଉତ୍କଳବାସୀମାନେ ଏଥିପୂର୍ବେ ଏହା ଅଭିନୀତ ହୋଇଥିବାର ଦେଖି ଏଥିର ଗୁଣାଗୁଣ ଜାଣି ପାରି ଅଛନ୍ତି । ଏଥର ସ୍ୱଦେଶୀୟମାନେ ଏହାକୁ ଥରେ ପଢ଼ିଲେ ବୃଥାଶ୍ରମ ମନେ କରିବେ ନାହିଁ ।"—ଉତ୍କଳଦୀପିକା, ୧୮।୨।୯୨

"In my opinion it is the best drama written in Oriya not excepting even Kanchikaberi which is so deservedly popular with the educated public of Orissa. Kanchikaberi deals with the best Oriya classical characters whereas Rambanabas takes a far wider scope treating of characters which are almost universally admitted to be the best creations not only of the Hindu but of the human mind. Both the productions are calculated to appeal strongly to the religious instincts of the Oriya audience, the latter specially so. Their popularity is as much due to this circumstance as to their superior merits.

Digitized by srujanika@gmail.com

Split by PDF Splitter



The two lines in the play which I like best are—

" ମୁଁ କି ଜାଣିଥାନ୍ତି ଏତେ ଜଗତକୁ ଛାଡ଼ି କି ପାଇବ ଜଗତସ୍ବାମୀ ?
କଣିଚ କଣିଚ ଆପଣା ଶୁଣେଇ ଏକା ସେହି ଦେଖ ଶ୍ରୀରଘୁସ୍ବାମୀ ।"

"I sincerely congratulate you on the success which has attended your efforts in the way of creating a taste for theatrical performances in Orissa."—Roy Radha Nath Roy Bahadur, 3-6-92.

୬ । ଦ୍ଵ ଛାତ୍ରିର ନାଟକ । ମୂଲ୍ୟ ଦୁଇଅଣା ।

ଦୁଇଜାତିରେ ବିବାହ କଲେ ଯେ ଅଗ୍ରକାର୍ଯ୍ୟ କଷ୍ଟ ଦୁର୍ଦ୍ଦଶା ଜାତ ହୁଏ ତାହା ଏଥିରେ ବର୍ଣ୍ଣିତ ହୋଇଅଛି । ପାଠ କରି କେହି ହାସ୍ୟ ସମ୍ବରଣ କରି ପାରିବେ ନାହିଁ ।

"Need I repeat that as a comedy I consider it quite a finished piece."—Roy Radha Nath Roy Bahadur, 14-10-92.

" ଏଥିରେ ବୃଦ୍ଧବୟସରେ ବିବାହ କେବାର ବିଡ଼ମ୍ବନା ଜଳସ୍ପଷ୍ଟରୂପେ ପ୍ରଦର୍ଶିତ ହୋଇଅଛି । ଉଡ଼ନାଟି ରଙ୍ଗରସ ଓ କରୁଣରେ ଏମନ୍ତ ପରିପୂର୍ଣ୍ଣ ଯେ ପଢ଼ିବା କାଳରେ ହାସ୍ୟ ସମ୍ବରଣ କରିବା କଠିନ ।"—ଉତ୍କଳ ଦୀପିକା, ୩।୧୨।୯୨

୭ । କଂସବଧ ନାଟକ । ମୂଲ୍ୟ ଆଠଅଣା—

ଶ୍ରୀକୃଷ୍ଣଙ୍କର ଜନ୍ମବୃତ୍ତାନ୍ତ, ଗୋପଲୀଳା, ମାହାତ୍ମ୍ୟ ଏବଂ ଦୁରନ୍ତ କଂସର ନିଧନ ଏ ସମସ୍ତ ବିଷୟ ନାଟକୀୟ ଛାଁଦରେ ଏଥିରେ ଅଙ୍କିତ ହୋଇଅଛି । ଏହା ଭକ୍ତିରସରେ ପୂର୍ଣ୍ଣ ଏବଂ ଏହାକୁ ପାଠ କରି କେହି ଭକ୍ତିରସରେ ଆପ୍ଳୁତ ନ ହୋଇ ରହି ପାରିବେ ନାହିଁ ।

"ରାମଶଙ୍କର ବାବୁ ଚରିତ୍ର ଅଙ୍କନ ବିଷୟରେ ଅନେକ ପରିମାଣରେ କୃତକାର୍ଯ୍ୟ ହୋଇଅଛନ୍ତି । ନନ୍ଦ, ଯଶୋଦା, କଂସ, ବସୁଦେବ, ଦେବକୀ ପ୍ରଭୃତି କେତୋଟି ଚରିତ୍ର ସୁନ୍ଦର ଓ ସ୍ବାଭାବିକ ହୋଇଅଛି । ନନ୍ଦଙ୍କର ଭକ୍ତି ଓ କର୍ତ୍ତବ୍ୟନିଷ୍ଠା, ଯଶୋଦାଙ୍କର ସ୍ତ୍ରୀସୁଲଭ କୋମଳତା, ସ୍ନେହ ଓ ସରଳତା, ବସୁଦେବଙ୍କର ସହିଷ୍ଣୁତା ଓ ଈଶ୍ବରନିର୍ଭର, ଦେବକୀଙ୍କର ପୁତ୍ରଙ୍କ ହତ୍ୟାରେ ଦୁଃଖୋଚ୍ଛ୍ବାସ, ବିପଦରେ ବ୍ୟାକୁଳତା ଓ ଅଧୈର୍ଯ୍ୟ, କଂସର ମଥୁରା ଓ ସ୍ବାର୍ଥପୂର୍ଣ୍ଣ ବ୍ୟବହାର ଏବଂ ପଶ୍ଚାତାପ ଭୀଷଣତା, ଦୁର୍ବୃତ୍ତ କଂସର ଭୟ, ସନ୍ଦେହ ଓ ଉଦ୍ବେଗ, କଂସ ସଖୀ ବୃନ୍ଦାର ଅସ୍ବାଭାବିକ ବ୍ୟବହାର ବେଶ ନୈପୁଣ୍ୟ ସହକାରେ ଚିତ୍ରିତ ହୋଇଅଛି ।—ଉତ୍କଳସାହିତ୍ୟ, ୭ ଖଣ୍ଡ, ୧୧ ସଂଖ୍ୟା ।

୮ । ବିଷମୋଦକ ନାଟକ । ମୂଲ୍ୟ ଚାରିଅଣା —

ଅଳସପ୍ରିୟ ବଡ଼ଲୋକମାନେ କିପରି ବିଷମୋଦକ ଖାଇ କଷ୍ଟର ଚରମସୀମା ଭୋଗନ୍ତି ତାହା ଏ ନାଟକ ପାଠରୁ ସୁନ୍ଦରରୂପେ ଜଣାଯିବ ।

We acknowledge with thanks to have received from Mr. Ram Sanker Ray of Cuttack a copy of his Oriya drama entitled the "Visha Moduck." There are in Orissa writers and writers; but Mr. Ram Sanker Ray is on who would never write except when he has a besetting evil to expose or some important moral to inculcate. And the main object of the present publication is to show in what miserable plight can extravagance, drunkenness, miserliness &c each by itself, land men eventually. Can anything better ennoble and elevate human nature than frequent perusal of such books? A few publications of this kind, we think, will do more good to society than a post of the donothing reformers we often come across in the streets"—The Ganjam News, 2-11-1900.

୯ । ଯୁଗଧର୍ମ ନାଟକ । ମୂଲ୍ୟ ଆଠଅଣା ।—

ନବଶିକ୍ଷିତଙ୍କର ଧର୍ମରେ ଅନାସ୍ଥା ଓ କୁସଂସ୍କାରରେ ଆସକ୍ତି ଏବଂ ବୃଦ୍ଧ ଲୋକମାନଙ୍କର କୁସଂସ୍କାରପୂର୍ଣ୍ଣ ଜୀବନ ଓ ସମାଜର ସ୍ୱାର୍ଥପର ପ୍ରଭୃତି ତଥା ଏଥିରେ ଚିତ୍ରିତ ହୋଇଅଛି । ପାଠ କଲେ ମନ ଆନନ୍ଦରେ ପୂର୍ଣ୍ଣ ହେବ ।

" ଅମ୍ଭେମାନେ ନାଟକ ଖଣ୍ଡି ପଢ଼ିବାକୁ ଆରମ୍ଭ କରି ଏକାଦିକ୍ରମରେ ଶେଷ କରିଅଛୁଁ ନଚେତ୍ ଛାଡ଼ି ନ ଥିଲେ । ଏହା ଆମ୍ଭମାନଙ୍କର ଆଳସ୍ୟ ଉତ୍ସାହ ଓ କୌତୂହଳ ଉଦ୍ରେକରେ କରିଛି ସମ୍ପୂର୍ଣ୍ଣ ଏବଂ ଲେଖକଙ୍କ ପ୍ରତିଭାକୁ ପ୍ରଶଂସା ଦେଖିଅଛୁଁ । ଉତ୍କଳ ସାହିତ୍ୟ ଷେତ୍ରରେ ନାଟକ ରଚନାରେ ରାମଶଙ୍କର ବାବୁ ଯଥେଷ୍ଟ ପ୍ରତିଷ୍ଠା ଲାଭ କରିଅଛନ୍ତି । ସମାଲୋଚ୍ୟ ନାଟକ ଖଣ୍ଡି ତାଙ୍କର ପ୍ରତିଷ୍ଠା ବହୁ ଗୁଣରେ ବର୍ଦ୍ଧିତ କରିଅଛି । ଅମ୍ଭେମାନେ ମୁକ୍ତକଣ୍ଠରେ କହି ପାରୁଁ । ଯୁଗଧର୍ମ ଓଡ଼ିଆ ଭାଷାରେ ସର୍ବୋତ୍କୃଷ୍ଟ ନାଟକ ।"—

ଉତ୍କଳସାହିତ୍ୟ, ୬ଷ୍ଠ ଭାଗ ୬ଷ୍ଠ ସଂଖ୍ୟା—

Babu Ramsankar Roy's latest production Joogadharma is not like most novels a collection of mere foolish stories introducing the reader to a world which is not that of real life, and is void of any attempt to grapple with life's serious problems. Joogadharma has an educational value, in as much as it has a sensible and wholesome relation to actual life; and it has for contemporary readers the same kind of interest as the domestic comedies of Mr. Robertson had for his contemporaries. The incidents and episodes are taken from real life; the dialogue is that which may be heard every day. The moral may not be welcome, but the data on which it is based are those collected from actual life by an acute mind equipped with a large store of imagination, fancy and humour.

The author's intimate knowledge of the idioms and provincialisms of Uriya language is simply astonishing. I don't know whether it was the author's object to show the resources which were available to a student of colloquial Uriya for a forcible, expressive and laconic style, but whether he had or had not this objection view, he deserves the thanks of all Uriyas for this invaluable service.

12-11-1902 M. S. DAS.

" ଯୁଗଧର୍ମ ପାଠ କରି ବଡ଼ ଆନନ୍ଦ ହେଲା । ମୁଁ ସାହସ କରି କହୁଅଛି ଏ ଖଣ୍ଡି ଉତ୍କଳଭାଷାର ସର୍ବୋତ୍କୃଷ୍ଟ ନାଟକ । ପଢ଼ିବାକୁ ଆରମ୍ଭ କଲେ ସମାପ୍ତ ନ କରି ପୁସ୍ତକ ହାତରୁ ଛାଡ଼ିବାକୁ ଇଚ୍ଛା ହୁଏ ନାହିଁ । ଈଶ୍ୱରଙ୍କ ନିକଟରେ ଏହି ନାଟକ ଖଣ୍ଡିର ଅନେକ ଥର ଯୋଜନା କରନ୍ତୁ ।" ଗୋପାଳଚନ୍ଦ୍ର ପ୍ରହରାଜ ।

"I have been enchanted with the plot. I do not go too much when I strongly affirm that it is the best social drama extant in Orissa. The scenes you have depicted are true—alas too true! you have brought every possible store of information and observation to requisition, legal, literary and domestic."

Gopal Chandra Paharaj.

୧୦ । ବିଳାସିନୀ ଉପନ୍ୟାସ । ମୂଲ୍ୟ ଆଠଅଣା ।

ବିଳାସିନୀର ଜୀବନ ସମ୍ବନ୍ଧରେ କଳୁଷ ଏବଂ ସମସ୍ୟାରେ ଉଠାଇଲେ ଘଟଣାବଳି ବଢ଼ୁଥିଲେ ଏବଂ ତହିଁ ମଧ୍ୟରେ କିରୂପ ପରିଣାମ ଓ ବ୍ୟବହାର ହେଲା ସେଥିରେ ତାହା ଓ ଉପଦେଶପ୍ରଦ ନାନା ତଥା ଉପନ୍ୟାସ ରୂପେ ଅଙ୍କିତ ହୋଇଅଛି । ଲାଳସାଜନକ ମାଧୁର୍ଯ୍ୟ ଓ ଆନନ୍ଦ ଦୁଇ ଚାରି ପାଠକମାନେ ଏଥିରୁ ପ୍ରାପ୍ତ ହେବେ ।

"ଉପନ୍ୟାସର ବିବର୍ତ୍ତନ ଘଟଣା ସେ ପ୍ରକାର ମନୋହର ବର୍ଣ୍ଣିତ ହୋଇଅଛି । ପ୍ରେମକୌଶଳ ବଳ ହେବା ସ୍ୱାଭାବିକ ହୁଏ । ପ୍ରଣୟ ଏହାଠାରେ ସାମାଜିକ ଘଟନାର ସାହିତ୍ୟାବଳୀ ଯେପରି ହୁଏ ସେପରି ଆଉ କାହିଁରେ ହୁଏ ନାହିଁ । ଅମ୍ଭେମାନେ ଆଶା କରୁଁ ଗ୍ରନ୍ଥକାର ବାବୁଙ୍କ ଲେଖନୀ ଉତ୍କଳର ମଙ୍ଗଳ ଅଧିକ ହେବ ।—ନବ ସମ୍ବାଦ, ୧୪ ଖଣ୍ଡ, ୧ ସଂଖ୍ୟା ।

୧୧ । ପ୍ରେମଭକ୍ତି ଗାଥା । ମୂଲ୍ୟ ଏକଅଣା ।

ଏ ଗ୍ରନ୍ଥଖାନିରେ ଅଲୌକିକ ପ୍ରେମର ଭାବ ବର୍ଣ୍ଣିତ ହୋଇଅଛି । ପାଠକଙ୍କ ମନ ବିମୋହିତ ହେବ ।

୧୨ । ଭଗବଦ୍ ଗୀତା । ମୂଲ୍ୟ ଅଠଅଣା ।

ମୂଳ ସଂସ୍କୃତ ଶ୍ଲୋକ ଏବଂ ତହିଁର ସରଳ ଭାଷାନୁବାଦ ଏଥିରେ ପ୍ରକାଶିତ ହୋଇଅଛି ।

Digitized by srujanika@gmail.com ହେବ ।

Split by PDF Splitter

REGISTERED No. C 81.

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଭାଗ ୩୭ ଭାଗ | ୪୭ ସଂଖ୍ୟା

CUTTACK, SATURDAY THE 29th November 1902.

ଦି ୧୫ ଡ ମାର୍ଗଶିର ସନ ୧୩୧୦ ସାଲ ଶନିବାର

ଅଗ୍ରୀମ ଟ ୩୧
ପଶ୍ଚାଦ୍ଦେୟ ଟ ୬୧

## ବିଜ୍ଞାପନ ।

### NOTICE.

Wanted a Copyist for the office of the Manager of Baramba to issue copies to parties in suits. None need apply who does not know English and can not write a legible hand. He is to be remunerated from the fees realized on the account. Applications to be received by the undersigned up to the 15th December next.

Baramba Manager's office } M. M. Patnaik
Dated the 22nd November 1902. } *Manager.*

### NOTICE.

Wanted, for the Kanika Raj, a temporary Clerk on pay Rs. 25 per mensem with prospect of being permanently employed. None need apply who has no experience of English office work, is not well up in accounts and does not write a good hand. A knowledge of Uriya is necessary.

Apply with copies of testimonials by the 7th December next to

Ganja Kanika } R. N. Bhanja
25—11—1902 } *Raja of Kanika.*

### NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

ବର୍ତ୍ତମାନ୍ ସ୍କୁଲ ପାଠ୍ୟ ସହଜପଦ୍ଧମିତସମାଧାନ ପ୍ରକାଶିତ ହୋଇ ସାମାନ୍ୟ ମୂଲ୍ୟ ଟ ୦/ ଧାର୍ଯ୍ୟ ହୋଇଅଛି । ପୁସ୍ତକବିକ୍ରେତାଙ୍କ ନିକଟରେ ଏବଂ ଆମ୍ଭ ନିକଟରେ ମିଳିବ ।

ଶ୍ରୀ ସୁଦର୍ଶନ ନନ୍ଦଶର୍ମା ।
ଝୁଲାହାଟ, କଟକ ।



## ନବୀନ ନବୀନାର ସୋହାଗର ସାମଗ୍ରୀ ।

ପ୍ରେମ୍ଯୁକ୍ତର ପ୍ରିୟ ଉପହାର, ଅତି ଅପୂର୍ବ । ଏଲ, ଡ କୁଣ୍ଡୁଙ୍କ ଅଭିନବ ଆବିଷ୍କାର

### "ଇନ୍ଦୀବର ଶୋଭନା

ଏହି ଦ୍ରବ୍ୟ ତିଳ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ "ଇନ୍ଦୀବର ଶୋଭନା" ବିହୀନ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଇହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘକାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । "ଇନ୍ଦୀବର ଶୋଭନା" ଯୁକ୍ତ ପାନରେ ଖଇର, ଧଣିଆଗୁଣ୍ଡ, ଗୁଜରାତି ପ୍ରଭୃତି କୌଣସି ପ୍ରକାର ମସଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଅମିର, ଓମରାହମାନେ ବ୍ୟବହାର କରୁଥିଲେ; ମିଷ୍ଟର କୁଣ୍ଡୁ ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ଇହ ସହିତ ହେତେ ଗୁଡ଼ିଏ ନିର୍ଦ୍ଦୋଷ ଭେଷଜ ମିଶ୍ରିତ କରିଥିବାରୁ ଏତଦ୍ୱାରା ଦନ୍ତର ଶିଥିଳତା, ଦନ୍ତ ମାଢ଼ି ଫୁଲା, ଦନ୍ତ ବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ିବା ବନ୍ଦ ହୁଏ, ମୁଖ ଦୁର୍ଗନ୍ଧ, ଏବଂ ଦନ୍ତ ପଂକ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦ । ଅଣା, ଡଜନ ଟ ୨।୫ ଙ୍କା ଡାକମାସୁଲ ଓ ପ୍ୟାକିଂ ଖରଚ୍ଚ ୧ ଶିଶିରେ ଟ ୦ ।୶, ୨ ଶିଶିରେ ଟ ୦ ୮୶ ଅଣା, ଡଜନକୁ ଟ ୦ ୮ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ବିକ୍ରେତା:—"କୁଣ୍ଡୁ ଏଣ୍ଡ କୋମ୍ପାନୀ" ୧୧୫ ନମ୍ବର ବାଗ୍‌ବଜାର ଷ୍ଟ୍ରିଟ, କଲିକତା ।

ସର୍ବପ୍ରକାର ଖଣ୍ଡ, ଘା, ଘର୍ମ-ବାଘି ପ୍ରଭୃତି ଆରୋଗ୍ୟ ପକ୍ଷେ ଚୂଡ଼ାନ୍ତ ।

### "ଓ୍ୟାର ସାର କାର"

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହେଉ ନଲଖଣ୍ଡି ପରି ଆରୋଗ୍ୟ ହୋଇଯାଏ । ଅଥଚ ପାରା ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧୧ ଙ୍କା ପ୍ୟାକିଂ ଓ ଡାକମାସୁଲ ଟ ୦ ।୶ ଅଣା । ପ୍ରାପ୍ତିସ୍ଥାନ:—"ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ", —କଲିକତା ।

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ବିଲାତରେ ଗତ ସିଭିଲସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜଣ୬ଣ ବଙ୍ଗଳାଦେଶରେ ନିଯୁକ୍ତ ହୋଇଅଛନ୍ତି । ସେମାନଙ୍କ ମଧ୍ୟରେ କେବଳ ଏକଜଣ ଦେଶୀୟ ଲୋକ ଅଟନ୍ତି । ତାହାଙ୍କର ନାମ ଅବଦୁଲ ଲତିଫ କମରୁଦ୍ଦିନ ଅମିରୁଦ୍ଦିନ ଅବଦୁଲ ଲତିଫ ଅଟେ । ସେ ପଞ୍ଜାବ ପ୍ରଦେଶରେ ସ୍ଥାପିତ ହୋଇଅଛନ୍ତି ।

---

ଅନରବଲ ଉଡ଼ବରନ ବାହାଦୁରଙ୍କର ମୃତ୍ୟୁ ହେତୁ ବଙ୍ଗଦେଶର ଲେଫ୍‌ଟନାଣ୍ଟ ଗବର୍ଣ୍ଣରୀ ପଦ ଶୂନ୍ୟ ହେବାରୁ ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର ଟେଲିଗ୍ରାଫ ଯୋଗେ ବଙ୍ଗୀୟ ରେଭିନ୍ୟୁ ବୋର୍ଡ଼ର ମେମ୍ବର ମାନ୍ୟବର ଶ୍ରୀଯୁକ୍ତ ଜେମସ ଅଷ୍ଟିନ ବୋର୍ଡ଼ିଲନ ସାହେବଙ୍କୁ ଗତ ତା୨୨ଶରୁ ବଙ୍ଗଳାର ଲେଫ୍‌ଟନାଣ୍ଟ ଗବର୍ଣ୍ଣର ନିଯୁକ୍ତ କରି ଅଛନ୍ତି ।

---

କୃଷକ ପଞ୍ଜିକାରେ ଲେଖାଅଛି ଯେ ଘରର ପୂର୍ବରେ ପୁଷ୍କରଣୀ, ପଶ୍ଚିମରେ ଛାୟାଯୁକ୍ତ ଗଛ ଏବଂ ଦକ୍ଷିଣରେ ଫୁଲ ବଗିଚା କରିବ । ଉତ୍ତରରେ ତାଳ, ଖଜୁରୀ ଏବଂ ତେନ୍ତୁଳି ଗଛ ଓ ବଉଳ, ଚମ୍ପା ଓ ଅଗସ୍ତି ଫୁଲ ଗଛମାନ ଲଗାଇବ ନାହିଁ ଏବଂ ବଗିଚାରେ ମଧ୍ୟ ଏ ଗଛମାନ କଦାପି ଲଗାଇବ ନାହିଁ । ଅମ୍ବ, ପଣସ, ଜାମୁ, ବେଲ, ଲେମ୍ବୁ କଦଳୀ, ଗୁଆ ଇତ୍ୟାଦି ଘର ପାଖରେ ଲଗାଇବା ଶୁଭ ଅଟେ ।

---

ଗତପୂର୍ବ ଶୁକ୍ରବାର ସନ୍ଧ୍ୟାସମୟରେ ଏଠାରେ ଉତ୍କଳସଭାର ଗୋଟିଏ ଅଧିବେଶନ ହୋଇଥିଲା ମାତ୍ର ସ୍ୱର୍ଗୀୟ ଲେଫ୍‌ଟନାଣ୍ଟ ଗବର୍ଣ୍ଣରଙ୍କର ଶୋକସମ୍ବାଦ ପ୍ରଚାର ହେବାରୁ ଦପ୍ତରମାନ ବନ୍ଦ ହେବାରୁ ସଭାରେ ଅନ୍ୟ କୌଣସି କାର୍ଯ୍ୟ ନ ହୋଇ କେବଳ ତାରସମ୍ବାଦ ଯୋଗେ ସଭାର ଗଭୀର ଶୋକ ସହାନୁଭୂତି ବାର୍ତ୍ତା କଲିକତାର ବେଲଭେଡ଼ିୟର ପ୍ରାସାଦକୁ ପଠାଯାଇ ସଭା ଭଙ୍ଗ ହେଲା ।

---

ବିଲାତୀ କପା ସୂତା ଓ ଲୁଗା ଭାରତରେ ଶସ୍ତା ଦରରେ ବିକ୍ରୟ ହେବାହେତୁ ଦେଶୀୟ ତନ୍ତୁକୁଳର ଯେ ଦୁର୍ଦ୍ଦଶା ହୋଇଅଛି ତାହା କାହାରିକୁ ଅବିଦିତ ନାହିଁ । ବିଲାତ ମଧ୍ୟରେ ମାଞ୍ଚେଷ୍ଟର ନଗର କଳରେ ସୂତାକଟା ଓ ଲୁଗାବୁଣାର ପ୍ରଧାନ ସ୍ଥାନ । ସେଠାର ବ୍ୟବସାୟୀଙ୍କ ସହିତ ପ୍ରତିଯୋଗିତା କରିବା ସହଜ କଥା ନୁହେଁ, କିନ୍ତୁ ଦୈବ ଅନୁକୂଳ ହେଲେ କ'ଣ ହୋଇ ନ ପାରେ ? ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ବମ୍ବେଇର କଳରେ ପ୍ରସ୍ତୁତ ହେବ ମୋଟ କପା ସୂତା ମିସର, ଫାରସି ରାଜ୍ୟ ଏବଂ ମାଞ୍ଚେଷ୍ଟରକୁ ରପ୍ତାନି ହେଉଅଛି । ଅବଶ୍ୟ ବମ୍ବେଇ ସୂତାର ମୂଲ୍ୟ ଅଳ୍ପ ହେବାରୁ ଏପରି ହୋଇଅଛି । ଏହି ଟେକ ବମ୍ବେଇ ଅଧିକକାଳ ରଖି ପାରିଲେ ବଡ଼ ସୁଖର ବିଷୟ ହେବ ।

---

ସମ୍ବଲପୁରର ଏକ ସମ୍ବାଦରୁ କଲିକତାର 'ବଙ୍ଗବାସୀ' ଅବଗତ ହୋଇଅଛନ୍ତି କି ସେ ଅଞ୍ଚଳର ଏକ ମହାରାଜା ଇଣ୍ଡିଆ ଗବର୍ଣ୍ଣମେଣ୍ଟରୁ ଦିଲ୍ଲୀ ଦରବାରରେ ଉପସ୍ଥିତ ହେବାନିମନ୍ତ୍ରଣ ଆମନ୍ତ୍ରଣ ପତ୍ର ପାଇ ମହା ହରବରରେ ପଡ଼ିଅଛନ୍ତି । ସେ ପୂର୍ବରୁ ଋଣଗ୍ରସ୍ତ, ହାତରେ ଟଙ୍କା ନାହିଁ ଅଥଚ ନିମନ୍ତ୍ରଣ ରକ୍ଷା କରି ନ ପାରିବା ଅମର୍ଯ୍ୟାଦାର କଥା ! ସେଥିପାଇଁ ସେ ଆଉ ତିରିଶହଜାର ଟଙ୍କା ଋଣ କରିବାକୁ ବାଧ୍ୟ ହୋଇଅଛନ୍ତି । ଯାହାର ଭଣ୍ଡାର ଶୂନ୍ୟ ଏବଂ ଯେ ଋଣଗ୍ରସ୍ତ ତାହାର ଅଭିମର୍ଯ୍ୟାଦାର ଜ୍ଞାନ ନାହିଁ ବୋଲିବାକୁ ହେବ, ସେପରି ବ୍ୟକ୍ତିର ମର୍ଯ୍ୟାଦା ଲୋଡ଼ିବା ଉଚିତ ନୁହେ । ଦୁଃଖର ବିଷୟ ଯେ ରାଜା ମହାରାଜାଙ୍କ ମଧ୍ୟରେ କେତେ ଲୋକ ଏ କଥା ଆଦୌ ବିଚାର କରନ୍ତି ନାହିଁ

---

ମହାମାନ୍ୟାସ୍ପଦ ପ୍ରବଳ ପ୍ରତାପ ରାଜରାଜେଶ୍ୱର ୭ମ ଏଡ଼ୱାର୍ଡ଼ ଓ ରାଣୀ ଅଲେକଜାଣ୍ଡ୍ରିଆଙ୍କ ଶୁଭ ରାଜ୍ୟାଭିଷେକ ଉପଲକ୍ଷେ ଚାନ୍ଦା ସଂଗ୍ରହ ଓ ଉତ୍ସବର ସମୂହର ଆୟୋଜନ ସକାଶେ ଗତ ଶନିବାର ପୂର୍ବାହ୍ନରେ ପୁରୀ ମିଉନିସିପାଲଟୀର ଏକ ଅଧିବେଶନ ହୋଇଥିଲା । ସଭାସ୍ଥଳରେ ମାଜିଷ୍ଟ୍ରେଟ, ଡାକ୍ତର ଓ ପାଇପ୍ ସାହେବମାନେ ଏବଂ ରାଜଗୋପାଳ ମଠର ମହନ୍ତ ଶ୍ରୀ ରଘୁନନ୍ଦନ ରାମାନୁଜ ଦାସ, ଦକ୍ଷିଣପାର୍ଶ୍ୱ ମଠର ମହନ୍ତ ଶ୍ରୀ ଭଗବାନ ରାମାନୁଜ ଦାସ ଓ ରାଘବ ଦାସ ମଠର ମହନ୍ତ ଶ୍ରୀ ଜଗନ୍ନାଥ ରାମାନୁଜ ଦାସ ଓକିଲ ମୋକ୍ତାର ପ୍ରଭୃତି ଭଦ୍ରଲୋକମାନେ ଉପସ୍ଥିତ ଥିଲେ । ସଭାରେ ପ୍ରାୟ ଟ ୮୦୦୲ ଆଠଶହ ଟଙ୍କା ଚାନ୍ଦା ସ୍ୱାକ୍ଷରିତ ହୋଇଥିଲା । ସିଂହଦ୍ୱାର ସମ୍ମୁଖରେ ଗୋଟିଏ ସଭାମଣ୍ଡପ ପ୍ରସ୍ତୁତ, ନଗର ମଧ୍ୟରେ ଦେଉଳରେ ଓ ଆଲୋକ ଇତ୍ୟାଦି ହେବାର ସ୍ଥିର ହୋଇ ସଭା ଭଙ୍ଗ ହେଲା ।

---

ଅଭିଷେକ ଉତ୍ସବର ବ୍ୟୟ ସଂଗ୍ରହ ନିମନ୍ତେ ଗତ ତାରିଖ ସକାଳେ ଏଠା କଲେକ୍ଟର ଗୃହରେ ଏକ ସଭା ହୋଇଥିଲା । କମିଶନର ସାହେବ ସଭାପତି ଥିଲେ । ରାୟ ହରିବଲ୍ଲଭ ବୋଷ ବାହାଦୁର କଙ୍ଗାଳ ଭୋଜନ ଓ ବସ୍ତ୍ରଦାନର ବ୍ୟୟ ଟ ୧୭୦୦୲ଙ୍କା, ରାଜା କଣ୍ଠେ ଜନଦା ସ୍କୁଲ ଛାତ୍ରଙ୍କ ଭୋଜନର ବ୍ୟୟ ଟ ୧୨୦୦୲ଙ୍କା, କ୍ରୀଡ଼ାର ବ୍ୟୟ ଟ ୪୦୦୲ଙ୍କାକୁ ରାଜା ବୈକୁଣ୍ଠ ନାଥ ଦେ ବାହାଦୁର ଟ ୨୫୦୲ଙ୍କା ଓ ବାବୁ ରାଧାପ୍ରସାଦ ଭଗତ ଟ ୧୫୦୲ଙ୍କା ଏବଂ ଆତସବାଜିର ବ୍ୟୟ ଟ ୬୦୦୲ଙ୍କାକୁ ତପୋନିଧି ଗଣେଶର ସାରଙ୍ଗ ଟ ୨୦୦୲ଙ୍କା, ବାବୁ ବଳରାମ ଭଗତ ଟ ୧୦୦୲ଙ୍କା, ମାରବାଡ଼ି ସମ୍ପ୍ରଦାୟ ପକ୍ଷରୁ ବାବୁ ଗୋପାଳଗୃନ ଟ ୨୦୦୲ଙ୍କା ଏବଂ ବାବୁ ରାମଲକ୍ଷଣ ଭଗତ ଟ୧୦୦୲ଙ୍କା ଆଦର ଦେଲେ । ମୁସଲମାନମାନଙ୍କଠାରୁ ଟ ୨୫୦୲ଙ୍କା ଚେଦା ଆଦାୟର ଭାର ମୌଲଭି ଅବଦୁଲ ସମଦ ଓ ମୁନସି ରାହମତଉଲ୍ଲା ପ୍ରଭୃତି ଗ୍ରହଣ କଲେ । ତହିଁ ହିସାବୁ ଉପସ୍ଥିତ ସଭ୍ୟମାନଙ୍କଠାରୁ ଚେନ୍ଦା ସ୍ୱାକ୍ଷର କରନେଇ ସଭା ଭଙ୍ଗ ହେଲା । ଏପରି ଚେନ୍ଦାର ମୋଟ ସାଢ଼େ ତିନିହଜାରରୁ କିଛି ଅଧିକ ହୋଇଥିଲା ।

---

ପ୍ରାୟ ଦୁଇବର୍ଷ ହେଲେ ମହାମାନ୍ୟ ଗବର୍ଣ୍ଣର ଜେନରଲ ଲର୍ଡ କର୍ଜନ ବାହାଦୁର ଅମୃତସର ନଗର ସନ୍ଦର୍ଶନ କାଳରେ ସେଠାର ଶିଖମାନଙ୍କର ବିଖ୍ୟାତ ସ୍ୱର୍ଣ୍ଣ ମନ୍ଦିର ଦେଖିଥିଲେ । ଏମନ୍ତ ସୁନ୍ଦର ମନ୍ଦିର ମଧ୍ୟରେ ଯେଉଁ ଘଟିକାଯନ୍ତ୍ର ଅର୍ଥାତ୍ ଘଣ୍ଟାଘଡ଼ି ରଖାଯାଇଥିଲା ତାହା ସେ ସ୍ଥାନପ୍ରତି ନିତାନ୍ତ ଅଯୋଗ୍ୟ ଥିବାର ଦେଖି ସେ ଅପୂର୍ବ ହୋଇ ଗୋଟିଏ ଭଲ ଘଡ଼ି ପଠାଇ ଦେବାକୁ କହି ଆସିଥିଲେ । ଏଥିମଧ୍ୟରେ ଲାଟ ମହୋଦୟ ବିଲାତର ଏକ ନାମଜାଦା ହୋକାନକୁ ଉକ୍ତ ଫରମାସ ଅନୁସାରେ ଅତି ସୁନ୍ଦର କଳକତ୍ତା ପ୍ରସ୍ତୁତ କରାଇ ଅଣି ଲାହୋରର କମିଶନରଙ୍କ ନିକଟକୁ ପଠାଇ ଦେବାରେ ସେ ମାନେ ଗତମାସ ତା ୩୧ ଋଣରେ ସେହି ମନ୍ଦିରରେ ଏକ ସଭା କରିଥିଲେ । କମିଶନର ସାହେବ ସେହି ସଭାରେ ଘଡ଼ି ସହିତ ଉପସ୍ଥିତ ହୋଇ ଲାଟ ମହୋଦୟଙ୍କର ଏହି ଉଲ୍ଲେଖ ଦାନର ପ୍ରସଙ୍ଗ ପ୍ରସ୍ତାବ କଲେ ଏବଂ ଶିଖମାନଙ୍କର ଗୁରୁ ସେହି ଧର୍ମାନୁସାରେ ଉପାସନା ଓ ପ୍ରାର୍ଥନା କାର୍ଯ୍ୟ ସମାଧା କଲେ ହିସାବୁ କମିଶନର ସାହେବଙ୍କ ଗଳାରେ ପୁଷ୍ପମାଳା ପ୍ରଦାନପୂର୍ବକ ସତ୍କାର କଲେ ଏବଂ ଲର୍ଡ କର୍ଜନଙ୍କର ଯଶଃ ଘୋଷଣା କଲେ । ସେ ସମୟରେ ଉପରୁ ପୁଷ୍ପବୃଷ୍ଟି ହେଲା । ତଦନନ୍ତର

Digitized by srujanika@gmail.com

ସେହି ଦିଲସତ ଧର୍ମଗ୍ରନ୍ଥ ନିକଟ ଏକ ପ୍ରକାଶ୍ୟ ସ୍ଥାନରେ ସ୍ଥାପିତ ହୋଇ ସଭା ଭଙ୍ଗ ହେଲା ।

---

ଭାରତରେ କାର୍ଯ୍ୟ କରୁଥିବା ନ ୯ ମ୍ବର ଗୋରା ପଲଟଣର ଜଣେ ଦେଶୀୟ କବଲଦ ( ପାଚକ ) ଗୁରୁତର ପ୍ରହାରର ପୀଡାରେ ମରିଗଲା । ଅନୁସନ୍ଧାନରେ ଜଣାଗଲା ଯେ ସେହି ପଲଟଣର କେତେକ ସିପାହି ତାହାକୁ ସେପରି ପ୍ରହାର କରିଥିଲେ । ଅପରାଧିମାନଙ୍କୁ ଧରିବା କାରଣ ସେହି ପଲଟଣର ସରଦାରଙ୍କ ପ୍ରତି ପୁନଃ ପୁନଃ ଭାରତ ଗବର୍ଣ୍ଣମେଣ୍ଟ ଆଦେଶ ଦେଲେ ସୁଦ୍ଧା ସରଦାରମାନେ ସେ ବିଷୟରେ ଯଥୋଚିତ ଚେଷ୍ଟା କଲେ ନାହିଁ । ଏହି କାରଣରୁ ମହାମାନ୍ୟ ଗବର୍ଣ୍ଣର ଜେନରଲ ଲର୍ଡ଼ କର୍ଜନ ବାହାଦୁର ଉକ୍ତ ପଲଟଣ ପ୍ରତି ଏହି ଦଣ୍ଡବିଧାନ କଲେ କି ଛୁଟୀ ନେଇ ବିଲାତକୁ ଯାଇଥିବା ସରଦାର ଓ ସିପାହିଙ୍କ ମଧ୍ୟରୁ ଯେଉଁମାନେ ପୀଡିତ ଅଛନ୍ତି ସେମାନଙ୍କ ଛଡ଼ା ଆଉ ସମସ୍ତେ ଅବିଳମ୍ବେ ଫେରି ଆସିବେ; ସନ ୧୯୦୩ ସାଲ ଜୁନମାସ ତା ୯ ରିଖ ପୂର୍ବେ ଆଉ କେହି ଛୁଟୀ ପାଇବେ ନାହିଁ ଏବଂ ଉକ୍ତ ଜୁନମାସ ତା ୯ ରିଖ ପର୍ଯ୍ୟନ୍ତ ସେ ପଲଟଣକୁ ଅଧିକା କାର୍ଯ୍ୟ କରିବାକୁ ହେବ । ବଡ଼ଲାଟ ବାହାଦୁର ଅବସ୍ଥା ଦୃଷ୍ଟିରେ ସୁବିଚାର ଏବଂ ଗୋରା ପଲଟଣମାନଙ୍କର ଅତ୍ୟାଚାର ନିବାରଣର ସୁଚେଷ୍ଟା କରିଅଛନ୍ତି ସନ୍ଦେହ ନାହିଁ । ମାତ୍ର ବିଲାତର ପାର୍ଲିଆମେଣ୍ଟ ସଭାରେ ଏହି ଦଣ୍ଡର ପ୍ରତିବାଦ ଏଥି ମଧ୍ୟରେ ଉପସ୍ଥିତ ହୋଇଅଛି । ସଭା କି ବିଚାର କରିବେ ଯଥାକାଳରେ ଜଣାଯିବ ।

---

ପୁଲିସ କମିଶନ ଅର୍ଥାତ୍ ପୁଲିସ ଅନୁସନ୍ଧାନ ସମିତି ଗତ ବୁଧବାର ପ୍ରାତଃକାଳରେ ଖାସ ରେଲଗାଡିରେ ଏ ନଗରରେ ପ୍ରବେଶ ହୋଇ ତହିଁ ଆରଦିନ ପ୍ରସ୍ଥାନ କଲେ ଏହି ସମିତିର ନ ୭ ଣ ସଭ୍ୟ ମଧ୍ୟରେ ନ ୫ ଣ ଇଉରୋପୀୟ ଏବଂ ନ ୨ ଣ ଦେଶୀୟ ସମ୍ଭ୍ରାନ୍ତ ବ୍ୟକ୍ତି । ଇଉରୋପୀୟମାନେ ସମସ୍ତେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ଏବଂ ଦେଶୀୟ ନ ୨ ଣ ଅର୍ଥାତ୍ ଦରଭଙ୍ଗାର ମହାରାଜା ଏବଂ ଦେବାନ ବାହାଦୁର ଶ୍ରୀନିବାସ ରାଘବ ଆୟଙ୍ଗାର ବେସରକାରୀ ସଭ୍ୟ ଅଟନ୍ତି । ଏ ନଗରରେ ପହୁଞ୍ଚି ଠିକ ଘ ୧୧ ଟା ବେଳେ କମିଶନରଙ୍କ ଦରବାରରେ ବୈଠକ ଆରମ୍ଭ କରି ଓଡିଶାର କମିଶନର, ଏ ଜିଲ୍ଲାର ଜଜ, ମାଜିଷ୍ଟ୍ରେଟ ଏବଂ ପୁଲିସ ପ୍ରଭୃତି ଏହି ନ ୪ ଣ ସରକାରୀ କର୍ମଚାରୀମାନଙ୍କର ଏବଂ ରାଜା ବୈକୁଣ୍ଠନାଥ ଦେ ବାହାଦୁର, ଶ୍ରୀଯୁକ୍ତ ମଧୁସୂଦନ ଦାସ, ରାଏ ଯୋଗେଶ୍ୱରଚନ୍ଦ୍ର ବାହାଦୁର ଏବଂ ବାବୁ ଗୌରୀଶଙ୍କର ରାୟ ଏହି ନ ୪ ଣ ବେସରକାରୀ ବ୍ୟକ୍ତିଙ୍କର ସାକ୍ଷ୍ୟ ଗ୍ରହଣ କଲେ । ଦୁଇଟା ବାଜନ୍ତେ ବେଳେ ଏ କାର୍ଯ୍ୟ ଶେଷ ହେଲା ଏବଂ ସଭ୍ୟମାନେ ବୈଠକ ଭାଙ୍ଗି ଚାଲିଗଲେ । ତହିଁ ଆରଦିନ ଗୁରୁବାର ଭୁବନେଶ୍ୱର ଦର୍ଶନ କରି ଓଡିଶାରୁ ବାହାରିଗଲେ । ପୂର୍ବରୁ ସାକ୍ଷିମାନଙ୍କର ଲିଖିତ ଉତ୍ତର ନେଇଥିଲେ ତହିଁ ମଧ୍ୟରୁ ଯାହା ଯାହା ବୁଝିବାର ଥିଲା କେବଳ ପଚାରି ନେବାରୁ ଅଳ୍ପ ସମୟରେ କାର୍ଯ୍ୟ ଶେଷ ହୋଇଗଲା ।

---

ଓଡିଶା ବିଭାଗର ନିମ୍ନ ଶ୍ରେଣୀର ବିଦ୍ୟାଳୟ ସମୂହରେ ସନ ୧୯୦୪ ସାଲ ( କ ) ନିମନ୍ତେ ନିମ୍ନ ଲିଖିତ ପାଠ୍ୟ ପୁସ୍ତକମାନ ଅବଧାରିତ ହୋଇଅଛି । ଯଥା;—

ଲୋଅର ପ୍ରାଇମେରୀ ସ୍କଲର୍ସିପ

ଭାଷା ଅଥବା ବିଜ୍ଞାନ ପୁସ୍ତକ

ବିଜ୍ଞାନପାଠ ୧ମ ପୁସ୍ତକ ( ମାକମିଲନ )

ଗଣିତ ।

ଅଙ୍କ ପୁସ୍ତକ ( ରାଓ ଓ ଦାସ ) ଅଥବା

ପ୍ରାଥମିକ ଅଙ୍କଶିକ୍ଷା ( ସେଖ୍ ମହରୁଦ୍ଦିନ )

ଅପର ପ୍ରାଇମେରୀ ସ୍କଲର୍ସିପ

ଭାଷା ଓ ବ୍ୟାକରଣ—ସାହିତ୍ୟମଞ୍ଜରୀ(ଅବନ୍ତଦେବୀ)

ବିଜ୍ଞାନ—ଉଚ୍ଚ ପ୍ରାଥମିକ ଇତିହାସ (ମାକମିଲନ)

ଇତିହାସ—ଐତିହାସିକ ପାଠ ( ଏଜନ )

ଭୂଗୋଳ—ଭୂଗୋଳପାଠ ( ଏଜନ )

ଅଙ୍କ-ଉତ୍କଳପାଟୀଗଣିତ ୨ୟଭାଗ(ହେମେଶ୍ଚନ୍ଦ୍ରବସୁ)

ଅଥବା

ଅଙ୍କପୁସ୍ତକ ୨ୟ ଭାଗ [ ରାଓ ଓ ଦାସ ]

ମିଡଲ ସ୍କଲର୍ସିପ

ଭାଷା ଓ ବ୍ୟାକରଣ—ସାହିତ୍ୟତରଙ୍ଗ [ ମଧୁସୂଦନ ରାଓ ]

ବିଜ୍ଞାନ—ମ, ଉ, ବିଜ୍ଞାନପୁସ୍ତକ [ମାକମିଲନ]

ଇତିହାସ—ଭାରତ ଇତିହାସ [ ଏଜନ ]

ଭୂଗୋଳ—( ପରେ ପ୍ରକାଶ ହେବ )

ଅଙ୍କ-ଉତ୍କଳପାଟୀଗଣିତ ୨ୟଭାଗ[ହେମେଶ୍ଚନ୍ଦ୍ରବସୁ]

ଅଥବା

ଅଙ୍କପୁସ୍ତକ ୨ୟ ଭାଗ [ ରାଓ ଓ ଦାସ ]

ଜ୍ୟାମିତି ବା ଭୂପରିମାଣ- ଜ୍ୟାମିତି[ସୀତାନାଥବସୁ]

ବ୍ୟବହାରିକ ଜ୍ୟାମିତି ଓ ଭୂପରିମାଣ [ମାକମିଲନ]

ଇଂରାଜୀ—ସିମ୍ପଲ ଇଂଲିଶ ରିଡ଼ର [ ଗୋବିନ୍ଦହରି ଧର ]

ବଙ୍ଗପ୍ରଦେଶର ଶିକ୍ଷାବିଭାଗୀୟ ଡାଇରେକ୍ଟରଙ୍କର ଗତ ନବମ୍ବର ମାସ ତା ୧୪ ରିଖର ପାଠ୍ୟପୁସ୍ତକର ବିଜ୍ଞାପନରୁ ଉପରଲିଖିତ ତାଲିକା ସଙ୍କଳିତ ହେଲା । ସେହି ବିଜ୍ଞାପନ ଗତ ତା ୧୯ ରିଖର କଲିକତା ଗେଜେଟରେ ପ୍ରକାଶିତ ହୋଇ ଅଛି ।

---

କାଟ ଘାଟର ଗୁହାରି ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଏ ଜିଲ୍ଲା ଅନ୍ତର୍ଗତ ବୋଧପୁର ସିଙ୍ଘାଲୋ ପ୍ରଭୃତି ପାଲଶଣ୍ଡି ଗ୍ରାମ ମଧ୍ୟରେ ଗୋଟିଏ ଜୋର ଅଛି ଓ ତହିଁରେ ଗୋଟିଏ ବନ୍ଧ ଓ ପୋଲ ଅଛି । ବୃଷ୍ଟି ସମୟରେ ସେ ବନ୍ଧ ଓ ପୋଲ ଗ୍ରାମବାସଙ୍କର ଗତାୟାତର ଏକମାତ୍ର ବାଟ ଏବଂ ଅନାବୃଷ୍ଟିରେ ସେହି ଜୋର କ୍ଷେତକୁ ଜଳ ଯୋଗାଇବାର ଏକମାତ୍ର ଆଧାର । କୃଷିମାନେ ଜଳ ବହି ସହସ୍ରାଧିକ ମାଣ ଜମି ମରୁଡିରୁ ରକ୍ଷା କରନ୍ତି । ବର୍ତ୍ତମାନ ସେହି ପୋଲ ଭାଙ୍ଗି ଯାଇଥିବାରୁ ସେ ସମସ୍ତ ଗ୍ରାମବାସୀ ବହୁଶତ ଲୋକର କଷ୍ଟର ସୀମା ନାହିଁ । ପତ୍ରପ୍ରେରକଙ୍କର ଏକାନ୍ତ ଅନୁରୋଧ ଯେ ସରକାର ବାହାଦୁର ଏହି ବନ୍ଧର ଅବସ୍ଥା ଅନୁସନ୍ଧାନ କରି ଗ୍ରାମବାସିଙ୍କର ଦୁଃଖ ମୋଚନର ବ୍ୟବସ୍ଥା କରିବେ । ପତ୍ରପ୍ରେରକଙ୍କର ଗୁହାରି କେତେଦୂର ସତ୍ୟ ଆମ୍ଭେମାନେ ପ୍ରତ୍ୟକ୍ଷ କରି ନାହୁଁ ମାତ୍ର ସେ ପରିଚିତ ଲୋକ ଥିବାରୁ ଅବିଶ୍ୱାସ କରିବାର କୌଣସି କାରଣ ନାହିଁ । ଆମ୍ଭେମାନେ ଆଶା କରୁଁ କି ଜିଲ୍ଲା ବୋର୍ଡର କର୍ତ୍ତା ଅଥବା ଇଞ୍ଜିନିୟର ଏ ବିଷୟର ତଦନ୍ତ କରି ପ୍ରକୃତରେ ବାଟର ଅସୁବିଧା ଘଟିଥିଲେ ତାହା ମୋଚନ କରିବାର ସୁବ୍ୟବସ୍ଥା କରିବେ । ଗ୍ରାମ୍ୟବାଟର ସୁବିଧା କରିଦେବା ଜିଲ୍ଲା ବୋର୍ଡର ସର୍ବ ପ୍ରଧାନ କାର୍ଯ୍ୟ ଅଟେ ଏବଂ ତହିଁ ପ୍ରତି ମନୋଯୋଗର କିଛି ମାତ୍ର ତ୍ରୁଟି ହେବା ଭଲ ନୁହେ ।

ପତ୍ରପ୍ରେରକ ଅନ୍ୟତ୍ର ଲେଖିଅଛନ୍ତି କି ତାଲଦଣ୍ଡା କେନାଲର ନାନପୁର ଘାଟରେ ଯେଉଁ ଗୃପ ଅଛି ତାହା ଏମନ୍ତ ଜୀର୍ଣ୍ଣ ହୋଇଅଛି ଯେ କେବେ ବୁଡିଯାଏ ଏବଂ ତହିଁରେ ନାଲ ପାର ହେବା ଶଙ୍କଟାପନ୍ନ । ପୁଣି ଥୋରସ୍ଥାପଡ଼ାଠାରେ ପୂର୍ବେ ଗୃପ ଥିଲା ବର୍ତ୍ତମାନ ଅଦୌ ନାହିଁ । ଏଥିରେ ସହସ୍ର ସହସ୍ର ପଥିକମାନଙ୍କର କଷ୍ଟର ସୀମା ରହୁନାହିଁ । ଏ ବିଷୟ ମଧ୍ୟ ତଦନ୍ତର ଯୋଗ୍ୟ । ନାଲ ପାର ନିମନ୍ତେ ଉପଯୁକ୍ତ ଗୃପ ଯୋଗାଇବା ଏବଂ ଆବଶ୍ୟକମତେ ଗୃପମାନ ମରାମତ କରିଦେବା

Split by PDF Splitter

Digitized by srujanika@gmail.com

ନାଲ ବିଭାଗୀୟ ବାଣିଜ୍ୟମନ୍ତ୍ରୀ ମହାଶୟଙ୍କର ଗୋଟିଏ ପ୍ରଧାନ କର୍ତ୍ତବ୍ୟ କାର୍ଯ୍ୟ ଅଟେ । ତହିଁରେ ବୃଷ୍ଟିର ଅଭାବ ଓ ତ୍ରୁଟି ହୋଇଥିଲେ କର୍ତ୍ତୃପକ୍ଷଙ୍କୁ ଜଣାଇ ସୁବିଧା କରିନେବା ଲୋକଙ୍କର ଉଚିତ ହେଉଅଛି । ଆମ୍ଭେମାନେ ବିଶ୍ୱାସ କରୁଁ ଯେ ଗ୍ରାମବାସୀମାନେ ଦୁଃଖ ଜଣାଇଲେ ଅବଶ୍ୟ ସୁଫଳ ଲାଭ ହେବ ।

---

## ବଙ୍ଗଦେଶର ଲୋକସଂଖ୍ୟା ।

ବଙ୍ଗଳାର ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ଅଧୀନ ପ୍ରଦେଶମାନଙ୍କର ଗତ ଲୋକସଂଖ୍ୟାର ରିପୋର୍ଟ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ମନ୍ତବ୍ୟ ବାହାରିଅଛି । ବଙ୍ଗ ବିହାର ଓଡ଼ିଶା ପ୍ରଦେଶମାନଙ୍କର ଲୋକସଂଖ୍ୟା ଗତଜାତ ସମୂହର ଲୋକସଂଖ୍ୟା ମିଶି ୭,୫୪,୯୩,୪୧୦ ଓ ତହିଁ ମଧ୍ୟରେ ପୁରୁଷ ୩,୧୬,୭୮,୧୮୬ ଏବଂ ସ୍ତ୍ରୀ ୩,୧୬,୧୫,୨୨୪ ଅଟେ । ରିପୋର୍ଟରୁ ପ୍ରକାଶ ଯେ ସନ ୧୮୭୧ ସାଲର ଗଣନାରେ ସ୍ତ୍ରୀ ଓ ପୁରୁଷର ସଂଖ୍ୟା ପ୍ରାୟ ସମାନ ଥିଲା । ସନ ୧୮୮୧ ଓ ୧୮୯୧ ସାଲର ଗଣନାରେ ସ୍ତ୍ରୀର ଭାଗ ପୁରୁଷଠାରୁ ବଳିଯାଇ ଥିଲା । ମାତ୍ର ସନ ୧୯୦୧ ସାଲର ଅର୍ଥାତ୍ ବର୍ତ୍ତମାନ ଗଣନାରେ ସ୍ତ୍ରୀର ଭାଗ ପୁରୁଷଠାରୁ କମ ଅର୍ଥାତ୍ ଶତକଡ଼ା ୨ ଲେଖାଏଁ ଊଣା ପଡ଼ିଅଛି । ମାତ୍ର ଏଥିର କାରଣ ସ୍ଥାନାନ୍ତର ଗମନ ଅଟେ । କାରଣ କେବଳ ବଙ୍ଗଦେଶରେ ଜନ୍ମି ଥିବା ଲୋକଙ୍କ ସଂଖ୍ୟା ଧରି ବିଚାର କଲେ ପୁରୁଷଠାରୁ ସ୍ତ୍ରୀ ଶତକଡ଼ା ୫ ଲେଖାଏଁ ଅଧିକ ଥିବାର ଦେଖାଯାଏ । ଧର୍ମାନୁସାରେ ମୋଟ ଲୋକସଂଖ୍ୟା ମଧ୍ୟରେ ତିନିଭାଗରୁ ପ୍ରାୟ ଦୁଇଭାଗ ହିନ୍ଦୁ ଓ ଏକ ଭାଗରୁ କିଛି ଊଣା ମୁସଲମାନ । ଅବଶିଷ୍ଟ ମଧ୍ୟରେ ୭୨ ଲକ୍ଷ ଜାତିଭ ବା ଜଙ୍ଗଲୀ ବ ଯେଉଁମାନଙ୍କର ବାସସ୍ଥାନ ଛୋଟ ନାଗପୁର ବିଭାଗରେ ଅଟେ । ଖ୍ରୀଷ୍ଟିୟାନଙ୍କର ସଂଖ୍ୟା ପ୍ରାୟ ଅଢ଼େଇ ଲକ୍ଷ । ବୌଦ୍ଧଙ୍କ ସଂଖ୍ୟା ଅଳ୍ପ ଊଣା, ଅନ୍ୟାନ୍ୟ ଧର୍ମାବଲମ୍ବୀଙ୍କ ସଂଖ୍ୟା ୧୫ ହଜାରରୁ ଅଧିକ ନୁହେ । ଇଉରୋପୀୟଙ୍କ ସଂଖ୍ୟା ୨୭,୪୮୧ ଏବଂ ଫିରିଙ୍ଗିଙ୍କ ସଂଖ୍ୟା ୨୩,୧୧୪ ଅଟେ । ଏଥି ପୂର୍ବ ଗଣନାରେ ଏମାନଙ୍କ ସଂଖ୍ୟା ଯଥାକ୍ରମେ ୨୨,୭୭୩ ଓ ୧୫,୧୬୨ ଥିଲା । ବିକଳାଙ୍ଗ ଲୋକ ଯଥା ବାଧିରା, ଘୁଙ୍ଗା, କାଲ, ଅନ୍ଧ ଓ କୁଷ୍ଠଙ୍କ ସଂଖ୍ୟା ପୂର୍ବଠାରୁ କେତେ ଊଣା ପଡ଼ିଅଛି, ଘୁଙ୍ଗା ଓ କାଲଙ୍କର ଅଳ୍ପ ପରମାୟୁ, ଡାକ୍ତରଖାନାରେ ଲୋକ କାଢ଼ିଦେବାଦ୍ୱାରା ଅନେକ ଅନ୍ଧ ଭଲ ହେବା ଏବଂ ପଗଳାର ଶୃଙ୍ଖଳା ହେତୁ ଏହି ସୁଫଳ ମିଳିଅଛି । ବ ୧୨ ବର୍ଷ ବୟସର ଉର୍ଦ୍ଧ୍ବ ପୁରୁଷ ମଧ୍ୟ ପ୍ରତିହଜାରରେ ଗତ ଗଣନାରେ ୧୩୨ ରୁ ଏଥର ୧୪୬ ଲେଖିପଢ଼ି ଜାଣନ୍ତି ଏବଂ ସ୍ତ୍ରୀଙ୍କ ମଧ୍ୟରେ ପ୍ରତିହଜାରରେ ଗତ ଗଣନାରେ ୪ରୁ ଏଥର ୭ ଲେଖିପଢ଼ି ଜାଣନ୍ତି । ମୁସଲମାନଠାରୁ ହିନ୍ଦୁରେ ଲେଖାପଢ଼ା ଲୋକ ଅଧିକ । ସମସ୍ତ ପ୍ରଦେଶରେ ପ୍ରାୟ ୩୨ ଲକ୍ଷ ପୁରୁଷ ଏବଂ ୨୩ ହଜାର ସ୍ତ୍ରୀ ଇଂରାଜୀ ଲେଖାପଢ଼ା ଜାଣନ୍ତି । ଇଂରାଜୀ ଯାହାଙ୍କର ମାତୃଭାଷା ସେମାନଙ୍କୁ ଛାଡ଼ି ଇଂରାଜୀ ଜାଣିବା ଦେଶୀୟ ଲୋକଙ୍କ ସଂଖ୍ୟା ଗତ ଗଣନାଠାରୁ ଅନେକ ବୃଦ୍ଧି ହୋଇଅଛି । ସମସ୍ତ ବଙ୍ଗଦେଶରେ ୭୪ ଭାଷା ପ୍ରଚଳିତ । ତହିଁ ମଧ୍ୟରେ ପ୍ରତି ହଜାର ଲୋକରେ ଜ ୫୬୮ ଣ ବଙ୍ଗାଳୀ ଜ ୩୪୧ ଣ ହିନ୍ଦୀ ( ଉର୍ଦ୍ଦୁ ଓ ବିହାରୀ ଭାଷାମାନ ହିନ୍ଦୀର ଅନ୍ତର୍ଗତ ହୋଇଅଛି ) ଜ ୭୧ ଣ ଓଡ଼ିଆ ଏବଂ ଜ ୧ ଣ ଖାସ ( ନେପାଳ ହିନ୍ଦୀ ) ଭାଷାରେ ଘରେ କଥାବାର୍ତ୍ତା କରନ୍ତି । ପ୍ରତିହଜାରରେ ଅବଶିଷ୍ଟ ଜ ୫୧ ଣ ବାକି ୭୦ ଭାଷା ବ୍ୟବହାର କରନ୍ତି । ଜାତି ଓ ବ୍ୟବସାୟ ଏତେପ୍ରକାର ଅଛି ଯେ ସେ ସମସ୍ତ ବିସ୍ତାରିତ ରୂପେ ବର୍ଣ୍ଣନ କରିବା ସହଜ ବ୍ୟାପାର ନୁହେ । ସ୍ଥୂଳରେ ୧୫ ହଜାର ଜାତିର ଲୋକ ଅଧିକ ଅଛନ୍ତି ଯେ ତହିଁ ମଧ୍ୟରେ ଅହିର ସଂଖ୍ୟା ସର୍ବାପେକ୍ଷା ଅଧିକ ଅର୍ଥାତ୍ ପ୍ରାୟ ୪୦ ଲକ୍ଷ, ତହିଁ ତଳେ ବ୍ରାହ୍ମଣ ପ୍ରାୟ ୩୦ ଲକ୍ଷ, କୈବର୍ତ୍ତ ପ୍ରାୟ ୨୫ ଲକ୍ଷ ଏବଂ ରାଜବଂଶୀ ପ୍ରାୟ ୨ ଲକ୍ଷ । ରଜପୁତ, ତେଲି, କାୟସ୍ଥ କୁରମୀ ଦୋସାଦ ପ୍ରଭୃତିଙ୍କ ସଂଖ୍ୟା ପ୍ରତ୍ୟେକ ୧୦ ଲକ୍ଷରୁ ୧୫ ଲକ୍ଷ ପର୍ଯ୍ୟନ୍ତ ହେବେ । କେତେକ ଜାତି ସ୍ଥାନ ବିଶେଷରେ ପ୍ରବଳ ଯଥା, ବିହାରରେ ଧନୁକ ବାଉରି ଓ କୋଇରି, ପଶ୍ଚିମ ବଙ୍ଗରେ ସଦ୍‌ଗୋପ ଓ ବାଗଦି ଏବଂ ଓଡ଼ିଶାରେ ଚଷା ଓ ଖଣ୍ଡାଏତ । ୫୨୦ ପ୍ରକାର ବ୍ୟବସାୟର ଉଲ୍ଲେଖ ଅଛି ଏବଂ ସେ ସମସ୍ତ ବୃହତ୍ ଶ୍ରେଣୀଭୁକ୍ତ କଲେ ପ୍ରାୟ ୫ କୋଟି ୭୦ ଲକ୍ଷ ଅର୍ଥାତ୍ ବାରପଣ ଲୋକର ବ୍ୟବସାୟ କୃଷି ବୋଲିଯାଇ ପାରେ କୃଷି ମଜୁରିଙ୍କ ସଂଖ୍ୟା ପ୍ରାୟ ଏକକୋଟି ଏବଂ ମୂଲିଆଙ୍କ ସଂଖ୍ୟା ୬୦ ଲକ୍ଷରୁ ଅଧିକ ଅଟେ ।

---

## ସ୍ୱର୍ଗୀୟ ସରଜନ ଉଡ଼ବରନ ।

ବଙ୍ଗଳାର ଲେଫ୍ଟନେଣ୍ଟ ଗବର୍ଣ୍ଣର ସରଜନ ଉଡ଼ବରନଙ୍କର ଶୋକାବହ ମୃତ୍ୟୁସମ୍ବାଦ ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇଅଛୁଁ । ସେ ସମୟରେ କେବଳ ତାର ସମାଚାର ଅସିଥିଲା ଏବଂ ତାହା ଶୁଣି ସକଳ ଶ୍ରେଣୀର ଲୋକ ଅପାର ଦୁଃଖସାଗରରେ ଏପରି ମଗ୍ନ ହୋଇଥିଲେ ଯେ ସେହିକ ଯେମନ୍ତ ହାଟ ବଜାର ଶୂନ୍ୟ ହୋଇଥିଲା । ସେହି ଉଚ୍ଚ ରାଜକର୍ମଚାରୀଙ୍କର ଲୋକାନ୍ତର ଗମନ ବାର୍ତ୍ତା ଶୁଣିଲେ ସ୍ୱଭାବତଃ ଲୋକଙ୍କର ମନରେ ବଡ଼ ଦୁଃଖ ଦ୍ରୁଥର । ମାତ୍ର ଭାରତମାସ ପୂର୍ବେ ସରଜନ ଏ ନଗରକୁ ଆସି ଏଠା ଲୋକଙ୍କ ସଙ୍ଗେ କେତେ ପ୍ରକାର ଆମୋଦପ୍ରମୋଦ କରି ଏବଂ ଓଡ଼ିଶା ପ୍ରତି କେତେ ସହାନୁଭୂତି ଦେଖାଇ ଯାଇଥିବାରୁ ତାହାଙ୍କ ସହସା ସମସ୍ତଙ୍କର ମନ ଅଧିକତର ବ୍ୟାକୁଳ ହେଉଅଛି । ପ୍ରକୃତରେ ସେ ଯେମନ୍ତ ଜଣେ ଉଚ୍ଚଦରର ଶାସନକର୍ତ୍ତା ତେମନ୍ତ ସରଳ ଏବଂ ଦୟାର୍ଦ୍ର ହୃଦୟର ଲୋକ ଥିଲେ ଏବଂ ଅନେକ ସଦ୍‌ଗୁଣଦ୍ୱାରା ସର୍ବସାଧାରଣଙ୍କର ପ୍ରିୟପାତ୍ର ହୋଇଥିଲେ । ବୃଦ୍ଧ ବୟସରେ ଗ୍ରହଣୀ ରୋଗ ବିଶେଷତଃ ଏ ଦେଶରେ ଥିବା ଇଉରୋପୀୟଙ୍କ ପ୍ରତି ମାରାତ୍ମକ ହେଲେହେଁ ଭକ୍ତି ଓ ଶ୍ରଦ୍ଧାବଶତଃ ଲୋକେ ଆଶା କରୁଥିଲେ ଯେ ସରଜନ ଏଥିରୁ ମୁକ୍ତ ହୋଇ ଅଳ୍ପ ଦିନମାସରେ ଶାସନକାର୍ଯ୍ୟ କାଳ ସମ୍ପୂର୍ଣ୍ଣ କରି ସୁଖରେ ସ୍ୱଦେଶକୁ ପ୍ରତ୍ୟାଗମନ କରିବେ ଏବଂ ତାହାଙ୍କର ପୀଡ଼ାର ଯେ ସମ୍ବାଦମାନ ପ୍ରକାଶିତ ହେଉଥିଲା ସେ ସମସ୍ତ ମଧ୍ୟ ଆଶାପ୍ରଦ ଥିଲା । ମୃତ୍ୟୁର ଏକଦିନ ପୂର୍ବେ ରୋଗ ଅସାଧ୍ୟ ଥିବାର ବାର୍ତ୍ତା ପ୍ରଚାର ହେଲା ଏବଂ ପରଦିନ ଦାରୁଣ ଶେଷ ସମାଚାର ଘୋଷିତ ହେଲା । ଶୁକ୍ରବାର ସୂର୍ଯ୍ୟୋଦୟ ପୂର୍ବ ଘ ୪ ଘଣ୍ଟା ବେଳେ ପ୍ରାଣବାୟୁ ବହିର୍ଗତ ହେଲା ଏବଂ ସେହିଦିନ ଅପରାହ୍ଣ ଘ ୩ ଘଣ୍ଟା ବେଳେ କବର ସ୍ଥାନକୁ ଶବଯାତ୍ରା ହେଲା । ମହାମାନ୍ୟ ଗବର୍ଣ୍ଣରଜେନାରଲଙ୍କର ଘୋଷଣାକ୍ରମେ ଭାରତର ସମସ୍ତ ପ୍ରଦେଶର ପ୍ରଧାନ ସ୍ଥାନରେ ୫ ଲେଖାଏଁ ତୋପଧ୍ୱନି ହେଲା ଏବଂ କଲିକତାରେ ଉପସ୍ଥିତ ଥିବା ସମସ୍ତ ସିଭିଲ ସୈନିକ ଓ ନୌବିଭାଗୀୟ ରାଜକର୍ମଚାରୀମାନେ କବର ସ୍ଥାନରେ ଉପସ୍ଥିତ ହୋଇଥିଲେ । ଶବ ନେବା ବେଳେ ଏତେ ଭିଡ଼ ହୋଇଥିଲା ଯେ ବାଟ ନ ପାଇ ଅନେକ ଲୋକ ଏକ ସ୍ଥାନରେ ଅଚଳ ହୋଇ ରହିଥିଲେ ଏବଂ ଠେଲାଠେଲିର କଷ୍ଟଭୋଗ କରିଥିଲେ । ସମାଧି କ୍ରିୟା ଶେଷ ହେବାକୁ ପ୍ରାୟ ସନ୍ଧ୍ୟା ହୋଇଥିଲା । ଗବର୍ଣ୍ଣମେଣ୍ଟ ଆଦେଶାନୁସାରେ ବଙ୍ଗଳାର ସମସ୍ତ ସିଭିଲ ଓ ସୈନିକ କର୍ମଚାରୀମାନେ ଦ ୧୪ ଦ ଶୋକଚିହ୍ନ ଧାରଣ କରିବେ ।

ମହାମାନ୍ୟ ଗବର୍ଣ୍ଣରଜେନରଲ ବାହାଦୁର ସରଜନ ଉଡ଼ବରନଙ୍କର ମୃତ୍ୟୁରେ ଅତ୍ୟନ୍ତ ଶୋକ ପ୍ରକାଶ କରି ସର୍ବସାଧାରଣଙ୍କୁ ଜଣାଇ ଦେଇଅଛନ୍ତି କି ମୃତ ମହାତ୍ମା ସନ ୧୮୬୩ ସାଲରେ ସିଭିଲସର୍ଭିସରେ ଭରତି ହୋଇ ଅତ୍ୟନ୍ତ ଯୋଗ୍ୟତା ଦେଖାଇ କ୍ରମାଗତ ଉଚ୍ଚ ସ୍ଥାନମାନ ଅଧିକାର କରିଥିଲେ ଏବଂ ଅଯୋଧ୍ୟା ପ୍ରଦେଶରେ ଦୀର୍ଘକାଳ କାର୍ଯ୍ୟ କରି ବିଶେଷ ସୁଖ୍ୟାତି ଲଭିଥିଲେ । ସନ ୧୮୯୮ ସାଲରେ

Split by PDF Splitter



ବଙ୍ଗଳାର ଲେଫ୍ଟନାଣ୍ଟ ଗବର୍ଣ୍ଣର ହେଲେ ଏବଂ ପ୍ରଦେଶ ତାହାଙ୍କଠାରେ ନୂଆ ଥିଲେହେଁ ସେ ଅଳ୍ପକାଳ ମଧ୍ୟରେ ଏ ଦେଶ ସମ୍ବନ୍ଧୀୟ ସକଳ ବିଷୟ ଅବଗତ ହୋଇ ଏବଂ ସକଳ ଲୋକଙ୍କର ଭାବ ଗତି ବୁଝି ଏମନ୍ତ ଯୋଗ୍ୟତା ସହିତ କାର୍ଯ୍ୟ କରିଥିଲେ ଯେ ସମସ୍ତଙ୍କର ଶ୍ରଦ୍ଧା ଓ ବିଶ୍ୱାସ ଆକର୍ଷଣ କରିଥିଲେ । କି ସ୍ୱଦେଶୀୟ ଓ କି ବିଦେଶୀୟ ଲୋକ ଏବଂ କି ଉଚ୍ଚ ଓ କି ଅଧସ୍ଥ କର୍ମଚାରୀ ସମସ୍ତେ ତାହାଙ୍କର ଉତ୍ତମ ଯୋଗ୍ୟତା ଏବଂ ସରଳତାରେ ଏକାନ୍ତ ପ୍ରୀତ ହୋଇଥିଲେ । ଏଥି ଉପରେ ସ୍ୱର୍ଗୀୟ ସରଚାର୍ଲସ ଇଲିଅଟଙ୍କର ଶାସନର ଅଧିକ ପ୍ରଶଂସା କି ହୋଇ ପାରେ ? ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ମଧ୍ୟରେ ତାହାଙ୍କର ପ୍ଲେଗ ରୋଗ ସମ୍ବନ୍ଧୀୟ ଆଦେଶମାନ ଅତ୍ୟନ୍ତ ଉତ୍ତମ ଏବଂ ତଦ୍ୱାରା ସେ ଏକା କଲିକତା ନଗରବାସୀ ନୁହନ୍ତି ସମସ୍ତ ବଙ୍ଗବାସିଙ୍କର ଚିର କୃତଜ୍ଞତାର ପାତ୍ର ହୋଇଥିଲେ । ପ୍ଲେଗ ବିଷୟ କଠୋର ବ୍ୟବହାରରେ କଲିକତାର ଲୋକମାନେ ନାହିଁ ତାହି ଛାଡି ପଳାୟନ କରିବା ବେଳେ ସେ ଯେବେ ଅତ୍ୟନ୍ତ ଦୟା ଓ ସୁବିଚାର ପୂର୍ବକ ସେମାନଙ୍କୁ ରକ୍ଷା କରି ନ ଥାନ୍ତେ ତେବେ କି ରକ୍ଷା ଥାନ୍ତା ? ତାହାଙ୍କର ଶାସନାଧୀନ ଅନ୍ୟାନ୍ୟ ସ୍ଥାନର ଲୋକମାନେ ସେହି ସୁନ୍ଦର ବ୍ୟବସ୍ଥା ହେତୁ ରକ୍ଷା ପାଇଲେ ଏବଂ ଭାରତର ଅନ୍ୟତ୍ର ସେହି ନିୟମ ଅବଲମ୍ବିତ ହେଲା । ଭୁବନେଶ୍ୱରର ପ୍ରାଚୀନ କୀର୍ତ୍ତିମାନ ସୁରକ୍ଷା ବିଷୟରେ ଅତ୍ୟନ୍ତ ଯତ୍ନବାନ୍ ହେବା ଏବଂ ଓଡିଶାର ଶିଳ୍ପିମାନଙ୍କର ଉନ୍ନତି ଏବଂ ଉତ୍ସାହ ନିମନ୍ତେ ସ୍ୱୟଂ ଏ ଉଗ୍ରଯଶ୍ରୀ ବାବୁ ମଧୁସୂଦନ ଦାସଙ୍କ ପ୍ରତିଷ୍ଠିତ ଟିଲୀଗାର ପରିଦର୍ଶନ ଏବଂ ସେଠାରେ କାର୍ଯ୍ୟ କରୁଥିବା କାରିଗରଙ୍କ ସହିତ ଆଳାପ ଏବଂ ବହୁପ୍ରଦେଶ ତେବାଦ୍ୱାରା ଓଡିଶା ପ୍ରତି ସେ ଯେଉଁ ମମତା ଦେଖାଇଥିଲେ ତାହା ଏ ଦେଶୀୟଙ୍କ ମନରୁ କେବେ ପାସୋର ଯିବ ନାହିଁ । ଅନ୍ୟ କେହି ଶାସନକର୍ତ୍ତା ଗରିବ କାରିଗରଙ୍କ ପ୍ରତି ଏପରି ଯତ୍ନ ଦେଖାଇଥିଲେ କି ? ଏ ଯଶଃ ଏକା ତାହାଙ୍କର । ଈଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ ବିଧାନ କରନ୍ତୁ ।

———

## ପୁରୀ ରଜାଙ୍କ ମୋକଦ୍ଦମା ।

ଏ ମୋକଦ୍ଦମାରେ ଗତ ସପ୍ତାହରେ ଯାହା ହୋଇଥିଲା ପାଠକମାନଙ୍କୁ ଜଣାଇଅଛୁଁ । ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଫିସର ସାହେବ ଗତ ପୂର୍ବ ଶୁକ୍ରବାର ସ୍ୱୟଂ ଲେଖି ମୋଫସଲ ବାହାର ଯିବାରୁ ଗତ ଶନିବାର ତାହାଙ୍କର ଆଦେଶମତେ ଶ୍ରୀଯୁକ୍ତ ଜଏଣ୍ଟ ମାଜିଷ୍ଟ୍ରେଟ ପକ୍ଷମାନଙ୍କୁ ତାହା ଶୁଣାଇ ଦେଇ ଆସାମିମାନଙ୍କୁ ଖଲାସ ଦେଲେ । ମାଜିଷ୍ଟ୍ରେଟଙ୍କର ରାୟ ଅତ୍ୟନ୍ତ ଦୀର୍ଘ ଥିବାରୁ ସମ୍ପୂର୍ଣ୍ଣ ପ୍ରକାଶ କରିବାର ଇଚ୍ଛା ଥିଲେହେଁ ସ୍ଥାନାଭାବ ହେତୁ ପ୍ରକାଶ କରିବାକୁ ଅକ୍ଷମ ହୋଇ ରାୟର କେତେକ ଅଂଶ ପ୍ରକାଶ କଲୁଁ । ଆଦ୍ୟଭାଗରେ ମୋକଦ୍ଦମା ବର୍ତ୍ତମାନ ଡେପୁଟି ମାଜିଷ୍ଟ୍ରେଟଙ୍କ ମିସଲରୁ ଉଠାଇ ନେବା ପ୍ରାର୍ଥନା ବିଷୟକ ମୁଦାଲାଙ୍କର ଦରଖାସ୍ତ ଏବଂ ସେ ସମ୍ବନ୍ଧୀୟ ତର୍କ ବିତର୍କମାନ ବିସ୍ତାରିତରୂପେ ଲେଖି ମୋକଦ୍ଦମା ନିଜ ମିସଲକୁ ଫେରାଇ ଆଣିବାର ଯେ ସମସ୍ତ ହେତୁ ଲେଖିଅଛନ୍ତି ତହିଁର ଏକ ଅଂଶ ନିମ୍ନେ ପ୍ରଦାନ କଲୁଁ ଯଥା;—

With (1) Mr. Garrett's warrant (2) Mr. Garrett's order to execute and (3) Section 43 of the Police Act before him, coupled with the fact that (4) there is absolutely nothing on the record to show that Police exceeded their powers, the Deputy Magistrate to my mind shows clear indications of bias by himself suggesting Section 454 as a more suitable section under which to frame charge instead of the milder Section 448 proposed by counsel, or indeed by proposing to frame charge at all.

His admission of the printed matter, moreover seems to me to indicate a disposition on his part to be influenced by extraneous information. The Accused persons apprehend that they are not likely to have a fair trial in his court and I accordingly with-draw the case to my own file.

ଏଥିର ସଂକ୍ଷେପ ମର୍ମ ଏହି କି (୧) ଗାରେଟ ସାହେବଙ୍କର ଓ୍ୱାରଣ୍ଟ (୨) ତାହାଙ୍କର ଜାରି କରିବାର ହୁକୁମ (୩) ପୁଲିସ ଆଇନର ଧା ୪୩ ର ସମ୍ମୁଖରେ ଥିବା ଏବଂ (୪) ପୁଲିସ କ୍ଷମତାର ଅତିରିକ୍ତ କାର୍ଯ୍ୟ କରିବାର ନଥିରେ କୌଣସି ନିଦର୍ଶନ ନ ଥିବା ସ୍ଥଳେ ଡେପୁଟି ମାଜିଷ୍ଟ୍ରେଟ ଧା ୪୪୮ ର ପରିବର୍ତ୍ତରେ ଧା ୪୫୪ ର ଅନୁସାରେ ଅଭିଯୋଗ କରିବାକୁ ପ୍ରସ୍ତାବ କରିବାଦ୍ୱାରା ବରଂ ଆଦୌ ଅଭିଯୋଗର ପ୍ରସ୍ତାବ କରିବାଦ୍ୱାରା ଏକଦେଶଦର୍ଶିତାର ଚିହ୍ନ ପଡୁଅଛନ୍ତି ଏବଂ ତାହାଙ୍କଠାରେ ମୁଦାଲାମାନେ ସୁବିଚାର ପାଇବାର ଆଶା ନାହିଁ । ଅତଏବ ଆମ୍ଭ ମିସଲକୁ ମୋକଦ୍ଦମା ଉଠାଇ ଆଣିଲୁଁ ।

ମୁଦାଲାମାନଙ୍କୁ ଖଲାସ ଦେବା ସମ୍ବନ୍ଧରେ ସାହେବ ମହୋଦୟ ରାୟରେ ଯାହା ଲେଖିଅଛନ୍ତି ତାହା ନିମ୍ନେ ଉଦ୍ଧାର କଲୁଁ ଯଥା;—

I have gone through the record and considered the position and find, in the first place that the production of the warrant which the Joint Magistrate of Puri issued is of itself sufficient and quite independently of the evidence recorded, to entitle the police Accused to a decree in their favor. And even if the evidence be considered, there is nothing whatever in it to show that they exceeded their powers. The Police Inspector and only the Police Inspector (vide evidence of complainant) entered the Rajah's house with his shoes or boots on (a main cause of complainant on the part of the prosecution) but the shoes or boots were worn as part of his uniform (as the Constables too might properly have worn them) and not as an insult. The Raja says the Inspector called him a "damned suar" but his statement is quite uncorroborated. He admittedly knows no English and is far from likely to have recognized or recollected the words used. The 3rd witness moreover, Gokulananda Chaudhury a legal adviser of the Rajah's (who is the only witness who mentions the word abuse at all) states that when the Rajah came out he merely said he had been abused. Had the words "damned suar" been used at all, the Raja would certainly have repeated them then. They were mentioned for the first time however, in court on the 11th November, *i.e.* just 4 months after the arrest.

In no case moreover could Section 504 I.P.C. (vide para 33 of petition) be applicable (insult with intent to cause a breach of the peace.)

As regards the Sub-Deputy Collector Suderson Das, the evidence for the prosecution shows that he was at the Raja's house for the purpose of getting a subscriptions from the Raja. He was perhaps indiscrect entering the house, but he took his shoes off and committed no offence. It was possibly an indiscretion on his part, too, to go to the Magistrate's Court, but the evidence of the 4th witness shows that Mr. Garrett only talked to him in order to interpret the statements and also to explain the statements made by the witnesses". He has obviously been dragged into the case, because he happened to be there at the time of the entry.

Digitized by srujanika@gmail.com

Split by PDF Splitter



The Government Pleader is wrong in supposing that the provisions of Section 350 C.P.C. can apply to a case of with-drawal under Section 528 C.P.C. such as this. And on the other hand I see no necessity to adopt the procedure suggested by counsel Mr. Roy.

As against the Police Officers it is not necessary to consider the evidence at all. Under the provisions of Section 43 Act V 1861 they are exempt from liability and are *ipso facto* entitled to a discharge.

As against the Sub-Deputy Collector Suderson Das, the complainant's statement shows that he (Suderson Das) accompanied Police Officers who were executing their duty, and it would be sheer waste of time to examine the complainant or other witnesses over again before passing an order of discharge in his case. A deal of time and money has already been wasted over this case.

I discharge all the accused under Section (2) C.P.C.

ଏଥିର ସଂକ୍ଷେପ ମର୍ମ ଏହି ଯେ ପ୍ରଥମ ଡଏଣ୍ଟ ମାଜିଷ୍ଟ୍ରେଟଙ୍କର ଓ୍ୟାରଣ୍ଟ ଦାଖଲ କରିବା ପୁଲିସ ଅଫିସରମାନଙ୍କର ଖଲାସି ପକ୍ଷରେ ଯଥେଷ୍ଟ ଅଟେ । ପୁଲିସ ଇନସ୍ପେକ୍ଟର ଘୋଡାର ଅଧିକାରୀ ବୁଝି କରିବାର ମଧ୍ୟ ପ୍ରମାଣ ନାହିଁ । ଘୋଡା ପୁଲିସ ପୋଷାକର ଏକ ଅଂଶ ଅଟେ । ଇନସ୍ପେକ୍ଟର ଘୋଡା ପିଲ୍ଲି ରାଜାଙ୍କ ଘରେ ପଶିଲେ ବୋଲି ରାଜାଙ୍କୁ ଅପମାନ କରିବା ନିମନ୍ତେ ତାହା କରି ଥିବାର ବୋଲାଯାଇ ନ ପାରେ । କନଷ୍ଟେବଲମାନେ ସୁଦ୍ଧା ଘୋଡା ନେଇ ଯାଇଥାଆନ୍ତି । ଇନସ୍ପେକ୍ଟର ରାଜାଙ୍କୁ 'ଜାମ ସୁଅର' ବୋଲି ଗାଳି ଦେବାର ପ୍ରମାଣ ହେଉ ନାହିଁ ଏବଂ କୌଣସିମତେ ଧା ୫୦୪ ରିର ଅପରାଧ ଘଟନା ହେଉ ନାହିଁ । ସବ୍ ଡେପୁଟି କଲେକ୍ଟର ସୁଦର୍ଶନ ଦାସ ରାଜାଙ୍କଠାରୁ ଟେକ୍ସ ଆଦାୟ କରିବାକୁ ଯାଇଥିଲେ । ସେ ରାଜାଙ୍କ ଘରେ ପଶିବା ଏକପ୍ରକାର ଅନଧିକାର ପ୍ରବେଶ ବୋଲାଯାଇ ପାରେ । ମାତ୍ର ସେ ଘୋଡା ଛାଡି ଯାଇଥିଲେ । ସେ କେବଳ ସେଠାରେ ଉପସ୍ଥିତ ଥିଲେ ବୋଲି ତାହାଙ୍କୁ ଏ ମାମଲାରେ ମୁକ୍ତି ଦେବାର ଜଣାଯାଏ । ଫରିୟାଦି ପକ୍ଷରୁ କଥିତ ହୁଅଇ ଯେ ସେ ପୁଲିସ ସଙ୍ଗରେ ଯାଇଥିଲେ । ମାତ୍ର ଏଥିପାଇଁ ଫରିୟାଦ ଅଥବା ଗୁଦାମାଡ଼ କର ଯୋଗାଡବନ୍ଦ କରିବା ବୃଥା ସମୟ ନଷ୍ଟ । ଏ ମାମଲାରେ ଅନେକ ସମୟ ଓ ଅର୍ଥ ନଷ୍ଟ ହୋଇଅଛି । ଅତଏବ ସମସ୍ତଙ୍କୁ ଖଲାସ ଦେଲୁଁ ।

---

# ସାମ୍ପ୍ରାହିକ ସମ୍ବାଦ ।

## କଲିକତା ଗେଜେଟ

ଅଣିଷ୍ଟାଣ୍ଟ ଇଞ୍ଜିନିୟର ବାବୁ କ୍ଷେତ୍ରନାଥ ବାନାର୍ଜି ମହାଶୟ ବଙ୍ଗଳାରୁ ବ୍ରାହ୍ମଣୀ ବୈତରଣୀ କେନାଲ ଯାଇବଦଳ ହୋଇଅଛନ୍ତି ।

ସବ ଡେପୁଟି କଲେକ୍ଟର ବାବୁ ବୀରନୃସିଂହ ଭାନୁଗୋଉ କଟକର ସଦର ମହକୁମାରେ ଅବସ୍ଥାପିତ ହେଲେ ଓ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରାପ୍ତ ହେଲେ ।

କଟକର ସବ୍ ଡେ। କଲେକ୍ଟର ବାବୁ ଗୌରଶ୍ୟାମ ମହାନ୍ତି ପୁରୀ ଜିଲ୍ଲାର କୋଠଦେଶ ଗ୍ରାମର ତହସିଲଦାର ପଦରେ କିଛିକାଳ ନିମନ୍ତେ ନିଯୁକ୍ତ ହେଲେ ।

କଟକ ମେଡ଼ିକାଲ ସ୍କୁଲରୁ ନିମ୍ନଲିଖିତ ଛାତ୍ରମାନେ ହସପିଟାଲ ଆସିଷ୍ଟାଣ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

| | |
|---|---|
| ୧ ହାଡ଼ିମୁଣ୍ଡି ମହାନ୍ତି | ୩ ନନ୍ଦକିଶୋର ଭାନୁଗୋଉ |
| ୨ ଜଗନ୍ନାଥ ଦାସ | ୪ ଶ୍ରୀମନ୍ତ ଦାସ |

---

ଏ ସପ୍ତାହରେ ଆକାଶ ନିର୍ମଳ ଏବଂ ଶୀତ ପ୍ରବଳ ହୋଇଅଛି । ସାଧାରଣ ଉତ୍ତମ; ସାମାନ୍ୟ ଜ୍ୱର କାଶ ଅନେକଙ୍କୁ ବାଧ୍ୟ କରୁଅଛି ।

ଏ ବର୍ଷ ଏ ଜିଲ୍ଲାରୁ ଅନେକ ଲୋକ କଲିକତାକୁ ଯାଉଅଛି ଏବଂ ଦର ମଧ୍ୟ ଭଲ ହୋଇଅଛି । ବାଲେଶ୍ୱର ମହଣ ଟ ୪ ( ଠାରୁ ଟ ୪ ॥ ପର୍ଯ୍ୟନ୍ତ ହୋଇଅଛି ।

ବଙ୍ଗଳାର ଭୂତପୂର୍ବ ଲେଃଗଭଃ ସର ଆଲେକଜାଣ୍ଡର ମେକେଞ୍ଜି ସାହେବ ପରଲୋକ ଗମନ କରିଥିବାର ସମ୍ବାଦ ଆସିଅଛି ।

ଗତ ଅଗଷ୍ଟ ମାସରେ ମୟୂରଭଞ୍ଜ ମହାରାଜାଙ୍କ ଅଭିଷେକ ଉପଲକ୍ଷେ ଅସ୍ମାନଙ୍କର ଲେଃଗଭଃ ମହୋଦୟ ମୟୂରଭଞ୍ଜ ବିଜେ ହୋଇଥିଲେ । ସେ ସମୟରେ ବଡ଼ଲାଟ ମହୋଦୟଙ୍କ ନିମିତ୍ତ ଅନ୍ୟାନ୍ୟ ଆମୋଦ ମଧ୍ୟରେ ଶିକାର ଖେଳର ପ୍ରଚୁର ଆୟୋଜନ ହୋଇଥିଲା । ସେଥିର ବନୋବସ୍ତମାନ ସୁବନ୍ଦୋବସ୍ତରୂପେ କରିଥିବା ହେତୁ ମହାରାଜା ମହୋଦୟ ଅପଣାର ସ୍ୱଜାତି ଶିକାରୀ ଅଲବର୍ଟସ୍ମିଥଫୋରଡ ସାହେବଙ୍କୁ ଟ୧୦୦୦ଙ୍କ ପୁରସ୍କାର ଦେଇଅଛନ୍ତି ।

ପାଟନାର ଜଣେ ବଣିକ ଗାଡ଼ିବାଲ ଗୋଟିଏ ଯାତ୍ରୀ ରେଳ ଗାଡ଼ିଥିବା ସମୟରେ ବାଟରେ ତାହାକୁ ମାଡ଼ିପକାଇ ମାଲମତା ଲୁଟି କରିଥିବାର ସମ୍ବାଦ ମିଳଇ । କଥିତ ଲୁଟ ରାଶି ନିକଟରେ ନଗଦ ଓ ନୋଟରେ ବେହଜାର ଟଙ୍କା ମୂଲ୍ୟର ଥିଲା ।

ଚଳିତମାସର ପ୍ରଥମ ସପ୍ତାହରେ ଜର୍ମାନର ସମ୍ରାଟ ବରାବରକୁ ଯାଇ ସେ ଯେଉଁ ସେନାର ବର୍ଷେଲ ସେହି ସେନାର ପଦତ୍ୟାଗିକର ପ୍ରତ୍ୟେକଙ୍କୁ ଯଥେଷ୍ଟ ପୁରସ୍କାର ଦେଇଅଛନ୍ତି । ଦକ୍ଷିଣ ଆଫ୍ରିକାରେ ଏହି ସେନା ଯୁଦ୍ଧ କରୁଥିବା ସମୟରେ ଯେଉଁମାନେ ମରି ପଡ଼ିଲେ ସେମାନଙ୍କ ପରିବାରବର୍ଗଙ୍କ ସାହାଯ୍ୟାର୍ଥ ମୁକ୍ତହସ୍ତରେ ଦାନ ଦେଇଅଛନ୍ତି । ଜର୍ମାନର ସମ୍ରାଟଙ୍କ ଏପରି ମୁକ୍ତହସ୍ତରେ ଦାନ କରିବାହେତୁ ଅସ୍ମାନଙ୍କର ସମ୍ରାଟ ଧନ୍ୟବାଦ ପ୍ରଦାନ କରିଅଛନ୍ତି ।

ଅନେକମାନେ ଟୋପାଏ ପାଣି ପାଇ ନ ଥିବା ସମୟରେ ମାନ୍ଦାଲଠାରେ ଘନ ବୃଷ୍ଟି ହୋଇ ରେଲବାଟ ନାନାସ୍ଥାନରେ ଭାଙ୍ଗିଯାଇଅଛି ଏବଂ ପର୍ବତରୁ ମଧ୍ୟ ଅନେକ ଖସି ଯାଇଅଛି ।

କଲିକତା ନିକଟ ଏକସ୍ଥାନରେ ନ ୨ ଶ ମୋଟ ଗାଡ଼ି ପିଟିଥିବା ସମୟରେ ତାହାର ଦାମ କଷ ଦେବ ଏ ନେଇ ଉଭୟଙ୍କ ମଧ୍ୟରେ କଳି ଲାଗିଲା । ଏହି କଳହ ସମୟରେ ଜଣେ ମୋଟ ଅନ୍ୟଜଣକ ମସ୍ତକରେ ଗୋଟିଏ ହାତୁଡ଼ିରେ ଏକ ପ୍ରହାର କଲେ ସେ ଜଣକ ମରିଗଲା । ପାତୁକ ଧୃତ ହୋଇ ବିଚାରାଧୀନ ଅଛି ।

କଲିକତାରେ ବଡ଼ ୨ କୋଠାବାଡ଼ି ଥାଇ ସୁଦ୍ଧା ଅଗ୍ନିକାଣ୍ଡ ବେଳେ ୨ ସଂଘଟିତ ହେବାର ଦେଖାଯାଏ । ଅଳ୍ପଦିନ ତଳେ ଜଣେ ଡିକ୍କରର ପ୍ରାସାଦରେ ଅଗ୍ନି ଲାଗି ସମସ୍ତ ପୋଡ଼ି ଯାଇଅଛି । କେବଳ ଘର ଓ ପୁସ୍ତକଶାଳା ରକ୍ଷା ପାଇଅଛି ।

## ସ୍ୱାସ୍ଥ୍ୟ-ସମ୍ବାଦ ।

ପିପିଲିରୁ ସମ୍ବାଦ ଆସିଅଛି ଯେ ଏଥି ମଧ୍ୟରେ ସେହି ଇଲାକାରେ ନ ୧୩ ଶ ଲୋକଙ୍କୁ ବସନ୍ତ ଆକ୍ରମଣ କରିଅଛି ସେଥି ମଧ୍ୟରୁ ନ ୧୨ ଶ ମୃତ ହୋଇଅଛନ୍ତି । ସହର ମଧ୍ୟରେ ଓ ବଣିକମାନଙ୍କରେ ମଧ୍ୟ ପୁନଶ୍ଚ ବସନ୍ତ କାମୁଡ଼ା ଆରମ୍ଭ ହୋଇଅଛି । ସମସ୍ତେ କେତେକ ବସନ୍ତ ମଦ ପଡ଼ିଅଛନ୍ତି । ପୁରୀ ନଗର ସ୍ୱାସ୍ଥ୍ୟରେ ବସନ୍ତଙ୍କର ଏହି ଉପଦ୍ରବ ଦେଖି ଲୋକେ ନାନା ଅଶୁଭ ଶଙ୍କା କରୁଅଛନ୍ତି ।

ତା ୨୨ ରଖ ବୁଧବାର ପୁରୀ ଟାଉନ ସ୍କୁଲରେ ଦିନ୍ଦ୍ରାନ୍ସ ପରୀକ୍ଷା ଆରମ୍ଭ ହୋଇଅଛି । ନ ୩୫ ଶ ପରୀକ୍ଷାର୍ଥୀ ଏହି କେନ୍ଦ୍ରରେ ଉପସ୍ଥିତ ଥିଲେ । ଏମାନଙ୍କ ମଧ୍ୟରେ ନ ୭ ଶ ବାଳକ ଅବଶିଷ୍ଟ ବାଳକ ଥିଲେ । ଶୁଣିଲୁଁ ଅନେକ ଛାତ୍ର ଜ୍ୱର ହେତୁ ଉପସ୍ଥିତ ହୋଇ ପାରି ନ ଥିଲେ । ଜ୍ୱର ପ୍ରକୋପ ରହିଅଛି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜ୍ୱର ଭୋଗ କରିବାକୁ ହେଉଅଛି ।

---

## ମୂଲ୍ୟ-ପ୍ରାପ୍ତି ।

| | |
|---|---|
| ମନସି ଫଏଜ ମହମଦ ବଡ଼ବାଟ | ଟ ୨ ( |
| ବାବୁ ଭଗବତପ୍ରସାଦ ମହାପାତ୍ର ହରିପୁର | ଟ ୩ ( |
| ,, ଦାମୋଦରଦାସ ହେ। କଟକ ପୁରୀ | ଟ ୩ ( |
| ,, ପଦ୍ମନାଭ ଦିବ୍ୟସିଂହ ମହାପାତ୍ର ଜଗତି ପାଟକୋଟ | ଟ ୩ ( |
| ,, ଗୋପୀନାଥ ମିଶ୍ର ପ୍ରେସିଡେଣ୍ଟ ପଞ୍ଚାୟତ ସଭ ହେଗିଙ୍ଗ | ଟ ୩ ( |
| ,, ପ୍ରାଣକୃଷ୍ଣ ପଣ୍ଡା ଜମିଦାର ପାଟନ୍ସୁଆର | ଟ ୩ ( |

Digitized by srujanika@gmail.com